# ଧରିତ୍ରୀ
DHARITRI

ପୃଷ୍ଠା-୨୦+୧୬

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୨୪ (୨୦+୧୬=୩୬ ପୃଷ୍ଠା) | Bhubaneswar, Tuesday, March 12/2024 | Page 20+16=36 | ₹ 7.00

୫୦ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 109 | ମୂଲ୍ୟ₹୭/-



Government of India

# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

## ଭାରତୀୟ ରେଳପଥର ଆଧୁନିକୀକରଣ









## ₹85 ହଜାର କୋଟି ରୁ ଅଧିକ ମୂଲ୍ୟର 6000 ରେଳପଥ ପ୍ରକଳ୍ପଗୁଡ଼ିକର ଏକ ଉପହାର

### ଶିଳାନ୍ୟାସ ଉତ୍ସବ/ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକରଣ

- 50 ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର
- 222 ରେଲ୍‌ୱେ ଗୁଡ୍‌ସ ଶେଡ୍
- 51 ଗତି ଶକ୍ତି ମଲ୍ଟି-ମୋଡାଲ୍ କାର୍ଗୋ ଟର୍ମିନାଲ୍
- 2646 ଷ୍ଟେଶନର ଡିଜିଟାଲ୍ ନିୟନ୍ତ୍ରଣ
- 35 ରେଲ୍‌ୱେ ୱାର୍କଶପ୍, ଲୋକୋ ଶେଡ୍‌ସ, ପିଟ୍ ଲାଇନ୍ସ/କୋଚିଂ ଡିପୋ
- 1500 କିମି ରେଳ ଧାରଣାର ଦୋହରୀକରଣ/ମଲ୍ଟି ଟ୍ରାକିଂ ତଥା ଗେଜ୍ ରୂପାନ୍ତରଣ
- 1045 କିମିର ୪0 ରେଳ ଧାରଣା ସେକ୍ସନର ଅଟୋମେଟିକ୍ ବ୍ଲକ୍ ସିଗ୍ନାଲିଂ
- 35 ରେଲ୍ କୋଚ୍ ରେସ୍ତୋରାଁ
- 1500ରୁ ଅଧିକ 'ଏକ ଷ୍ଟେଶନ ଏକ ଉତ୍ପାଦ' ଷ୍ଟଲ୍
- 975 ସୌରଚାଳିତ ଷ୍ଟେଶନ / ସେବା ସୌଧ
- 2135 କିମି ରେଳ ଧାରଣା ସେକ୍ସନର ବିଦ୍ୟୁତୀକରଣ
- 401 କିମିର ନ୍ୟୁ ଖୁର୍ଜା - ସାନେହ୍ୱାଲ ଇଷ୍ଟର୍ନ ଡେଡିକେଟେଡ୍ ଫ୍ରେଟ୍ କରିଡର୍ ସେକ୍ସନ
- 244 କିମିର ନ୍ୟୁ ମକରପୁରା - ନ୍ୟୁ ଘୋଲଭାଡ଼ ୱେଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର୍ ସେକ୍ସନ୍
- ଅପରେଶନ୍ କଣ୍ଟ୍ରୋଲ ସେଣ୍ଟର, ଅହମ୍ମଦାବାଦ
- ଫାଲଟାନ - ବାରମତୀ ନୂଆ ରେଳ ଲାଇନ୍
- ୨ ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମ୍ ଉନ୍ନତୀକରଣ କାର୍ଯ୍ୟ

### ବନ୍ଦେ ଭାରତ ଏବଂ ଅନ୍ୟ ଟ୍ରେନ୍‌ର ପତାକା ଦେଖାଇ ଶୁଭାରମ୍ଭ

- ମହୀଶୂର - ଚେନ୍ନାଇ
- ଲକ୍ଷ୍ନୌ - ଡେରାଡୁନ୍
- କାଲାବୁରାଗୀ - ବେଙ୍ଗାଲୁରୁ (ସାର୍ ଏମ୍. ବିଶ୍ୱେଶ୍ୱରାୟା ଟର୍ମିନାଲ୍)
- ରାଞ୍ଚି - ବାରାଣସୀ
- ଦିଲ୍ଲୀ (ନିଜାମୁଦ୍ଦିନ) - ଖଜୁରାହୋ
- ସିକନ୍ଦରାବାଦ - ବିଶାଖାପାଟଣା
- ନ୍ୟୁ ଜଲପାଇଗୁଡ଼ି - ପାଟନା
- ପାଟନା - ଲକ୍ଷ୍ନୌ
- ଅହମ୍ମଦାବାଦ - ମୁମ୍ବାଇ ସେଣ୍ଟ୍ରାଲ
- ପୁରୀ - ବିଶାଖାପାଟଣା

- ଏବଂ ଅନ୍ୟାନ୍ୟ ଟ୍ରେନ୍ ସେବା

### ପ୍ରକଳ୍ପଗୁଡ଼ିକର ଲାଭ

- ବିମାନଯାତ୍ରା ସହ ସମକକ୍ଷ ଅତ୍ୟାଧୁନିକ ସୁବିଧା
- ଦ୍ରୁତ, ଜଞ୍ଜାଳମୁକ୍ତ ଏବଂ ଆରାମଦାୟକ ଭ୍ରମଣ ଅନୁଭୂତି
- ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ଏବଂ ଆଞ୍ଚଳିକ ଅର୍ଥନୀତିକୁ ପ୍ରୋତ୍ସାହନ
- ଅହମ୍ମଦାବାଦ ଅପରେସନ୍ କଣ୍ଟ୍ରୋଲ ସେଣ୍ଟର ପୃଥିବୀର ବଡ଼ ବଡ଼ କଣ୍ଟ୍ରୋଲ ସେଣ୍ଟର ସମତୁଲ୍ୟ ଅତ୍ୟାଧୁନିକ ଜ୍ଞାନକୌଶଳରେ ସୁସଜ୍ଜିତ
- ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ର ପ୍ରକଳ୍ପ ଅଧୀନରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ନ୍ୟୂନତମ 75% ଶସ୍ତା ଏବଂ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଜେନେରିକ୍ ଔଷଧକୁ ସୁନିଶ୍ଚିତ କରାଯାଇଛି।
- ରେଳ ଇଣ୍ଟେରିୟର୍ ଥିମ୍ ଆଧାରିତ ରେସ୍ତୋରାଁ ବିଶେଷ ଭୋଜନ ଅନୁଭୂତି ଯୋଗାଇଥାଏ।

ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

### ଗରିମାମୟ ଉପସ୍ଥିତି

**ଆଚାର୍ଯ୍ୟ ଦେବବ୍ରତ**
ରାଜ୍ୟପାଳ, ଗୁଜରାଟ

**ଭୂପେନ୍ଦ୍ର ଭାଇ ପଟେଲ**
ମୁଖ୍ୟମନ୍ତ୍ରୀ, ଗୁଜରାଟ

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ଯୋଗାଯୋଗ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ରାଓସାହେବ ପାଟିଲ ଦାନ୍‌ଭେ**
କେନ୍ଦ୍ର ରେଳ, କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ

**ଦର୍ଶନା ଜରଦୋଶ**
କେନ୍ଦ୍ର ରେଳ ଏବଂ ବୟନ ରାଷ୍ଟ୍ରମନ୍ତ୍ରୀ

ମଙ୍ଗଳବାର, 12 ମାର୍ଚ୍ଚ, 2024, ସକାଳ 8.00 ଘଟିକା

DD NEWS ରେ ସିଧା ପ୍ରସାରଣ ଦେଖନ୍ତୁ

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୨୪ Bhubaneswar, Tuesday, March 12/2024


# ୪୬ ଲକ୍ଷ ଚାଷୀଙ୍କୁ ମିଳିଲା କାଳିଆ ସହାୟତା

ଭୁବନେଶ୍ୱର,୧୧।୩(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟର ୪୬ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ୯୩୩.୦୭ କୋଟି ଟଙ୍କାର କାଳିଆ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ରାଜ୍ୟର ସମସ୍ତ ଜିଲାରେ ଚାଷୀମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ବୈଷୟିକ ସହାୟତା ପ୍ରଦାନ କରିବା ପାଇଁ କାଳିଆ କେନ୍ଦ୍ର ମଧ୍ୟ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଚାଷୀ ପରିବାର ସମ୍ମାନ ସହ ବଞ୍ଚନ୍ତୁ, ସଶକ୍ତ ହୁଅନ୍ତୁ ଏବଂ ଓଡ଼ିଶାର ସମୃଦ୍ଧିରେ ଯୋଗଦାନ ରଖନ୍ତୁ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କାଳିଆ ଯୋଜନାର ଅବଧି ଆଉ ୩ ବର୍ଷ ଅର୍ଥାତ୍ ୨୦୨୬-୨୭ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ୬୦୩୦ କୋଟି ଟଙ୍କା ଖର୍ଚ୍ଚ କରିବେ। କାଳିଆ ହିତାଧିକାରୀ ପିଲାମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷରୁ କାଳିଆ ଛାତ୍ରବୃତ୍ତି


ନବୀନ ପଟ୍ଟନାୟକ

କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣି ଏନ୍‌ଆଇଟି, ଆଇଆଇଟି, ଆଇଆଇଏମ୍,ଏମ୍ସ, ଆଇସିଆର୍ ପରି ସମ୍ମାନଜନକ ଶିକ୍ଷାନୁଷ୍ଠାନ ସହ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ଘରୋଇ ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ପଢୁଥିବା ଚାଷୀ ପରିବାରର ପିଲାମାନଙ୍କୁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ।

- **ଚାଷୀଙ୍କ ଖୁସିରେ ମୁଁ ଖୁସି: ମୁଖ୍ୟମନ୍ତ୍ରୀ**
- **ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯାଉଛି:୫-ଟି ଅଧ୍ୟକ୍ଷ**

ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ସେମାନଙ୍କୁ କୃଷି ସମ୍ବନ୍ଧୀୟ ବୈଷୟିକ ସହାୟତା ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ୩୦ଟି ଜିଲାରେ କାଳିଆ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏଗୁଡ଼ିକ କୃଷିକ୍ଷେତ୍ରରେ ଅଭିନବ ଚିନ୍ତାଧାରା ଓ ସମ୍ବଳ କେନ୍ଦ୍ର ଭାବରେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ଭୂମିହୀନ ଚାଷୀ ପରିବାରକୁ ଚଳିତ ଖରିଫ ଋତୁ ପାଇଁ ଅତିରିକ୍ତ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟର ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଭୂମିହୀନ ଚାଷୀ ପରିବାର ଉପକୃତ ହେବେ। ସମୁଦାୟ ୩୬୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଖରିଫ-୨୦୨୪ ପାଇଁ ରାଜ୍ୟର ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ କାଳିଆ ସହାୟତା ବାବଦରେ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏହାଦ୍ୱାରା ୪୫ ଲକ୍ଷରୁ ଅଧିକ ଚାଷୀ ଉପକୃତ ହେବେ। ଚାଷୀ ଭାଇର ସମୃଦ୍ଧି ହିଁ ରାଜ୍ୟର ସମୃଦ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ୫ ବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ କାଳିଆ ଯୋଜନା ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହୋଇଥିଲା। ଏହି ଯୋଜନା ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହେବା ସହ ଓଡ଼ିଶାର ଚାଷୀମାନଙ୍କ ପାଇଁ ସହାୟକ ହୋଇପାରିଛି। ☞ପୃଷ୍ଠା-୧୫

# ମୋଦିଙ୍କ ଅରୁଣାଚଳ ଗସ୍ତ: ପ୍ରତିବାଦ ଜଣାଇଲା ଚାଇନା

ବେଜିଂ,୧୧।୩ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଅରୁଣାଚଳପ୍ରଦେଶ ଗସ୍ତରେ ଯାଇଥିବାରୁ ଚାଇନା ସୋମବାର ଭାରତ ନିକଟରେ ପ୍ରତିବାଦ ଜଣାଇଛି। ଅରୁଣାଚଳକୁ ଚାଇନା ନିଜର ଦାବି କରିଆସୁଥିବାବେଳେ ଭାରତର ପଦକ୍ଷେପ ସୀମା ପ୍ରସଙ୍ଗକୁ ଜଟିଳ କରିବ ବୋଲି ବେଜିଂ ଦୋହରାଇଛି। ଗତ ଶନିବାର ପ୍ରଧାନମନ୍ତ୍ରୀ ଅରୁଣାଚଳପ୍ରଦେଶ ଯାଇ ୧୩,୦୦୦ ଫୁଟ ଉଚ୍ଚତାରେ ନିର୍ମିତ ସେଲା ଟନେଲକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତାୱାଙ୍ଗକୁ ଏହା ସବୁଦିନିଆ ସଂଯୋଗ ଯୋଗାଇଦେବା ସହ ଫ୍ରଣ୍ଟିୟର ଅଞ୍ଚଳକୁ ସେନା ଓ ଅସ୍ତ୍ରଶସ୍ତ୍ର ପରିବହନ ସହଜ ହୋଇପାରିବ। ୮୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଟନେଲ ଆସାମର ତେଜପୁରକୁ ଅରୁଣାଚଳପ୍ରଦେଶର ୱେଷ୍ଟ କାମେଙ୍ଗ ଜିଲାକୁ ସଂଯୋଗ କରୁଛି। ୧୩,୦୦୦ ଫୁଟ୍ ଉଚ୍ଚତାରେ ଏହା ବିଶ୍ୱର ଦୀର୍ଘତମ ବାଇଲେନ୍ ଟନେଲ। ଚାଇନା କ୍ରମାଗତ ଭାବେ ଅରୁଣାଚଳପ୍ରଦେଶକୁ ଦକ୍ଷିଣ ତିବ୍ବତ ଭାବେ ଦାବି କରିବା ସହ ସେଠାକୁ ଭାରତୀୟ ନେତାମାନଙ୍କ ଗସ୍ତକୁ ବିରୋଧ କରିଆସୁଛି। ଉକ୍ତ ଅଞ୍ଚଳକୁ ବେଜିଂ ଜାଙ୍ଗନାନ ଭାବେ ନାମିତ କରିଛି। ଅନ୍ୟପକ୍ଷରେ ଚାଇନାର ଦାବିକୁ ଭାରତ ପ୍ରତ୍ୟାଖ୍ୟାନ କରିଆସିଛି। ଅରୁଣାଚଳପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ସେଠାର ବିଭିନ୍ନ ଅଞ୍ଚଳକୁ ଚାଇନା ନାମକରଣ କରିବାକୁ ମଧ୍ୟ ନୂଆଦିଲ୍ଲୀ ବିରୋଧ କରିଛି।

# ଭାଜପା ରାଜ୍ୟ ନେତାଙ୍କ ଆଲୋଚନା ସରୁନି

## ବିଜେଡି-ଭାଜପା ମେଣ୍ଟ

ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନକୁ ନେଇ ବିଜେଡି-ଭାଜପା ଭିତରେ ଆରମ୍ଭ ହୋଇଥିବା ମେଣ୍ଟ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୫ ତାରିଖରେ ଓଡ଼ିଶା ଗସ୍ତ ସାରି ଫେରିବା ପରଠାରୁ ହିଁ ଏହି ଚର୍ଚ୍ଚା ଆଲୋଚନାର ବିଷୟବସ୍ତୁ ପାଲଟିଛି। ତେବେ ବିଜେଡିର ଦୁଇ ଜଣ ଆଗଧାଡ଼ିର ନେତା କାର୍ତ୍ତିକ ପାଣ୍ଡିଆନ ଏବଂ ପ୍ରଣବ ପ୍ରକାଶ ଦାସ ଗତ ଗୁରୁବାର ଦିଲ୍ଲୀ ଗସ୍ତରେ ଯାଇଥିଲେ। ସେମାନେ ଏହି ଗସ୍ତ କାଳରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରି ଫେରିବା ପରେ ମଧ୍ୟ ବିଜେଡି କେବେହେଲେ ମେଣ୍ଟ କଥାକୁ ଖଣ୍ଡନ କରିନାହିଁ। ମାତ୍ର ରବିବାର ଦ୍ୱିତୀୟ ଥର ଦିଲ୍ଲୀ ଗସ୍ତ କରିବା ପର୍ଯ୍ୟନ୍ତ ମେଣ୍ଟ ବିଷୟରେ କୌଣସି ଆଲୋଚନା ହୋଇ ନ ଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଆସୁଥିଲେ। ମିଳିଥିବା ସୂଚନା ମୁତାବକ, ସୋମବାର ବିଜେଡି-ଭାଜପା ମେଣ୍ଟକୁ ନେଇ ଭାଜପା ରାଜ୍ୟ ନେତୃତ୍ୱଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା ହୋଇଛି। କେନ୍ଦ୍ରର କେତେଜଣ ବରିଷ୍ଠ ନେତା ଏବଂ ଏହାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ମଧ୍ୟ ଦୀର୍ଘ ସମୟ ଧରି ଭାଜପା ନେତାମାନେ ବୈଠକ କରିଥିବା ଚର୍ଚ୍ଚା ହେଉଛି। ହେଲେ ମେଣ୍ଟ ବିଷୟ କେତେ ବାଟ ଆଗେଇଲାଣି ସେକଥାର ତଥ୍ୟ କେହିହେଲେ ଠିକ୍ ଭାବେ ଦେଇପାରୁ ନାହାନ୍ତି। ତେବେ ଭାଜପା ଏବଂ ବିଜେଡିର ବହୁ ଆଗଧାଡ଼ିର ନେତାଙ୍କ କହିବାନୁଯାୟୀ, ମଙ୍ଗଳବାର ମେଣ୍ଟ ନେଇ କିଛି ସ୍ପଷ୍ଟ ☞ପୃଷ୍ଠା-୧୫

# ମୋହନଙ୍କ ଘରେ ବିଧାୟକଙ୍କ ମେଳିକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର, ୧୧।୩ (ସୁନିତ୍ ମିଶ୍ର)

ରାଜ୍ୟରେ ବିଜେଡି ଓ ଭାଜପା ମଧ୍ୟରେ ନିର୍ବାଚନୀ ମେଣ୍ଟକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ସୋମବାର ଭାଜପା ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ଘରେ ଦଳୀୟ ବିଧାୟକମାନଙ୍କ ବୈଠକ ବସିଛି, ଯାହାକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ଦିଲ୍ଲୀରେ ଭାଜପା ରାଜ୍ୟ ସଭାପତି ଡେରା ପକାଇଥିବା ବେଳେ ଏହି ସମୟରେ ବିଧାୟକମାନଙ୍କ ମେଳକୁ ନେଇ ନାନା ପ୍ରକାର ଚର୍ଚ୍ଚା ଜୋର ଧରିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମୋହନ ମାଝୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ସନ୍ଧ୍ୟାରେ କିଛି ଦଳୀୟ ବିଧାୟକ ଏକାଠି ହୋଇଛନ୍ତି। ବିଧାୟିକା କୁସୁମ ଟେଟେ, ବୁଦ୍ଧାନ ମୁର୍ମୁ, ଭାସ୍କର ମଢ଼େଇ ଓ ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଅଛନ୍ତି। ଏହି ବିଧାୟକମାନେ କାହିଁକି ଏକଜୁଟ ହୋଇଛନ୍ତି ଓ କେଉଁ ପ୍ରସଙ୍ଗରେ ଆଲୋଚନା ହେଉଛି ତାହା ଜଣାପଡ଼ିନାହିଁ। ମାତ୍ର ବିଜେଡି ସହ ମେଣ୍ଟ ଚର୍ଚ୍ଚା ଭିତରେ ଭାଜପା ବିଧାୟକମାନଙ୍କ ଏହି ମେଳିକୁ ରାଜନୈତିକ ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି। ଚର୍ଚ୍ଚା ହେଉଛି, ରାଜ୍ୟରେ ବିଜେଡି ସହ ମେଣ୍ଟ ସପକ୍ଷରେ ବହୁ ବିଧାୟକ ଓ ନେତା ନାହାନ୍ତି। ସେମାନେ ନିରନ୍ତର ଭାବେ ଏହି ସମ୍ଭାବ୍ୟ ମେଣ୍ଟକୁ ବିରୋଧ କରି ଆସୁଛନ୍ତି। ସମ୍ଭବତଃ ଦଳୀୟ ବିଧାୟକମାନେ ଏକଜୁଟ ହୋଇ ସମ୍ଭାବ୍ୟ ମେଣ୍ଟକୁ ବିରୋଧ କରିବା ନିମନ୍ତେ ମୋହନ ମାଝୀଙ୍କ ଘରେ ବିଚାରବିମର୍ଶ କରୁଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।


DSPL-830

ଆମ ଓଡ଼ିଶା ନବୀନ ଓଡ଼ିଶା

**ତୃଣମୂଳ ସେବାକର୍ମୀଙ୍କୁ ପ୍ରୋତ୍ସାହନ**
**ଅଙ୍ଗନବାଡ଼ି କର୍ମୀଙ୍କୁ ବର୍ଦ୍ଧିତ ମାନଦେୟ**

ଉପକୃତ ହେବେ **୧.୪୮ ଲକ୍ଷ** ଅଙ୍ଗନବାଡ଼ି କର୍ମୀ









- ଅଙ୍ଗନବାଡ଼ି କର୍ମୀଙ୍କ ମାସିକ ମାନଦେୟ ₹୧୦,000କୁ ଓ ସେବାନିବୃତ୍ତି ସହାୟତା ରାଶି ₹୧,00,000କୁ ବୃଦ୍ଧି
- ଅଙ୍ଗନବାଡ଼ି ସହାୟିକାଙ୍କ ମାସିକ ମାନଦେୟ ₹୫,000କୁ ଓ ସେବାନିବୃତ୍ତି ସହାୟତା ରାଶି ₹୫0,000କୁ ବୃଦ୍ଧି
- ମିନି ଅଙ୍ଗନବାଡ଼ି କର୍ମୀଙ୍କ ମାସିକ ମାନଦେୟ ₹୭,୨୫0କୁ ଓ ସେବାନିବୃତ୍ତି ସହାୟତା ରାଶି ₹୭୫,000କୁ ବୃଦ୍ଧି

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0763/2324

# ଧରିତ୍ରୀ
DHARITRI
50 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୨୪ | Bhubaneswar, Tuesday, March 12/2024 | ପୃଷ୍ଠା-୧







# ଆଜି ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଦିଅ

## ଏସ୍‌ବିଆଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ




**ନୂଆଦିଲ୍ଲୀ,୧୧।୩(ପି.ଟି.)**

ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ସବିଶେଷ ତଥ୍ୟ ଦାଖଲ ପାଇଁ ସମୟ ବଢ଼ାଇବା ନିମନ୍ତେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କରିଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ମଙ୍ଗଳବାର ଅଫିସ ସମୟ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏସ୍‌ବିଆଇ ଦାଖଲ କରିଥିବା ତଥ୍ୟକୁ ମାର୍ଚ୍ଚ ୧୫ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସରକାରୀ ୱେବ୍‌ସାଇଟ୍‌ରେ ରଖିବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପୀଠରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ, ଜେ.ବି. ପର୍ଦ୍ଦିୱାଲ ଏବଂ ମନୋଜ ମିଶ୍ରା ରହିଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଏସ୍‌ବିଆଇ ଯଦି ଫେବୃଆରୀ ୧୫ର ରାୟକୁ କାର୍ଯ୍ୟକାରୀ କରିବାରେ ବିଫଳ ହୁଏ, ତେବେ ଏହା ବିରୋଧରେ 'ଇଚ୍ଛାକୃତ ଅବମାନନା' ନେଇ ଅଦାଲତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି ନୋଟିସ୍ ମାଧ୍ୟମରେ ଜଣାଇଦେଇଛନ୍ତି।

ରାଜନୈତିକ ଦଳଗୁଡ଼ିକ ପାଇଁ ଚାନ୍ଦା ସଂଗ୍ରହର ମାଧ୍ୟମ ସାଜିଥିବା ଇଲେକ୍ଟୋରାଲ ବଣ୍ଡ୍ ଅସମ୍ବିଧାନିକ ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଥିବା ଦର୍ଶାଇ ଗତ ମାସ ୧୫ରେ ସାମ୍ବିଧାନିକ ପୀଠ ଏହାକୁ ରଦ୍ଦ କରିଦେଇଥିଲେ। କେଉଁ ରାଜନୈତିକ ଦଳକୁ କେଉଁମାନେ କେତେ ଟଙ୍କା ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଦେଇଛନ୍ତି, ତାହାର ସବିଶେଷ ତଥ୍ୟ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କ ପାଖରେ ଦାଖଲ କରିବା ନିମନ୍ତେ ଏସ୍‌ବିଆଇକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏତେ କମ୍ ସମୟରେ ତଥ୍ୟ ସଂଗ୍ରହ କରିବା ସହଜ ନୁହେଁ ଦର୍ଶାଇ ଏସ୍‌ବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ବଢ଼ାଇବାକୁ ଅଦାଲତଙ୍କୁ ନିବେଦନ କରିଥିଲା। ଉକ୍ତ ପିଟିଶନ ଅଦାଲତ ଖାରଜ କରିଦେବା ସହ ମଙ୍ଗଳବାର ସୁଦ୍ଧା ତଥ୍ୟ ଦାଖଲ କରିବାକୁ କହିଛନ୍ତି। ☞ପୃଷ୍ଠା-୧୫

# ନିର୍ବାଚନ ପୂର୍ବରୁ ସିଏଏ

**ନୂଆଦିଲ୍ଲୀ,୧୧।୩ (ପି.ଟି.)**

ଲୋକ ସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ଦେଶରେ ବିବାଦୀୟ ନାଗରିକତ୍ୱ(ସଂଶୋଧନ) ଆଇନ (ସିଏଏ) ଲାଗୁ ପାଇଁ ସୋମବାର ନିୟମାବଳୀର ବିଜ୍ଞପ୍ତି ଜାରି ହୋଇଛି। ଫଳରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ବିନା କାଗଜପତ୍ରରେ ଆସି ଭାରତରେ ରହିଯାଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ପଥ ପରିଷ୍କାର ହୋଇଯାଇଛି। ଏହି ନିୟମ ଅନୁଯାୟୀ ପଡୋଶୀ ଦେଶରୁ ଆସିଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସି ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କୁ ଭାରତୀୟ ନାଗରିକତ୍ୱ ମିଳିବ। ୨୦୧୯ ଡିସେମ୍ବରରେ ସିଏଏ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ




ଲାଭ କରିଥିଲା। ତେବେ ଏହା ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଆନ୍ଦୋଳନ ହେବାରୁ ଆଇନକୁ କାର୍ଯ୍ୟକାରୀ କରାଯାଇ ପାରି ନ ଥିଲା। ସିଏଏ ବିରୋଧୀ ଆନ୍ଦୋଳନ ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନରେ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ଆଇନର ନିୟମାବଳୀ ଉପରେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ପାର୍ଲାମେଣ୍ଟ କାର୍ଯ୍ୟର ମାନୁଆଲ ଅନୁଯାୟୀ କୌଣସି ଆଇନ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବାର ୬ ମାସ ମଧ୍ୟରେ ନିୟମାବଳୀ ପ୍ରସ୍ତୁତ ହେବା ଆବଶ୍ୟକ। ଏହି ସମୟସୀମା ବଢ଼ାଇବା ପାଇଁ ସରକାର ଲୋକସଭା ଏବଂ ରାଜ୍ୟସଭାର କମିଟି ନିକଟରେ ଏକାଧିକ ଥର ଆବେଦନ କରିଥିଲେ। ନାଗରିକତ୍ୱ ଆବେଦନର ସମସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ପୋର୍ଟାଲ ପ୍ରସ୍ତୁତ କରିଛନ୍ତି। ବିନା ଡକ୍ୟୁମେଣ୍ଟରେ ଆବେଦନକାରୀ କେବେ ଭାରତ ଆସିଥିଲେ, ଉକ୍ତ ବର୍ଷ ଘୋଷଣା କରିବାକୁ ହେବ। ଏହା ବ୍ୟତୀତ ଆବେଦନକାରୀଙ୍କୁ ଅନ୍ୟ କୌଣସି ଦସ୍ତାବିଜ ମଗାଯିବ ନାହିଁ। ଲୋକ ସଭା ନିର୍ବାଚନ ପୂର୍ବରୁ ସିଏଏ କାର୍ଯ୍ୟକାରୀ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ମାସରେ କହିଥିଲେ।

# ୧୮ରୁ କୁଆପଥର ସହ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୧।୩(ଅନିଲ ଦାସ)**

ରାଜ୍ୟରେ ଆସନ୍ତା ୨୧ ତାରିଖ ଯାଏ ତାତି ବଢ଼ିବ ନାହିଁ। ଦିନର ସର୍ବୋଚ୍ଚ ତାପମାତ୍ରା ୩୫ରୁ ୩୬ ଡିଗ୍ରୀ ସେଲ୍‌ସିୟସ ରହିବ। ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୭ରୁ ୩୮ ଡିଗ୍ରୀ ସେଲ୍‌ସିୟସ ରହିବା ସମ୍ଭାବନା ରହିଛି। ରାତ୍ରିରେ ପାଗ ଆରାମଦାୟକ ରହିବ। ସର୍ବନିମ୍ନ ତାପମାତ୍ରା ୧୬ରୁ ୨୨ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୧୬ ତାରିଖରୁ ସମୁଦ୍ର ☞ପୃଷ୍ଠା-୧୫

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ନାରୀ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

## ଚତୁରତା ଫସର ଫାଟିଲା

# ଓଡ଼ିଶାର ୨୭୪ ରେଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର, ଲୋକାର୍ପଣ ଆଜି

- ■ ୪୧ଟି ୱାନ ଷ୍ଟେଶନ ୱାନ ପ୍ରଡକ୍ଟ ଷ୍ଟଲ
- ■ ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍

**ଭୁବନେଶ୍ୱର,୧୧।୩ (ଅନୁରାଧା ମହାରଣା)**

ରେଲୱେ ଭିତ୍ତିଭୂମିର ଅଭିବୃଦ୍ଧି ଏବଂ ଭାରତୀୟ ରେଳ ସଂଯୋଗୀକରଣ ପ୍ରକ୍ରିୟାର ବୃଦ୍ଧି ହେତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୮୫ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବେ। ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ରେଳ ଷ୍ଟେଶନରେ ଏକସଙ୍ଗେ ୧୦ ହଜାର ଲାଇଭ ସ୍କ୍ରିନ ମାଧ୍ୟମରେ ଭାରତର ୭୬୪ଟି ସ୍ଥାନରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ସୋମବାର ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏନେଇ ସୂଚନା ଦେଇଛନ୍ତି। ଅତିରିକ୍ତ ମହାପ୍ରବନ୍ଧକ ବେହେରା କହିଛନ୍ତି, ମୋଟ ୬ହଜାରଟି ପ୍ରକଳ୍ପ ମଧ୍ୟରୁ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ୨୭୪ ରେଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବେ। ଏହି ପ୍ରକଳ୍ପଗୁଡ଼ିକରେ ୧୬୨ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସିଷ୍ଟମ, ୪୧ 'ୱାନ ଷ୍ଟେଶନ ୱାନ ପ୍ରଡକ୍ଟ' ଷ୍ଟଲ୍, ୫୦ ସୋଲାର୍ ପାୱାର୍ ଷ୍ଟେଶନ, ୫ ଗୁଡ୍‌ସ ଶେଡ୍, ୯ଟି ନୂଆ ଲାଇନ, ଦୋହରୀକରଣ ଏବଂ ତୃତୀୟ ଲାଇନ ପ୍ରୋଜେକ୍ଟ, ୪ ଅଟୋ ସିଗ୍‌ନାଲ ସିଷ୍ଟମ, ଗୋଟିଏ ଗତି ଶକ୍ତି ଟର୍ମିନାଲ, ଗୋଟିଏ ଜନଔଷଧି କେନ୍ଦ୍ର ଏବଂ ଗୋଟିଏ ରେଳ କୋଚ୍ ରେଷ୍ଟୁରାଣ୍ଟ ରହିଛି। ପ୍ରଧାନମନ୍ତ୍ରୀ ତୃତୀୟ ବନ୍ଦେ ☞ପୃଷ୍ଠା-୧୫

# ମାଟି ତଳୁ ମୃତଦେହ କାଢ଼ି ତଦନ୍ତ

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା

**ଝରିଗାଁ,୧୧।୩(କିଶୋର ଚନ୍ଦ୍ର ମଣ୍ଡଳ)**

୪ ଦିନ ତଳେ ଜଣେ ବୃଦ୍ଧା ନିଖୋଜ ହୋଇଯାଇଥିଲେ। ସେ ଗୁଣିଗାରେଡ଼ି କରୁଥିବା ନେଇ ଗାଁର କେତେଜଣ ବୃଦ୍ଧାଙ୍କୁ ହତ୍ୟା କରିଛନ୍ତି ବୋଲି ମୃତକଙ୍କ ଝିଅ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ବୃଦ୍ଧାଙ୍କ ମୃତଦେହ ତାଙ୍କ ଜମିରେ ପୋତାଯାଇଥିବା ଜାଣିଥିଲା। ସେଠାରୁ ମୃତଦେହ ବାହାର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏପରି ଅଭାବନୀୟ ଘଟଣା ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବେଲଗାଁ ପଞ୍ଚାୟତ କେନ୍ଦୁଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ଗାଁର ରଇବାରୀ ସାନ୍ତା(୬୦)। ରାଇବରୀଙ୍କ ଝିଅ ବୁତୁଲି ଝରିଗାଁ ଥାନାରେ ମା'ଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏତଲାନୁଯାୟୀ, ରଇବାରୀ ନିଜ ପରିବାର ସହ କେନ୍ଦୁଗୁଡ଼ା ଗାଁରେ ରହୁଥିଲେ। ରଇବାରୀ ଗୁଣି ଗାରେଡି କରୁଥିବା ଅଭିଯୋଗ କରି ଗାଁର କେତେଜଣ ତାଙ୍କ ସହ ସବୁବେଳେ ଗଣ୍ଡଗୋଳ କରୁଥିଲେ। ଏନେଇ ଝରିଗାଁ ଥାନାରେ ରଇବାରୀ ଲିଖିତ ଅଭିଯୋଗ କରିବା ପରେ ଝରିଗାଁ ଥାନା ପକ୍ଷରୁ ଉଭୟଙ୍କୁ ଡାକି ରାଜିନାମା କରାଯାଇଥିଲା। ୭ ତାରିଖ ଦିନ କେନ୍ଦୁଗୁଡ଼ା ଗ୍ରାମର ସାରଥୀ ସାନ୍ତା, ତାଙ୍କ ସ୍ତ୍ରୀ କାଜଳୀ, ମୁଗୁରୀ ସାନ୍ତା, ତାଙ୍କ ସ୍ତ୍ରୀ ଚମ୍ପା, ଲକ୍ଷ୍ମୀ ସାନ୍ତା, ପଲାଦୁ ସାନ୍ତା, ମାତିରି ସାନ୍ତା ଗୁଣି ଗାରେଡି କରୁଥିବା ସନ୍ଦେହରେ ରଇବାରୀଙ୍କୁ ଗାଳିଗୁଲଜ କରିବା ସହ ଘରେ ପଶି ତାଙ୍କୁ ମାଡ଼ ମାରିଥିଲେ। ପରେ ସମସ୍ତେ ରଇବାରୀଙ୍କୁ ମୁଗୁରୀ ସାନ୍ତାଙ୍କ ଘରକୁ ଟାଣି ନେଇଥିଲେ। ସେବେଠାରୁ ରଇବାରୀ ଘରକୁ ଫେରିନଥିଲେ। ତାଙ୍କୁ ଖୋଜାଖୋଜି କରିବା ପରେ ମଧ୍ୟ ରଇବାରୀଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ରଇବାରୀଙ୍କୁ ମାରି ପୋତି ଦେଇଥିବା ଜାଣିବା ପରେ ବୁତୁଲି ସୋମବାର ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ପୋଲିସ କେସ୍ ନମ୍ବର ୫୪/୨୪ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଝରିଗାଁ ଥାନାଧିକାରୀ ତପନ କୁମାର ପତିଙ୍କ ନେତୃତ୍ୱରେ ଏକ ଟିମ୍ କେନ୍ଦୁଗୁଡା ଗ୍ରାମ ଯାଇ ତଦନ୍ତ କରିଥିଲେ। ହତ୍ୟା ପରେ ଗାଁଠାରୁ ପ୍ରାୟ ତିନି କିଲୋମିଟର ଦୂର ରଇବାରୀଙ୍କ ନିଜ ଜମିରେ ☞ପୃଷ୍ଠା-୧୫




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ନଦୀ ସୁରକ୍ଷା ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସୈନିକ ସ୍କୁଲ ନିକ ପଡ଼ିଆରୁ ଡମ୍ପିୟାର୍ଡ ହଟାଇବା ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ, ସ୍ଥାନ: ଗାଡ଼କଣ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱଚ୍ଛ ଭାରତ ଅଭିଯାନ ଶ୍ରମିକ ୟୁନିୟନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ଚାମ୍ବର ଅଫ କମର୍ସର ଗୋଲଟେବୁଲ ବୈଠକ, ସ୍ଥାନ: ସିଆଇପିଇଟି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘର ସଂକଳ୍ପ ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ଅପରାହ୍ନ ୧ଟା।
- ରାଜକିଶୋର ଦାଶଙ୍କ ନୂଆ ବହି ବିବିଧ ବର୍ଣ୍ଣାଳୀ ଓ କୈଳାସ ଚନ୍ଦ୍ର ସାହାଣୀଙ୍କ କବିତା ସଂକଳନ ଭୂମି ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଓମେନ ଆୱାର୍ଡ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ୬୦ ତମ ବାର୍ଷିକ ବାଦି ପାଲାର ଉଦଯାପନୀ ଦିବସ, ସ୍ଥାନ ବାଲିଅନ୍ତା ବ୍ଲକ ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଠାକୁର ରାମକୃଷ୍ଣ ପରମହଂସଦେବଙ୍କ ଜନ୍ମ ଉତ୍ସବ, ସ୍ଥାନ: କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀର, ସମୟ: ସନ୍ଧ୍ୟା ୬ଟା ।

## ପୁରୀ

- ଓଁ ଶ୍ରୀଶ୍ରୀ ରାଧାକୃଷ୍ଣାୟ ନମଃ ଅଷ୍ଟମ ପ୍ରହର ନାମଯଜ୍ଞ ନଗର କୀର୍ତ୍ତନ, ସ୍ଥାନ: ଝାମ୍ପୁଲାକୁଦ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଫନି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫନି ହିତାଧିକାରୀଙ୍କ ହକ୍ ପାଇଁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ପଞ୍ଚଶଖା ଖେଳ ପଡ଼ିଆ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଅହମ୍ମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କେରଙ୍ଗ ଫୁଟ୍‌ବଲ ପଡ଼ିଆ, ଖୋର୍ଦ୍ଧା ଉପକଣ୍ଠ, ସମୟ: ଅପରାହ୍ନ ୩ଟା।
- ମା'ଦକ୍ଷିଣକାଳୀଙ୍କ ପୀଠରେ ୧୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନିରଞ୍ଜନପୁର ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଅବସରରେ ନାଟକ 'କେତେ କାନ୍ଦିବୁରେ ଗୌର ଦାସ' ପରିବେଷଣ, ସ୍ଥାନ: ମନ୍ଦିର ପରିସର, ବିଲଖଉରୁଣି, ବୋଲଗଡ଼, ସମୟ: ରାତି ୮ଟା।

## ବାଲେଶ୍ୱର

- ଖଇରାକୁ ଏନଏସି ମାନ୍ୟତା ଦାବିରେ ଖଇରା ସ୍ୱାଭିମାନ ମଞ୍ଚର ଗଣଧାରଣା, ସ୍ଥାନ: ଖଇରା ବ୍ଲକ ସମ୍ମୁଖ ସୋର-କୁପାରୀ ରାସ୍ତା ପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତରା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଅନ୍ତରା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା।

## ଭଦ୍ରକ

- ନିର୍ବାଚନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଏସ୍‌କେୱାଇ କାର୍ଡ ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭର୍ଚୁଆଲ ମାଧମରେ ବଂଶପାଣି- ଦୈତାରୀ- ଯଖପୁରା ପର୍ଯ୍ୟନ୍ତ ଦ୍ୱିତୀୟ ରେଲଲାଇନ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ, ସ୍ଥାନ: ଜରୋଳି ରେଳ ଷ୍ଟେଶନ, ସମୟ: ସକାଳ ୮ଟା।
- ଶ୍ରୀଜଗନ୍ନାଥ ଓ ଶ୍ରୀ ସତ୍ୟ ସାଇବାବାଙ୍କ ବିଗ୍ରହ ସ୍ଥାପନ ଉତ୍ସବ, ସ୍ଥାନ: ସାଇଜ୍ୟୋତି, ସତ୍ୟସାଇ ସେବା ସମିତି, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ଟା୩୦ରୁ ଅପରାହ୍ନ ୪ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାଇଜ୍ୟୋତି, ସତ୍ୟସାଇ ସେବା ସମିତି, ବଡ଼ବିଲ ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ମେଗା ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଉଦଳା ବ୍ଲକ କଇଁସାରି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ:ସକାଳ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଦରଖଳି ମନ୍ଦିର ସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଶାମାଖୁଣ୍ଟା ବ୍ଲକ ସରପଞ୍ଚ ସାହି, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ବନ୍ଦେ ଭାରତ ଟ୍ରେନ ଚଳାଚଳ ଆରମ୍ଭ,ସ୍ଥାନ: ବ୍ରହ୍ମପୁର ରେଳଷ୍ଟେଶନ, ସମୟ: ସକାଳ ୮ଟା ।
- ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ବାର୍ଷିକୋତ୍ସବ,ସ୍ଥାନ:ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଇଂରାଜୀ ବିଭାଗର ଆନ୍ତର୍ଜାତିକ ଛାତ୍ର ସମ୍ମିଳନୀ,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜିସି କମିଟି ହଲ,ସମୟ: ପୂର୍ବାହ୍ନ ୧୧ଟା୩୦।
- ସିଏସ୍‌ସି ବାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ସନ୍ଧ୍ୟା ୫ଟା୩୦।
- ସ୍ୱଚ୍ଛ ସାଥୀ ଓ ଜଳସାଥୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିଇଏମସି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ୧୨ ଘଣ୍ଟିଆ ବନ୍ଦ, ସ୍ଥାନ: ଭଞ୍ଜନଗର, ସମୟ: ସକାଳ ୬ଟାରୁ ।
- ବସଷ୍ଟାଣ୍ଡ ଉଦଘାଟନ, ସ୍ଥାନ: ଆସିକା ପୁରୁଣା ଓଆର୍‌ଟି ଗ୍ୟାରେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗିମାରୀ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: କ.ନୂଆଗାଁ ବ୍ଲକ ରାଜଘରା, ସମୟ: ସକାଳ ୯ଟା।
- ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକ, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ପରିଷଦ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଢେଙ୍କାନାଳ

- ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ବେନିଫିଟ୍ ଡିଷ୍ଟ୍ରିବ୍ୟୁସନ କ୍ୟାମ୍ପ, ସ୍ଥାନ:ଗଁଦିଆ ବ୍ଲକ କ୍ୟାମ୍ପସ, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ବିଏସ୍‌କେୱାଇ ନବୀନ କାର୍ଡ ବିତରଣ, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ ପବିତ୍ରମୋହନ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏକ ଦିବସୀୟ ଭଲିବଲ୍ ଟୁର୍ନାମେଣ୍ଟ, ସ୍ଥାନ: କଣିହାଁ ବ୍ଲକ ରଙ୍ଗବେଡା ଗ୍ରାମ ବାପୁଜୀ କ୍ଲବ ଖେଳ ପଡିଆ, ସମୟ: ଅପରାହ୍ନ ୨ଟା।
- ଅଲେଖ ମହିମା ଧ୍ୱନି ନାମ ସଂଙ୍କୀର୍ତ୍ତନ, ସ୍ଥାନ: କଣିହାଁ ବ୍ଲକ ବଡହୀରା ଗ୍ରାମ, ସମୟ: ଅପରାହ୍ନ ୫ ଟା।
- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ରାଜପଥ ଓ ରେଳ ବିଭାଗର ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୧ଟା।
- ସିଏସ୍‌ଆରର ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଶିକ୍ଷା ବିଭାଗର ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର

- ବାଲିତୁଠରେ ବାଇପାସ୍ ରାସ୍ତାର ଶିଳାନ୍ୟାସ ଉତ୍ସବ, ସ୍ଥାନ: ବାଲିକୁଦ, ବାରୁଣୀ ପଡ଼ିଆ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତି ଉନ୍ନୟନ ସଂଘ(ଏସ୍‌ଡିଏ)ଜରିଆରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ପୌରପରିଷଦ ୱାର୍ଡ ନଂ.୨, ୪, ସମୟ: ପୂର୍ବାହ୍ନ ୧୦ଟା।
- ୨ଟି ଏମ୍‌ସିସି (ମାଇକ୍ରୋ କମ୍ପୋଜ ସେଣ୍ଟର) ପାଇଁ ଶିଳାନ୍ୟାସ, ସ୍ଥାନ: ପାରାଦୀପ, ରଙ୍ଗିଆଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଲୁଣିନଦୀ ଉପରେ ବଡ଼ଙ୍ଗ ସେତୁର ଶିଳାନ୍ୟାସ ଉତ୍ସବ, ସ୍ଥାନ: କୁଜଙ୍ଗ, ବଡ଼ଙ୍ଗ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ନକୁଲିଆ, ରାଜପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ନୂଆ ବସ୍‌ଷ୍ଟାଣ୍ଡ ଉଦ୍ଘାଟନ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ମା'ପାର୍ବତୀ ଦେବୀ ଓ ମା'ତାରିଣୀ ଦେବୀଙ୍କ ଯଜ୍ଞ ଉତ୍ସବରେ ଗୀତା ପାଠ, ସ୍ଥାନ: ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ନଣ୍ଡାମହାଦେବ ମନ୍ଦିର, ସମୟ: ସକାଳ ୬ଟା ।
- ଭୀମ ଆର୍ମି ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା, ସ୍ଥାନ : ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା୩୦।
- ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ:ଧର୍ମଶାଳା ବାଣୀପୀଠ। ସମୟ: ଅପରାହ୍ନ ୪ଟା।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଆନ୍ଦୋଳନ, ଅନଶନ ଓ ପ୍ରତିବାଦ ସଭା, ସ୍ଥାନ : ନୀଳାଚଳ କାରଖାନା ସମ୍ମୁଖ, ସମୟ : ଅପରାହ୍ନ ୪ଟା।

## ନୟାଗଡ଼

- ନାଗରିକ ମଞ୍ଚ ପକ୍ଷରୁ ଧାରଣାର ୩୫ତମ ଦିବସ, ସ୍ଥାନ: ଓଡ଼ଗାଁ ବ୍ଲକର ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ତନ୍ତି ସମାଜର ବାର୍ଷିକ ସାଧାରଣ ସଭା, ସ୍ଥାନ: ନୟାଗଡ଼ ବ୍ଲକର ଚମ୍ପତିପୁର କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନୟାଗଡ଼ ବ୍ଲକର ଦବଲେଇ, ସମୟ: ପୂର୍ବାହ୍ନ ୧୦ଟା।
- ମଡେଲ ମଣ୍ଡିର ଭୂମିପୂଜା, ସ୍ଥାନ: ତୁଳସିପୁ, ସମୟ: ଅପରାହ୍ନ ୩ଟା୩୦।

## ରାୟଗଡ଼ା

- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତୃତୀୟ ରେଳ ଲାଇନ୍ ଓ ୱାନ୍ ଷ୍ଟେଶନ ୱାନ୍ ପ୍ରଡକ୍ଟ ଷ୍ଟଲ ଉଦଘାଟନ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେଶନ, ସମୟ: ସକାଳ ୮ଟା ୩୦।
- ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉପକରଣ ବଣ୍ଟନ, ସ୍ଥାନ: ରାୟଗଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ପୋଲିଙ୍ଗ ଓ ପ୍ରିଜାଇଡିଂ ଅଫିସରଙ୍କ ତାଲିମ. ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ଓ ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।

## କୋରାପୁଟ

- ଶିଶୁ ପୁଷ୍ଟିହୀନତା ନେଇ ତୃତୀୟ ରାଉଣ୍ଡ ଟେବୁଲ ବୈଠକ, ସ୍ଥାନ: ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଜୟପୁର ମାଷ୍ଟର ପ୍ଲାନ କାର୍ଯ୍ୟକାରିତା ନେଇ ପରିଚାଳନା କମିଟି ବୈଠକ। ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ। ସମୟ: ଅପରାହ୍ନ ୪ଟା।
- ଜାଗା ମିଶନର ବସ୍ତିବାସିନ୍ଦାଙ୍କୁ ତାଲିମ, ସ୍ଥାନ: ଟାଉନହଲ୍, ସମୟ: ପୂର୍ବାହ୍ନ ୧୦.୩୦।
- କଂଗ୍ରେସର କର୍ମୀ ସମ୍ମିଳନୀ, ଶୋଭାଯାତ୍ରା, ସ୍ଥାନ: ଦଶହରା ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବଜାଜ କମ୍ପାନୀର ଚେତକ ଦୁଇଚକିଆ ଯାନର ଶୁଭାରମ୍ଭ, ସ୍ଥାନ: ପରଧିଆପାଲିସ୍ଥିତ ଉତ୍କୋଳ ଗୋବିନ୍ଦ ଅଟୋ ଶୋରୁମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓବିସି ମଞ୍ଚର ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆଭାସୀ ମାଧମରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ, ସ୍ଥାନ: ପାଟଣାଗଡ ବ୍ରହ୍ମପୁରାସ୍ଥିତ ଆଦିବାସୀ ଭବନ ପଡ଼ିଆ, ସମୟ: ସକାଳ ୯ଟା।
- ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ବଣ୍ଟନ ଉତ୍ସବ, ସ୍ଥାନ: ଖପ୍ରାଖୋଲ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦।୩୦।
- ବଲାଙ୍ଗୀର ନାଗରିକ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା୫।

## ସୁବର୍ଣ୍ଣପୁର

- ବିନିକାକୁ ସବ୍‌ଡ଼ିଭିଜନ ଦାବିନେଇ ଧାରଣା, ସ୍ଥାନ: ବିନିକା ତହସିଲ ସମ୍ମୁଖ, ସମୟ: ସକାଳ ୮ଟା।

## ରାଉରକେଲା

- ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୬ଟା ୩୦।
- ପ୍ରଧାନମନ୍ତ୍ରୀଙ୍କ ଆଭାଷୀ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ରେଳ ଷ୍ଟେଶନ, ସମୟ: ସକାଳ ୮ଟା।
- ଭାଷା ସଂସ୍କୃତି ଦିବସ ଉଦ୍‌ଯାପନ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୯ଟା।
- ଶ୍ରଦ୍ଧା ଶିକ୍ଷାନୁଷ୍ଠାନ ପକ୍ଷରୁ କର୍ମଶାଳା, ସ୍ଥାନ: ଝିରପାଣି, ସମୟ: ସକାଳ ୯ଟା ୩୦।
- ସିଡବ୍ଲ୍ୟୁଏସ୍ ପକ୍ଷରୁ ମହିଳା ଦିବସ, ସ୍ଥାନ: ରେଳବାଇ କଲୋନୀ, ସମୟ: ଅପରାହ୍ନ ୩ଟା।
- ନାୟିକା ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ଅଷ୍ଟମ ପ୍ରହର ନାମ ଯଜ୍ଞ ଓ ୧୦୮ କଳସ ଯାତ୍ରା, ସ୍ଥାନ: କାଲୋଶିହିରିଆ ପଞ୍ଚାୟତ ସମ୍ମୁଖ ପଡିଆ,ସମୟ: ଅପରାହ୍ନ ୨ ଟା।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ପନଛି ସପନୋ କି ଉଡାନ ପ୍ରକଳ୍ପର ଉଦ୍‌ଘାଟନ ସମାରୋହ, ସ୍ଥାନ- ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୧ଟା।

## ବରଗଡ଼

- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭଟଲି, ସମୟ: ସକାଳ ୭ଟା
- ମାର୍କଣ୍ଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁଶନପୁରୀ(ଫୁଲବନ୍ଧ), ଭଟଲି, ସମୟ: ପୂର୍ବାହ୍ନ ୯ଟା।
- ଚିନିକଳ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଶ୍ରୀରାମକୃଷ୍ଣ ଦେବଙ୍କ ୧୮୮ତମ ଜନ୍ମତିଥି ଉତ୍ସବ, ସ୍ଥାନ: ଏମ୍. ରାମପୁର ଶ୍ରୀରାମକୃଷ୍ଣ ଆଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବିସ୍ଥାପିତ ଦୋକାନୀ ସଂଘ ସହ ପୌର ପ୍ରଶାସନର ବୈଠକ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ବେଦାନ୍ତରେ ନିଯୁକ୍ତି ପାଇଁ ବନ୍ଧାଗୁଡା ଓ କୃଟଦୁଆର ଗ୍ରାମବାସୀଙ୍କ ଆନ୍ଦୋଳନ, ସ୍ଥାନ: ଲାଞ୍ଜିଗଡ଼ ବେଦାନ୍ତ ସମ୍ମୁଖ, ସମୟ: ସକାଳ ୮ଟା।

## ନୂଆପଡ଼ା

- ମନ୍ତ୍ରୀଙ୍କ ବିରୋଧ ଦିଆଯାଇଥିବା ୧୧ ଦଫା ଦାବିର ସିବିଆଇ ଦାବିରେ ନୂଆପଡା ବନ୍ଦ, ସ୍ଥାନ: ନୂଆପଡ଼ା ସଦର ମହକୁମା, ସମୟ: ସକାଳ ୬ଟାରୁ ଅପରାହ୍ନ ୪ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାରେ ଗଣିତ ଓ ବିଜ୍ଞାନ ପ୍ରଶିକ୍ଷଣ ଶିବିର, ସ୍ଥାନ: ଘଣ୍ଟାପଡା ଉଚ୍ଚ ବିଦ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦

## ଦେବଗଡ଼

- ଦୁଗ୍ଧ ଶୀତଳକରଣ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ରିଆମାଳ ବ୍ଲକ କୁଣ୍ଡେଇଗୋଲା ଗ୍ରାମ,ସମୟ: ପୂର୍ବାହ୍ନ ୧୧ଟା ୩୦।

---

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦବୁ ଦବୁ ବୋଲି ପୁରିଲା ମାସେ**
**ଆଉରି ବୋଲୁଛି କାଲିକି ଆସେ।**

ହାତରୁ ଧନ ଥରେ ଅନ୍ୟ ହାତକୁ ଚାଲିଗଲେ ସହଜରେ ଆଉ ତାହା ଫେରି ଆସିନଥାଏ। ନେଉଥିବା ବ୍ୟକ୍ତି ଆଜି ଦେବା କାଲି ଦେବା କହି ସମୟ ଗଡାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା କେବଳ ସାର ହୋଇଥାଏ। ଧାରୁଆ ବ୍ୟକ୍ତି ଋଣକରଜ ପରିଶୋଧ ନ କରିପାରି ଆଜିକାଲି କହି ଦିନ ଗଡ଼ାଇ ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦକ୍ଷିଣ ଦୁଆରି ଘର**
**ଯେ ନ ପଶିବ ସେ ପଶିବ**
**କାହାକୁ କରିବ ପର।**

ପ୍ରବେଶ ଦ୍ୱାର ଦକ୍ଷିଣ ଦିଗରେ ଥିଲେ, ଘରକୁ ବନ୍ଧୁ ଓ ଅତିଥୀଙ୍କ ଆଗମନ ଅଧିକ ହୁଏ। ଜନସମ୍ପର୍କ ବୃଦ୍ଧିପାଇଥାଏ। ସମସ୍ତଙ୍କ ସହ ସଦଭା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

---

# ଓକିଲଙ୍କୁ ଦୁର୍ବ୍ୟବହାର ନେଇ ଉତ୍ତେଜନା



ବରିଷ୍ଠ ଆଇନଜୀବୀଙ୍କୁ ଢେଙ୍କାନାଳ ତହସିଲଦାର ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବା ପରେ ପୋଲିସ ସହାୟତାରେ ତହସିଲଦାରଙ୍କୁ ବାସଭବନକୁ ନିଆଯାଉଛି।

**ଢେଙ୍କାନାଳ,୧୧।୩**
**(ରତନ ନାୟାର)**

ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟରେ ସୋମବାର ମଧ୍ୟାହ୍ନରେ ଜଣେ ବରିଷ୍ଠ ଆଇନଜୀବୀଙ୍କ ସମେତ ଅନ୍ୟ ଆଇନଜୀବୀମାନଙ୍କୁ ତହସିଲଦାର ଲିପ୍ସୁସ୍ମିତା ମିଶ୍ର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଦିନତମାମ ଉତ୍ତେଜନା ଦେଖିବାକୁ ମିଳିଥିଲା। ଜିଲା ଓକିଲ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଘେରାଉ କରାଯାଇଥିଲା।

ଘଟଣାରୁ ପ୍ରକାଶ, ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ମିଶ୍ର ଜମିଜମା ସମ୍ପର୍କିତ ଏକ ସାର୍ଟିଫାଏଡ୍ କପି ବାହାର କରିବା ପାଇଁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡୁଥିଲେ। ସୋମବାର ଉକ୍ତ କାର୍ଯ୍ୟରେ ସେ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ତହସିଲଦାରଙ୍କ ପ୍ରକୋଷ୍ଠକୁ ପ୍ରବେଶ କରୁଥିବା ବେଳେ ତହସିଲଦାର ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସେ ଅନ୍ୟ ଆଇନଜୀବୀମାନଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଜାଣିବା ପାଇଁ କେତେଜଣ ଆଇନଜୀବୀ ତହସିଲଦାରଙ୍କ ନିକଟକୁ ଯାଇଥିଲେ। ସେମାନଙ୍କୁ ମଧ୍ୟ ତହସିଲଦାର ଗେଟ୍ ଆଉଟ୍ କହିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଆଇନଜୀବୀମାନେ କହିଛନ୍ତି। ଏହାପରେ ସଂଘର ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚିବାରୁ ତହସିଲଦାର ତାଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଆଇନଜୀବୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଜିଲା ଓକିଲ ସଂଘର ସଦସ୍ୟମାନେ ତହସିଲ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ତହସିଲଦାରଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଏ ସଂକ୍ରାନ୍ତରେ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କୁ ଫୋନ୍‌ରେ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ଘଟଣାର ସମାଧାନ ପାଇଁ ତହସିଲଦାର ଓ ସଦର ଏସ୍‌ଡିପିଓଙ୍କ ଉପସ୍ଥିତିରେ ଜିଲା ଓକିଲ ସଂଘ ସଭାପତି, ପୂର୍ବତନ ସଭାପତି ଓ ସମ୍ପାଦକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ସହ ଆଲୋଚନା କରୁଥିବା ବେଳେ ତହସିଲଦାର 'ମୋର କିଛି ଦୋଷ ନାହିଁ, ମୋତେ ବେଶି ବାଧୁଛି, ମୁଁ କାହିଁକି କମ୍ପରମାଇଜ୍ କରିବି' ବୋଲି କହି ରାଗରେ ଉଠି ତାଙ୍କ ପ୍ରକୋଷ୍ଠକୁ ପଳାଇଥିଲେ। ଏହାର ପ୍ରତିବାଦ କରି ସଂଘ ସଦସ୍ୟମାନେ ତହସିଲଦାର ତୁରନ୍ତ ଭୁଲ ମାଗନ୍ତୁ ଏବଂ ତାଙ୍କୁ ବଦଳି କରାଯାଉ ବୋଲି ଅଡି ବସିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାରଙ୍କୁ ପୋଲିସ ସୁରକ୍ଷା ବଳୟରେ ସେ ରହୁଥିବା ସର୍କିଟ ହାଉସକୁ ନିଆଯାଇଥିଲା। ଘଟଣାର ସମାଧାନ ପାଇଁ ଜିଲାପାଳ ଅପରାହ୍ନ ୪ଟାରେ ସମସ୍ତଙ୍କ ସହ ଆଲୋଚନା କରିଥିଲେ। ବିନା ସର୍ତ୍ତରେ ତହସିଲଦାର ଭୁଲ ମାଗନ୍ତୁ ଓ ତାଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଓକିଲ ସଂଘ ପକ୍ଷରୁ ଏଥିରେ ଦାବି କରାଯିବାରୁ ସନ୍ଧ୍ୟା ୬ଟାରେ ତହସିଲଦାର, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରାଯିବ ଏବଂ ପରବର୍ତ୍ତୀ ସମୟରେ ସମସ୍ତ ଅଧିକାରୀ, ସଚେତନ ନାଗରିକ, ଓକିଲ ସଂଘର ସଦସ୍ୟଙ୍କୁ ନେଇ ବୈଠକ ଡକାଯିବ ବୋଲି ଜିଲାପାଳ କହିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତେବେ ଘଟଣାର ସମାଧାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ପାଣି ପାଇଁ ରାସ୍ତା ଅବରୋଧ

**ଫୁଲବାଣୀ,୧୧।୩**
**(ରାକେଶ କୁମାର ରାଉତ)**

ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଅନେକ ସ୍ଥାନରେ ଏବେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଲାଣି। ପାନୀୟ ଜଳର ଉତ୍କଟ ସମସ୍ୟା ପ୍ରତିବାଦରେ ସୋମବାର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଗୁମାଗଡ ପଞ୍ଚାୟତ ସଦନମେଣ୍ଡି ଗ୍ରାମବାସୀ ଫୁଲବାଣୀ-ବ୍ରହ୍ମପୁର ୧୫୭ ନଂ ରାଜପଥ ଅବରୋଧ କରିଛନ୍ତି। ହାଣ୍ଡି, ମାଠିଆ, ବାଲଟି ଧରି ଲୋକେ ରାସ୍ତା ଉପରେ ବସି ରହିବା ଫଳରେ ଏହି ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ପଞ୍ଚାୟତର ୭ ନଂ ୱାର୍ଡ ସଦନମେଣ୍ଡିରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖା ଦେଇଛି। ଗାଁରେ ୬ଟି ନଳକୂପ ଥିଲେ ମଧ୍ୟ ସେଥିରୁ ୩ଟି ଅଚଳ ହୋଇପଡିଛି। ଅନ୍ୟ ୩ଟିରେ କାଁ ଭାଁ ପାଣି ଆସୁଛି। ୱାର୍ଡ ମେମ୍ବର ସ୍ମୃତିପୂର୍ଣ୍ଣା ଦିଗାଲଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରିଛୁ ବୋଲି ଗ୍ରାମବାସୀ କହିଥିଲେ। ବିଡିଓ ପ୍ରତୀକ ସାହୁ, ସରପଞ୍ଚ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ କୁନାମି ହେମ୍ବ୍ରମ, ବିଧାୟକ ପ୍ରତିନିଧି ନୀଳାମ୍ବର କହଁର ପ୍ରମୁଖ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ସହିତ ୭ଦିନ ମଧ୍ୟରେ ପାଣି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୁ ହଟିଥିଲେ।

---

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜିର ଚନ୍ଦ୍ର ମାନସିକ ଅସ୍ଥିରତା ମଧ୍ୟରେ ବ୍ୟସ୍ତବିବ୍ରତ କରାଇପାରେ। ଫଳରେ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇନେବାରେ ଅସୁବିଧା ହେବ। ବିଶେଷ ଗୁରୁତର ନ ହେଲେ ମଧ୍ୟ ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜି ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ବୃଷ** — ପ୍ରତି କ୍ଷେତ୍ରରେ ସମସ୍ୟାକୁ ସୁଧାରିନେବା ପାଇଁ ପ୍ରଯତ୍ନ କରିବେ। ଗୃହ ସାଜସଜ୍ଜା କାମର ଚାପ ପ୍ରଭାବରୁ ଟେନ୍‌ସନ ଲାଗିରହିବ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ମାନସିକ ଅଶାନ୍ତିର କାରଣ ହୋଇପାରେ। ବିବାଦୀୟ ଘଟଣା ଭିନ୍ନ ରୂପ ଧାରଣ କରିପାରେ। ଆନୁଷ୍ଠାନିକ କାମକୁ ଆମନ୍ତ୍ରିତହୋଇ ଉପଢୌକନ ଓ ସମ୍ମାନ ପାଇପାରନ୍ତି।

**ମିଥୁନ** — ହସଖୁସି ପରିବେଶରେ ବନ୍ଧୁଙ୍କ ସହାନୁଭୂତିର ସୁଯୋଗ ଲାଭକରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜି ଯାଏଁ କରି ପାରୁ ନ ଥିଲେ ଆଜି ତାହା ସୁବିଧାରେ ହୋଇଯିବ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଦେବଦର୍ଶନ ସାଙ୍ଗକୁ ନୂତନ ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ଜୁଟିବ।

**କର୍କଟ** — ଆଜି ଯାହା କରିବା ପାଇଁ ଚିନ୍ତା କରିଛନ୍ତି ସେଥିରେ ଅସୁବିଧା ହେବନାହିଁ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ଯାହାକି ଅସୁସ୍ଥତାର କାରଣ ହୋଇପାରେ। କର୍ମଜଞ୍ଜାଳର ବହୁଳତା କାରଣରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ବନ୍ଧୁ ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଆଶ୍ୱସ୍ତି ଲାଭ କରିବେ।

**ସିଂହ** — ଆଜି ପରିବାରରେ କିଛି ଅଭାବ ଓ ଅସୁବିଧାକୁ ନେଇ ଆଲୋଚନା ହୋଇପାରେ। ବାଣିଜ୍ୟ ବ୍ୟବସାୟ ପାଇଁ ଦିନଟି ଭଲ, କିନ୍ତୁ ସାମାନ୍ୟ ପ୍ରତିରୋଧ ଆସିବ। ସମ୍ପର୍କୀୟଙ୍କୁ କରଜ ଦେଇଥିବା ଟଙ୍କାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ଅବଶ୍ୟ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**କନ୍ୟା** — ଦୀର୍ଘଦିନ ହେଲା ଯେଉଁ କାମଟିକୁ ଆରମ୍ଭକରିବାକୁ ମନ ବଳାଇଥିଲେ ଆଜି ତାହା ସମ୍ପନ୍ନ କରିବେ। ଦକ୍ଷତା ଓ ପରୋପକାର ପ୍ରବୃତ୍ତି ଯୋଗୁ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ। ରାଜନୀତି, ସଙ୍ଗଠନ, ସାମ୍ବାଦିକତା ଏବଂ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ଯାତ୍ରା ସଫଳ ହେବାରୁ ଚିତ୍ରାର ମନ ଖୁସି ରହିବ।

**ତୁଳା** — ଆଜି ଭୁଲ୍ ବୁଝାମଣା କାରଣରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବ ରହିଲେ ସମସ୍ୟା ପ୍ରାୟତଃ ଆଗକୁ ବଢ଼ିପାରିବ ନାହିଁ।

**ବିଛା** — ଦୀର୍ଘଦିନ ଧରି ଲାଗିରହିଥିବା ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇବାରୁ ମନ ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧିପାଇଲେ ମଧ୍ୟ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** — ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ଯୋଗୁ ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଭ୍ରାତୃ ସମ୍ପର୍କରେ ଅବନତି ଦେଖାଦେଇପାରେ, ମାତ୍ର ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**ମକର** — ଭଲ ସମ୍ପର୍କ ନ ଥିବା ଲୋକମାନଙ୍କ ନିକଟରୁ ପ୍ରଶଂସା ଆଶା କରିବା ମୂଲ୍ୟହୀନ ହେବ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ। ସଭା ସମିତି, ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଆପୋସ ମିଳାମିଶା ଓ ସହମତିତା କାରଣରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** — ସବୁ ଭଲ ଥିଲେ ମଧ୍ୟ ପୁଅଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ଆକସ୍ମିକ ଭାବରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୁରୁଣା ବନ୍ଧୁ କିଛି ଖବର ନେଇ ଆସିପାରନ୍ତି। ପୂର୍ବସ୍ଥିରୀକୃତ ନୂଆ ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ସମାଲୋଚିତ ହେବାକୁ ପଡ଼ିବ।

**ମୀନ** — ଗୋଟିଏ ସମସ୍ୟା ଶେଷ ନ ହେଉଣୁ ଅନ୍ୟ ଏକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

ଆଜି ମାର୍ଚ୍ଚ ୧୨ ତାରିଖ, ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟାଯୁକ୍ତ ତୃତୀୟା ମଙ୍ଗଳବାର, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ରମ୍‌ଜାନ ମାସର ରୋଜା ଆରମ୍ଭ। ରାଶି ନକ୍ଷତ୍ର-ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮।୫୮ ମି. ଗତେ, ଘ.୧୦।୪୫ ମି. ମଧ୍ୟେ, ୦୧।୦୭ ମି. ଗତେ, ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୫୪ ମି. ଗତେ, ଘ.୦୪।୨୩ ମି. ମଧ୍ୟେ ରାହୁକାଳ।




# 'କୃତ୍ରିମ ବୁଦ୍ଧିମତ୍ତା ବିପଜ୍ଜନକ, ଦରକାରୀ ମଧ୍ୟ'



ରେଭେନ୍ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବୋରାସମ୍ବର-ସେନାପତି ତର୍କ ପ୍ରତିଯୋଗିତାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ରେଭେନ୍ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟଙ୍କ ସମେତ କୃତି ପ୍ରତିଯୋଗୀ ଓ ଅନ୍ୟମାନେ।

**କଟକ,୧୧।୩ (କାର୍ତ୍ତିକ ସାହୁ)**

ମଣିଷର ବୈପ୍ଳବିକ ସୃଷ୍ଟି ହେଉଛି କୃତ୍ରିମ ବୁଦ୍ଧିମତ୍ତା। ଏହାଦ୍ୱାରା ଜଟିଳ କାର୍ଯ୍ୟ ସହଜ ହୋଇପାରୁଛି। କୃତ୍ରିମ ବୁଦ୍ଧିମତ୍ତା ମଣିଷ ପାଇଁ ବିପଜ୍ଜନକ, ଦରକାରୀ ମଧ୍ୟ ବୋଲି ମତବ୍ୟକ୍ତ କରିଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ। କଟକସ୍ଥିତ ରେଭେନ୍ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଭେନ୍ ପିଲାର୍ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷରେ ବୋରାସମ୍ବର-ସେନାପତି ଇଂଲିଶ୍ ତର୍କ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରକ ଭାବେ ସତପଥୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ତର୍କରେ ନିଜର ସ୍ପଷ୍ଟ ମତ ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ବିଚାରକ ଭାବେ ଓଡ଼ିଶା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଏକ ନୂଆ ବିଶ୍ୱ ଆଣିଦେବ। ହେଲେ ଏହି ବୈଷୟିକ ଜ୍ଞାନକୌଶଳର ଦୁରୁପଯୋଗ ନ ହେବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ମୁଖ୍ୟ ବିଚାରକ ରେଭେନ୍ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟ ପ୍ରତିଯୋଗୀମାନଙ୍କୁ ଦୃଢ଼ତାର ସହ ନିଜ ପକ୍ଷ ରଖିବାକୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ।

## ରେଭେନ୍ଶାରେ ବୋରାସମ୍ବର-ସେନାପତି ଇଂଲିଶ୍ ତର୍କ ପ୍ରତିଯୋଗିତା

ଚଳିତବର୍ଷ ବିତର୍କର ପ୍ରସଙ୍ଗ 'କୃତ୍ରିମ ବୁଦ୍ଧିମତ୍ତା ମାନବିକତାର ଚରମ ଅବନତି' ଉପରେ ତର୍କ ହୋଇଥିଲା। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ୧୫ ଜଣ ପ୍ରତିଯୋଗୀଙ୍କୁ ଏହି ଅନ୍ତିମ ପର୍ଯ୍ୟାୟ ପ୍ରତିଯୋଗିତାରେ ଭାଗନେବାକୁ ସୁଯୋଗ ଦିଆଯାଇଥିଲା। ସେଥିମଧ୍ୟରୁ ସ୍ରିଷ୍ଟି ସ୍ୱାଇଁ ପ୍ରଥମ, ସୌମ୍ୟା ପଟ୍ଟନାୟକ ଦ୍ୱିତୀୟ ଏବଂ ଶିବଶଙ୍କର ଦାଶ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ବାବଦକୁ ଯଥାକ୍ରମେ ୫୦୦୦, ୩୦୦୦, ୨୦୦୦ ଟଙ୍କା ଗ୍ରହଣ କରିଥିଲେ।

ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଅଧିକାରୀ ତଥା ପ୍ରାଧ୍ୟାପିକା ଅଳକାନନ୍ଦା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପରିଷଦ ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ ଓ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନେତାଜୀ ଅଭିନନ୍ଦନ ଧନ୍ୟବାଦ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ନୀଳମଣି ସେନାପତି ତତ୍କାଳୀନ ଇଂରେଜ ସରକାରଙ୍କ ଅଧୀନରେ ଆଇସିଏସ୍ ଚାକିରି କରୁଥିବାବେଳେ ସମ୍ବଲପୁର ଅଞ୍ଚଳରେ କାମ କରୁଥିଲେ। ୧୯୩୪ ମସିହାରେ ତାଙ୍କର ବଦଳି ବେଳେ ବୋରାସମ୍ବର ରାଜାଙ୍କ ତରଫରୁ ଆୟୋଜିତ ବିଦାୟ ଉତ୍ସବରେ ସଂଗୃହୀତ ୬୦୦ ଟଙ୍କା ସେନାପତି ରେଭେନ୍ଶା କଲେଜକୁ ଦାନ କରିଥିଲେ। ସେହି ଅନୁଦାନରେ ୧୯୩୭ ମସିହାଠାରୁ ଇଂଲିଶ ତର୍କରେ ବିଜେତାମାନଙ୍କୁ ଏହି ବୋରାସମ୍ବର-ସେନାପତି ସ୍ମାରକୀ ପୁରସ୍କାର ଦିଆଯାଇଆସୁଛି। ଏହି ପ୍ରତିଯୋଗିତାର ବିଜେତାମାନଙ୍କୁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ କୁଳାଧିପତି, କୁଳପତି, କୁଳ ସଚିବଙ୍କ ନାମରେ ନାମିତ ସ୍ୱର୍ଣ୍ଣ ପଦକ ସହିତ ସମ୍ମାନିତ କରାଯାଇଆସୁଛି।

# ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ସଚେତନତା ଅଭିଯାନ ଶୁଭାରମ୍ଭ

**ପୁରୀ, ୧୧।୩ (ଅଜିତ ମହାନ୍ତି)**

■ ୧୩ରୁ ୩ ଜିଲାରୁ ଚଳାଚଳ ଆରମ୍ଭ
■ ୧୮ ଜିଲା ଦେଇ ପୁରୀରେ ପହଞ୍ଚିବ

ରାଜ୍ୟ ସରକାରଙ୍କ ତରଫରୁ ପୁରୀରେ ସୋମବାର ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ପ୍ରଦର୍ଶନ ଓ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ସରକାର ପ୍ରତ୍ୟେକ ଜିଲାରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ମାଧ୍ୟମରେ ପରିବହନ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ମାଲକାନଗିରି, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ଚଳାଇବାର ବ୍ୟବସ୍ଥା କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବିଶ୍ୱାଳ କହିଛନ୍ତି। ପୁରୀ ବସ୍‌ଷ୍ଟାଣ୍ଡରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର କୋଚ୍‌ର ସୁବିଧା, ସୁଯୋଗ ଓ ବ୍ୟବସ୍ଥା ସମ୍ପର୍କରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଯୋଗଦେଇ ବିଶ୍ୱାଳ କହିଥିଲେ, ବର୍ତ୍ତମାନ ସମସ୍ତ ୩୦ ଜିଲାର ପ୍ରତି ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ସେହିପରି ଜିଲା ସଦର ମହକୁମାରୁ ଅନ୍ୟ ଜିଲା ସଦର ମହକୁମାକୁ ଲକ୍ଷ୍ମୀ ଏକ୍ସପ୍ରେସ ଏବଂ ଭୁବନେଶ୍ୱର ଦେଇ ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଚଳାଚଳର ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୩ ତାରିଖରୁ ମାଲକାନଗିରି, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ପୁରୀକୁ ନୂତନ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର ବସ୍ ଚଳାଚଳ କରିବ। ଏହା ମୋଟ ୧୮ଟି ଜିଲା ଦେଇ ପୁରୀରେ ପହଞ୍ଚିବ। ଏହି ଭଲ୍‌ଭୋ ବସ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଓ ଏଥିରେ ୪୨ ସିଟ୍ ରହିଛି। ଏଥିରେ ଯାତ୍ରା ଲାଗି ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ସୁବିଧା ରହିଛି ବୋଲି ବିଶ୍ୱାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଓଏସ୍‌ଆର୍‌ଟିସିର ଜିଲା ପରିଚାଳିକା ରଶ୍ମି ସାହୁ ଏବଂ ପରିବହନ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୨ କଏଦୀ ଫେରାର ଘଟଣାରେ ଜେଲ ଡିଆଇଜିଙ୍କ ତଦନ୍ତ

**ଟିଟିଲାଗଡ଼,୧୧।୩(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପକାରାଗାରରୁ ୨ ବିଚାରାଧୀନ କଏଦୀ ଫେରାର ଘଟଣାରେ ସୋମବାର ଜେଲ ବିଭାଗ ଡିଆଇଜି କୁଳମଣି ବେହେରା ଓ ଏସ୍‌ପି ରଷିକେଶ ଖିଲାରି ତଦନ୍ତ କରିଛନ୍ତି। ଡିଆଇଜି କର୍ମଚାରୀଙ୍କ ସହ ଆଲୋଚନା କର ଜେଲ ଚାରିପଟ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ୨ ବିଚାରାଧୀନ କଏଦୀ ଫେରାର ମାରିବା ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।






ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ

-ରମଜାନ ମାସ ଆରମ୍ଭ



# ଚତୁରତା ଫସର ଫାଟିଲା

୨୦୧୪ ନିର୍ବାଚନରେ ଯେତେବେଳେ ଭାଜପା କ୍ଷମତାକୁ ଆସିଲା ସେତେବେଳେ କହିଥିଲା ଯେ, ବିଦେଶୀ ବ୍ୟାଙ୍କରେ ଯେଉଁମାନେ ପୂର୍ବ ସରକାରଙ୍କ ଦ୍ୱାରା ଲାଭବାନ ହୋଇ କଳାଟଙ୍କା ରଖିଛନ୍ତି ସେମାନଙ୍କ ନାମ ପ୍ରକାଶ କରିବା ସହିତ ସେହିସବୁ ଅର୍ଥକୁ ଦେଶକୁ ଫେରାଇ ଅଣାଯିବ। ପ୍ରତ୍ୟେକ ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦିଆଯିବ। କିନ୍ତୁ ସେହି ୧୫ ଲକ୍ଷ ଏପର୍ଯ୍ୟନ୍ତ ଆସିନାହିଁ। ଏପରିକି ମୋଦି ସରକାରଙ୍କର ଦୀର୍ଘ ୧୦ ବର୍ଷ ବିତିଯିବା ପରେ ବି କୌଣସି ଗୋଟିଏ ନାମ ପଦାକୁ ଆସିପାରି ନାହିଁ। ଏହାର ଦୁଇଟି ଅର୍ଥ ହୋଇପାରେ। ପ୍ରଥମ କଥାଟି ହେଉଛି ମୋଦି ସରକାରଙ୍କ ଏହି କଥା ସମ୍ପୂର୍ଣ୍ଣ ମିଥ୍ୟା ଥିଲା। ଦ୍ୱିତୀୟଟି ହେଉଛି ଯେଉଁସବୁ ପ୍ରଭାବଶାଳୀ ଶିଳ୍ପପତି କିମ୍ବା ରାଜନେତା ବିଦେଶୀ ବ୍ୟାଙ୍କରେ ଭାରତରୁ ଲୁଟିଥିବା ପଇସାକୁ ରଖିଥିଲେ ସେମାନଙ୍କ ସହିତ ବୁଝାମଣା ଓ ନେଣଦେଣ ହୋଇଯାଇଥିବାରୁ କୌଣସି ଅର୍ଥ ଫେରିଲା ନାହିଁ।

ଓଡ଼ିଆରେ ଗାଉଁଲି କଥା ଅଛି ''ଯିଏ ଥରେ ମିଛ କହେ, ସିଏ ବାରମ୍ବାର ମିଛ କହିପାରେ।'' ବିଦେଶରେ ଭାରତର ଧନ ଠୁଳ ରହିଛି ବୋଲି ଦାବି କରିଆସୁଥିବା ମୋଦି ନିଜେ କ୍ଷମତାରେ ଥାଇ ଇଲେକ୍ଟୋରାଲ୍ ବଣ୍ଡ୍ ଯୋଜନାକୁ କାର୍ଯ୍ୟକାରୀ କରାଇଲେ। ଇଲେକ୍ଟୋରାଲ୍ ବଣ୍ଡ୍ ମାଧ୍ୟମରେ ଯେଉଁମାନେ ରାଜନୈତିକ ଦଳକୁ ଅର୍ଥ ଦେବାକୁ ଚାହିଁବେ ତାଙ୍କ ନାମ ଗୋପନ ରଖାଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଯେକୌଣସି ବ୍ୟକ୍ତି ବା ସଂସ୍ଥା ୨୦ ହଜାର ଟଙ୍କାରୁ ଅଧିକ କୌଣସି ରାଜନୈତିକ ଦଳକୁ ଦାନ ଦେବ ତାହାକୁ ସମ୍ପୃକ୍ତ ରାଜନୈତିକ ଦଳକୁ ବାଧ୍ୟତାମୂଳକ ଭାବେ ସର୍ବସମ୍ମୁଖରେ ଜଣାଇବାକୁ ପଡ଼ିବ। ଇଲେକ୍ଟୋରାଲ୍ ବଣ୍ଡ୍ ଯୋଜନାରେ ଏହିଭଳି ଗୋପନୀୟତା ଯୋଗୁ ତାହାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଛି। ଏପର୍ଯ୍ୟନ୍ତ ପ୍ରାୟ ୧୩ ହଜାର କୋଟି ଇଲେକ୍ଟୋରାଲ୍ ବଣ୍ଡ୍ ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକୁ ଆସିଛି। ଜଣାଥାଉ ଯେ ଇଲେକ୍ଟୋରାଲ୍ ବଣ୍ଡ୍ କେବଳମାତ୍ର ୧ ହଜାର, ୧୦ ହଜାର, ୧ ଲକ୍ଷ, ୧୦ ଲକ୍ଷ ଏବଂ ୧ କୋଟି ମୂଲ୍ୟର ଚିଠା ମାଧ୍ୟମରେ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଦ୍ୱାରା ପ୍ରଦାନ କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ ହେଲା ୯୦ ପ୍ରତିଶତରୁ ଅଧିକ ଇଲେକ୍ଟୋରାଲ୍ ବଣ୍ଡ୍ ୧ କୋଟି ମୂଲ୍ୟର କିଣାଯାଇଛି। ଏହା ପ୍ରମାଣ କରୁଛି ଯେ ସାଧାରଣ ଜନତା ଇଲେକ୍ଟୋରାଲ୍ ବଣ୍ଡ୍ ମାଧ୍ୟମରେ ତାଙ୍କ ପ୍ରିୟ ରାଜନୈତିକ ଦଳଗୁଡ଼ିକୁ ଅର୍ଥ ଦାନ କରିନାହାନ୍ତି। ଏହି ପ୍ରଚ୍ଛଦପଟରେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଇଲେକ୍ଟୋରାଲ୍ ବଣ୍ଡ୍ କିଣିଥିବା ବ୍ୟକ୍ତିବିଶେଷ ଓ କମ୍ପାନୀମାନଙ୍କ ନାମ ଜାଣିବାର ଅଧିକାର ଜନତାଙ୍କର ଅଛି। କାରଣ ଏହି ବ୍ୟକ୍ତିବିଶେଷ କିମ୍ବା କମ୍ପାନୀ ଆଡକୁ ନବନିର୍ବାଚିତ ସରକାର ଢଳିବା ଅବଶ୍ୟମ୍ଭାବୀ।

ଇଲେକ୍ଟୋରାଲ୍ ବଣ୍ଡ୍ ଯୋଜନା ବିରୋଧରେ ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ଏବଂ ଅନ୍ୟ କେତେକ ସଂସ୍ଥା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଫେବୃଆରୀ ୧୫ ତାରିଖରେ ସେହି ଯୋଜନାକୁ ବେଆଇନ ଘୋଷଣା କରି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଏସ୍‌ବିଆଇ ଯିଏକି ଏକମାତ୍ର ଇଲେକ୍ଟୋରାଲ୍ ବଣ୍ଡ୍ ଗ୍ରହଣ କରିବାର କ୍ଷମତାପ୍ରାପ୍ତ ହୋଇଥିଲା, ତାହା ନିକଟରେ ଥିବା ବଣ୍ଡ୍ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କ ସମ୍ମୁଖରେ ପ୍ରଦାନ କରିବ। ଷ୍ଟେଟ୍‌ବ୍ୟାଙ୍କ ସେହି ରାୟକୁ ମାନିବା ପରିବର୍ତ୍ତେ ତଥ୍ୟ ଦେବାକୁ ଜୁନ୍ ମାସ ପର୍ଯ୍ୟନ୍ତ ସମୟ ବୃଦ୍ଧି କରିବାକୁ ନିବେଦନ କଲା। ସେହି ନିବେଦନ ଉପରେ ଶୁଣାଣି କରି ନିର୍ଦ୍ଦେଶ ଦେବା ପୂର୍ବରୁ ଏଡିଆର୍, ସିପିଏମ୍ ଏବଂ କାନ୍‌କାଜ୍ (ଏକ ଏନ୍‌ଜିଓ) ତରଫରୁ ସୁପ୍ରିମ୍‌କୋର୍ଟରେ ଆବେଦନ କରାଗଲା ଯେ ଆଜିର ଯୁଗରେ ଷ୍ଟେଟ୍‌ବ୍ୟାଙ୍କ ପାଖରେ ସବୁ ତଥ୍ୟ କମ୍ପ୍ୟୁଟରାଇଜ୍‌ଡ ହୋଇ ରହୁଛି। ତତ୍‌ସହିତ ପ୍ରତ୍ୟେକ ଇଲେକ୍ଟୋରାଲ୍ ବଣ୍ଡ୍ କିଣିଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ବାଧ୍ୟବାଧକତାମୂଳକ ତାଙ୍କର କେୱାଇସି ପୂରଣ କରିଛନ୍ତି। ସେଥିପାଇଁ ଷ୍ଟେଟ୍‌ବ୍ୟାଙ୍କକୁ ସମ୍ପୂର୍ଣ୍ଣ ତଥ୍ୟ ଏକାଠି କରି ପ୍ରଦାନ କରିବାକୁ ହେଲେ ମାତ୍ର ଘଣ୍ଟାଏ କି ଦୁଇଘଣ୍ଟା ସମୟ ଲାଗିବ। ଅଧିକ ସମୟ ମାଗିବା ପଛରେ ଏସ୍‌ବିଆଇର ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସମସ୍ତେ ବୁଝିପାରିଲେ। ବ୍ୟାଙ୍କର ନିବେଦନରେ ଜୁନ୍ ମାସ ପର୍ଯ୍ୟନ୍ତ ସମୟ ମାଗିବାର ଉଦ୍ଦେଶ୍ୟ ହେଉଛି ନିର୍ବାଚନ ଶେଷ ହୋଇଯାଇଥିବ।

ଯିଏ କଳାଧନ ବିଦେଶରୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ ସିଏ ଏବେ ତାଙ୍କ ଅଧୀନ ବ୍ୟାଙ୍କକୁ ତଥ୍ୟ ଦେବାରୁ ବିରତି ରହିବା ପାଇଁ ନିର୍ଦ୍ଦେଶ ଦେଇଥାଇ ପାରନ୍ତି ବୋଲି କେତେକ ମହଲରେ ଆଲୋଚନା ହେଉଛି। ଆଜିର ଶୁଣାଣି ପରେ ସୁପ୍ରିମ୍‌କୋର୍ଟ ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୧୨ ତାରିଖରେ ଷ୍ଟେଟ୍‌ବ୍ୟାଙ୍କକୁ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସମୟସୀମାରେ କାମ କରିବା ପାଇଁ ନିର୍ଦ୍ଦେଶ ସାଧାରଣରେ ଭାରତୀୟ ବ୍ୟବସ୍ଥାରେ କେହି କାହାକୁ ଦିଅନ୍ତି ନାହିଁ। ଏହି ଖବର ଗଣମାଧ୍ୟମରେ ସର୍ବୋଚ୍ଚକୁ ଚାଲିଆସିଲେ ରାଜନୈତିକ କ୍ଷତି ଘଟିପାରେ ବୋଲି ବୋଧହୁଏ ସରକାର ଚିନ୍ତା କଲେ। ସେଥିପାଇଁ ବିନା ପ୍ରସ୍ତୁତିରେ ସିଏଏ (ନାଗରିକ ସଂଶୋଧନ ଆଇନ) କାର୍ଯ୍ୟକାରୀ କରାଯିବ ବୋଲି ଆଜି କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | 1 | |
| 2 | | | 9 | 4 | 1 | | 3 | |
| | | | 5 | 3 | | | | |
| 7 | | | | | | | 8 | |
| 1 | | | 4 | | | | | |
| 4 | | | | 1 | 3 | 6 | | |
| 8 | | 6 | | | | | | |
| | | 2 | | | 5 | 3 | | |
| 3 | | | | 2 | 6 | 8 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 7 | 4 | 2 | 1 | 5 | 9 | 6 |
| 2 | 4 | 6 | 9 | 5 | 8 | 7 | 3 | 1 |
| 5 | 1 | 9 | 6 | 3 | 7 | 8 | 4 | 2 |
| 6 | 9 | 3 | 1 | 8 | 4 | 2 | 7 | 5 |
| 4 | 5 | 1 | 2 | 7 | 9 | 3 | 6 | 8 |
| 8 | 7 | 2 | 5 | 6 | 3 | 9 | 1 | 4 |
| 1 | 2 | 8 | 7 | 9 | 6 | 4 | 5 | 3 |
| 7 | 3 | 4 | 8 | 1 | 5 | 6 | 2 | 9 |
| 9 | 6 | 5 | 3 | 4 | 2 | 1 | 8 | 7 |

ଗତକାଲିର ଉତ୍ତର



# 'ସାଇନିଂ ଇଣ୍ଡିଆ' ବନାମ 'ମୋଦି କୀ ଗ୍ୟାରେଣ୍ଟି'

ସୌଭାଗ୍ୟ ସୁନ୍ଦରରାୟ

ପୁନର୍ବାର କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ୨୦୦୪ ମସିହାରେ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନୀ ବିଜ୍ଞାପନର ସ୍ଲୋଗାନ ଥିଲା 'ସାଇନିଂ ଇଣ୍ଡିଆ' ବା ଚମକୁଥିବା ଭାରତ। ତେବେ ଏହି ନିର୍ବାଚନରେ ଦଳ ୧୪୪ ଆସନରେ ବିଜୟୀ ହେଲା। କଂଗ୍ରେସ ପାଇଥିଲା ୧୫୯ ଆସନ। ଫଳରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡିଏ ପୁନର୍ବାର କ୍ଷମତାକୁ ଫେରିପାରି ନଥିଲା। ୨୦୨୪ ନିର୍ବାଚନ ପାଇଁ ଦଳର ବିଜ୍ଞାପନ ସ୍ଲୋଗାନ ରହିଛି 'ମୋଦି କୀ ଗ୍ୟାରେଣ୍ଟି' ବା ମୋଦିଙ୍କ ପ୍ରତିଶ୍ରୁତି। ଏହି ପ୍ରତିଶ୍ରୁତି ହେଉଛି ଦେଶର ଗରିବ ଜନସାଧାରଣଙ୍କୁ ୫ ବର୍ଷ ପାଇଁ ମାଗଣା ଚାଉଳ ଯୋଗାଣ ଓ ବିକଶିତ ଭାରତର ସ୍ୱପ୍ନ। ୨୦୦୪ ମସିହା ସାଇନିଂ ଇଣ୍ଡିଆ ସ୍ଲୋଗାନରେ ମଧ୍ୟ ଏକ ବିକାଶଶୀଳ ଭାରତବର୍ଷର ପ୍ରତିଛବି ନିହିତ ରହିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ସ୍ୱର୍ଣ୍ଣ ଚତୁର୍ଭୁଜ, ସର୍ବନିମ୍ନ ଗୃହରଣ, ନିୟନ୍ତ୍ରିତ ଦରଦାମ୍‌କୁ ନେଇ ଏହି ସ୍ଲୋଗାନର ପରିକଳ୍ପନା କରାଯାଇଥିଲା।

୨୦୧୪ ମସିହାରୁ ଦୁଇ ଥର କ୍ଷମତାକୁ ଆସିସାରିବା ପରେ ୨୦୨୪ ମସିହାରେ ତୃତୀୟ ପାଳି କ୍ଷମତାକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ଅତ୍ୟନ୍ତ ଆତ୍ମବିଶ୍ୱାସ ଏହି ବିଜ୍ଞାପନରେ ନିହିତ ରହିଥିବା ପରି ଜଣାପଡୁଛି। ତେବେ ଏଠାରେ ଭାରତୀୟ ଜନତା ପାର୍ଟିର ପ୍ରଥମ ଦୁଇ ପାଳି ସ୍ଲୋଗାନ ଆଲୋଚନାର ଆବଶ୍ୟକତା ରହିଛି। ପ୍ରଥମ ପାଳି କ୍ଷମତାକୁ ଆସିବା ସମୟରେ ସ୍ଲୋଗାନ ଥିଲା 'ଅଛେ ଦିନ୍ ଆୟେଗା'। ବିଦେଶରେ ରହିଥିବା ଦେଶର ବିପୁଳ କଳାଟଙ୍କା ଦେଶକୁ ଫେରିବ। ଏହା ଗରିବ ଜନସାଧାରଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ଏ ଗ୍ୟାରେଣ୍ଟି ଥିଲା ଭାଜପାର। ତେବେ ୧୦ ବର୍ଷ ପରେ ମଧ୍ୟ ଦେଶବାସୀ ଏହାର ଉତ୍ତର ପାଇପାରିଲେ ନାହିଁ। ଖାଉଟି ବଜାର ଅନିୟନ୍ତ୍ରିତ ଅବସ୍ଥାରେ ରହିଛି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ଦୁର୍ବିଷହ ଅବସ୍ଥାରେ ରହିଛନ୍ତି। ପ୍ରଥମ ପାଳିରେ ୨୦୧୬ ନଭେମ୍ବରରେ ଦେଶରେ ବିମୁଦ୍ରୀକରଣ କରାଯିବା ସମୟରେ କଳାଟଙ୍କା ହ୍ରାସ ପାଇ ଆତଙ୍କବାଦୀ କାର୍ଯ୍ୟକଳାପ ହ୍ରାସ ପାଇବ ବୋଲି କୁହାଗଲା। କିନ୍ତୁ ଦେଖାଗଲା କୌଣସିଟି ଠିକ୍ ହେଲା ନାହିଁ। ବରଂ ସରକାରଙ୍କ ସେହି ପାଳିରେ ୨୦୧୯ ଫେବୃଆରୀରେ ଭାରତୀୟ ସେନାଙ୍କୁ ନେଇ ଯାଉଥିବା ଜମ୍ମୁ-ଶ୍ରୀନଗର ରାଜପଥର ପୁଲୱାମା ନିକଟରେ ଆତଙ୍କବାଦୀ ବିସ୍ଫୋରଣରେ ୪୦ ଜଣ ସିଆର୍‌ପିଏଫ ଯବାନ ପ୍ରାଣ ହରାଇଥିଲେ। ୨୦୧୬ ସେପ୍ଟେମ୍ବର ୧୮ରେ ଉରି ସ୍ଥିତ ସେନା ବ୍ରିଗେଡ ମୁଖ୍ୟାଳୟରେ ଆତଙ୍କବାଦୀ ଆକ୍ରମଣରେ ୧୯ ଜଣ ଭାରତୀୟ ସେନା ନିହତ ହୋଇଥିଲେ। ସେହି ମାସରେ ଭାରତୀୟ ସେନା ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ



କରିଥିଲା। ଏହାର ପର ନିର୍ବାଚନ ୨୦୧୯ ମସିହା ବେଳକୁ ଭାରତୀୟ ଜନତା ପାର୍ଟିର ସ୍ଲୋଗାନ ହେଲା 'ଫିର୍ ଏକ ବାର୍ ମୋଦି ସରକାର'। ସଦ୍ୟ ପୁଲ୍‌ୱମା ଆକ୍ରମଣ ଓ ଉରି ଆକ୍ରମଣ ପରବର୍ତ୍ତୀ ସର୍ଜିକାଲ ଷ୍ଟ୍ରାଇକରୁ ଫାଇଦା ନେଇ ଭାଜପା ନିଜକୁ ରାଷ୍ଟ୍ରଭକ୍ତ ଦଳ ଭାବେ ଉପସ୍ଥାପିତ କରି ପୁଣି ଥରେ ମୋଦି ସରକାରଙ୍କୁ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲା ଏବଂ ଏଥିରେ ସଫଳ ହୋଇଥିଲା। ଏହି ସମୟ ବେଳକୁ ଦଳ ଅଛେ ଦିନ୍ ସ୍ଲୋଗାନ ଭୁଲି ଯାଇଥିଲା। ନିର୍ବାଚନ ପ୍ରଚାରରେ ମୁଖ୍ୟତଃ ଆତଙ୍କବାଦ ଓ ପାକିସ୍ତାନ ବିଷୟ ଉଠାଇ ରାଷ୍ଟ୍ରବାଦର ପରିବେଶ ସୃଷ୍ଟି କରିପାରିଥିଲା।

ଦିଲ୍ଲୀରେ ରହିଛି ଏକ ନିର୍ବାଚିତ ସରକାର। ଏହି ସରକାରକୁ କେନ୍ଦ୍ର ଏକ ପ୍ରକାର ଅଚଳ କରି ରଖିଛି। ଦିଲ୍ଲୀ ଅମଲାତନ୍ତ୍ର ନିୟନ୍ତ୍ରଣ ନିର୍ବାଚିତ ସରକାରଙ୍କ ଉପରେ ନ୍ୟସ୍ତ ନିମନ୍ତେ ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚ ରାୟ ଦେଇଥିଲେ। କିନ୍ତୁ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ବଳରେ ଏହି ରାୟକୁ ଅକାମୀ କରିଥିଲେ। ଏହି ଆଚରଣ ନିର୍ବାଚିତ ସରକାର ବା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବେଖାତିର ମନୋଭାବ ସଦୃଶ ହୋଇଛି। ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନରେ ରିଟର୍ନିଂ ଅଫିସର ଦାୟିତ୍ୱ ତୁଲାଇଥିବା ଭାଜପା କର୍ପୋରେଟର ୮ଟି ଭୋଟ ବିକୃତ କରିଥିଲେ। ପରେ ଏହାକୁ ରଦ୍ଦ କରି ଭାଜପା ସପକ୍ଷରେ ମେୟର ପଦବୀ ନେଇଥିଲେ। ମାମଲା ସୁପ୍ରିମକୋର୍ଟ ଆସିଲା। ଅଦାଲତ ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ଦର୍ଶାଇ ମେୟର ପଦବୀରେ ଆମ୍ ଆଦମୀ ପାର୍ଟି କର୍ପୋରେଟରଙ୍କୁ ବସାଇଥିଲେ। ୧୦୧୭ ମସିହାରେ ପ୍ରଥମ ପାଳିରେ ସରକାର ଅର୍ଥ ବିଲ୍‌ରେ ନିର୍ବାଚନୀ ବଣ୍ଡ ପ୍ରଚଳନ କଲେ। ଏହା ଏପରି ଏକ ବଣ୍ଡ, ଯେଉଁଥିରେ ରାଜନୈତିକ ଦଳକୁ ଦାନ ଦେଉଥିବା ଦାତାଙ୍କ ନାମ ଗୋପନ ରଖାଯିବାର ବ୍ୟବସ୍ଥା ରହିଥିଲା। ଏପରି ଏକ ବ୍ୟବସ୍ଥାକୁ ଅସାମ୍ବିଧାନିକ ଦର୍ଶାଇ ସମସ୍ତ ତଥ୍ୟ ଦେବାକୁ ସୁପ୍ରିମକୋର୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବଣ୍ଡ୍ ପ୍ରଚଳନ ସମୟରେ ଭାରତୀୟ ନିର୍ବାଚନ କମିଶନ ମଧ୍ୟ ଏଥିସହ ଏକମତ ନଥିଲେ।

ଚଳିତ ନିର୍ବାଚନ ପାଇଁ ଯେଉଁ ଗ୍ୟାରେଣ୍ଟି ବିଷୟ ଉଠୁଛି ସେଥିରେ 'ଇସ୍ ବାର୍ ୪୦୦ ପାର୍' ମଧ୍ୟ ସଂଯୋଜିତ ହୋଇ ରହିଛି। ତେବେ ଏହି ଚାରସୋ ପାର୍ ନେଇ ଖୋଦ୍ ଦଳ ଆଶଙ୍କାରେ ରହିଥିବା ମନେହୁଏ। ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଦଳ 'ଇସ୍ ବାର୍ ୨୦୦ ପାର୍' ସ୍ଲୋଗାନ ଦେଇଥିଲା। କିନ୍ତୁ ବିଜୟୀ ହେଲା ୭୭ଟି ଆସନରେ। ଏହି ୭୭ ଆସନ ମଧ୍ୟ ଦଳ ପାଇଁ ବେଶ୍ ସଫଳତା ଥିଲା। କାରଣ ପୂର୍ବ ନିର୍ବାଚନରେ ଦଳ ମାତ୍ର ୩ଟି ଆସନ ପାଇଥିଲା। ତେବେ ଏତେ ଅଧିକ କରି ସ୍ଲୋଗାନ କ'ଣ ପାଇଁ ? ଏହା ସାଧାରଣ ଜନତାଙ୍କୁ ଭ୍ରମିତ କରିବା ପାଇଁ। ସାଧାରଣ ଜନତାଙ୍କ ମନରେ ଦଳ ସପକ୍ଷରେ ହାୱା ବହୁଥିବା ଧାରଣା ସୃଷ୍ଟି କରିବା ଏପ୍ରକାର ନାରାର ଉଦ୍ଦେଶ୍ୟ। ଚଳିତ ନିର୍ବାଚନ ପାଇଁ ଦଳ ମନରେ ଯେଉଁ ଆଶଙ୍କା ରହିଛି ତାହା ହେଲା ମହାରାଷ୍ଟ୍ରରେ ଗତ ନିର୍ବାଚନରେ ଶିବସେନା ସହ ଦଳ ମେଣ୍ଟ କରି ମୋଟ ୪୮ଟି ଆସନ ଲାଭ କରିଥିଲା। ସେଥିମଧ୍ୟରୁ ଶିବସେନା ୧୮ଟି ଲୋକ ସଭା ଆସନରେ ବିଜୟୀ ହୋଇଥିବାବେଳେ ଭାଜପା ୨୩ଟି ଆସନରେ ବିଜୟୀ ହୋଇଥିଲା। କିନ୍ତୁ ଚଳିତ ଥର ଶିବସେନା ବିଭାଜିତ ହୋଇଛି। ତେଣେ ଏନ୍‌ସିପି ମଧ୍ୟ ବିଭାଜିତ ହୋଇଛି। ଏଣୁ ରାଜ୍ୟରେ ବ୍ୟାପକ ଭାବେ ଭୋଟ ବିଭାଜନ ହେବା ଆଶଙ୍କା ରହିଛି। ଗତ ନିର୍ବାଚନରେ ଉତ୍ତରପ୍ରଦେଶର ୮୦ଟି ଆସନ ମଧ୍ୟରୁ ଭାଜପା ୫୨ ଆସନରେ ବିଜୟ ଲାଭ କରିଥିଲା। ପରବର୍ତ୍ତୀ ସମୟରେ ଉତ୍ତରପ୍ରଦେଶରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସମାଜବାଦୀ ପାର୍ଟି ବେଶ୍ ସଫଳତା ହାସଲ କରିଛି। ଭାଜପା ପୂର୍ବ ବିଧାନସଭା ନିର୍ବାଚନରେ ୩୨୫ ଆସନ ପାଇଥିବାବେଳେ ୨୦୨୨ ନିର୍ବାଚନରେ ଆସନ ସଂଖ୍ୟା ୨୫୫କୁ ହ୍ରାସ ପାଇଥିଲା। ଦିଲ୍ଲୀର ସମସ୍ତ ୭ଟି ଯାକ ଲୋକ ସଭା ଆସନ ଗତ ଥର ଭାଜପା ସପକ୍ଷରେ ଯାଇଥିବାବେଳେ ଚଳିତ ଥର ଦିଲ୍ଲୀରେ କଂଗ୍ରେସ-ଆପ୍ ମେଣ୍ଟ ଭାଜପା ପାଇଁ ଅଡୁଆ ସୃଷ୍ଟି କରିପାରେ। ବିହାରରେ ଗତ ଲୋକ ସଭା ନିର୍ବାଚନରେ ମୋଟ ୪୦ ଆସନ ମଧ୍ୟରୁ ଭାଜପା ୧୭ଟି ଓ ଜନତା ଦଳ (ୟୁ) ୧୬ଟି ଆସନରେ ବିଜୟୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଜେଡି(ୟୁ) ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ରାଜ୍ୟରେ ଜନତା ଦଳ (ୟୁ) ପାଇଁ ଦ୍ୱାର ବନ୍ଦ ବୋଲି ଏକଦା କହିଥିବା ଭାଜପା ଲୋକ ସଭା ଆସନ ସ୍ଥିତି ନେଇ କିଛି ଆଶଙ୍କା କରି ପୁଣି ଜେଡି (ୟୁ) ସହ ମେଣ୍ଟ କରିବାକୁ ରାଜି ହୋଇଛି। ହିମାଚଳରେ ମୋଟ ୪ଟି ଯାକ ଲୋକ ସଭା ଆସନ ଭାଜପାକୁ ଯାଇଥିବାବେଳେ ଚଳିତ ଥର ହିମାଚଳପ୍ରଦେଶ ବିଧାନସଭାରେ କଂଗ୍ରେସ ସରକାର ଗଠନ କରିଛି। ପଞ୍ଜାବରେ ଆପ୍ ସରକାର ରହିଛି। ତେଲଙ୍ଗାନାରେ କଂଗ୍ରେସ ସରକାର ରହିଛି। ଗୁଜରାଟରେ ଆପ୍‌ର ଅନୁପ୍ରବେଶ ଘଟିଛି। କର୍ଣ୍ଣାଟକରେ ଏବେ କଂଗ୍ରେସ ସରକାର ଗଠନ ହୋଇଛି। ଓଡ଼ିଶାରେ ଶାସକ ଦଳ ସହ ମେଣ୍ଟ ପାଇଁ ଭାଜପା ଇଚ୍ଛୁକ। ମୁହଁରେ କହୁଥିଲେ ମଧ୍ୟ ଭାଜପା ମନରେ ଆସନ ନେଇ ଶଙ୍କା ରହିଛି। ଏହି କାରଣରୁ ଏକଦା ଏନ୍‌ଡିଏ ହାତ ଛାଡ଼ିଥିବା ଦଳଗୁଡ଼ିକ ସହ ପୁନର୍ବାର ମେଣ୍ଟ ପାଇଁ ଭାଜପା ପ୍ରସ୍ତୁତ ଥିବା ଜଣାଯାଉଛି।

ମୋ-୯୪୩୭୨୨୯୨୩୩



# ମା' ଗୁଣେ ଝିଅ

ଡା. ଶୁଭଶ୍ରୀ ମିଶ୍ର

କୁହାଯାଏ- ଝିଅମାନେ ବାପାଙ୍କର ବେଶି ପ୍ରିୟ, ଆଉ ପୁଅମାନେ ମା'ଙ୍କର ବେଶି ପ୍ରିୟ। ଏହା ତ ନିଶ୍ଚିତ ଭାବରେ ଠିକ୍ କଥା। କିନ୍ତୁ ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖିବା ଉଚିତ, ଝିଅମାନେ ମା'ଙ୍କଠାରୁ ଅନେକ କଥା ଶିକ୍ଷା କରିଥାନ୍ତି। ଏହା ସେମାନଙ୍କର ଜନ୍ମଗତ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଶିଖାଇବା ପୂର୍ବରୁ ଝିଅମାନେ ମା'ମାନଙ୍କର ଅନେକ କଥାକୁ ନିଜ ଭିତରେ ଗ୍ରହଣ କରିନେଇଥାନ୍ତି। ବିଶେଷକରି, ନାରୀସୁଲଭ ଗୁଣଗୁଡ଼ିକୁ ସେମାନେ ସମସ୍ତଙ୍କ ଅଜାଣତରେ ତଥା ବିନା ଶିକ୍ଷାରେ ଗ୍ରହଣ କରିନେଇଥାନ୍ତି। ସେହିଭଳି ସନ୍ତାନର ଲାଳନପାଳନ ଗୁଣଟିକୁ ସେମାନେ କେବେ ବି ମା'ଙ୍କ ପାଖରେ ସୀମିତ ହୋଇ ରହିବାକୁ ଦିଅନ୍ତି ନାହିଁ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଝିଅଟିଏ ଯେତେବେଳେ ବୟସ ପ୍ରାପ୍ତ ହୋଇଯାଏ ସେତେବେଳେ ସେ ତା ମନକୁ ମନ ମା'ଙ୍କ ଠାରୁ ସବୁକଥା ଶିଖିବାକୁ ଆରମ୍ଭକରେ। ସେହିଭଳି ଅନେକ କିଛି ଗୁଣ ତା' ନିଜ ଭିତରେ ଥାଏ, ଯାହା ବୟସର କ୍ରମାନ୍ୱୟରେ ସେସବୁ ତା' ନିକଟରେ ଆତ୍ମପ୍ରକାଶ କରେ। ଏହି କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ଏହା ହେଉଛି ମାନବୀୟ ବ୍ୟବହାର (ବିଶେଷକରି ନାରୀଙ୍କ କ୍ଷେତ୍ରରେ)ର ଏକ ସିକ୍ରେଟ୍।

ନାରୀମାନଙ୍କୁ ସାଧାରଣତଃ ରହସ୍ୟମୟୀ ବୋଲି କୁହାଯାଇଥାଏ। କିନ୍ତୁ ବାସ୍ତବରେ ଠିକ୍ କି ଭୁଲ୍ ତାହା ଗବେଷଣାସାପେକ୍ଷ। ତେବେ ସେମାନଙ୍କ ଗୁଣାବଳୀରେ ଅନେକ ରହସ୍ୟ ଖୁନ୍ଦିରୁନ୍ଧି ହୋଇ ରହିଛି ବୋଲି ବହୁ ପ୍ରମାଣିତ। ଏହି ତଥ୍ୟକୁ ଆଧାର କରି ଆମେରିକାର ଓହାୟୋ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ ଏକ ଅଧ୍ୟୟନ କରାଯାଇଥିଲା। ଷ୍ଟେଟ୍ ୟୁନିଭର୍ସିଟିର ଏକ୍ସପର୍ଟମାନେ ଏହି ଗବେଷଣାକୁ ଫଳପ୍ରଦ କରିବା ପାଇଁ ଦୁଇ ଜେନେରେଶନର ମହିଳାଙ୍କୁ ସାମିଲ କରିଥିଲେ। ଏହାବ୍ୟତୀତ ସେହି ମହିଳାମାନଙ୍କର ବିଭିନ୍ନ ବୟସର ପିଲା, ବିଶେଷକରି ଝିଅମାନଙ୍କୁ ସାମିଲ କରିଥିଲେ। ଏକାଧିକ ବର୍ଷଧରି ଗବେଷଣା କରାଯାଇଥିଲା। ଦେଖାଯାଇଥିଲା ଯେ, ଝିଅମାନେ ସିଧାସଳଖ ମା'ଙ୍କର ଗୁଣାବଳୀକୁ ଗ୍ରହଣ କରି ନେଉଛନ୍ତି, ଯାହା ପୁଅମାନଙ୍କ କ୍ଷେତ୍ରରେ ହେଉନାହିଁ। ସେହିଭଳି ଗବେଷକମାନେ ମା'ମାନଙ୍କୁ ଅନେକ କାମ କରାଇଥିଲେ ଆଉ ଝିଅମାନଙ୍କ କ୍ଷେତ୍ରରେ ତାହାର କିଭଳି ପ୍ରଭାବ ପଡୁଛି, ସେକଥା ଦେଖିବାର ପ୍ରୟାସ କରିଥିଲେ। ଶେଷରେ ସେମାନଙ୍କର



ଧାରଣା ସତ୍ୟ ପ୍ରତିପାଦିତ ହୋଇଥିଲା।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏଥିପାଇଁ ଜିନ୍‌କୁ ହିଁ ଦାୟୀ କରାଯାଇପାରିବ। କାରଣ ଜିନ୍‌ର ପ୍ରଭାବ ସମଲିଙ୍ଗୀଙ୍କ ଉପରେ ସର୍ବାଧିକ ପଡ଼ିଥାଏ। ବାୟୋଲୋଜିକାଲ ବିଶ୍ଳେଷଣରୁ ଜଣାପଡ଼େ ଯେ, ମହିଳାଙ୍କ ନିକଟରେ ସମଗୁଣର ଦୁଇଟି ଜିନ୍ ଥାଏ, ଯାହାକୁ ପ୍ରାଣୀବିଜ୍ଞାନୀମାନେ ଇଂଲିଶ୍‌ର 'ଏକ୍ସ' ଅକ୍ଷର ବୋଲି ନାମିତ କରିଥାନ୍ତି। ଅର୍ଥାତ୍ ଏକ୍ସ ଏକ୍ସ। ସେହି ଅନୁଯାୟୀ ଦୁଇ ମହିଳାଙ୍କ ମଧ୍ୟରେ ଅନେକ ମାନସିକ ସାମଞ୍ଜସ୍ୟ ମିଳିପାରିଥାଏ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମା'ଠାରୁ ଜିନ୍ ବାଟଦେଇ ଝିଅ ନିକଟକୁ ଅନେକ ଗୁଣ ଆସିବା ସ୍ୱାଭାବିକ। ଏହାକୁ ଆମେ ସାଧାରଣତଃ 'ସହଜାତ ଗୁଣ' ବୋଲି କହିଥାଉ। ଏହି ସହଜାତ ଗୁଣଗୁଡ଼ିକ ବୟସର କ୍ରମାନୁସାରେ ଆପଣାଛାଏଁ ଜଣକ ନିକଟରେ ଆତ୍ମ ପ୍ରକାଶ ହୋଇଥାଏ। ସେଥିପାଇଁ ଗ୍ରାମାଞ୍ଚଳରେ ବେଳେବେଳେ କୁହାଯାଏ - ମା' ଗୁଣେ ଝିଅ, ବାପ ଗୁଣେ ପୁଅ। ଅବଶ୍ୟ ଅନେକ କ୍ଷେତ୍ରରେ ଏହାର ବିରୋଧାଭାସ ଦେଖାଯାଏ। ଅର୍ଥାତ୍ ଝିଅଟିଏ ନିକଟରେ ମା'ର ସବୁ ଗୁଣ ପ୍ରକଟିତ ହୋଇ ନ ପାରେ। କିନ୍ତୁ ଭଲ ଭାବରେ ଧ୍ୟାନଦେଲେ ଅନେକ କ୍ଷେତ୍ରରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ। ମା'ଙ୍କଠୁ ଝିଅ ଶିଖିବାର ଗୁଣଟି ପିଢ଼ି କ୍ରମରେ ପୁନରାବୃତ୍ତି ହୋଇଥାଏ। ଏହା ପୁନରାବୃତ୍ତି ହୋଇଥାଏ - ଅର୍ଥାତ୍ ମା'ଠୁ ଝିଅ ପାଖକୁ ଯେଉଁଗୁଣ ଆସିଥାଏ ସେହି ଗୁଣଟିକୁ ମା' ତାଙ୍କର ମା'ଠାରୁ ହିଁ ଶିଖିଥାନ୍ତି। ଠିକ୍ ସେହିଭଳି ଝିଅଟିଏ ତା' ମା'ଠାରୁ ଯେଉଁଗୁଣ ଶିଖିଥାଏ ବା ହାସଲ କରିଥାଏ ସେହିଗୁଣକୁ ତା'ର ଝିଅ ତା'ଠାରୁ ଗ୍ରହଣ କରିନେଇଥାଏ। ଏହା ଏକ ଜୈବିକ ବାଧାପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ। ଜିନ୍‌ର ଏହି ପ୍ରକ୍ରିୟା କେବେ ବି ବାଧାପ୍ରାପ୍ତ ହୋଇ ନ ଥାଏ। ଏକାଧିକ ଝିଅ ଥିଲେ ହୁଏତ ସମସ୍ତଙ୍କ ନିକଟକୁ ମା'ର ଗୁଣଟି ସଞ୍ଚରିତ ହୋଇଯାଏ। ମା' ଏବଂ ଝିଅଙ୍କ ମଧ୍ୟରେ ଏଭଳି ଜିନ୍‌ଗତ ବୁଝାମଣା ରହିଥିବା ବେଳେ ବାପ ଏବଂ ପୁଅଙ୍କ ମଧ୍ୟରେ ବି କିଛି ପରିମାଣରେ ଜିନ୍‌ଗତ ବୁଝାମଣା ରହିଥିବା ଅନୁମାନ କରାଯାଏ। ତେବେ ଏହାକୁ ନେଇ ଅଧ୍ୟୟନ କିମ୍ବା ଗବେଷଣା ହୋଇନାହିଁ। କିନ୍ତୁ ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ, ବାପାର ଅନେକ ଗୁଣ ପୁଅ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ। ତେବେ ପୁଅଟିଏ ପ୍ରାପ୍ତବୟସ୍କ ହେବା ପରେ ହିଁ ତା' ନିକଟରେ ବାପାଙ୍କର କିଛି ଗୁଣ ଠାବ କରାଯାଇପାରେ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ
ମୋ: ୯୮୬୧୪୬୩୪୦୬

## ଏଇ ଭାରତରେ

ସ୍ୱଚ୍ଛତା ପାଇଁ ବ୍ୟକ୍ତିଗତ ସ୍ତରରେ ଅନେକେ ଚେଷ୍ଟା କରୁଛନ୍ତି। କିନ୍ତୁ ରାଜସ୍ଥାନର ବିଷ୍ଣୁ ଭାରତେଶ୍‌ଙ୍କର ଏ ଦିଗରେ ଏକ ଭିନ୍ନ ପ୍ରୟାସ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ସେ ବାଇକ୍‌ରେ ଗାଁ ଗାଁ ବୁଲି ସର୍ବସାଧାରଣ ସ୍ଥାନରୁ ବର୍ଜ୍ୟ ସଫା କରୁଛନ୍ତି। ସଫେଇ କାର୍ଯ୍ୟ ଆରମ୍ଭବେଳେ ଲୋକେ ଯାହାଙ୍କୁ ପାଗଳ କହୁଥିଲେ ସେ ଏବେ ଜଣେ ସ୍ୱଚ୍ଛତା ହିରୋ ପାଲଟି ଯାଇଛନ୍ତି। ଭରତେଶ୍ ସାଉଦି ଆରବରେ କିଛିଦିନ ରହି କାମ କରୁଥିଲେ। ସେଠାକାର ସ୍ୱଚ୍ଛ ପରିବେଶ ତାଙ୍କୁ ପ୍ରଭାବିତ କରିଥିଲା। ପରେ ସେ ଭାରତ ଫେରି ସଫେଇ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଷ୍ଣୁ ପେସାରେ ଜଣେ ଦରଜି। ଭାରତକୁ ଆସିବା ପରେ ସେ ଦରଜି ଭାବେ କାମ କରିବା ସହ ସେଥିରୁ ସମୟ ବାହାରକରି ନିଜ ବାଇକ୍‌ରେ ବୁଲି ସଫେଇ କାର୍ଯ୍ୟ କରୁଛନ୍ତି। ସେ ଏହି ଅଭିଯାନର ନାମ ରଖିଛନ୍ତି 'ସ୍ୱଚ୍ଛ ଭାରତ କ୍ରାନ୍ତି'। ସଫା କରିବାକୁ ଗଲା ସମୟରେ ଏକ ଡଷ୍ଟବିନ ଓ ସଫା ପାଇଁ ଆବଶ୍ୟକ ଉପକରଣ ନେଉଛନ୍ତି। ଭରତେଶ୍ ଗତ ୯ ବର୍ଷ ହେଲା ଏହି କାର୍ଯ୍ୟ କରିଆସୁଛନ୍ତି। ଏବେ ତାଙ୍କୁ 'ସ୍ୱଚ୍ଛତା ଭାଇ' ବୋଲି ଲୋକେ ସମ୍ବୋଧନ କରୁଛନ୍ତି। ଭରତେଶ୍ ଯେଉଁସବୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି ତାହାକୁ ଏବେ ରିସାଇକେଲିଂ କେନ୍ଦ୍ରକୁ ପଠାଇବା ଲାଗି ଯୋଜନା କରିଛନ୍ତି।

## ଚିରନ୍ତନୀ

ମହାନଦୀପରେ ଅଶିଣଗୋଧୂଳି ଯାଇଛି ବିତି
ଆର ପାରେ ଉଡିଯାଏ ଅଗଣନ ବାଦୁଡ଼ିକୁଳ।
ନାଉରୀ କୁହାଟେ ଚେତନା ଜାଗିଲା ଚକିତ କବି
ପଠା-କାଶବନେ ନିରେଖି ରଚିଲା ତରୁଣ ଗୀତି।
-(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଧିକାଂଶ ପଞ୍ଚାୟତରେ କମ୍ପ୍ୟୁଟର ଅଚଳ

ମହାଶୟ,

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ କମ୍ପ୍ୟୁଟରୀକରଣ କରାଯାଇଛି। ଜନସାଧାରଣଙ୍କୁ ସହଜରେ ବିଭିନ୍ନ ସେବା ଯୋଗାଇ ଦେବା ନେଇ ଏହି ଯୋଜନା ହାତକୁ ନିଆଯାଇଥିଲା। ୨୦୧୨ ମସିହାଠାରୁ ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ ଅଧୀନ ୨୪ ପଞ୍ଚାୟତକୁ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ସଂଯୋଗ ଦିଆଯାଇଥିଲା। ମାତ୍ର ଏହା ଲୋକଙ୍କ ସେବାରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଅଧିକାଂଶ ପଞ୍ଚାୟତ କମ୍ପ୍ୟୁଟର ଘରେ ତାଲା ଝୁଲୁଥିବାରୁ ଲୋକେ ବାଧ୍ୟ ହୋଇ ସାଇବର କେଫ୍‌ର ସାହାରା ନେଉଛନ୍ତି। ଅନ୍ୟପକ୍ଷରେ କମ୍ପ୍ୟୁଟର ରକ୍ଷଣାବେକ୍ଷଣ ଓ ମରାମତି ଲାଗି ବାର୍ଷିକ ପଞ୍ଚାୟତ ପାଣ୍ଠିରୁ ୬ରୁ ୨୫ ହଜାର ଟଙ୍କା ଖର୍ଚ୍ଚ କରାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କମ୍ପ୍ୟୁଟର ରକ୍ଷଣାବେକ୍ଷଣ ଲାଗି କୌଣସି ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଅଧିକାଂଶ ସମୟରେ କମ୍ପ୍ୟୁଟର ଅଚଳ ହୋଇପଡୁଛି। ଅନେକ କ୍ଷେତ୍ରରେ ବହୁ ଗ୍ରାମପଞ୍ଚାୟତର ଗ୍ରାମ ରୋଜଗାର ସେବକ ନିଜ ଘରକୁ ଏହି ସରକାରୀ କମ୍ପ୍ୟୁଟର ନେଇ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏନ୍‌ଆରଇଜିଏସ୍ ସମେତ ଅନ୍ୟ କେତେକ କାଗଜପତ୍ରକୁ ସୁରକ୍ଷିତ ରଖିବା ଲାଗି ଡିଜିଟାଲକରଣ ପାଇଁ ଏହି କମ୍ପ୍ୟୁଟର ବ୍ୟବସ୍ଥା ହୋଇଥିଲା। ତାହା ହିତାଧିକାରୀଙ୍କ କୌଣସି କାର୍ଯ୍ୟରେ ଲାଗୁ ନାହିଁ। ଏହା ଉପରେ ବିଭାଗୀୟ ମନ୍ତ୍ରୀ ଓ ପୁରୀ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

– ଦେବଦିତ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଅଧ୍ୟାପକ ପଦ ପୂରଣ ହେଉ

ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଅଧ୍ୟାପକ, ଅଧ୍ୟାପିକାଙ୍କୁ ନିଯୁକ୍ତି ମିଳିପାରିନାହିଁ। ଏଥିପ୍ରତି ସରକାର ଦୃଷ୍ଟିଦେବା ଉଚିତ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦିଆଯାଉ। ସତ୍ୟବାଦୀ ତଥା ଅନ୍ୟ କେତେକ ବିଶ୍ୱବିଦ୍ୟାଳୟରେ ଆଦୌ ନିଯୁକ୍ତି କରାଯାଉନାହିଁ। ସରକାରୀସ୍ତରରେ ଏହାର ସମାଧାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଉ ଯାହାଦ୍ୱାରା ଅନ୍ତରାୟ ଶିକ୍ଷାଦାନରେ ବାଧକ ସାଜିବ ନାହିଁ।

–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


छत्तीसगढ़ शासन
मोदी की
एक और गारंटी
होने जा रही पूरी
श्री नरेन्द्र मोदी
माननीय प्रधानमंत्री
श्री विष्णु देव साय
माननीय मुख्यमंत्री, छत्तीसगढ़
कृषक उन्नति योजना
दिनांक 12 मार्च 2024
प्रदेश के 24.72 लाख से अधिक
किसानों के खाते में आएंगे
₹13,320 करोड़
खुशहाल किसान ■ समृद्ध छत्तीसगढ़ ■ विकसित भारत
एमएसपी के बाद अब अंतर की राशि का भुगतान करने जा रही सरकार
किसानों को प्रति एकड़ 19,257 रुपए के मान से आदान सहायता
39986/59
मोदी की गारंटी - विष्णु का सुशासन
सबका साथ, सबका विकास, सबका विश्वास और सबका प्रयास
Visit us : ChhattisgarhCMO ChhattisgarhCMO ChhattisgarhCMO ChhattisgarhCMO DPRChhattisgarh DPRChhattisgarh www.dprcg.gov.in
छत्तीसगढ़ जनसंपर्क

**୫୭ ଲିଟର ମଦ ଜବତ, ଜଣେ ଗିରଫ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ଗଣ୍ଡରପୁର ଗ୍ରାମରେ ନନ୍ଦନକାନନ ଥାନା ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଣେଶ ରାଉତ। ପୋଲିସ ତାଙ୍କଠାରୁ ୧୨୪ ବୋତଲ ଅର୍ଥାତ୍ ୫୭ ଲିଟର ମଦ ଜବତ କରିଛି। ଏନେଇ ପୋଲିସ ୬୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ କିଛିଦିନ ହେବ ନନ୍ଦନକାନନ ଥାନା ପୋଲିସ ଦେଶୀ ମଦ ଚଢ଼ାଉ ଉପରେ ଗୁରୁତ୍ୱ ଦେବା ସହ ମଦ ବେପାରରେ ରୋକ ଲଗାଇବାକୁ ଆକ୍ସନ ମୁଡରେ ରହିଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### କୁକୁର ମୁହଁରୁ ଉଦ୍ଧାର ହେଲା ହରିଣ

ବାରଙ୍ଗ,୧୧।୩(ଲିଙ୍ଗରାଜ ରାଉତ)

ସୀତାରାମ ବଜାର ନିକଟ ଲେବର କଲୋନୀରୁ ସୋମବାର ସକାଳୁ ସ୍ଥାନୀୟ ଲୋକେ ଏକ ହରିଣକୁ ଉଦ୍ଧାର କରିଛନ୍ତି। ସକାଳ ପ୍ରାୟ ୬ଟା ସମୟରେ ଏକ ହରିଣ ଖାଦ୍ୟ ଅନ୍ୱେଷଣରେ ନନ୍ଦନକାନନ ଜଙ୍ଗଲ ପଟୁ ଜନବସତି ଅଭିମୁଖେ ଚାଲିଆସିଥିଲା। କିଛି ବୁଲା କୁକୁର ହରିଣକୁ ଆକ୍ରମଣ କରି ଲହୁ ଲୁହାଣ କରିଦେଇଥିଲେ। ହରିଣଟି ଗୁରୁତର ଅବସ୍ଥାରେ ଲେବର କଲୋନୀ ଭିତରକୁ ପଶିଆସିଥିଲା। ପରେ ସ୍ଥାନୀୟ ଲୋକେ ହରିଣକୁ ବୁଲା କୁକୁରଙ୍କଠାରୁ ଉଦ୍ଧାର କରି ଚନ୍ଦକା ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ଆସି ଗୁରୁତର ହରିଣକୁ ଚିକିତ୍ସା ପାଇଁ ନେଇଥିଲେ।

### ଆତ୍ମନିଯୁକ୍ତି ପାଇଁ ଶ୍ରବଣବାଧିତଙ୍କୁ ଦକ୍ଷତା ତାଲିମ

ଭୁବନେଶ୍ୱର, ୧୧।୩(ଅସମାପିକା ସାହୁ)

ତାଲିମ ଓ ଦକ୍ଷତା ବିକାଶ ମାଧ୍ୟମରେ ଶ୍ରବଣବାଧିତ ଯୁବପିଢ଼ିଙ୍କୁ ହୋଟେଲ ମ୍ୟାନେଜମେଣ୍ଟରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯିବ। ଏଥିପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରୟାସ କରିଛି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧୀନସ୍ଥ ସ୍ୱୟଂଶାସିତ ସଂସ୍ଥା ଇନ୍‌ଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ ନ୍ୟୁଟ୍ରିଶନ ଏହି ଦିଗରେ ସହାୟତା ଯୋଗାଇଦେବ। ଏହି କ୍ରମରେ ଇନଷ୍ଟିଚ୍ୟୁଟ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ରାଜିନାମା ଅନୁସାରେ ୧୫୦ ଜଣ ଶ୍ରବଣବାଧିତ ଯୁବପିଢ଼ିଙ୍କୁ ପାଞ୍ଚଟି ବ୍ୟାଚ୍‌ରେ ନିଯୁକ୍ତି ତଥା ଆତ୍ମନିଯୁକ୍ତି ନିମନ୍ତେ ପ୍ରଶିକ୍ଷଣ ଓ ଦକ୍ଷତାବିକାଶ ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ରହି ଭିନ୍ନକ୍ଷମଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ବଳରେ ଆତ୍ମନିଯୁକ୍ତି ସୁଯୋଗ ବୃଦ୍ଧି ପାଇପାରିବ ବୋଲି କହିଥିଲେ। ବୁଝାମଣାପତ୍ରରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ କୁମାର ରାୟ ଓ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷା ଶାରଦା ଘୋଷ ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପିସିଆର୍ କର୍ମଚାରୀଙ୍କୁ ଆକ୍ରମଣ, ଦୁଇ ଭାଇ ସମେତ ୩ ଗିରଫ

ଭୁବନେଶ୍ୱର,୧୧।୩ (ସୂର୍ଯ୍ୟକାନ୍ତ ବେହେରା)

ପିସିଆର୍ କର୍ମଚାରୀଙ୍କୁ ଆକ୍ରମଣ କରିବା ମାମଲାରେ ତମାଣ୍ଡୋ ଥାନା ପୋଲିସ ୨ ଭାଇଙ୍କ ସମେତ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁକାନ୍ତ ନାୟକ, ସୀତାକାନ୍ତ ନାୟକ ଏବଂ ତ୍ରିଲୋଚନ ବେହେରା। ଅପରାଧରେ ବ୍ୟବହୃତ ବିୟର ବୋତଲ, ଗୋଟିଏ ପଥର, ଗୋଟିଏ ଅଟୋରିକ୍ସା ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ରବିବାର ଅପରାହ୍ନରେ ଅଭିଯୁକ୍ତମାନେ କଳିଙ୍ଗ ବିହାର ଶିବ ମନ୍ଦିର ନିକଟରେ ଏକତ୍ରିତ ହୋଇ ହୋହଲ୍ଲା କରୁଥିଲେ। ଏନେଇ ପିସିଆର କଣ୍ଟ୍ରୋଲ ରୁମ୍‌ରୁ ଖବର ପାଇବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଭିଯୁକ୍ତମାନେ ପରସ୍ପର ମଧ୍ୟରେ ଝଗଡ଼ା ଲାଗୁଥିବା ଦେଖିବା ପରେ ସେମାନଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ହେଲେ ଅଭିଯୁକ୍ତମାନେ ଓଲଟା ପୋଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।

# ସଫେଇକର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**୨ଦଫା ଦାବି ପୂରଣ ଜିଦ୍‌ରେ ଅଟଳ**

- ଆଜି ବିଏମ୍‌ସି ଘେରାଉ କରିବେ
- ବିଭିନ୍ନ ସ୍ଥାନରେ ପଡ଼ିରହିଛି ଅଳିଆ

ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)




ଦାବି ଓ ଆଲୋଚନା ପରେ ଏବେ କାମ ବନ୍ଦ କରି ରାସ୍ତାକୁ ଓହ୍ଲାଇଛନ୍ତି ସଫେଇ କର୍ମଚାରୀ। ଓଦା, ଶୁଖିଲା ଆବର୍ଜନା ପୃଥକ୍ କରି ନ ଦେବା ଏବଂ ଦରମା ୯ ହଜାରରୁ ୧୫ହଜାରକୁ ବୃଦ୍ଧି କରିବା ଦାବିରେ ସେମାନେ ଅଟଳ ରହିଛନ୍ତି। ଏହି କ୍ରମରେ ସୋମବାର ସକାଳୁ ୫୦ରୁ ଊର୍ଦ୍ଧ୍ୱ ୱାର୍ଡର ସଫେଇ କର୍ମଚାରୀ ଏବଂ ସେମାନଙ୍କ ପ୍ରତିନିଧିମାନେ ଏକାଠି ହୋଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ପରେ ମେୟର ସୁଲୋଚନା ଦାସ ସମ୍ପୃକ୍ତ ପ୍ରତିନିଧିମାନଙ୍କୁ ଆଲୋଚନା ପାଇଁ ତାଙ୍କ ବାସଭବନକୁ ଡାକିଥିଲେ। ତେବେ ଆଲୋଚନାରୁ କୌଣସି ସୁଫଳ ମିଳି ନ ଥିଲା। ଆବର୍ଜନା ପୃଥକ ପାଇଁ ଅନ୍ୟ କର୍ମଚାରୀ ରଖିବାକୁ ବିଏମ୍‌ସି କର୍ତ୍ତୃପକ୍ଷ ଏଜେନ୍ସି ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦରମା ବୃଦ୍ଧି କରିବା ତାଙ୍କ ହାତରେ ନାହିଁ, ଏନେଇ ସରକାରଙ୍କୁ ଲିଖିତ ଭାବେ ଜଣାଇବୁ ବୋଲି ମେୟର କହିଥିଲେ। ବୈଠକରେ ବିଏମ୍‌ସିର ଅତିରିକ୍ତ କମିଶନର (ପରିମଳ) ଶୁଭେନ୍ଦୁ ସାହୁ ମଧ୍ୟ ଉପସ୍ଥିତ ଥିଲେ। ତେବେ ଦାବି ପୂରଣ ହେବା ନେଇ ଆଶଙ୍କା ଥିବାରୁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ବିଏମ୍‌ସି ସଫେଇ ମଜଦୁର ସଂଘ ସମ୍ପାଦକ ସହଦେବ ନାୟକ ସୂଚନା ଦେଇଛନ୍ତି। ଏଥିସହ ମଙ୍ଗଳବାର ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବା ସହ ଝାଡୁ, ଟ୍ରଲି ଧରି ସଫେଇ କର୍ମଚାରୀମାନେ ବିଏମ୍‌ସି ଘେରିବେ ବୋଲି ସୂଚନା ଦିଆଯାଇଛି। ଗତ କିଛିଦିନ ହେବ ସହରରେ ପରିମଳ ସ୍ଥିତି ବିଗିଡ଼ିବାରେ ଲାଗିଛି। ପୂର୍ବରୁ ଅଳିଆ ଉଠାଯାଇ ଗୋଟିଏ ଜାଗାରେ ଗଦା କରାଯାଉଥିଲା। ମାତ୍ର ସୋମବାର କାମ ବନ୍ଦ ରହିବାରୁ ବିଭିନ୍ନ ଅଞ୍ଚଳରେ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, ଗତ ୩ମାସ ହେବ ସହରର ବିଭିନ୍ନ ୱାର୍ଡର ସଫେଇ କର୍ମୀଙ୍କୁ ବସ୍ତା ଯୋଗେ ଓଦା, ଶୁଖିଲା ଅଳିଆ ପୃଥକ କରି ଦେବା ପାଇଁ ବିଏମ୍‌ସି ନିର୍ଦ୍ଦେଶ ଦେଇଛି, ଯାହାକୁ ସଫେଇକର୍ମୀ ମାନିବାକୁ ନାରାଜ। ସହର ସ୍ୱଚ୍ଛତାକୁ ନେଇ କୌଣସି ଅବହେଳା କରାଯିବ ନାହିଁ ବୋଲି ଅଧିକାରୀ କହୁଥିବାବେଳେ ସଫେଇକର୍ମୀଙ୍କ ଅସହଯୋଗ ଏବେ ଏଜେନ୍ସିକୁ ହରଡ଼ଘଣାରେ ପକାଇଛି। ସେହିପରି ଦରମା ନ ବଢ଼ିଲେ ଅତିରିକ୍ତ କାମ କରିବୁ ନାହିଁ ବୋଲି ସଫେଇକର୍ମୀମାନେ ରୋକଠୋକ ଭାବେ ଶୁଣାଇ ଦେଇଛନ୍ତି। ତେବେ ବିଏମ୍‌ସି ଅଧିକାରୀ, ଏଜେନ୍ସି ଏବଂ ସଫେଇ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବାରମ୍ବାର ଏଭଳି ସମସ୍ୟା ଦେଖା ଦେଉଥିବାବେଳେ ସହରର ପରିମଳ ବ୍ୟବସ୍ଥା ଦିଗହରା ହେବାରେ ଲାଗିଛି।

## ଖବରକାଗଜ ବିତରକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି

ଭୁବନେଶ୍ୱର, ୧୧।୩(ବନ୍ଦନା ସେଠୀ)

ସରକାର ତାଙ୍କର ବିଭିନ୍ନ ଯୋଜନା, ଉନ୍ନତିମୂଳକ କାର୍ଯ୍ୟ ତଥା ସମସ୍ତ ପ୍ରକାର ଖବରକୁ ଖବରକାଗଜ ବିତରକମାନଙ୍କ ଦ୍ୱାରା ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ମାତ୍ର ସେମାନେ ହିଁ ଅବହେଳିତ ହୋଇ ରହୁଛନ୍ତି। ଅଧିକାଂଶ ଖବରକାଗଜ ବିତରକଙ୍କ ପାଖରେ ରହିବା ପାଇଁ ଘର ନ ଥିବାବେଳେ ରାଶନ୍ କାର୍ଡ, ବିଜୁ ସ୍ୱାସ୍ଥ୍ୟ କାର୍ଡ ନାହିଁ। କାମ କରୁଥିବା ସମୟରେ ଦୁର୍ଘଟଣାଜନିତ ମୃତ୍ୟୁବରଣ କଲେ କିମ୍ବା ଅକର୍ମଣ୍ୟ ହୋଇଗଲେ ସେମାନଙ୍କ ପାଇଁ କୌଣସି ବୀମା ବ୍ୟବସ୍ଥା ନ ଥିବାରୁ ନାଲ୍‌କୋ ଛକ ନ୍ୟୁଜ୍‌ପେପର୍ସ ହକର୍ସ ୟୁନିୟନ୍ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଖବରକାଗଜ ବିତରକଙ୍କ ପାଇଁ ଦିଆଯାଇଥିବା ପରିଚୟପତ୍ର ନବୀକରଣ ନ ହୋଇ ଦୀର୍ଘଦିନ ଧରି ସୂଚନା ଓ ଲୋକସମ୍ପର୍କ ବିଭାଗରେ ପଡ଼ିରହିଛି। ନିର୍ବାଚନ ପାଖେଇ ଆସୁଥିବାବେଳେ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଯୋଜନା ତଥା ଅର୍ଥରାଶି ଅନୁଦାନ ଘୋଷଣା କରୁଛନ୍ତି। ମାତ୍ର ଖବରକାଗଜ ବିତରକଙ୍କ ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ନିର୍ବାଚନ ପୂର୍ବରୁ ସରକାର ଏଥିପ୍ରତି ଧ୍ୟାନ ଦେବାପାଇଁ ୟୁନିୟନ୍‌ର ସଭାପତି ନବକିଶୋର ପରିଡ଼ା ଏବଂ ସାଧାରଣ ସମ୍ପାଦକ ଅରୁଣ କୁମାର ଦେ ପ୍ରମୁଖ ଦାବି କରିଛନ୍ତି।



କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂ ବାଘେଲ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଫେରୁଛନ୍ତି।

## ଭରତପୁର ମଡେଲ ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭରତପୁର ମଡେଲ୍ ଥାନା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟମାନେ।

ଭୁବନେଶ୍ୱର,୧୧।୩(ସତ୍ୟଜିତ୍ ରାଉତ)

ଭରତପୁର ଥାନା ହେଲା ମଡେଲ୍ ଥାନା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭରତପୁର ଥାନାର ନୂତନ ଅତ୍ୟାଧୁନିକ କୋଠାକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ (ଓପିଏଚ୍‌ଡବ୍ଲୁସି) ବିଭାଗ ପକ୍ଷରୁ ୧୧ ହଜାର ୪ଶହ ବର୍ଗଫୁଟରେ ୪.୫ କୋଟି ଟଙ୍କା ବ୍ୟୟରେ ଏହି ୩ ମହଲା ଅତ୍ୟାଧୁନିକ କୋଠା ନିର୍ମାଣ କରାଯାଇଛି। ଥାନା କର୍ମଚାରୀ ଓ ଜନସାଧାରଣଙ୍କ ପାଇଁ ଏହି କୋଠାରେ ସମସ୍ତ ସୁବିଧା ରହିଛି। ଥାନା ପରିସରରେ ଏକ ଲନ୍, ସେଲ୍‌ଫି ପଏଣ୍ଟ ରହିଛି। ଥାନାକୁ ଯାଉଥିବା ଅଭିଯୋଗକାରୀଙ୍କ ପାଇଁ ପ୍ରତୀକ୍ଷା ଘର, ପାନୀୟଜଳ, ପୁରୁଷ ଓ ମହିଳାଙ୍କ ନିମନ୍ତେ ପୃଥକ ଶୌଚାଳୟ, ଦିବ୍ୟାଙ୍ଗଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ ରହିଛି। ଏଥିସହ ମହିଳା ଓ ଶିଶୁ ଡେସ୍କ ଲାଗି ଏକ ସ୍ୱତନ୍ତ୍ର କୋଠରି ଓ ପୀଡ଼ିତାଙ୍କ ସକାଶେ କାଉନସେଲିଂ କୋଠରି ଆଦି ରହିଛି। ଉପର ମହଲାରେ ଥିବା ବାରାକ୍‌ରେ ଦୁଇ କମ୍ପାନୀ ପୋଲିସ ଫୋର୍ସ ରହିବାର ବ୍ୟବସ୍ଥା ହୋଇଛି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ପୋଲିସ ଡିଜି ଅରୁଣ କୁମାର ଷଡଙ୍ଗୀ, ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଓପିଏଚ୍‌ଡବ୍ଲୁସି ସିଏମ୍‌ଡି ସନ୍ତୋଷ ବାଲା, ଅତିରିକ୍ତ ପୋଲିସ କମିଶନର ଅବିନାଶ କୁମାର, ଡିସିପି ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ଭରତପୁର ଫାଣ୍ଡିକୁ ନୂତନ ଥାନା କରାଯିବା ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଥିଲା। ୨୦୨୦ରେ ଏହି ଫାଣ୍ଡି ନୂତନ ଥାନାର ମାନ୍ୟତା ପାଇଥିଲା।

### ୪୯ ଅଭିଯୋଗ ସମାଧାନ କଲେ ଜିଲାପାଳ

ବାଲକାଟୀ,୧୧।୩(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ସଭାକକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ମୋଟ ୪୯ଟି ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣିରେ ୯ଟି ସମୂହ ଅଭିଯୋଗ ଓ ୪୦ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସମୂହ ଅଭିଯୋଗରେ ରାସ୍ତା ନିର୍ମାଣ, ପାଇଖାନା ବିଲ୍, ଜଳ ଯୋଗାଣ, ନଳକୂପ ମରାମତି, ବର୍ଷା ପାଣି ନିଷ୍କାସନ ନିମନ୍ତେ ଡ୍ରେନ ନିର୍ମାଣ ଆଦି ରହିଥିଲା। ସେହିପରି ବ୍ୟକ୍ତିଗତ ଅଭିଯୋଗରେ ଭତ୍ତା ଓ ପକ୍କା ଘର ଆଦି ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜଣେ ଅସହାୟ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ପ୍ରକଳ୍ପ ଅଧିକାରୀ ବାଦଲ ମହାନ୍ତି, ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ବିଡିଓ ପବିତ୍ର ସାମଲ, ତହସିଲଦାର ବିମଳ ଲେଙ୍କାଙ୍କ ସମେତ ପୋଲିସ, ଶିକ୍ଷା, ଜଳସେଚନ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ, କୃଷି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ସଭାପତିତ୍ୱ କରଥିଲେ।

## 'ଓଡ଼ିଆ ଭାଷା ଆମକୁ ଗୌରବାନ୍ୱିତ କରିଛି'

ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସୋମବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗବେଷକ ତଥା ଶିକ୍ଷାବିତ୍ ପ୍ରଫେସର ଡ. ପ୍ରମୋଦ କୁମାର ଦ୍ୱିବେଦୀ ଯୋଗଦେଇ ଓଡ଼ିଆ ଭାଷାର ମର୍ଯ୍ୟାଦା, ମହାନତା ଓ ଐତିହାସିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପ୍ରାଚୀନ ଭାଷା ଓଡ଼ିଆ ଆମକୁ ଗୌରବାନ୍ୱିତ କରିଛି ବୋଲି ସେ କହିଥିଲେ। ସାହିତ୍ୟିକ ପ୍ରଫେସର ଡ. ଲମ୍ବୋଦର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତାକୁ ଉପଲବ୍ଧି କରି ଆଜିର ଯୁବପିଢ଼ି ମାତୃଭାଷା ଓ ମାତୃଭୂମି ପ୍ରତି ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଓଡ଼ିଆ ଭାଷାର ଅସ୍ମିତା, ଏହାର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ପ୍ରତି ଛାତ୍ରୀଛାତ୍ରମାନେ ଯତ୍ନଶୀଳ ହେବାକୁ କହିଥିଲେ। ସେହିପରି ଭାଷା ସହ ଜଡ଼ିତ ଆମ ସାଂସ୍କୃତିକ ପରିଚୟର ଗରିମାକୁ ବଜାୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। କୁଳସଚିବ ଅନାମିକା ଅଧିକାରୀ ସମସାମୟିକ ଯୁଗର ଦୈନନ୍ଦିନ ଜୀବନରେ ସମସ୍ତେ ଓଡ଼ିଆ ଭାଷାର ଅଧିକ ପ୍ରୟୋଗ କରିବାକୁ କହିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଏବଂ ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶାସ୍ତ୍ରୀୟ ଗ୍ରନ୍ଥର ଅନୁବାଦ, ପାଣ୍ଡୁଲିପି ସମ୍ପାଦନା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୧।୩(ବନ୍ଦନା ସେଠୀ)




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ଶାସ୍ତ୍ରୀୟ ଭାଷା ଦିବସ ଅବକାଶରେ ସୋମବାର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରରେ 'ଶାସ୍ତ୍ରୀୟ ଓଡ଼ିଆ ସାହିତ୍ୟ: ଗବେଷଣାର ନୂତନ ଦିଗ' ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଅଧିବେଶନରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଅଭିଧାନ ପ୍ରଣୟନ, ଶାସ୍ତ୍ରୀୟ ଗ୍ରନ୍ଥର ଅନୁବାଦ, ପାଣ୍ଡୁଲିପି ସମ୍ପାଦନା ଉପରେ ପ୍ରଶିକ୍ଷଣ ଆୟୋଜନ ପ୍ରଭୃତି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ଆଧୁନିକ ଓଡ଼ିଆ ସାହିତ୍ୟରେ ଶାସ୍ତ୍ରୀୟ ଗ୍ରନ୍ଥ ଓ ପତ୍ରପତ୍ରିକାର ସମ୍ପାଦନା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍କର୍ଷ କେନ୍ଦ୍ର ପକ୍ଷରୁ ଯେଉଁସବୁ ଗବେଷଣା ପ୍ରକଳ୍ପ ଶେଷ ହୋଇ ପୁସ୍ତକ ଆକାରରେ ପ୍ରକାଶ ପାଇଛି ତାହାର ବିବରଣୀ ପ୍ରଦାନ କରିବା ସହ ଚଳିତ ଗବେଷଣା ପ୍ରକଳ୍ପଗୁଡ଼ିକର ସୂଚନା ଦେଇଥିଲେ। ଅଧିବେଶନରେ ଗବେଷିକା ଡ. ହିମାଦ୍ରୀ ତନୟା ମିଶ୍ର ସଂଯୋଜନା କରିଥିଲେ। ପ୍ରଥମ ଅଧିବେଶନରେ ଗବେଷିକା ଡ. ମିତାଲି ମଧୁସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଆଲୋଚନାଚକ୍ରର ବିଷୟ 'ଶାସ୍ତ୍ରୀୟ ଓଡ଼ିଆ ସାହିତ୍ୟର ନୂତନ ଦିଗ' ସମ୍ପର୍କରେ ବିଚାର ବିମର୍ଶ ହୋଇଥିଲା। ଏଥିରେ ପ୍ରଫେସର ନଟବର ଶତପଥୀ ଅଧ୍ୟକ୍ଷତା କରିଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ରୁଦ୍ରନାରାୟଣ ମହାପାତ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାଶ, ଉତ୍କର୍ଷ କେନ୍ଦ୍ରର ବରିଷ୍ଠ ଗବେଷକ ଡ. ଅମ୍ବରୀଶ ଶତପଥୀ ଏବଂ ଡ. ମନସା ଶ୍ରୀଚନ୍ଦନ ପ୍ରବନ୍ଧ ଉପସ୍ଥାପନ କରିଥିଲେ।

### ଯୁବତୀଙ୍କଠାରୁ ଭ୍ୟାନିଟି ଛଡ଼ାଇ ନେଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧୧।୩(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଦିନକୁ ଦିନ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ୁଛି। ଜଣେ ଯୁବତୀ ସ୍କୁଟିରେ ଯାଉଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ମୋଟରସାଇକେଲରେ ଆସି ତାଙ୍କ ଭ୍ୟାନିଟି ବ୍ୟାଗ ଛଡାଇ ନେବାରୁ ସେ ତଳେ ପଡ଼ି ଆହତ ହୋଇଛନ୍ତି। ନୟାପଲ୍ଲୀ ଥାନା ଅନ୍ତର୍ଗତ ଡେଲଟା ଛକରେ ଏହି ଘଟଣା ଘଟିଥିବା ବେଳେ ଏନେଇ ଯୁବତୀ ଜଣକ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ଦୁର୍ବୃତ୍ତମାନେ ତାଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇଛନ୍ତି, ଯେଉଁଥିରେ ସୁନା କାନଫୁଲ, ୧୫ ହଜାର ଟଙ୍କା ଏବଂ ୨ଟି ମୋବାଇଲ ଫୋନ ରହିଛି। ଅଭିଯୋଗ ଆଧାରରେ ପୋଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି।

## ମନ ମୋହିଲା ସିଂହାରୀ ସଙ୍ଗୀତ




**ସିଂହାରୀ ଶ୍ୟାମସୁନ୍ଦର କରଙ୍କ ଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ ବିଚିତ୍ରା**

ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ସୋମବାର ଉତ୍କଳ ରଙ୍ଗମଞ୍ଚଠାରେ ଗୁରୁ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ୧୧୬ତମ ଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁ ଆର୍ତ୍ତତ୍ରାଣ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଚରଣରେ ବୃନ୍ଦ ମର୍ଦ୍ଦଳ ବାଦନ କରାଯାଇଥିଲା। ଗୁରୁ ସଚ୍ଚିଦାନନ୍ଦ ଦାସଙ୍କ ସଂଯୋଜନା ଏବଂ ଗୁରୁ କାଳନ୍ଦୀ ଚରଣ ପରିଡ଼ାଙ୍କ ପରିଚାଳନା ଓ ନିର୍ଦ୍ଦେଶନାରେ ପି.ଗୁଲଶନ୍ କୁମାର, ଜଳନ୍ଧର ନାୟକ, ଜୟଗୁରୁ ପ୍ରଧାନ ମର୍ଦ୍ଦଳ ବାଦନ କରିଥିଲେ। ପରେ ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ଗବେଷଣା କେନ୍ଦ୍ର ସଙ୍ଗୀତ ବିଭାଗର ଶିକ୍ଷାନବୀଶମାନେ କିଶୋର ଚନ୍ଦ୍ରାନନ୍ଦ ଚମ୍ପୁରୁ ଉଦ୍ଧୃତ ଚମ୍ପୁ 'ସପତଟି ମୋରରେ...' ପରିବେଷଣ କରିଥିଲେ। ସଙ୍ଗୀତ ସଂଯୋଜକ ଗୁରୁ କାର୍ତ୍ତିକ ଚନ୍ଦ୍ର ସାହୁ ସିଂହାରୀ ଶ୍ୟାମସୁନ୍ଦରଙ୍କ ସ୍ୱର ସଂଯୋଜିତ ଏବଂ ଗୁରୁ ଦାମୋଦର କରଙ୍କ ରଚିତ ସଙ୍ଗୀତ 'ବାରେ ଥରେ ଆରେ', 'ସଜନୀ ମୁଁ ହୁଡ଼ିଲି' ଓ ଜଣାଣ 'ଡାକେ ଦୁଃଖେ ଯୋଡ଼ି ହାତ ହେ ଜଗନ୍ନାଥ' ପରିବେଷଣ କରିଥିଲେ। ଶେଷରେ ଅନୁଜା ତାରିଣୀ ମିଶ୍ର ସିଂହାରୀଙ୍କ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ସନ୍ଧ୍ୟାର ଅତିଥି ଭାବେ କେନ୍ଦ୍ରର ମୁଖ୍ୟନିର୍ବାହୀ ଗୁରୁ ସିକତା ଦାସ ଏବଂ ଗୁରୁ କେଶବ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଏଏନ୍‌ଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ



ଭୁବନେଶ୍ୱର,୧୧।୩

ଚଳିତବର୍ଷ ଆରାଧନା ନଗର ଓମେନ୍‌ସ ୱିଇଙ୍ଗ (ଏଏନ୍‌ଡବ୍ଲ୍ୟୁଡବ୍ଲ୍ୟୁ) ସୁନ୍ଦରପଦା ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଣାଶୁଣା ଚିକିତ୍ସକ ଡା. ହରପ୍ରୀତ କୌର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମାଜିକକର୍ମୀ ଡ.ରୀନା ରାଉତରାୟ ଏବଂ ଓଡ଼ିଆ ଭାଷା ବିଶେଷଜ୍ଞ ତଥା ସୁଲେଖିକା ଡ. ମିନାକ୍ଷୀ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦିକା ସଂପୂର୍ଣ୍ଣା ମହାନ୍ତି, କୋଷାଧ୍ୟକ୍ଷା ଡ. ଅନିମା ମିଶ୍ରଙ୍କ ସମେତ ସୁଚିତ୍ରା ସ୍ୱାଇଁ, ରୋଜାଲିନ୍ ଦାଶ, ଅରୁଣା ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ସଂଘର ସଭାପତି ପ୍ରମିଳା ପତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ମହିଳା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲାବେଳେ ଅତିଥିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଅନିମା ମିଶ୍ର ଓ ସଂପୂର୍ଣ୍ଣା ମହାନ୍ତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପ୍ରଦାନ କରାଯାଇଥିଲା।

## ଅନୁସନ୍ଧାନ, ଗବେଷଣା ପାଇଁ ଅଭିଲେଖାଗାର ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୧।୩(ବନ୍ଦନା ସେଠୀ)




କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ଅନ୍ୟ ଅତିଥି।

ରାଷ୍ଟ୍ରୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖାରେ ସୋମବାର ରାଷ୍ଟ୍ରୀୟ ଅଭିଲେଖାଗାରର ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଅନୁସନ୍ଧାନ ଓ ଗବେଷଣା ପାଇଁ ଅଭିଲେଖାଗାରର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ। ଇତିହାସ ଓ ଅତୀତ ଆମର ପରିଚୟ। ସେହି ପରିଚୟକୁ ଅଭିଲେଖ ମାଧ୍ୟମରେ ପରିଚିତ କରିବା ପାଇଁ ରାଷ୍ଟ୍ରୀୟ ଅଭିଲେଖାଗାର ପୂର୍ବାଞ୍ଚଳ କ୍ଷେତ୍ରର ପ୍ରୟାସ ସ୍ୱାଗତଯୋଗ୍ୟ। ଗବେଷିକା ତଥା ଐତିହାସିକ ନିବେଦିତା ମହାନ୍ତି 'କନେକ୍ଟିଙ୍ଗ ଦି ପାଷ୍ଟ ୱିଥ ଦି ପ୍ରେଜେଣ୍ଟ ଦି ରୋଲ ଅଫ ଆର୍କାଇଭ୍‌ସ' ବିଷୟ ଉପରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଉଚ୍ଚତର ଗବେଷଣା ପାଇଁ ଗବେଷକ ଓ ଅଭିଲେଖ ମଧ୍ୟରେ ଅତୀତକୁ ପାଥେୟ କରି ବର୍ତ୍ତମାନର ସ୍ଥିତିରେ ଭବିଷ୍ୟତକୁ ସଂଯୋଗ କରିବା ପାଇଁ ଗବେଷକଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇ କହିଲେ, ଅଭିଲେଖାଗାର ହେଉଛି ଅଭିଲେଖଗୁଡ଼ିକର ଏକ ବ୍ୟବସ୍ଥିତ ନିବାସ, ଯାହା ସମାଜରେ ବ୍ୟକ୍ତିର ତଥା ରାଷ୍ଟ୍ରର ପ୍ରଶାସନିକ ବ୍ୟବହାର ତଥା ଐତିହାସିକ ଅନୁସନ୍ଧାନ ପାଇଁ ଉଦ୍ଦିଷ୍ଟ। ଅଭିଲେଖାଗାର ଦେଶର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ବିକାଶ ସୂଚନାର ଉତ୍ସ। ଭାରତର ଜାତୀୟ ଅଭିଲେଖାଗାର ୧୮୯୧ ମାର୍ଚ୍ଚ ୧୧ରେ କୋଲକାତାରେ ଇମ୍ପେରିଆଲ ରେକର୍ଡ ବିଭାଗ ଭାବେ ପ୍ରତିଷ୍ଠିତ ହୋଇଥିଲା। ଏହା ଦକ୍ଷିଣ ଏସିଆର ସବୁଠାରୁ ବଡ଼ ଅଭିଲେଖାଗାର। ୧୯୧୧ରେ କୋଲକାତାରୁ ଦିଲ୍ଲୀକୁ ରାଜଧାନୀ ସ୍ଥାନାନ୍ତରିତ ହେବା ପରେ ଉକ୍ତ ବିଭାଗକୁ ନୂଆଦିଲ୍ଲୀକୁ ସ୍ଥାନାନ୍ତର କରାଯାଇଥିଲା। ୧୯୨୬ରେ ଏହା ନୂତନ ସ୍ଥାନକୁ ସ୍ଥାନାନ୍ତର ହୋଇଥିଲା, ଯାହା ବର୍ତ୍ତମାନ ରାଷ୍ଟ୍ରୀୟ ଅଭିଲେଖାଗାର ନୂଆଦିଲ୍ଲୀରେ ଅବସ୍ଥିତ। କାର୍ଯ୍ୟକ୍ରମରେ ରାମଚନ୍ଦ୍ର କରଣ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗୋଦାମରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ




**ଖୋର୍ଦ୍ଧା,୧୧।୩ (ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମ ଘରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ନିର୍ମଳ ପ୍ରକଳ୍ପ ଯୋଜନାରେ ରୋଗୀଙ୍କ ପାଇଁ ରହିଥିବା ୨ହଜାର ବେଡ୍‌ଶିଟ, ଅତ୍ୟାଧୁନିକ ଯନ୍ତ୍ରପାତି ଓ ଡକ୍ୟୁମେଣ୍ଟ ପୋଡି ପାଉଁଶ ହୋଇଯାଇଛି। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଅବକାରୀ ଚଢ଼ାଉ: ଦେଶୀ ମଦ ଜବତ, ୨ ଗିରଫ

**ବେଗୁନିଆ,୧୧।୩(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଅବକାରୀ ଥାନା ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଶରତ ଦାସ ଓ ଚୁନି ବରାଳ। ବେଗୁନିଆ ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓଙ୍କ ସୂଚନା ଅନୁସାରେ, ସାଗରଗୁଆଁ ଗ୍ରାମର ଶରତଙ୍କ ନିକଟରୁ ୧୦ ଲିଟର ଏବଂ ବାଙ୍କୋଇ ଗ୍ରାମର ଚୁନିଙ୍କ ନିକଟରୁ ୨୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ଅବକାରୀ ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା (ନଂ.୨୩୧,୨୩୨/୨୪)ରୁଜୁ ହୋଇଛି।

### ମାଙ୍କଡା ପଥର ବୋଝେଇ ଟ୍ରକ ଜବତ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ):** ଛଟିପୁର ରେଲୱେ ଲାଇନ କଡ଼ରେ ଥିବା ବେଆଇନ ଖଣିରେ ସଦର ପୋଲିସ ଚଢ଼ାଉ କରି ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ (ଓଆର.୧୩ସି-୮୩୩)କୁ ଜବତ କରିଛି। ଟ୍ରକଚାଳକ, ଖଣି ମାଫିଆ ଫେରାର ହୋଇଥିବାବେଳେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଶିକ୍ଷକ ଭରତ ବାରିକଙ୍କ ପରଲୋକ

**ଟାଙ୍ଗୀ,୧୧।୩(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଉଜଳା ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭରତ କୁମାର ବାରିକଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। ଖବରପାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ମଲ୍ଲିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସହାୟକ ଶରତ କୁମାର ଦାସ ପ୍ରମୁଖ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରିବା ସହ ମୃତଦେହ ସଂସ୍କାର ପାଇଁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ମହିଳାଙ୍କ ସମେତ ୭ ଗିରଫ, ୨୦ ମୋବାଇଲ ଜବତ

## ଜେଲ ଭିତରୁ ବାଉନ୍‌ସୁଗାର ଡିଲ୍ ପ୍ରସଙ୍ଗ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସବ୍‌ଜେଲରୁ ବାଉନ୍‌ସୁଗାର ଡିଲ୍ ଘଟଣାରେ ପୋଲିସ ପୁଣି ଜଣେ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା କେନ୍ଦୁବାଡ଼ିର କାଳୁ ଚରଣ ଭୂୟାଁ(୨୯), ଖୋର୍ଦ୍ଧା ଜିଲା ଆଦର୍ଶ ଥାନା ଶ୍ରୀରାମନଗର ଅଞ୍ଚଳର ପ୍ରମୋଦ କୁମାର ପଣ୍ଡା(୧୯), ସୁମନ ସେଠୀ(୧୯), ଉପରସାହି ଅଞ୍ଚଳର ଦେବାଶିଷ ପଟ୍ଟନାୟକ(୨୧), ସ୍ୱପ୍ନେଶ୍ୱର ସାହିର ପୁଷ୍ପା ନାୟକ(୩୫), ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦ ଅଞ୍ଚଳର ଏସ୍.କେ. ଏକ୍ରାମ(୫୮) ଏବଂ ଫରେଷ୍ଟ କଲୋନି ଅଞ୍ଚଳର ଅମିତ୍ ସାହୁ(୧୯)। ଏମାନଙ୍କଠାରୁ ୧୧ଟି ମୋବାଇଲ ଜବତ ହୋଇଛି। ଗିରଫ ପୁଷ୍ପାଙ୍କ ସ୍ୱାମୀ ସାରଥି ନାୟକ ପୂର୍ବରୁ ବ୍ରାଉନସୁଗାର ବେପାର କରି ଗିରଫ ହୋଇ ଜେଲରେ ଥିବାବେଳେ ପୁଷ୍ପା ବାହାରେ ମାର୍କେଟ ସମ୍ଭାଳୁଥିଲା। ସେହିପରି ଏମାନଙ୍କ ତଥ୍ୟ ଆଧାରରେ ଜେଲରୁ ପୁଣି ୯ଟି ମୋବାଇଲ ଜବତ ହୋଇଛି। ତେବେ



ଏସ୍‌ଡିପିଓ ଦିଲୀପ ଦାସ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ମୋଟ୍ ୨୦ଟି ମୋବାଇଲ ଜବତ କରାଯାଇଥିବା ବେଳେ ୭ଜଣଙ୍କୁ ଗିରଫ କରାଯାଇଛି ବୋଲି ସୋମବାର ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ଫେବୃଆରୀ ୧୯ରେ ଗୁରୁଜଙ୍ଗ ମେଳଣ ପଡିଆରେ ଏକ ସ୍କର୍ପିଓରେ ବ୍ରାଉନ୍‌ସୁଗାର ଡିଲ୍ ଚାଲିଥିବା ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ୨୬୨ ଗ୍ରାମ ବ୍ରାଉନସୁଗାର ଜବତ କରିଥିବା ବେଳେ ୫ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କ ତଥ୍ୟ ଆଧାରରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଜେଲ ଅଧୀକ୍ଷକଙ୍କ ତଥ୍ୟ ଆଧାରରେ ପୋଲିସ ଏମାନଙ୍କ ମୋବାଇଲକୁ ଟ୍ରାକ କରି ଗିରଫ କରାଯାଇଥିଲା ବୋଲି ତତ୍କାଳୀନ ଏସ୍‌ପି ସିଦ୍ଧାର୍ଥ କାରିଆ ସୂଚନା ଦେଇଥିଲେ। ଜେଲ ଭିତରୁ ଜଣେ ଅପରାଧୀଙ୍କଠାରୁ ମୋବାଇଲ ଜବତ କରି ଜେଲର ଥାନାରେ ଅଭିଯୋଗ କରିଥିଲେ। ଏହି ଜବତ ମୋବାଇଲ ଖୋଲିଥିଲା ଗୁମର। ଜେଲ ଭିତରୁ ଚାଲିଥିଲା ବ୍ରାଉନସୁଗାର ଡିଲ୍। ଏଭଳି ତଥ୍ୟ ଆସିବା ପରେ ଜେଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ଉଠିଥିଲା ପ୍ରଶ୍ନବାଚୀ। ପରେ ଏହି ମାମଲାରେ ଗିରଫ ୬ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ୪ଜଣଙ୍କୁ ରିମାଣ୍ଡରେ ନେଇଥିଲା। ସେମାନେ ହେଲେ ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ, ମନୋରଞ୍ଜନ ସାହୁ ଓରଫ ମିକି, ଏସ୍. କେ ଜାଫର ଓରଫ ବାବୁ ଏବଂ ଲକ୍ଷ୍ମୀଧର ସାହୁ ଓରଫ ଲକି। ତେବେ ସଞ୍ଜୁ ଓ ମିକିଙ୍କ ତଥ୍ୟ ଆଧାରରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରାଯିବା ସହ ମୋବାଇଲ ଫୋନ ଜବତ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଅତିରିକ୍ତ ଥାନା ଅଧିକାରୀ ସୁଚିତ୍ରା ଜେନା, ଏସ୍‌ଆଇ ସ୍ୱାଗତିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକାର୍ପିତ ହେଲା ରେଳ ଓଭରବ୍ରିଜ୍



ରେଳ ଓଭରବ୍ରିଜ୍ ଲୋକାର୍ପଣ କାର୍ଯ୍ୟକ୍ରମରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

**ଜଟଣୀ,୧୧।୩(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ କୁଦିଆରୀରେ ୧୦୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭୬୨ମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଓଭରବ୍ରିଜ୍‌କୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରୁ ଭିଡିଓ କନଫରେନ୍ସ ମାଧ୍ୟମରେ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜଟଣୀ ଖୁଦୁପୁର ଖେଳପଡିଆରେ ପୌର ପ୍ରଶାସନ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଯୋଗଦେଇ ଏହି ଓଭରବ୍ରିଜର ଲୋକାର୍ପଣ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଜଟଣୀବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ବିକଶିତ କରି ଓଡ଼ିଶାର ଭୌଗଳିକ ପରିସ୍ଥିତିକୁ ସଜା ପାଇଁ ଟ୍ରାନ୍ସଫରମେଶନ ମାଧ୍ୟମରେ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଅତୁଳନୀୟ।

ରାଜ୍ୟର ପ୍ରତ୍ୟକ ପରିବାର ମୁଖ୍ୟମନ୍ତ୍ରୀଙ୍କ ପାଇଁ ଗର୍ବିତ ବୋଲି କହିଥିଲେ। ସେହିରି ପୌର ଅଧ୍ୟକ୍ଷ ଅନନ୍ତ ବେହେରା ଜଟଣୀବାସୀଙ୍କୁ ସୁଗମ ଯାତାୟାତ ପାଇଁ ଫ୍ଲାଏ ଓଭରବ୍ରିଜ ଭେଟି ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ବିଜେଡି ଜିଲା ଉପସଭାପତି ସୁଦର୍ଶନ ସୁନ୍ଦରାୟ, କୈଳାସ ମହାପାତ୍ର, ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ପୌର ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ୩୨.୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଖୋର୍ଦ୍ଧା ମା' ଉଗ୍ରତାରା ଶକ୍ତିପୀଠର ଉନ୍ନତୀକରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।



ଜଟଣୀ ବ୍ଲକ ଅନ୍ତର୍ଗତ ଗମେଇ ଗ୍ରାମସ୍ଥିତ ଅନ୍ୱେଷଣ ସେବାଶ୍ରମ ପକ୍ଷରୁ ଅନୁଷ୍ଠିତ ଗଣଦୌଡ଼ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଅନ୍ତର୍ଜାତୀୟ ମହିଳା ଦିବସରେ ଗଣଦୌଡ଼

**ଜଟଣୀ,୧୧।୩ (ରବୀନ୍ଦ୍ରନାଥ ମହାକୁଡ଼)**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜଟଣୀ ବ୍ଲକ ଗଙ୍ଗପଡା ପଞ୍ଚାୟତ ଅନ୍ତର୍ଗତ ଗମେଇ ଗ୍ରାମସ୍ଥିତ ଅନ୍ୱେଷଣ ସେବାଶ୍ରମ ପକ୍ଷରୁ ମହିଳାମାନଙ୍କୁ ନେଇ ଏକ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ କାର୍ଯ୍ୟକ୍ରମ ଉକ୍ତ ଅନୁଷ୍ଠାନର ସଭାପତି ମାନସ ସାହୁଙ୍କ ନେତୃତ୍ୱରେ ହୋଇଥିଲା। ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ସମାଜସେବୀ ବିଦ୍ୟାଧର ନାୟକ ଯୋଗଦେଇ ମହିଳା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ଦୌଡ଼ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରୁ ୨୫୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଷାନ ଚାନ୍ଦ ସାହୁ, ମିକନ ମହାରଣା, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଟିକାତଳରେ ଶିକ୍ଷକ ଶହୀଦ ଦିବସ




ଶିକ୍ଷକ ଶହୀଦ ଦିବସ ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ବୋଲଗଡ଼,୧୧।୩(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଟିକାତଳସ୍ଥିତ ଶହୀଦ ସ୍ମୃତି ପୀଠଠାରେ ୪୪ତମ ଶିକ୍ଷକ ଶହୀଦ ଦିବସ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦିବାକର ପରମଗୁରୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମିୟ ପଟ୍ଟନାୟକ, ମୁଖ୍ୟବକ୍ତା ରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ କାଳୀ ଚରଣ ଜୟସିଂହ, ସଦାଶିବ ବିଶ୍ୱାଳ, ସୁମନ୍ତ ଛୋଟରାୟ, ଲଛମନ ପରିଡା, ସେବତୀ ପରିଡ଼ା, ଅର୍ଜ୍ଜୁନ ମହାନ୍ତି, ମନୋଜ ଗୁମାନସିଂହ, ଯୋଗେଶ ସାମନ୍ତସିଂହାରଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସମସ୍ତେ ଶହୀଦ ଶିକ୍ଷକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନୀରବ ପ୍ରାର୍ଥନା କରିଥିଲେ। ପ୍ରକାଶ ଯେ, ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଡାକରାରେ ୧୯୭୮ ମାର୍ଚ୍ଚ ୯ରେ ଶିକ୍ଷକ ସମାବେଶରେ ଯୋଗଦେବା ପାଇଁ ଯାଉଥିବା ଶିକ୍ଷକ କାହ୍ନୁ ଚରଣ ପଟ୍ଟନାୟକ, ବ୍ରଜବନ୍ଧୁ ସୁବୁଦ୍ଧି, ବାନାମ୍ବର ସାହୁ ଓ ଶିକ୍ଷୟିତ୍ରୀ ବିଳାସିନୀ ପଟ୍ଟନାୟକ, ତରୁଲତା ପଟ୍ଟନାୟକ, ଶାନ୍ତିଲତା ମହାରଣାଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳରେ ଶହୀଦ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇ ଏହି ଦିବସରେ ସମସ୍ତ ଶହୀଦ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଗୁଣଗାନ କରାଯାଇ ଆସୁଛି। ଆୟୋଜିତ ସଭାରେ ବୈକୁଣ୍ଠ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୃଷ୍ଣଚନ୍ଦ୍ର ବଳିୟାରସିଂହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୋଲଗଡ଼ ବ୍ଲକ ଗତ ମାଟ୍ରିକ ଟପ୍ପର ଓ ଶହୀଦ ପରିବାରର ଦାୟାଦମାନଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ସାଂସଦ ପାଣ୍ଠିରୁ ୩ ଲକ୍ଷ ଅର୍ଥ ଅନୁଦାନରେ ଶହୀଦ ଭବନ ନିର୍ମାଣ ପାଇଁ ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ଶିଳାନ୍ୟାସ କରିଥିଲେ।

# ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାମୁଖ୍ୟ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଶାସ୍ତ୍ରୀୟ ଭାଷା ଦିବସ ସମ୍ମାନରେ ଶିଶୁ ସାହିତ୍ୟିକ ବିଭୁପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଶେଖ ନିଜାମ ମୁଦ୍ଦିନ ଯୋଗଦେଇ ଓଡ଼ିଶାର ଆଧୁନିକ କବି ଓ ସାହିତ୍ୟିକଙ୍କ ରଚନାରେ ଓ ଭାଷା କିଭଳି ସମୃଦ୍ଧ ହୋଇଛି ଏବଂ ଏହି ସାରସ୍ୱତ ସାଧକଙ୍କ କୃତି ଓ କୀର୍ତ୍ତି କିପରି ଏହାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବାରେ ସହାୟକ ହୋଇଛି ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି କବି ନାରାୟଣ ଦାସ, ସମ୍ମାନିତ ଅତିଥି ଲକ୍ଷ୍ମୀଧର ବଡ଼ଜେନା ଶାସ୍ତ୍ରୀୟ ଭାଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବୈକୁଣ୍ଠନାଥ ରାଜଗୁରୁ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଚପଳା ପଣ୍ଡା ଓ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ସଂଯୋଜନାରେ ବୃନ୍ଦାବନ ପଣ୍ଡା, ପ୍ରଫୁଲ୍ଲ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ମହାରଣା, ଦିବ୍ୟଲୋଚନ ଭାରିମଲ୍ଲ କବିତା ପାଠ କରିଥିଲେ। କୈଳାସ ଚନ୍ଦ୍ର ପୃଷ୍ଟି, ଆରତି ମଞ୍ଜରୀ ଦାସ, ଜୟକୃଷ୍ଣ ବାରିକ, ବଂଶୀଧର ଦାସ ପ୍ରମୁଖ ଶାସ୍ତ୍ରୀୟ ଭାଷା ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଦାବିରେ ରାସ୍ତାରେ ଗ୍ରାମବାସୀଙ୍କ ଧାରଣା

**ନିରାକାରପୁର,୧୧।୩(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଏଖରାଜାତ ମାହାଲର ନରଣଗଡ଼, ଧଉଳିମୁହଁ ଓ ନିଜିଗଡ଼ ତାପଙ୍ଗ ପଞ୍ଚାୟତରେ ୧୯୬୨ ଓ ୬୫ ମସିହା ପରେ ଜମିଜମାର ବନ୍ଦୋବସ୍ତ କରା ନ ଯିବାରୁ ଅଦ୍ୟାବଧି ରେକର୍ଡ ସଂଶୋଧନ ହୋଇନାହିଁ। ଏଖରାଜାତ ମାହାଲ ଅନ୍ତର୍ଗତ ୧୫୬ଟି ଗ୍ରାମ ମଧ୍ୟରୁ ୧୨୦ଟି ଗ୍ରାମରେ ବନ୍ଦୋବସ୍ତ ମାଧ୍ୟମରେ ଆରଓଆର ପ୍ରସ୍ତୁତ କରାଯାଇ ସ୍ଥିତିବାନ ଓଡ଼ିଶା ସରକାରଙ୍କ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି। ହେଲେ ଅଦ୍ୟାବଧି ନରଣଗଡ଼ ପଞ୍ଚାୟତରେ ଚୂଡାନ୍ତ ଆରଓଆର ପ୍ରସ୍ତୁତ ହୋଇ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ସରକାର ବର୍ଷବ୍ୟାପୀ ରାଜସ୍ୱ ନେଉଥିବା ବେଳେ ସରକାରୀ ଯୋଜନା କାର୍ଯ୍ୟକାରୀ ହେବାରେ ସାମ୍ବିଧାନିକ ଅଧିକାର ରହୁନାହିଁ। ଏନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ୨୦୧୯ ମସିହାରୁ ବାରମ୍ବାର ଧାରଣା, ପ୍ରତିବାଦ, ଧର୍ମଘଟ ସମେତ ମନ୍ତ୍ରୀସ୍ତରୀୟ ଆଲୋଚନା ଏପରିକି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିଠାରୁ ଆରମ୍ଭ



ଧାରଣାରେ ବସିଥିବା ଗ୍ରାମବାସୀ।

କରି ନ୍ୟାଯ୍ୟ ଦାବି ନିମନ୍ତେ ବିଭିନ୍ନ ପନ୍ଥା ଆପଣେଇ ସୁଦ୍ଧା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କେହି କର୍ଣ୍ଣପାତ କରୁନାହାନ୍ତି। ଏହାର ସୁଫଳ ନ ମିଳିବାରୁ ସୋମବାର ନରଣଗଡ଼ ପଞ୍ଚାୟତର ଆଞ୍ଚଳିକ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ସ୍ଥାନୀୟ ଭୋଗପୁରସ୍ଥିତ ଏକ ରାସ୍ତାରେ ଧାରଣା ଦିଆଯାଇଥିଲା। ତୁରନ୍ତ ଭୂସମ୍ପତ୍ତିର ବନ୍ଦୋବସ୍ତ କରାଯାଇ ସ୍ଥିତିବାନ ଓଡ଼ିଶା ସରକାର ପଟ୍ଟା ପ୍ରଦାନ ନିମିତ୍ତ ସମିତିର ସଭାପତି ଗୋଦାବରୀଶ ଗୁମାନସିଂହ, ସମ୍ପାଦକ ଯୁଧିଷ୍ଠିର ହରିଚନ୍ଦନ ଓ ନରଣଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅବକାଶ ମହାନ୍ତି ପ୍ରମୁଖ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଖବରପାଇ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ ପହଞ୍ଚି ଧାରଣାକାରୀମାନଙ୍କୁ ବୁଝାଶୁଝା କରିଥିଲେ। ମଙ୍ଗଳବାର ଜିଲା ପ୍ରଶାସନ ସମେତ ସମିତିର ଏକ ୪ଜଣିଆ ଦଳ ଭୁବନେଶ୍ୱର ଯାଇ ଉଭୟ ଲ-ବିଭାଗ ଓ ରାଜସ୍ୱ ବିଭାଗ ସହିତ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣା ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ହୋଇଥିଲା। ପଞ୍ଚାୟତର ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ, ଯୁବକ, ଯୁବତୀ ଧାରଣାରେ ସାମିଲ ହୋଇଥିଲେ।

## ସାମାଜିକ ନ୍ୟାୟ ସଙ୍ଗଠନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବେଗୁନିଆ,୧୧।୩(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ ଛକଠାରେ ସାମାଜିକ ନ୍ୟାୟ ସଙ୍ଗଠନର କାର୍ଯ୍ୟାଳୟ ସମାଜସେବୀ ନବ କିଶୋର ବିଧାରଙ୍କ ଆବାହକତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସାମାଜିକ ନ୍ୟାୟବିତ୍ ବିପିନ ବିହାରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗୀନାଥ ବଳିୟାରସିଂହ ମୁଖ୍ୟ ଅତିଥି, ନ୍ୟାୟବିତ୍ ପ୍ରମୋଦ ପ୍ରତାପ ସିଂହ ମୁଖ୍ୟବକ୍ତା, ଭିକାରୀ ଚରଣ ସାହୁ, ଜୟନ୍ତୀ ସାଇଁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ନ୍ୟାୟବିତ୍ ଦିଲୀପ ବଡଜେନା, ବିଷ୍ଣୁ ଚରଣ ସାମନ୍ତରାୟ, ଲୁନା ବଳିୟାରସିଂହ, ଜାଗେଶ୍ୱର ମାଝୀ, ସୁରେଶ ମାନସିଂହ, ପ୍ରବୀର ରାଉତରାୟ, ଶରତ ବେହେରା, ସନାତନ ବିଶ୍ୱାଳ, ଦିବାକର ମଙ୍ଗରାଜ, ନିରଞ୍ଜନ ସାମନ୍ତସିଂହାର, ପ୍ରସନ୍ନ କୁମାର ପାଟ୍ଟଶାଣୀ, କାଶୀନାଥ ନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଆଗାମୀ ଦିନରେ କର୍ମକର୍ତ୍ତା ଚୟନ କରାଯିବ ବୋଲି ପ୍ରସ୍ତାବ ଆଗତ ହୋଇଛି।

# ୧୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ନବୀନ କାର୍ଡ ବଣ୍ଟନ

**କୃଷ୍ଣପ୍ରସାଦ,୧୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର କାଣ୍ଡି, ପ୍ରଭାତ କୁମାର ଜେନା, ବିଜୟ କୁମାର ତରେଇ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ତରେଇ, ସମାଜ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ କୁମାର ରଥଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକର ବିଭିନ୍ନ ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ହିତାଧିକାରୀଙ୍କୁ ଏହି କାର୍ଡ ପଞ୍ଚାୟତ କାର୍ଯ୍ୟାଳୟରେ ବଣ୍ଟାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏସିପି ସୌଭାଗ୍ୟ ବଳିୟାରସିଂହ, ସୌରୀରାଣୀ ଜେନା, ଆଲୋକ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସେଞ୍ଚୁରିୟନ ନାଇଜେରିଆ ବିଜୟୀ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଫୁଟ୍‌ବଲ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋମବାର କେରଙ୍ଗ ଅହମ୍ମଦୀୟା ଏଫ୍‌ସି ଓ ସେଞ୍ଚୁରିୟନ ନାଇଜେରିଆ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଉଭୟ ଟିମ୍ ପରସ୍ପରକୁ ପ୍ରଥମାର୍ଦ୍ଧରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସେଞ୍ଚୁରିୟନ ନାଇଜେରିଆ ଆଉ ୨ଟି ଗୋଲ ଦେଇ ବିଜୟୀ ହୋଇଥିଲା। ମୁଖ୍ୟ ରେଫରି ରାଜୁ ମହାନ୍ତି, ଲାଇନ୍ସରେ ପି.କେ. ବେହେରା ଓ ବି.ପି. ବାହିନୀପତି, ସର୍ଗି ଅହମ୍ମଦ, ମ୍ୟାଚ୍ କମିଶନ ଶୁକଦେବ ନାୟକ ପରିଚାଳନା କରିଥିଲେ। ସେହିପରି ମୁଖ୍ୟ ଅତିଥିଭାବେ ନାଳିପଡା ଅର୍ଜ୍ଜୁନପୁର ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ରବି ରାଉତରାୟ, କେରଙ୍ଗ ସରପଞ୍ଚ ମବ୍ରୁରୁର ହୋସେନ, ସମିତିସଭ୍ୟ ସାହିଦ ଅହମ୍ମଦ ରଲଜିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନାଇଜେରିଆ ଟିମର ଏମ୍‌ଡି ଜାମୁ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଟିମ୍‌ର ଖେଳାଳି ଏବଂ ଅନ୍ୟମାନେ।

# ଧବଳେଶ୍ୱରଙ୍କ ପୀଠରେ ଗୋଷ୍ଠୀ ସଂଘର୍ଷ ଘଟଣା: ୪ ଗିରଫ

**ବାଲୁଗାଁ,୧୧।୩(ସଂଗ୍ରାମ ପାଇକରାୟ)**

ପୂର୍ବ ବିବାଦକୁ କେନ୍ଦ୍ରକରି ଗତ ଶୁକ୍ରବାର ଧବଳେଶ୍ୱର ପୀଠ ପରିସରରେ ଧୂଆଁଳ ଓ କୋତରୀ ଗ୍ରାମର ଦୁଇ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏନେଇ ଉଭୟ ଗୋଷ୍ଠୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନା ପୋଲିସ ପୃଥକ୍ ଭାବେ ଦୁଇଟି ମାମଲା (ନଂ.୯୫,୯୬/୨୪) ରୁଜୁକରି ତଦନ୍ତ ଚଳାଇବା ସହ ସୋମବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଧୂଆଁଳ ଗ୍ରାମର ବିଦେଶୀ ରଣା, ଲକ୍ଷ୍ମୀଧର ଜେନା ଏବଂ କୋତରୀ ଗ୍ରାମର ପଞ୍ଚାନନ ଦଳାଇ ଓ ଚୈତନ୍ୟ ମଲିକ। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ



ଗିରଫ ୪ ଅଭିଯୁକ୍ତ।

କରାଯିବ ବୋଲି ଆଇଆଇସି ଜୟ ପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଥାଉ କି, କୋତରୀ ମୌଜା ଅଧୀନରେ ଧବଳେଶ୍ୱର ଦେବଙ୍କ ମନ୍ଦିର ଅବସ୍ଥାପିତ ହୋଇଥିବା ବେଳେ ପାର୍ଶ୍ୱବର୍ତ୍ତୀ ଧୂଆଁଳ ଗ୍ରାମବାସୀଙ୍କ ପକ୍ଷରୁ ବହୁ ବର୍ଷ ଧରି ମନ୍ଦିରର ସମସ୍ତ ପର୍ବପର୍ବାଣି ଓ ଦୈନନ୍ଦିନ ନୀତିକାନ୍ତି ପୂଜାର୍ଚ୍ଚନା ପାଳିତ ହୋଇଆସୁଅଛି। ତେବେ କିଛି ବର୍ଷ ହେବ ମନ୍ଦିର ପରିଚାଳନା ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ଉଭୟ ଗ୍ରାମ ମଧ୍ୟରେ ବିବାଦ ଉପୁଜିବା ସହ ମାମଲା ଥାନାକୁ ଯାଇଥିଲା। ପୋଲିସ ଉପସ୍ଥିତିରେ ମଧ୍ୟ ବହୁବାର ସମାଧାନ ହୋଇଛି। ଗତ ଶୁକ୍ରବାର ତଥା ଜାଗରରେ ମନ୍ଦିର ପରିସରରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ଏବଂ ପରବର୍ତ୍ତୀ ସମୟରେ ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଉକ୍ତ ଦିନ ରାତ୍ରିରେ ମନ୍ଦିରରେ ଜାଗର ଦୀପ ଜାଳିବାକୁ ଶ୍ରଦ୍ଧାଳୁଙ୍କୁ ବାରଣ କରିଥିଲା। ଏବେବି ମନ୍ଦିର ପରିସରରେ ପୋଲିସ ସଜାଗ ରହିବା ସହ ପରିସ୍ଥିତି ଉପରେ ନଜର ରଖିଛି।



ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ସୋମବାର ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ସାକ୍ଷାତ୍ କରୁଛନ୍ତି। ତେବେ ବିଜେଡି-ଭାଜପା ମଧ୍ୟରେ ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ଆଲୋଚନା ଜାରି ରହିଥିବାବେଳେ ଏହି ସାକ୍ଷାତ୍‌କୁ ନେଇ ସୋସିଆଲ ମିଡିଆରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

# ବିଧବା ମହିଳାଙ୍କୁ ପଥରରେ ଛେଚି ହତ୍ୟା

**ବାରଙ୍ଗ, ୧୧।୩(ଲିଙ୍ଗରାଜ ରାଉତ):** ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅଞ୍ଚଳରେ ଏକ ବୀଭତ୍ସ କାଣ୍ଡ ଘଟିଛି। ଗୋଡ଼ିସାହି ଫାଣ୍ଡି ଅଧୀନ ବାରଶିଙ୍ଗା ଗ୍ରାମରେ ଜଣେ ବିଧବା ମହିଳାଙ୍କୁ କେହି ପଥରରେ ଛେଚି ହତ୍ୟା କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଶନିବାର ସକାଳେ ଘଟଣା ପଦାକୁ ଆସିଛି। ମୃତା ହେଲେ ବାରଶିଙ୍ଗା ଗ୍ରାମର ଉର୍ମିଳା ବିଶ୍ୱାଳ(୫୧)। ଗୁହାଳ ଘର ନିକଟରେ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ଉର୍ମିଳା ମୃତ ଅବସ୍ଥାରେ ପଡ଼ିଥିବାବେଳେ ପାଖରେ ରକ୍ତଲଗା କାଠଫାଳିଆ, ମାଙ୍କଡ଼ା ପଥର ଓ ଆଜବେଷ୍ଟସ୍‌ରେ ରକ୍ତଛିଟା ଲାଗିଥିବା ପୁଅ ପାର୍ଥ ସୋମବାର ଦେଖିବାକୁ ପାଇଥିଲେ। ଉର୍ମିଳାଙ୍କୁ ଘରୁ ଡାକି ନେଇ କେହି ପଥରରେ ଛେଚି ହତ୍ୟା କରିଥିବା ନେଇ ପାର୍ଥ ବାରଙ୍ଗ ଥାନାରେ ଏତଲା ଦେଇଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ. ୧୨୦/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ଜବତ କରାଯାଇ ହସ୍ପିଟାଲ ପଠାଯାଇଛି। ରକ୍ତଲଗା କାଠଫାଳିଆ, ମାଙ୍କଡ଼ା ପଥରକୁ ପୋଲିସ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ବହୁ ପ୍ରମାଣ ପାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଉର୍ମିଳା ତାଙ୍କର ଭିନ୍ନକ୍ଷମ ଶ୍ୱଶୁର ଅନନ୍ତ(୯୦)ଙ୍କ ସହ ଘରେ ରହୁଥିଲେ। ଉର୍ମିଳାଙ୍କ ପୁଅ ପାର୍ଥ ଆଠଗଡ଼ ଅଞ୍ଚଳରେ ଏକ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ରବିବାର ରାତିରେ ପାର୍ଥ ଉକ୍ତ କମ୍ପାନୀକୁ କାମ କରିବାକୁ ଯାଇଥିଲେ। ପାର୍ଥଙ୍କ ସ୍ତ୍ରୀ କିଛି ଦିନ ହେବ ବାପ ଘରେ ଛୋଟ ପିଲାକୁ ଧରି ରହୁଥିଲେ। ସୋମବାର ସକାଳେ ପାର୍ଥ କାମ ସାରି ଘରକୁ ଫେରିବା ପରେ ମା'ଙ୍କ ମୃତଦେହ ଦେଖିବାକୁ ପାଇ ଚକିତ ହୋଇଥିଲେ। ଗତ କିଛିଦିନ ତଳେ ପାର୍ଥ ଓ ନିକଟସ୍ଥ ନୂଆସାହି ଗ୍ରାମର କିଛିପିଲାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ହତ୍ୟାକାଣ୍ଡ ସହ ଏହି ଘଟଣାର ସମ୍ପୃକ୍ତି ଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ପର୍ଯ୍ୟବେକ୍ଷକଙ୍କ ଭୂମିକା ସମ୍ପର୍କରେ ସୂଚିତ କଲେ ମୁଖ୍ୟ ନିର୍ବାଚନ କମିଶନର

**ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର):** ସାଧାରଣ ନିର୍ବାଚନ ୨୦୨୪ ପ୍ରକ୍ରିୟାକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ପର୍ଯ୍ୟବେକ୍ଷକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପର୍ଯ୍ୟବେକ୍ଷକମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ଏହି ସମସ୍ତ ପର୍ଯ୍ୟବେକ୍ଷକଙ୍କୁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ବାଚନ ପ୍ରକ୍ରିୟାର ସମସ୍ତ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାରେ ପର୍ଯ୍ୟବେକ୍ଷକମାନେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ସେ ବିଷୟରେ ସବିଶେଷ ଆଲୋଚନା ହୋଇଛି। ପର୍ଯ୍ୟବେକ୍ଷକମାନେ ମତଦାନ ପ୍ରକ୍ରିୟାବେଳେ ତୃଣମୂଳସ୍ତରରେ କେଉଁସବୁ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ ଓ ନିୟମ ଅନୁଯାୟୀ ସେମାନେ କିଭଳି ଭାବେ ସେହି ସମସ୍ତ ବିଷୟକୁ କମିଶନଙ୍କ ଦୃଷ୍ଟିକୁ ଆଣିବେ ସେନେଇ ବିସ୍ତୃତ ଆଲୋଚନା କରାଯାଇଛି।

ବୈଠକର ଅନ୍ତିମ ପର୍ଯ୍ୟାୟରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ପର୍ଯ୍ୟବେକ୍ଷକଙ୍କୁ ସମ୍ବୋଧନ କରି କହିଛନ୍ତି, ମୁକ୍ତ, ଅବାଧ, ନିରପେକ୍ଷ ଓ ସମ୍ପୂର୍ଣ୍ଣ ଭାବେ ତ୍ରୁଟିଶୂନ୍ୟ ନିର୍ବାଚନ ସମ୍ପର୍କରେ ଆଲୋଚନା କରି ଏହି ପ୍ରକ୍ରିୟାରେ ପର୍ଯ୍ୟବେକ୍ଷକଙ୍କ ଭୂମିକା ସମ୍ପର୍କରେ ସୂଚିତ କରିଛନ୍ତି। ଇଭିଏମ୍, ଭିଭିପିଏଟି, ବୁଥ୍ ପରିଚାଳନା, ପୋଷ୍ଟାଲ ବାଲଟ, ଶାନ୍ତି ଶୃଙ୍ଖଳା ଓ ସମସ୍ତ ଦଳକୁ ସମାନ ସୁଯୋଗ ଉପରେ ଗୁରୁତ୍ୱଦେଇ ପର୍ଯ୍ୟବେକ୍ଷକମାନେ କିଭଳି କାର୍ଯ୍ୟ କରିବେ ସେ ବିଷୟରେ ଆଲୋଚନା ହୋଇଛି। ଆଭାସୀ ମାଧ୍ୟମରେ ଭୁବନେଶ୍ୱରରୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ବିଭିନ୍ନ ପର୍ଯ୍ୟବେକ୍ଷକ ଯୋଗ ଦେଇଛନ୍ତି।



ମାସିକ ୩୦ ହଜାର ଟଙ୍କା ଭତ୍ତା ଓ ଗ୍ରାମପଞ୍ଚାୟତକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ ସମେତ ବିଭିନ୍ନ ଦାବି ନେଇ ଓଡ଼ିଶା ସରପଞ୍ଚ ମହାସଂଘ ପକ୍ଷରୁ ସୋମବାର ନବୀନ ନିବାସ ଘେରାଉ ପାଇଁ ଯିବାବେଳେ ଶିଶୁଭବନ ଛକଠାରେ ଆନ୍ଦୋଳନକାରୀଙ୍କୁ ପୋଲିସ ଅଟକାଇବାରୁ ସେମାନେ ରାସ୍ତାରେ ଶୋଇ ପ୍ରତିବାଦ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ୧୫ ଦଫା ଦାବିରେ ସରପଞ୍ଚଙ୍କ ଆନ୍ଦୋଳନ

**ରାସ୍ତାରେ ଶୋଇଲେ ସରପଞ୍ଚ, ପୋଲିସ ସହ ଧସ୍ତାଧସ୍ତି**

**ଭୁବନେଶ୍ୱର, ୧୧।୩(ଅନୁରାଧା ମହାରଣା)** ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅସାମ୍ବିଧାନିକ ଭାବେ କ୍ଷୁଣ୍ଣ କରୁଥିବା ଦର୍ଶାଇ ସରପଞ୍ଚ ମହାସଂଘ ସୋମବାର ରାଜଧାନୀ ରାସ୍ତାରେ ଗର୍ଜିଛି। ୧୫ ଦଫା ଦାବି ନେଇ ସରପଞ୍ଚମାନେ ନବୀନ ନିବାସ ଘେରାଉ କରିବାକୁ ଯିବାବେଳେ ଶିଶୁଭବନ ଛକରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଉଭୟ ପକ୍ଷ ଧସ୍ତାଧସ୍ତି ହୋଇଥିଲେ। ପଲ୍ଲିସଭା ଓ ଗ୍ରାମସଭାକୁ ଗୁରୁତ୍ୱ ଦିଆଯିବା, କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ସମସ୍ତ ଯୋଜନା, ଉନ୍ନୟନ କାର୍ଯ୍ୟ ଓ ହିତାଧିକାରୀଙ୍କ ଚୟନ ଗ୍ରାମସଭା ଜରିଆରେ ଅନୁମୋଦନ କରାଯିବା ଆଦି ବିଭିନ୍ନ ଦାବିରେ ଆନ୍ଦୋଳନ କରାଯାଇଛି।

ମହାସଂଘ କର୍ମକର୍ତ୍ତା କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ସ୍ୱତନ୍ତ୍ର ସ୍ୱାୟତ୍ତଶାସନ, ଯାହାକି ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୁଗ୍ମ ସ୍ୱାକ୍ଷରରେ ଗ୍ରାମ ପଞ୍ଚାୟତର ସବୁ ଯୋଜନାର ଅର୍ଥ ପୈଠ କରିପାରୁଥିଲେ। ମାତ୍ର ଗ୍ରାମପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଟଙ୍କା ଆସୁଥିଲେ ବିଡିଓଙ୍କ କାଉଣ୍ଟର ସାଇନ୍ କରିବା ନିୟମ ରହିଛି। ଗ୍ରାମପଞ୍ଚାୟତଗୁଡ଼ିକୁ ଏତେ ଟଙ୍କା ଆସୁ ନ ଥିବାରୁ ବିଡିଓଙ୍କ କାଉଣ୍ଟର ସାଇନ୍ ହଟାଯାଉ ବୋଲି ଦାବି ହୋଇଛି। ସରପଞ୍ଚମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ଏବଂ କାର୍ଯ୍ୟ ଅବଧିରେ ମୃତ୍ୟୁ ହେଲେ ପରିବାରକୁ ୫୦ଲକ୍ଷ ଟଙ୍କା ସହାୟତା ଦେବାକୁ ଦାବି କରାଯାଇଛି। ଭୁବନେଶ୍ୱର ଓ ଜିଲା ସଦର ମହକୁମାରେ ସରପଞ୍ଚ ଭବନ ନିର୍ମାଣ ଲାଗି ଜମି ଓ ଅର୍ଥ ବରାଦ ପାଇଁ ସଂଘ ଅଡ଼ିବସିଛି। ଏହାବ୍ୟତୀତ ଅନ୍ୟାନ୍ୟ ଦାବି ରହିଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

# 'ନେଲୁରୀ କେଶବସ୍ୱାମୀଙ୍କ ଶ୍ରେଷ୍ଠ ଗଳ୍ପ' ପାଇଁ ବଙ୍ଗାଳୀ ନନ୍ଦ ପାଇବେ ପୁରସ୍କାର

**କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁବାଦ ପୁରସ୍କାର ଘୋଷଣା**

**ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)** କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସୋମବାର ୨୦୨୩ ପାଇଁ ଅନୁବାଦ କ୍ଷେତ୍ରରେ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ବଙ୍ଗାଳୀ ନନ୍ଦଙ୍କୁ ତାଙ୍କର ଅନୁବାଦ ପୁସ୍ତକ 'ନେଲୁରୀ କେଶବସ୍ୱାମୀଙ୍କ ଶ୍ରେଷ୍ଠ ଗଳ୍ପ' ପାଇଁ 'ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର' ପ୍ରଦାନ କରାଯିବ। ତେଲୁଗୁ ଭାଷାରେ ଲିଖିତ 'ନେଲୁରୀ କେଶବସ୍ୱାମୀ ଉଥାମା କଥାଲୁ' ପୁସ୍ତକକୁ ନିଜେ ନେଲୁରୀ କେଶବସ୍ୱାମୀ ରଚନା କରିଥିଲେ। ଏହି କ୍ରମରେ ଆସାମିଜ୍, ବଙ୍ଗଳା, ବୋଡ଼ୋ, ଇଂଲିଶ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, କଶ୍ମୀରୀ, ମାଲାୟାଲମ୍, ତାମିଲ, ତେଲୁଗୁ, ଉର୍ଦ୍ଦୁ ଆଦି ୨୪ଟି ଭାଷାରେ ପ୍ରକାଶିତ ୨୪ଟି ପୁସ୍ତକର ଅନୁବାଦକଙ୍କୁ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରାଯିବ। ଏକାଡେମୀର ସଭାପତି ମାଧବ କୌଶିକଙ୍କ ପୌରୋହିତ୍ୟରେ ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନରେ ଆୟୋଜିତ ପରିଷଦ ବୈଠକରେ ପୁରସ୍କାର ନେଇ ନିଷ୍ପତ୍ତି ହୋଇଥିଲା। ମନୋନୀତ ପୁସ୍ତକଗୁଡ଼ିକୁ ସ୍ୱତନ୍ତ୍ର କମିଟି ଦ୍ୱାରା ଚୟନ କରାଯାଇଥିବା ସୂଚନା ଦିଆଯାଇଛି। ଏ ନେଇ ସାହିତ୍ୟିକ ବଙ୍ଗାଳୀ ନନ୍ଦ କହିଛନ୍ତି, ପୁରସ୍କାର ପାଇବି ଜାଣିବା ପରେ ବହୁତ ଖୁସି ଲାଗୁଛି। ନେଲୁରୀ କେଶବସ୍ୱାମୀଙ୍କ ସମସାମୟିକ ଘଟଣା ଏବଂ ଅନେକ ଫଟୋଚିତ୍ର ବହିରେ ସ୍ଥାନ ପାଇଛି। ହିନ୍ଦୁ-ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଥିବା ଭେଦଭାବର ସମାଧାନ ସହିତ ଅନେକ ସାଂସ୍କୃତିକ, ଐତିହାସିକ କଥାକୁ ଗଳ୍ପ ଆକାରରେ ଉପସ୍ଥାପନ କରାଯାଇଛି। ପୁରସ୍କାର ପାଇଁ ମନୋନୀତ କରିଥିବା ଜୁରିମାନଙ୍କ ଦ୍ୱାରା ନିରପେକ୍ଷ ନିର୍ବାଚନ କରାଯାଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି।

**CANCELLATION OF INTERVIEWS SCHEDULED FOR HIRING**

With reference to the advertisement of Birla Tyres Limited dated 9th March 2024 released on Sambad Page No. 3 and on Dharitri Page No. 15, the interviews scheduled on 13th & 14th March 2024 hereby stands cancelled due to some unavoidable circumstances.



## କଳାହାଣ୍ଡି ଏମ୍‌ପି ଟିକେଟକୁ ନେଇ ଅନ୍ତର୍ଦ୍ୱନ୍ଦ୍ୱରେ ଭାଜପା

# ଏଥର ବସନ୍ତ ନା ବିକଳ୍ପ

ଭବାନୀପାଟଣା, ୧୧।୩(ଉତ୍ତମ କୁମାର ଦାଶ)


ବସନ୍ତ ପଣ୍ଡା


ଦୀପଜ୍ୟୋତି ମୁଣ୍ଡ୍


ହିମାଂଶୁ ଶେଖର ମେହେର


ଅର୍କ କେଶରୀ ଦେଓ


ପ୍ରଦୀପ୍ତ ନାଏକ

ବିଜେଡି-ଭାଜପା ମେଣ୍ଟ ହେବାକୁ ନେଇ ସମଗ୍ର ରାଜ୍ୟରେ ହଟଚମଟ ଦେଖାଦେଇଛି। ଏପରିସ୍ଥଳେ କଳାହାଣ୍ଡି ଜିଲା ଭାଜପାରେ ଦେଖାଦେଇଛି ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ। କଳାହାଣ୍ଡି ଲୋକ ସଭା ଆସନକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ଭାଜପା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଗତ ବୁଧବାର ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ ଓ ସର୍କିଟ ହାଉସ୍‌ଠାରେ କଳାହାଣ୍ଡି ଲୋକ ସଭା ଓ ବିଧାନସଭା ଆସନକୁ ନେଇ ଦଳୀୟ ମତ ସଂଗ୍ରହ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କଳାହାଣ୍ଡି ପର୍ଯ୍ୟବେକ୍ଷକ ବଲାଙ୍ଗୀର ଜିଲାର ଶିବାଜୀ ମହାନ୍ତି ଓ ନବରଙ୍ଗପୁରର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଯୋଗଦେଇ ଜିଲା କାର୍ଯ୍ୟକାରିଣୀ, ଜିଲାର ପଦାଧିକାରୀ ଓ ରାଜ୍ୟ ପଦାଧିକାରୀମାନଙ୍କୁ ୱାନ୍-ଟୁ-ୱାନ୍ ଡକାଯାଇ ଗ୍ରୀନ୍ ରୁମ୍‌ରେ ବ୍ୟକ୍ତିଗତ ମତ ସଂଗ୍ରହ କରିଥିଲେ। ଚିଟ୍‌ରେ ସେମାନେ ମତପ୍ରଦାନ କରିଥିଲେ। ଭାଜପା ଦଳୀୟ ସୂତ୍ରରୁ ଯାହା ସାମ୍ନାକୁ ଆସିଛି ବର୍ତ୍ତମାନର ଏମ୍‌ପି ବସନ୍ତ ପଣ୍ଡାଙ୍କ ବିପକ୍ଷରେ ଜିଲାର ପଦାଧିକାରୀମାନେ ମତ ଦେଇଥିବା ଜଣାପଡ଼ିଛି। କେବଳ ସେତିକି ନୁହଁ, ଏହି କାର୍ଯ୍ୟକ୍ରମରେ ଖୋଲାଖୋଲି ଭାବେ ସଭିଏଁ ଏମ୍‌ପି ପଣ୍ଡାଙ୍କ ବିରୋଧରେ ମତପ୍ରକାଶ କରିବା ଚର୍ଚ୍ଚାର ବିଷୟ ହୋଇଛି। ବିଗତ ୫ ବର୍ଷରେ ଲୋକ ସଭା ଏମ୍‌ପି ପଣ୍ଡା କଳାହାଣ୍ଡିରେ ତାଙ୍କ କାର୍ଯ୍ୟାଳୟଟିଏ କଲେ ନାହିଁ। ଦଳୀୟ ନେତା କର୍ମୀଙ୍କୁ ଉପେକ୍ଷା କରିଆସିଛନ୍ତି। ତାଙ୍କ ପରିବର୍ତ୍ତେ ଦଳ ଲୋକ ସଭା ଆସନ ଟିକେଟ ଆଶାୟୀ ଥିବା ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ମଧ୍ୟରୁ ଯାହାକୁ ଦେଲେ ବି ଗ୍ରହଣ କରାଯିବ ବୋଲି ଆଲୋଚନା ହେଉଛି। ମାତ୍ର ଏମ୍‌ପି ପଣ୍ଡାଙ୍କୁ ଟିକେଟ ଦେଲେ ଅସହଯୋଗ କରାଯିବ ବୋଲି ଜିଲାର ଅନେକ ନେତା ଓ କର୍ମୀ ମତପୋଷଣ କରୁଛନ୍ତି। ଏହା ପୂର୍ବରୁ ଗତ ୫ ତାରିଖ ନର୍ଲାଠାରେ ଆୟୋଜିତ ଇଏଲ୍‌ପିଓ ୱାର୍କଶପ୍ ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଏମ୍‌ପି ପଣ୍ଡା ଯୋଗଦେବାକୁ ଯାଇଥିବା ବେଳେ ସେଠାରେ ମଧ୍ୟ ତାଙ୍କୁ ସ୍ଥାନୀୟ ନେତା ଓ କର୍ମୀଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। ପୂର୍ବରୁ କଳାହାଣ୍ଡିରେ ଏଭଳି ଏକାଧିକ କାର୍ଯ୍ୟକ୍ରମରେ ଏମ୍‌ପି ପଣ୍ଡାଙ୍କୁ ଦଳୀୟ ନେତା ଓ କର୍ମୀଙ୍କ ଯୋଗୁ ହଟହଟା ହେବାକୁ ପଡ଼ିଛି।

ବର୍ତ୍ତମାନ ସ୍ଥିତିରେ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ ଓ ତାଙ୍କ ସ୍ତ୍ରୀ ମାଳବିକା ଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଭୁବନେଶ୍ୱର ମେୟର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୁନୀତ ମୁଣ୍ଡ୍ ଏବଂ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ୍ କଳାହାଣ୍ଡି ଲୋକ ସଭା ଆସନ ସକାଶେ ଆଶାୟୀ ଅଛନ୍ତି। ତେଣୁ ଏମାନେ ବସନ୍ତଙ୍କ ବିକଳ୍ପ ଭାବେ ଉଭା ହୋଇଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଏଭଳି ସ୍ଥଳେ ଭାଜପା ଭିତରେ ଦେଖାଦେଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଦେଖି ଏବେ କଳାହାଣ୍ଡି ଲୋକ ସଭା ଆସନକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ପାଇଁ ଆଗାମୀ ନିର୍ବାଚନରେ ଭଲ ସୁଯୋଗ ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି।

# ସିଟ୍ ବିଜେଡି ହାତରେ ପଡୁ

## ଭଦ୍ରକ ଲୋକ ସଭା ଆସନ

ଭଦ୍ରକ, ୧୧।୩ (ରବିନାରାୟଣ ଖିଲାର)

ରାଜ୍ୟରେ ବିଜେଡି-ଭାଜପା ମେଣ୍ଟ ଦ୍ୱନ୍ଦ୍ୱରେ। କେତେକେ ମେଣ୍ଟ ଚାହୁଁଥିବାବେଳେ ଅଧିକାଂଶ ସପକ୍ଷରେ ନାହାନ୍ତି। ଏଭଳିସ୍ଥଳେ ଭଦ୍ରକ ବିଜେଡି ଲୋକ ସଭା ଆସନକୁ ଅକ୍ତିଆର କରିବା ପାଇଁ ରାଜ୍ୟ ମୁଖିଆଙ୍କୁ ଅବଗତ କରାଇଛନ୍ତି।

ଭଦ୍ରକ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ବାଲେଶ୍ୱର ଜିଲାର ସୋର ଓ ସିମୁଳିଆକୁ ମିଶାଇଲେ ମୋଟ ୭ ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଭଦ୍ରକ ଲୋକ ସଭା ଆସନ। ମେଣ୍ଟ ହେଲେ ଭଦ୍ରକ ଏମ୍‌ପି ଆସନ ଭାଜପା ଭାଗରେ ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ବିଜେଡି ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିନେଇ ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଯୁବ ସଭାପତି ମୁକୁନ୍ଦ ସାମଲ, ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକଙ୍କ ସମେତ କେତେ ଜଣ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିବା ସହ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମାଙ୍କୁ ମଧ୍ୟ ଏ ବିଷୟରେ ଅବଗତ କରାଇଛନ୍ତି।

ଏହି ବିଜେଡି ନେତାଙ୍କ କହିବା କଥା ହେଲା, ଭଦ୍ରକ ସଂସଦୀୟ କ୍ଷେତ୍ରରେ ପ୍ରାୟ ୧ ଲକ୍ଷ ୮୦ ହଜାର ସଂଖ୍ୟାଲଘୁ ଭୋଟର ଅଛନ୍ତି। ଅଧିକାଂଶ ସଂଖ୍ୟାଲଘୁ ଭୋଟର ବିଜେଡି ସହ ଅଛନ୍ତି। ଏଭଳି କ୍ଷେତ୍ରରେ ମେଣ୍ଟ ହେଲେ ଭାଜପା ଯଦି ଏମ୍‌ପି ପ୍ରାର୍ଥୀ ଦିଏ, ତେବେ ସଂଖ୍ୟାଲଘୁ ଭୋଟରଙ୍କୁ ବିଜେଡି ହାତଛଡ଼ା କରିବ ବୋଲି ଜିଲା ସଭାପତି ସ୍ୱାଇଁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଭଦ୍ରକ ସଂସଦୀୟ କ୍ଷେତ୍ରରେ ସମସ୍ତେ ସଚେତନ ଭୋଟର ଅଛନ୍ତି। ଏଣୁ ଏହାକୁ ବିଚାରକୁ ନେଇ ଯଦି ମେଣ୍ଟ ହୁଏ ଏବଂ ଭଦ୍ରକ ସଂସଦୀୟ କ୍ଷେତ୍ରକୁ ବିଜେଡିକୁ ଦିଆଯାଏ, ତେବେ ଦଳ ମଜଭୁତ ସ୍ଥିତିରେ ରହିବ ବୋଲି ସେମାନେ ଦାବି କରିଛନ୍ତି। ୨୦୧୯ରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ୨୮,୮୦୩ ଭୋଟ୍‌ରେ ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରିଥିଲା। ଏଥର କିନ୍ତୁ ଭାଜପା ଏହି ଆସନ ଉପରେ ଅଧିକ ଫୋକସ୍ କରୁଛି। ପ୍ରକାଶଥାଉ କି, ୧୯୯୫ଠାରୁ ଲଗାତର ବିଜେଡି ଭଦ୍ରକ ଲୋକ ସଭା ଆସନରେ ବିଜୟୀ ହୋଇଆସୁଛି।


କଂଗ୍ରେସ ଭବନଠାରେ ସୋମବାର ଅନ୍ନପ୍ରାଶନ କାର୍ଯ୍ୟକ୍ରମ କରାଯାଇଛି।

# ୧୦ ଦୁର୍ନୀତି ପ୍ରସଙ୍ଗରେ ଲୋକଙ୍କ ପାଖକୁ ଯିବ କଂଗ୍ରେସ

## ଅନ୍ନପ୍ରାଶନ କାର୍ଯ୍ୟକ୍ରମ ପାଳିଲା

ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

ଓଡ଼ିଶାର ୧୦ଟି ଦୁର୍ନୀତି ପ୍ରସଙ୍ଗକୁ ନେଇ କଂଗ୍ରେସ ଲୋକଙ୍କ ପାଖକୁ ଯିବ। ଚିଟ୍‌ଫଣ୍ଡ ଦୁର୍ନୀତି, ଖଣି ଦୁର୍ନୀତି, ଗୁଣ୍ଡାରାଜ, ମାସ୍କ ସ୍କାମ୍, ତାମିଲ ଶାସନ, ଜମି ହଡ଼ପ, ଜବ୍ ଜୁମ୍‌ଲା, ସରକାରୀ ଚାକିରି ବିକ୍ରି, ବିଦ୍ୟୁତ୍ ଯନ୍ତ୍ରଣା ଓ ଦରଦାମ୍ ବୃଦ୍ଧି ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଦଳ ଲୋକଙ୍କ ନିକଟରେ ପହଞ୍ଚାଇ ବିଜେଡି ଏବଂ ଭାଜପାର ଅସଲ ଚେହେରା ଦେଖାଇବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର କଂଗ୍ରେସ ପକ୍ଷରୁ ଅନ୍ନପ୍ରାଶନ କାର୍ଯ୍ୟକ୍ରମ କରାଯାଇଛି। କଂଗ୍ରେସ ୧୦ଟି ନକଲି ଛୁଆଙ୍କ କଣ୍ଢେଇ ଆଣି ସେମାନେ ବିଜେଡି ଓ ଭାଜପା ଔରସରୁ ଜନ୍ମ ହୋଇଥିବା କଥା କହିଛି। ସେହି ୧୦ କଣ୍ଢେଇ ସନ୍ତାନଙ୍କ ନାମକରଣ ମଧ୍ୟ କଂଗ୍ରେସ ପକ୍ଷରୁ କରାଯାଇଛି। ସେମାନଙ୍କ ନାମ ଚିଟ୍‌ଫଣ୍ଡ ଦୁର୍ନୀତି, ଖଣି ଦୁର୍ନୀତି, ଗୁଣ୍ଡା, ମାସ୍କ ସ୍କାମ୍, ତାମିଲ ଶାସନ, ଜମି ହଡ଼ପ, ଜବ୍ ଜୁମ୍‌ଲା, ସରକାରୀ ଚାକିରି ବିକ୍ରି, ବିଦ୍ୟୁତ୍ ଯନ୍ତ୍ରଣା ଓ ଦରଦାମ ବୃଦ୍ଧି ବୋଲି ଦଳ ଦାବି କରିଛି। କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀ ଆୟୋଜନ କରି ଅଜୟ କୁମାର କହିଛନ୍ତି ଯେ, ଚିଟ୍‌ଫଣ୍ଡ ହେଉଛି ଏଭଳି ଏକ ଶିଶୁ ଯାହାର ତଦନ୍ତ କରିବାରେ ସିବିଆଇ ଫେଲ୍ ମାରିଛି। ୬୦ ଲକ୍ଷରୁ ଅଧିକ ପରିବାର ଏହି ଦୁର୍ନୀତିର ଶିକାର ହୋଇଛନ୍ତି। କିନ୍ତୁ ଭାଜପା ଓ ବିଜେଡିର ସଲାସୁତରା ଯୋଗୁ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ମିଳିପାରିନାହିଁ। ବର୍ଷ ବର୍ଷ ଧରି ତଦନ୍ତ ପରେ ମଧ୍ୟ ସିବିଆଇ ଫାଇନାଲ ଚାର୍ଜଶିଟ୍ ଦାଖଲ କରୁନାହିଁ। ସେପଟେ ଗରିବ ଓ ମଧ୍ୟବିତ୍ତ ପରିବାରର ଜମାକାରୀମାନେ ଜମା ଟଙ୍କା ଫେରିପାଇବାକୁ ଚାହିଁ ବସିଛନ୍ତି। ଖଣି ଦୁର୍ନୀତିର ମଧ୍ୟ ସମାନ ଅବସ୍ଥା। ଶାହା କମିଶନ ଏହି ଦୁର୍ନୀତିର ସିବିଆଇ ତଦନ୍ତ ପ୍ରସ୍ତାବ ଦେଇଥିଲେ। କିନ୍ତୁ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଛି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। ୟୁପିଏ ସରକାର ସମୟରେ ଯେଉଁ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୪୧୦ ଟଙ୍କା ଥିଲା, ତାହା ଏବେ ବଢ଼ି ୧୧୦୦ ଟଙ୍କା ହେଲାଣି। ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୫୫ ଟଙ୍କାରୁ ବଢ଼ି ୧୦୦ ଟଙ୍କାରୁ ଅଧିକ ହେଲାଣି। ତେଣୁ ଭାଜପା ଓ ବିଜେଡି ଔରସରୁ ଜନ୍ମ ଏହି ୧୦ ସନ୍ତାନଙ୍କୁ ଦମନ କରିବା ପାଇଁ ରାଜ୍ୟବାସୀ ଏକ ହେବା ଆବଶ୍ୟକ ବୋଲି ଅଜୟ କହିଛନ୍ତି। ଅନ୍ୟପଟେ ଆସନ୍ତା ନିର୍ବାଚନରେ ରାଜ୍ୟବାସୀ ଉଭୟ ବିଜେଡି ଓ ଭାଜପାକୁ ଉପଯୁକ୍ତ ଜବାବ ଦେବାକୁ ଅଜୟ କୁମାର ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କଂଗ୍ରେସ ଭବନ ସମ୍ମୁଖରେ ଏକ ଅନ୍ନପ୍ରାଶନ କାର୍ଯ୍ୟକ୍ରମ କରାଯାଇଛି। କଂଗ୍ରେସ ନେତାମାନେ ପୁରୋହିତଙ୍କୁ ଡାକି ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି।

# କଂଗ୍ରେସରୁ ବାପ ନା ପୁଅ

## ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ

ହାଟଡିହୀ, ୧୧।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୦୯ଠାରୁ ବିଜୁ ଜନତା ଦଳ(ବିଜେଡି) ପ୍ରାର୍ଥୀ ବିଜୟୀ ହୋଇ ଆସିଛନ୍ତି। ୨୦୦୪ରେ କଂଗ୍ରେସର ଜୟଦେବ ଯେନା ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଛି। ୨୦୨୪ ନିର୍ବାଚନ ଥିବାରୁ ଜୟଦେବ କଂଗ୍ରେସର ଘର ସଜାଡ଼ିବାରେ ଲାଗିଛନ୍ତି। ଆନନ୍ଦପୁର ଏବଂ ହାଟଡିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ସଭା, ସମିତି ଆରମ୍ଭ କଲେଣି। ସେ କର୍ମୀମାନଙ୍କୁ ଏକଜୁଟ କରି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ବିରୋଧୀଙ୍କ ଆଗରେ ନିଜ ଥାଟ ଦେଖାଇବା ପାଇଁ ୫୦୦ ଟଙ୍କା ଭଡ଼ା ଦେଇ ଲୋକଙ୍କୁ ସଭାସ୍ଥଳକୁ ବୁହାଇ ଆଣୁଥିବା ଆଲୋଚନା ହେଉଛି। ୨୦୧୯ ନିର୍ବାଚନ ପରେ ନିର୍ବାଚନମଣ୍ଡଳୀରେ ଦେଖାଦେଇ ନ ଥିବା ଜୟଦେବ ଓ ତାଙ୍କ ସମର୍ଥକମାନେ ଏବେ ସକ୍ରିୟ ହେବା ବିଷୟକୁ କାହାରିକୁ ବୁଝାଇବା ଦରକାର ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି।


କର୍ମୀ ସମ୍ମିଳନୀରେ କଂଗ୍ରେସ ନେତା ଜୟଦେବ ଯେନା ଭାଷଣ ଦେଉଛନ୍ତି।

ଏଥର ଜୟଦେବ ନା ତାଙ୍କ ପୁଅ ମନୋଜ କିଏ ପ୍ରାର୍ଥୀ ହେଉଛନ୍ତି, ତାହାକୁ ଦଳୀୟ କର୍ମୀ ଅନାଇ ରହିଛନ୍ତି। କାରଣ କଂଗ୍ରେସ ତରଫରୁ ଆୟୋଜିତ ସଭାସମିତିରେ ଲାଗୁଥିବା ବ୍ୟାନରର ଗୋଟିଏ ପଟେ ଜୟଦେବଙ୍କ ଫଟୋ ଥିବା ବେଳେ ଅନ୍ୟ ପଟେ ତାଙ୍କ ପୁଅଙ୍କ ଫଟୋ ଦେଖିବାକୁ ମିଳୁଛି। ଏପରି ସ୍ଥଳେ ଜୟଦେବ ନିଜ ପାଇଁ ନା ତାଙ୍କ ପୁଅ ପାଇଁ ଏଥର ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି ତାହା ବୁଝାପଡୁନି। ଜୟଦେବ ରାଜନୀତିରୁ ସନ୍ନ୍ୟାସ ନେଇ ତାଙ୍କ ସ୍ଥାନରେ ତାଙ୍କ ପୁଅଙ୍କୁ ସୁଯୋଗ ଦେବେ ବୋଲି କେହି କେହି କହୁଥିବା ବେଳେ ଆସନ୍ତା ନିର୍ବାଚନର ସ୍ଥିତିକୁ ଲକ୍ଷ୍ୟରେ ରଖି ଜୟଦେବ ଆବଶ୍ୟକ ପଡ଼ିଲେ ପ୍ରାର୍ଥୀ ହୋଇ ପାରନ୍ତି ବୋଲି ଆଉ କେହି କହୁଛନ୍ତିନ୍। କିନ୍ତୁ ଜୟଦେବ ଏବଂ ତାଙ୍କ ପୁଅଙ୍କୁ ଛାଡି ଦେଲେ କଂଗ୍ରେସରେ ଅନ୍ୟ କୌଣସି ଆଶାୟୀ ପ୍ରାର୍ଥୀ ଥିବା ନେଇ ଅଦ୍ୟାବଧି ଜଣାପଡ଼ିନି।

ଗତ ୨୦୦୯, ୨୦୧୪, ୨୦୧୯ ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହି ଲଗାତର ଭାବେ ବିଜେଡିଠାରୁ ପରାଜିତ ହେଉଛି। ୨୦୦୯ ରେ କଂଗ୍ରେସ ୪୮,୯୬୦ ଖଣ୍ଡ, ୨୦୧୪ରେ ୬୦,୨୯୬ ଖଣ୍ଡ ଏବଂ ୨୦୧୯ରେ ୪୫,୬୫୭ ଖଣ୍ଡ ଭୋଟ ପାଇଥିଲା। ଶେଷ ଦୁଇଟି ନିର୍ବାଚନକୁ ଦେଖିଲେ କଂଗ୍ରେସର ଭୋଟ କମୁଥିବା ଲକ୍ଷ୍ୟ କରାଯାଉଛି। ପୁଣି ଯଦି ବିଜେଡି-ଭାଜପା ମେଣ୍ଟ ହୁଏ, ତେବେ କଂଗ୍ରେସ କିଭଳି ସ୍ଥିତିରେ ରହିବ ତାହା ବଡ଼ କଥା। କର୍ମୀ ଏବଂ ଭୋଟରମାନେ ମଧ୍ୟ ଏ ନେଇ ଭିତିରି ଆଲୋଚନା ଏବଂ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଭଳି ସ୍ଥଳେ କଂଗ୍ରେସ ଭୋଟର 'ଦିନେ ନାହିଁ, କାଳେ ନାହିଁ, ଗହ୍ମା ପୁନେଇଁରେ ମାଇଁ ମାଇଁ' ଭଳି ନିର୍ବାଚନ ସମୟରେ ଜୟଦେବଙ୍କୁ ଦେଖି ନାନା ପ୍ରଶ୍ନ ପଚାରୁଥିବା ଦେଖିବାକୁ ମିଳୁଛି।

# ସଂକଳ୍ପପତ୍ର ପାଇଁ ଅଭିମତ ସଂଗ୍ରହ ଅଭିଯାନ ଶୁଭାରମ୍ଭ କଲା ଭାଜପା

ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୩ୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଆସନରେ ବସାଇବା ଲକ୍ଷ୍ୟରେ ଭାଜପା ସାରା ଦେଶରେ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବାକୁ ପ୍ରୟାସ ଆରମ୍ଭ କରିଛି। ୩ୟ ଥର ଭାଜପା କ୍ଷମତାକୁ ଆସିଲେ କ'ଣ ସବୁ ଜନମଙ୍ଗଳକାରୀ ଯୋଜନା ଲାଗୁ କରିବା ଆବଶ୍ୟକ ସେନେଇ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବାକୁ ଦଳ ପକ୍ଷରୁ ଏକ ପ୍ରୟାସ ଆରମ୍ଭ ହୋଇଛି। ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ଓଡ଼ିଶାର ୨୧ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ୧୪୭ ବିଧାନସଭାକୁ ୩୪ଟି ଭିଡିଓ ଭ୍ୟାନ୍/ପ୍ରଚାର ଗାଡ଼ିର ଶୁଭାରମ୍ଭ କରାଯାଇଛି। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ କନକ ବର୍ଦ୍ଧନ ସିଂହଦେଓ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହା ପ୍ରତ୍ୟେକ ବିଧାନସଭାରେ ୨ରୁ ୩ ଦିନ ପର୍ଯ୍ୟନ୍ତ ପ୍ରାୟ ୩୦ଟି ସଭା ମାଧ୍ୟମରେ ଜନତାଙ୍କ ମତାମତ ସଂଗ୍ରହ କରିବ। ୯୦୯୦୯୦୨୦୨୪ ନମ୍ବରକୁ ମିସ୍‌ଡ୍ କଲ୍ ଏବଂ ନରେନ୍ଦ୍ର ମୋଦି ଆପ୍‌ରେ ନିଜର ଅଭିମତ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପ୍ରେରଣ କରିପାରିବ।

# କଂଗ୍ରେସରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା



ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

୩ ଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଓ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ନିଜ ସମର୍ଥକମାନଙ୍କ ସହିତ ସୁଦର୍ଶନ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ କଂଗ୍ରେସକୁ ସ୍ୱାଗତ କରାଯାଇଛି। କଂଗ୍ରେସରେ ଯୋଗଦେବା ପରେ ସୁଦର୍ଶନ କହିଛନ୍ତି ଯେ, ଏ ଦେଶର ସମ୍ବିଧାନ, ଧର୍ମନିରପେକ୍ଷତା ଓ ଗଣତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ସେମାନେ କଂଗ୍ରେସରେ ଯୋଗ ଦେଇଛନ୍ତି। ଉଭୟ ବିଜେଡି ଓ ଭାଜପାକୁ ପରାସ୍ତ କରିବା ତାଙ୍କ ଲକ୍ଷ୍ୟ ହେବ ବୋଲି ସେ କହିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ସୁଦର୍ଶନ ଉଲ୍ଲେଖ କରିଥିଲେ ଯେ, ୨୦୧୪ ନିର୍ବାଚନରେ ଦଳର କିଛି ଲୋକଙ୍କ ବିଶ୍ୱାସଘାତକତା ଯୋଗୁ ସେ ହାରି ଯାଇଥିଲେ। ହେଲେ ଏଭଳି ସ୍ଥିତି ଉପୁଜିବା ସତ୍ତ୍ୱେ ଦଳ ପାଇଁ କାମ କରିଥିଲେ। ଭଲ କାର୍ଯ୍ୟ କରିବା ସତ୍ତ୍ୱେ ଦଳର ଜିଲା ସଙ୍ଗଠନ ଓ ଏହାର ଦାୟିତ୍ୱରେ ରହିଥିବା ନେତାମାନେ ତାଙ୍କୁ ଅପମାନିତ ଏବଂ ଅଣଦେଖା କରିଥିଲେ। ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେ ଦଳରେ ଏବେ ଅଦରକାରୀ ହୋଇପଡ଼ିଥିବାରୁ ଇସ୍ତଫା ଦେଉଥିବା ଦର୍ଶାଇଥିଲେ। ୨୦୦୯ରେ ସୁଦର୍ଶନ ବିଜେଡି ଟିକେଟରେ ରେମୁଣାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୪ରେ ସେ ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କଠାରୁ ୧୩ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ ହୋଇଥିଲେ। ୨୦୧୯ରେ ବିଜେଡି ତାଙ୍କୁ ଟିକେଟ ଦେଇ ନ ଥିଲା।

# ଭାଜପା ଟିକେଟ ଆଶାରେ ୬

## ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ

ବାସୁଦେବପୁର, ୧୧।୩
(ନାରାୟଣ ପ୍ରସାଦ ବାରିକ୍)


ମନୋଜ କୁମାର ନାୟକ


ସବ୍ୟସାଚୀ ମହଲା


ଉଦୟ ନାରାୟଣ ମଲିକ


ପ୍ରତାପ କୁମାର ନାୟକ


ଅଶୋକ କୁମାର ସାହୁ


ଦୀନବନ୍ଧୁ ପତି

ଭଦ୍ରକ ଜିଲାର ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ, ପୌରପାଳିକାର ୨୩ ୱାର୍ଡ ଓ ତିହିଡ଼ି ବ୍ଲକର ୯ ପଞ୍ଚାୟତକୁ ନେଇ ଗଠିତ। ୨୦୦୦ ମସିହାରୁ ଏହି ଆସନକୁ ବିଜୁ ଜନତା ଦଳ (ବିଜେଡି) ଅକ୍ତିଆର କରିଆସିଛି। ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ ଏବେ ବିଧାୟକ ଅଛନ୍ତି। ଭାଜପା ଏଠାରୁ ଖାତା ଖୋଲିପାରି ନ ଥିବାରୁ ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି କସରତ କରୁଛି।

ବିଜେଡି-ଭାଜପା ମେଣ୍ଟ ନେଇ ଚର୍ଚ୍ଚା ଚାଲିଥିଲେ ମଧ୍ୟ ବାସୁଦେବପୁର ବିଧାନସଭା ଆସନ ପାଇଁ ଭାଜପାରୁ ୬ ଆଶାୟୀ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଆଧାର କରି ଆଶାୟୀ ପ୍ରାର୍ଥୀମାନେ ନିଜର ସମର୍ଥକଙ୍କୁ ଧରି ପଞ୍ଚାୟତ ଓ ଗାଁ ପରିକ୍ରମା କରି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଚଳାଇଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ଦେଖିଲେ ଦଳର ବରିଷ୍ଠ ନେତା ତଥା ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିବା ମାଧବାନନ୍ଦ ମଲିକଙ୍କ ପୁଅ ଉଦୟ ନାରାୟଣ ମଲିକ ସକ୍ରିୟ ଅଛନ୍ତି। ଉଦୟ ଭାଜପାର ଜିଲା ଉପସଭାପତି ଅଛନ୍ତି। ୨୦୧୯ ନିର୍ବାଚନରେ ପିତା ମାଧବାନନ୍ଦଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ଏହି ନିର୍ବାଚନରେ ମାଧବାନନ୍ଦଙ୍କୁ ୩୫ ହଜାର ଭୋଟ୍ ମିଳିଥିଲା। ପିତାଙ୍କ ଅପେକ୍ଷା କିଭଳି ଅଧିକ ସମର୍ଥନ ପାଇବେ ସେଥିରେ ସେ ଲାଗିପଡ଼ିଛନ୍ତି। ସେହିପରି ୨୦୧୪ରେ ଭାଜପା ଟିକେଟରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ଜିଲା ସଭାପତି ଦୀନବନ୍ଧୁ ପତି ବାସୁଦେବପୁରରେ ଦଳକୁ ସୁଦୃଢ଼ କରିବାରେ ନିଜକୁ ନିୟୋଜିତ କରିଛନ୍ତି। ଦଳର ଜଣେ କ୍ୟାଡର ନେତା ଓ ସଂଘ ପରିବାର ସହ ସେ ଯୋଡ଼ି ହୋଇ ରହିଥିବା ବେଳେ ତିହିଡ଼ି ଓ ବାସୁଦେବପୁର ବ୍ଲକରେ ତାଙ୍କର ମଧ୍ୟ ପ୍ରଭାବ ରହିଛି। ଅନୁରୂପ ଭାବେ ୨୦୦୯ରେ ଦଳୀୟ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିବା ଅଶୋକ କୁମାର ସାହୁ ମଧ୍ୟ ଟିକେଟ ପାଇବା ଲାଗି ଆଶାରେ ଅଛନ୍ତି। ସଂଘ ପରିବାର ସହ ମଧ୍ୟ ତାଙ୍କ ସମ୍ପର୍କ ମଜଭୁତ ରହିଛି।

ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରତାପ କୁମାର ନାୟକ ଏଠାରୁ ମଧ୍ୟ ଟିକେଟ ଆଶାୟୀ ଅଛନ୍ତି। ଶିକ୍ଷାବିତ୍ ଭାବେ ଏ ଅଞ୍ଚଳରେ ସେ ଜଣେ ଚିହ୍ନାମୁହଁ ହୋଇଥିବା ବେଳେ ଭାଜପା ରାଜ୍ୟ ବୁଦ୍ଧିଜୀବୀ ସେଲ୍‌ର ସେ ସଂଯୋଜକ ଥିବା ସହ ଦଳୀୟ ଓ ସାଙ୍ଗଠନିକ କାର୍ଯ୍ୟରେ ଲାଗି ରହିଛନ୍ତି। ଅନ୍ୟତମ ଆଶାୟୀ ଯୁବ ବ୍ୟବସାୟୀ ମନୋଜ କୁମାର ନାୟକ। ସେ ମଧ୍ୟ ଗାଁଗଣ୍ଡା ବୁଲି ସଭା ସମିତିରେ ସାମିଲ ହେବା ସହ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ଅନ୍ୟତମ ନୂଆ ଚେହେରା ସବ୍ୟସାଚୀ ମହଲା। ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତରେ ତାଙ୍କ ଘର ହୋଇଥିବା ବେଳେ ସେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚାର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ସବ୍ୟସାଚୀ ଜଣେ ଓବିସି ଶ୍ରେଣୀଭୁକ୍ତ ଆଶାୟୀ ହୋଇଥିବାରୁ ବାସୁଦେବପୁର, ତିହିଡ଼ି ଅଞ୍ଚଳର ଭାଜପା ଭୋଟ ସହ ଓବିସି ଶ୍ରେଣୀର ଭୋଟର ତଥା ଯାଦବ ଭୋଟରମାନେ ତାଙ୍କୁ ଅଧିକ ସହଯୋଗ କରିବେ ବୋଲି ସେ ଆଶା ବାନ୍ଧିଛନ୍ତି।

ଦୀର୍ଘବର୍ଷ ଧରି ବିଜେଡି ପ୍ରାର୍ଥୀ ଜିତି ଆସୁଥିବାରୁ ଆଗାମୀ ନିର୍ବାଚନରେ ଭୋଟର ଭାଜପାକୁ ପସନ୍ଦ କରିବେ ବୋଲି ଦଳୀୟ ନେତା ଓ କର୍ମୀ କହୁଛନ୍ତି। ହେଲେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ଏହା ରାଜ୍ୟ ଓ ଜିଲା ନେତୃମଣ୍ଡଳୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ତେବେ ଏହି ଆଶାୟୀଙ୍କ ମଧ୍ୟରୁ ଦଳ କାହାକୁ ପ୍ରାର୍ଥୀ କରିବ, ସେଥିନେଇ କୌଣସି ଆଭାସ ମିଳିପାରୁ ନାହିଁ। ପୁଣି ବିଜେଡି-ଭାଜପା ମେଣ୍ଟ ଝୁଲି ରହିବା ଆଉ ଏକ ଦିଗକୁ ଇଙ୍ଗିତ କରୁଛି।

# ବିବାଦୀୟ ଇଲେକ୍ଟୋରାଲ ବଣ୍ଡ୍

ନୂଆଦିଲ୍ଲୀ,୧୧।୩





For value received, the Bank hereby promises to pay on demand to the eligible Payee which is holding this instrument, upon surrender of the original instrument in the Designated Account of the eligible Political Party with the Bank, the sum representing the value of this instrument of ₹ 1,000/- (Rupees One Thousand only) in accordance with the Scheme called 'The Electoral Bond Scheme, 2018', notified by the Central Government vide Gazette Notification No. 20 dated the 2nd January, 2018.

On payment of the said amount, the liability of the Bank hereunder shall stand fully extinguished.

SAMPLE

Place: NEW DELHI

Authorized Signatory

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ପ୍ରଚଳିତ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ କାର୍ଯ୍ୟକାରୀ ହେବା ଦିନଠାରୁ ଏହାକୁ ବିରୋଧ କରାଯାଇଥିଲା। ଏହି ଯୋଜନାରେ ଚାନ୍ଦା ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କ ନାଁକୁ ଗୋପନ ରଖାଯାଉଥିବାରୁ କିଏ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଉଛନ୍ତି, କେଉଁ ସୂତ୍ରରୁ ଦଳଗୁଡ଼ିକ ଏତେ ପରିମାଣରେ ଅର୍ଥ ପାଉଛନ୍ତି, ସେ ସମ୍ପର୍କରେ ଜାଣିବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ଥିଲା। ଏହା ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ସାମ୍ବିଧାନିକ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ ବୋଲି ଦର୍ଶାଇ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଅନ୍ୟମାନେ ମଧ୍ୟ ବଣ୍ଡ୍ ବ୍ୟବସ୍ଥାକୁ ବିରୋଧ କରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ।

ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବୋଚ୍ଚ ଅଦାଲତ ଏହି ଐତିହାସିକ ରାୟ ବଳରେ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କରିଦେଇଥିଲେ। ଫଳରେ ସରକାରଙ୍କ ପାଇଁ ଏହା ବଡ଼ ଝଟ୍‌କା ହୋଇଛି। ଚାନ୍ଦା ସଂଗ୍ରହରେ ଇଲେକ୍ଟୋରାଲ ବଣ୍ଡର ପ୍ରଚଳନ ଅସାମ୍ବିଧାନିକ ବୋଲି ଅଦାଲତ କହିବା ସହ ଏହା ମାଧ୍ୟମରେ ଚାନ୍ଦା ଦେଇଥିବା ବ୍ୟକ୍ତି ଓ ଗ୍ରହଣ କରିଥିବା ଦଳଙ୍କ ନାଁ ଓ ଚାନ୍ଦା ପରିମାଣ ଜଣାଇବାକୁ ଅଦାଲତ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ର ଏହି ଯୋଜନା ମତବ୍ୟକ୍ତ କରିବାର ସ୍ୱାଧୀନ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଛି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ କହିଥିଲେ। ରାଜନୈତିକ ଚାନ୍ଦା ସଂଗ୍ରହରେ ସ୍ୱଚ୍ଛତା ଆଣିବା ଏବଂ କଳାଧନ ରୋକିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଥିବା ସରକାର ଯୁକ୍ତି ଦର୍ଶାଇଥିଲେ ହେଁ, ସାମ୍ବିଧାନିକ ପୀଠ ଏଥିରେ ସହମତ ହୋଇ ନ ଥିଲେ। ଉକ୍ତ ଯୋଜନାକୁ ତୁରନ୍ତ ବନ୍ଦ କରିବା ସହ ବଣ୍ଡ୍ ବିକ୍ରି କରୁଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)କୁ ମାର୍ଚ୍ଚ ୬ ସୁଦ୍ଧା ସବିଶେଷ ବିବରଣୀ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ଦାଖଲ ପାଇଁ ସମୟ ବଢ଼ାଇବା ନିମନ୍ତେ ଏସ୍‌ବିଆଇ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ମଙ୍ଗଳବାର ଅଫିସ ସମୟ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଦାଖଲ କରିବା ଲାଗି ଏସ୍‌ବିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏସ୍‌ବିଆଇ ଦାଖଲ କରିଥିବା ତଥ୍ୟକୁ ମାର୍ଚ୍ଚ ୧୫ ଅପରାହ୍ନ ୫ଟା ସୁଦ୍ଧା ସରକାରୀ ୱେବ୍‌ସାଇଟ୍‌ରେ ରଖିବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗୋପନ ବାଲଟ ବ୍ୟବସ୍ଥା ଭଳି ଚାନ୍ଦା ଦେଉଥିବା ବ୍ୟକ୍ତି ଓ ସଂସ୍ଥାଗୁଡ଼ିକର ନାଁ ଗୋପନ ରଖିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ପ୍ରଚଳନ ହୋଇଥିଲା ବୋଲି କେନ୍ଦ୍ର ସରକାର ଦର୍ଶାଇଥିବା ତ୍ରୁଟିପୂର୍ଣ୍ଣ ଯୁକ୍ତିକୁ ଅଦାଲତ ଖଣ୍ଡନ କରିଦେଇଥିଲେ। ଉକ୍ତ ବଣ୍ଡ୍ ଜରିଆରେ ଶାସକ ଦଳଗୁଡ଼ିକ ଜନସାଧାରଣ ଏବଂ ସଂସ୍ଥାକୁ ଚାନ୍ଦା ଦେବା ପାଇଁ ବାଧ୍ୟ କରୁଥାଇପାରନ୍ତି। ଇଲେକ୍ଟୋରାଲ ବଣ୍ଡ୍ ଓ ଭୋଟରଙ୍କ ତଥ୍ୟ ଜାଣିବା ଅଧିକାରକୁ ଉଲ୍ଲଂଘନ କରିବା ପାଇଁ ସେଥିରେ ରହିଥିବା ବିବାଦୀୟ ବ୍ୟବସ୍ଥା ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ)ରେ ରହିଥିବା ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାରର ଉଲ୍ଲଂଘନ ବୋଲି ସାମ୍ବିଧାନିକ ପୀଠ କହିଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ଆଣିବ ବୋଲି ବିଭିନ୍ନ ରାଜନୈତିକ ଦଳ ପ୍ରତିକ୍ରିୟାରେ କହିଥିଲେ। ଇଲେକ୍ଟୋରାଲ ବଣ୍ଡ୍ କାର୍ଯ୍ୟକାରୀ ହେବା ଦିନରୁ କଂଗ୍ରେସ ଏହାକୁ ଅସ୍ୱଚ୍ଛ ଓ ଅଗଣତାନ୍ତ୍ରିକ କହିବା ସହ ବିରୋଧ କରୁଥିଲା ବୋଲି ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୋଦି ସରକାରଙ୍କ ଏହି ବିବାଦୀୟ ଯୋଜନା ବନ୍ଦ କରିବା ପାଇଁ ୨୦୧୯ରେ କଂଗ୍ରେସ ଆଣିଥିବା ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ରାଜନୈତିକ ଓ ନିର୍ବାଚନୀ ଚାନ୍ଦା ସଂଗ୍ରହରେ ସଂସ୍କାର ଅଣାଯିବା ଜରୁରୀ ବୋଲି ସିପିଆଇ(ଏମ୍) ପଲିଟି ବ୍ୟୁରୋ ପକ୍ଷରୁ କୁହାଯାଇଥିଲା।

## ମାମଲାର ଘଟଣାକ୍ରମ

**୨୦୧୭:** ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ୨୦୧୭ ଅର୍ଥ ବିଲ୍‌ରେ ଆଗତ ହୋଇଥିଲା।

**୨୦୧୭ ସେପ୍ଟେମ୍ବର ୧୪:** ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ମୁଖ୍ୟ ଆବେଦନକାରୀ ଭାବେ ଏହି ଯୋଜନାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

**୨୦୧୭ ଅକ୍ଟୋବର ୩:** ଏନ୍‌ଜିଓ ଦାଖଲ କରିଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଆଧାରରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଥିଲେ।

**୨୦୧୮ ଜାନୁଆରୀ ୨:** କେନ୍ଦ୍ର ସରକାର ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଉପରେ ବିଜ୍ଞପ୍ତି ଜାରି କଲେ।

**୨୦୨୨ ନଭେମ୍ବର ୭:** ଉକ୍ତ ସ୍କିମ୍‌ରେ ସଂଶୋଧନ କରାଯାଇ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ଅବଧିକୁ ବର୍ଷକୁ ୭୦ ଦିନରୁ ୮୫ ଦିନକୁ ବୃଦ୍ଧି କରାଯାଇଥିଲା।

**୨୦୨୩ ଅକ୍ଟୋବର ୧୬:** ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଇଲେକ୍ଟୋରାଲ ବଣ୍ଡ୍ ମାମଲାର ବିଚାର ପାଇଁ ୫ ଜଣିଆ ସାମ୍ବିଧାନକ ପୀଠକୁ ପଠାଇଥିଲେ।

**୨୦୨୩ ଅକ୍ଟୋବର ୩୧:** ପ୍ରଧାନ ବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଗଢ଼ାଯାଇଥିଲା।

**୨୦୨୩ ନଭେମ୍ବର ୨:** ଶୁଣାଣି ଶେଷ କରିବା ପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

**୨୦୨୪ ଫେବୃଆରୀ ୧୫:** ମତବ୍ୟକ୍ତ କରିବାର ସାମ୍ବିଧାନିକ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାର ଉଲ୍ଲଂଘନ କରୁଥିବା ଦର୍ଶାଇ ସାମ୍ବିଧାନିକ ପୀଠ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଥିଲେ।

**୨୦୨୪ ମାର୍ଚ୍ଚ ୪:** ଇଲେକ୍ଟୋରାଲ ବଣ୍ଡର ସବିଶେଷ ତଥ୍ୟ ନିର୍ବାଚନ କମିଶନଙ୍କୁ ଦେବା ପାଇଁ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ବଢ଼ାଇବାକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସୁପ୍ରିମକୋର୍ଟରେ ଆବେଦନ କରିଥିଲା।

**୨୦୨୪ ମାର୍ଚ୍ଚ ୭:** ଧାର୍ଯ୍ୟ ସମୟ ମାର୍ଚ୍ଚ ୬ ମଧ୍ୟରେ ତଥ୍ୟ ନ ଦେଇ ଏସ୍‌ବିଆଇ ଜାଣିଶୁଣି ଅଦାଲତ ନିର୍ଦ୍ଦେଶର ଅବମାନନା କରୁଥିବା ଦର୍ଶାଇ ଏହା ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ପାଇଁ ୨ଟି ଏନ୍‌ଜିଓ ପକ୍ଷରୁ ଆବେଦନ କରାଯାଇଥିଲା।

**୨୦୨୪ ମାର୍ଚ୍ଚ ୧୧:** ସମୟ ବଢ଼ାଇବା ପାଇଁ ଏସ୍‌ବିଆଇର ଆବେଦନକୁ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠ ଖାରଜ କରିଦେଇଛନ୍ତି। ଏଥିସହିତ ୧୨ ତାରିଖ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡର ସବିଶେଷ ତଥ୍ୟ ଇସିଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୧୬ ହଜାର କୋଟିର ବଣ୍ଡ୍ ବିକ୍ରି

ବିବାଦୀୟ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଅଦ୍ୟାବଧି ରାଜନୈତିକ ଦଳଗୁଡ଼ିକୁ ଏହାର ବିକ୍ରିରୁ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଚାନ୍ଦା ମିଳିଛି। ଏଥିରୁ ଏକ ସିଂହଭାଗ ଶାସକ ଦଳ ଭାଜପାକୁ ମିଳିଥିଲା। ସୁପ୍ରିମକୋର୍ଟ ଉକ୍ତ ଯୋଜନାକୁ ରଦ୍ଦ କରିଦେବା ଭାଜପା ପାଇଁ ସବୁଠୁ ବଡ଼ ଝଟକା। ନିର୍ବାଚନ କମିଶନ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପାଖରେ ଥିବା ତଥ୍ୟ ଅନୁଯାୟୀ ଗତ ଆର୍ଥିକ ବର୍ଷ ସୁଦ୍ଧା ସବୁ ରାଜନୈତିକ ଦଳ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାରେ ୧୨,୦୦୦ କୋଟି ଟଙ୍କାରୁ ଅଧିକ ଚାନ୍ଦା ପାଇଥିବାବେଳେ ସେଥିରୁ ଭାଜପାର ଭାଗ ଥିଲା ୫୫ ପ୍ରତିଶତ ବା ୬,୫୬୫ କୋଟି ଟଙ୍କା। ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ର ତଥ୍ୟ ଅନୁଯାୟୀ ୨୦୧୮ ମାର୍ଚ୍ଚରୁ ଗତ ଜାନୁଆରୀ ସୁଦ୍ଧା ରାଜନୈତିକ ଦଳଗୁଡ଼ିକୁ ସମୁଦାୟ ୧୬,୫୧୮.୧୧ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ମିଳିଛି। ବିଭିନ୍ନ ରାଜ୍ୟରେ କ୍ଷମତାରେ ଥିବା ଆଞ୍ଚଳିକ ଦଳଗୁଡ଼ିକର ମୋଟ ଚାନ୍ଦାର ୯୦ ପ୍ରତିଶତରୁ ଅଧିକ ଉକ୍ତ ବଣ୍ଡ୍‌ରୁ ପାଇଛନ୍ତି। ତେବେ ମୋଟାମୋଟି ଦେଖିଲେ ଇଲେକ୍ଟୋରାଲ ବଣ୍ଡରୁ ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦା ମୋଟ ଆୟର ଅଧାରୁ ଅଧିକ ଥିଲା। ଉପା ସରକାରର ଶେଷ ବର୍ଷ ପର୍ଯ୍ୟନ୍ତ କଂଗ୍ରେସ ସବୁଠୁ ଧନୀ ଦଳ ଥିଲା। ୨୦୧୩-୧୪ ଆର୍ଥିକ ବର୍ଷରେ ଚାନ୍ଦା ସଂଗ୍ରହରେ ଭାଜପା କଂଗ୍ରେସକୁ ଟପିଥିଲା।

## ଇଲେକ୍ଟୋରାଲ ବଣ୍ଡ୍ କ’ଣ

ରାଜନୈତିକ ଦଳଗୁଡ଼ିକର ଚାନ୍ଦା ସଂଗ୍ରହ ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଏକ ଆର୍ଥିକ ସାଧନ। ଏଥିରେ କ୍ରେତା ଏବଂ ପ୍ରାପକଙ୍କ ନାଁ ରହୁ ନ ଥିବାରୁ ଏହା ଏକ ବିଅରିଂ ସାଧନ ଭାବେ କାର୍ଯ୍ୟ କରିଥାଏ ଏବଂ ଦାତାଙ୍କୁ ଗୋପନ ରଖିଥାଏ। ୨୦୧୭-୧୮ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ପ୍ରଥମେ ଇଲେକ୍ଟୋରାଲ ବଣ୍ଡ୍ ଘୋଷଣା କରିଥିଲେ। ଭାରତର ନାଗରିକ ଏବଂ ଘରୋଇ କମ୍ପାନୀଗୁଡ଼ିକ ଏହା ଜରିଆରେ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଇପାରିବେ। ଜଣେ କ୍ରେତା କେତେ ବଣ୍ଡ୍ କିଣିବେ, ତାହାର କୌଣସି ସୀମା ଧାର୍ଯ୍ୟ ହୋଇ ନ ଥିଲା। ୧,୦୦୦ରୁ ଆରମ୍ଭ କରି ୧୦ ହଜାର, ୧ ଲକ୍ଷ, ୧୦ ଲକ୍ଷ ଏବଂ ୧ କୋଟି ଟଙ୍କା ମୂଲ୍ୟର ବଣ୍ଡ୍ ଉପଲବ୍ଧ ରହିଥିବାବେଳେ ୧ କୋଟି ମୂଲ୍ୟର ବଣ୍ଡ୍ ସର୍ବାଧିକ ବିକ୍ରି ହୋଇଥାଏ। କେବଳ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କେତେକ ନିର୍ଦ୍ଦିଷ୍ଟ ଶାଖା ଜରିଆରେ ଏହି ବଣ୍ଡ୍ ବିକ୍ରି ହୋଇଥାଏ। ୧୫ ଦିନ ମଧ୍ୟରେ ରାଜନୈତିକ ଦଳଗୁଡ଼ିକ ଏହାକୁ ନ ମୁକୁଳାଇଲେ, ତାହା ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିକୁ ଚାଲିଯାଇଥାଏ। ୭ ବର୍ଷ ଧରି ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଚାନ୍ଦା ସଂଗ୍ରହ କରୁଥିବାବେଳେ ସୁପ୍ରିମକୋର୍ଟ ଗତ ମାସ ୧୫ ତାରିଖରେ ଏହାକୁ ଅସାମ୍ବିଧାନିକ ଦର୍ଶାଇ ରଦ୍ଦ କରିଦେଇଛନ୍ତି।

## କେବେ ଆସିଥିଲା ଏହି ଯୋଜନା

୨୦୧୭ର ଅର୍ଥ ବିଲ୍‌ରେ ପ୍ରସ୍ତାବିତ ସଂଶୋଧନ ଉପରେ ସେହିବର୍ଷ ଜାନୁଆରୀ ୨୮ରେ ଅର୍ଥ ମନ୍ତ୍ରଣାଳୟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ମତାମତ ଲୋଡ଼ିଥିଲେ। ୩୦ ତାରିଖରେ ଆର୍‌ବିଆଇ ଏହାର ଉତ୍ତରରେ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଉପରେ ଗମ୍ଭୀର ଆଶଙ୍କା ବ୍ୟକ୍ତ କରିଥିଲା। ଏହି ବଣ୍ଡ୍ ଦ୍ୱାରା ବେଆଇନ ଆର୍ଥିକ କାରବାରର ସୁଯୋଗ ଦେବା ସହ ସ୍ୱଚ୍ଛତା ରହିବ ନାହିଁ ବୋଲି ଆର୍‌ବିଆଇ କହିଥିଲା। ତେବେ କେନ୍ଦ୍ର ସରକାର ଆର୍‌ବିଆଇର ଉଦ୍‌ବେଗକୁ ଏଡ଼ାଇ ଯାଇ ୨୦୧୭ ଫେବୃଆରୀ ୧ରେ ଲୋକ ସଭାରେ ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କରେ ଘୋଷଣା କରିଥିଲେ। ଅର୍ଥବିଲ୍ ହୋଇଥିବାରୁ ଏହା ପାର୍ଲାମେଣ୍ଟର ଉଭୟ ଗୃହରେ ଅନାୟାସରେ ଗୃହୀତ ହୋଇଥିଲା। ୨୦୧୮ ଜାନୁଆରୀ ୨ରେ ଏହା ଉପରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା।




ଆସାମର ନାଗାଁଓ ଜିଲାରେ ସିଏଏ ବିରୋଧୀ ଆନ୍ଦୋଳନରେ ସ୍ଥାନୀୟ ବାସିନ୍ଦା ( ୪ ଜାନୁଆରୀ ୨୦୨୦)।

## କ’ଣ ଥିଲା ଘଟଣାକ୍ରମ

**୪ ଡିସେମ୍ବର ୨୦୧୯:** କେନ୍ଦ୍ର ସରକାରଙ୍କ ଦ୍ୱାରା ନାଗରିକତ୍ୱ ସଂଶୋଧନ ବିଲ୍ (ସିଏଏ)କୁ ପାର୍ଲାମେଣ୍ଟରେ ଆଗତ ନେଇ ସୂଚନା ଦିଆଗଲା। ବିଲ୍‌କୁ ବିରୋଧ କରି ଆସାମର ଦିସ୍‌ପୁରରେ ପୋଲିସ ସହ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ତ୍ରିପୁରା ରାଜଧାନୀ ଅଗରତାଲାରେ ଆନ୍ଦୋଳନରେ ହିଂସା ଘଟି ୬ ଜଣଙ୍କର ମୃତ୍ୟୁ ଘଟିବା ସହ ୫୦ ଜଣ ଆହତ ହୋଇଥିଲେ।

**୯ ଡିସେମ୍ବର ୨୦୧୯:** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକ ସଭାରେ ନାଗରିକତ୍ୱ ସଂଶୋଧନ ବିଲ (ସିଏଏ) ଆଗତ କଲେ।

**୧୦ ଡିସେମ୍ବର ୨୦୧୯:** ୩୧୧ ଭୋଟ ସହ ଲୋକ ସଭାରେ ପାସ୍ ହେଲା ସିଏଏ ।

**୧୧ ଡିସେମ୍ବର ୨୦୧୯:** ୧୨୫ ଭୋଟ ସହ ରାଜ୍ୟ ସଭାରେ ବିଲ୍ ପାସ୍ ହେଲା।

**୧୨ ଡିସେମ୍ବର ୨୦୧୯:** ରାଷ୍ଟ୍ରପତିଙ୍କ ଠାରୁ ଅନୁମତି ପାଇ ନାଗରିକତ୍ୱ ସଂଶୋଧନ ବିଲ୍ ଆଇନରେ ପରିଣତ ହେଲା।

**୧୪ ଡିସେମ୍ବର ୨୦୧୯:** ପୋଲିସ ଗୁଳିରେ ଆସାମର ଈଶ୍ୱର ନାୟକ ନାମକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଲା। ଦିଲ୍ଲୀର ଯନ୍ତରମନ୍ତର ଠାରେ ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ବିଲ୍ ବିରୋଧରେ ଏକାଠି ହେଲେ।

**୧୫ ଡିସେମ୍ବର ୨୦୧୯:** ଦିଲ୍ଲୀରେ ସିଏଏ ବିରୋଧୀ ଆନ୍ଦୋଳନ ଉଗ୍ରରୂପ ଧାରଣ କଲା। ଦିଲ୍ଲୀ ପରିବହନ ନିଗମର ୩ଟି ବସ୍‌କୁ ଉତ୍ତେଜିତ ଆନ୍ଦୋଳନକାରୀମାନେ ଜାଳିଦେଲେ। ଦିଲ୍ଲୀର ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟରେ ପୋଲିସ ଛାତ୍ରଙ୍କୁ ଗିରଫ କରିଥିଲା। ଅଲିଗଡ଼ ବିଶ୍ୱବିଦ୍ୟାଳୟ ସାମ୍ନାରେ ଆନ୍ଦୋଳନ ଉଗ୍ର ରୂପ ନେବାରୁ ଛାତ୍ରମାନଙ୍କ ଉପରେ ପୋଲିସ ଲାଠି ଚାର୍ଜ କରିଥିଲା। ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ଉଗ୍ର ଆନ୍ଦୋଳନକାରୀମାନେ ୫ଟି ଟ୍ରେନ ଜାଳିଦେଇଥିଲେ।

**୧୭ ଡିସେମ୍ବର ୨୦୧୯:** ଦିଲ୍ଲୀର ସଲିମପୁରରେ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ଏକ ଥାନା ଜାଳିଦେଇଥିଲେ। କର୍ଣ୍ଣାଟକର ଦୁଇ ଜଣ ଓ ଉତ୍ତରପ୍ରଦେଶରେ ଜଣେ ଆନ୍ଦୋଳନକାରୀ ପୋଲିସ ଗୁଳିରେ ନିହତ ହୋଇଥିଲେ। ଭାଜପା ଶାସିତ କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ସାର୍ବଜନୀନ ସଭା କରିବା ପାଇଁ ବାରଣ କରାଗଲା। ଦିଲ୍ଲୀରେ ସିପିଏମ୍ ନେତା ସୀତାରାମ ୟେଚୁରୀଙ୍କ ସହ ୧୨୦୦ ଆନ୍ଦୋଳନକାରୀଙ୍କୁ ଗିରଫ କଲା ପୋଲିସ। ଉତ୍ତରପ୍ରଦେଶର କେତେକ ଜିଲାରେ ଇଣ୍ଟରନେଟ ସେବା ବନ୍ଦ ହେଲା।

**୨୨ ଡିସେମ୍ବର ୨୦୧୯:** ସିଏଏ ବିରୋଧରେ ରାଜସ୍ଥାନର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସମ୍ବିଧାନ ବଚାଓ ରାଲି ଆରମ୍ଭ କରିଥିଲେ।

**୨୯ ଡିସେମ୍ବର ୨୦୧୯:** ଦିଲ୍ଲୀର ସାହିନ୍‌ବାଗ୍ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ମୁସଲିମ ମହିଳା ସିଏଏ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**୧ ଜାନୁଆରୀ ୨୦୨୦:** କୋଚିର ବିଭିନ୍ନ ମୁସଲିମ ସଂଗଠନ ପକ୍ଷରୁ ସିଏଏ ବିରୋଧୀ ରାଲିରେ ପ୍ରାୟ ୨ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା।

**୪ ଜାନୁଆରୀ ୨୦୨୦:** ୧ ଲକ୍ଷରୁ ଅଧିକ ଆନ୍ଦୋଳନକାରୀ ହାଇଦ୍ରାବାଦରେ ସିଏଏ ବିରୋଧୀ ମାର୍ଚ୍ଚ ବାହାର କରିଥିଲେ।

**୫ ଜାନୁଆରୀ ୨୦୨୦:** ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଦେଶ ବିରୋଧୀ ଗତିବିଧି ଚାଲିଥିବା ଅଭିଯୋଗ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଟେକା ଓ ପଥର ମାଡ଼ କରାଯାଇଥିଲା, ଫଳରେ ୪୦ ଜଣ ଛାତ୍ରୀଛାତ୍ର ଓ ପ୍ରଫେସର ଆହତ ହୋଇଥିଲେ।

**୬ ଜାନୁଆରୀ ୨୦୨୦:** ମହାରାଷ୍ଟ୍ରର ମାଲେଗାଓଁରେ ୫୦ ହଜାର ମହିଳା ସିଏଏ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ବିରୋଧ ସତ୍ତ୍ୱେ ଲାଗୁହେଲା ସିଏଏ

ନୂଆଦିଲ୍ଲୀ,୧୧।୩

୨୦୨୪ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ଆଇନ୍(ସିଏଏ) ନେଇ ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସିଏଏରେ ବ୍ୟବସ୍ଥିତ ହୋଇଥିବା ଆଇନକୁ ସାର୍ବଜନୀନ କରାଯିବା ସହ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ପୂର୍ବରୁ ୨୦୧୯ ଡିସେମ୍ବର ୧୧ରେ ଏହି ବିଲ୍ ପାର୍ଲାମେଣ୍ଟରେ ପାସ୍ ହୋଇଥିଲା। ପଡ଼ୋଶୀ ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶରେ ଧାର୍ମିକ ନିର୍ଯାତନା ଯୋଗୁ ବିତାଡ଼ିତ ହୋଇ ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁ ମାନଙ୍କୁ ଭାରତୀୟ ନାଗରିକତା ଯୋଗାଇବ ଏହି ଆଇନ। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଏହି ୩ ପଡ଼ୋଶୀ ଦେଶରୁ ଭାରତରେ ଶରଣ ନେଇଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ୍, ପାର୍ସି ଓ ଖ୍ରୀଷ୍ଟିଆନମାନେ ଏହି ଆଇନ ଦ୍ୱାରା ନାଗରିକତା ପାଇପାରିବେ। ଡିସେମ୍ବର ୧୦, ୨୦୧୯ରେ ଲୋକ ସଭାରେ ଏହି ବିଲ୍ ପାସ୍ ହୋଇଥିଲା। ବିଲ୍ ସପକ୍ଷରେ ୩୧୧ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୮୦ଟି ଭୋଟ ପଡ଼ିଥିଲା। ସେହିପରି ଡିସେମ୍ବର ୧୧, ୨୦୧୯ରେ ରାଜ୍ୟ ସଭାରେ ଏହି ବିଲ୍ ପାସ୍ ହୋଇଥିଲା। ବିଲ୍ ସପକ୍ଷରେ ୧୨୫ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୧୦୫ଟି ଭୋଟ ପଡ଼ିଥିଲା। ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିବା ପରେ ଡିସେମ୍ବର ୧୨, ୨୦୧୯ରେ ଏହି ବିଲ୍ ଆଇନରେ ପରିଣତ ହୋଇଥିଲା। ତେବେ ଏହି ଆଇନରେ ଇସ୍‌ଲାମ ଧର୍ମକୁ ବାଦ ଦିଆଯାଇଥିବାରୁ ଏହାକୁ ନେଇ ଦେଶବ୍ୟାପୀ ବିଭିନ୍ନ ବିରୋଧୀ ଦଳ ଓ ସଂଗଠନ ପକ୍ଷରୁ ପୂର୍ବରୁ ମାସ ମାସ ଧରି ପ୍ରତିବାଦ କରାଯାଇଥିଲା। ଭାରତକୁ ଧର୍ମୀୟ ଆଧାରରେ ବିଭାଜିତ କରି ଅର୍ଥନୈତିକ ମନ୍ଥରତା ଓ ବେକାରୀ ସମସ୍ୟାରୁ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ କେନ୍ଦ୍ର ସରକାର ଏହି ଆଇନକୁ ଲାଗୁ କରିବାକୁ ଚାହୁଁଥିବା ଅଭିଯୋଗରେ ଏହି ଆନ୍ଦୋଳନ ଆହୁରି ତୀବ୍ରତର ହୋଇଥିଲା। ଦେଶବ୍ୟାପୀ ଏହି ଆନ୍ଦୋଳନରେ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ପ୍ରବଳ ବିରୋଧ ଯୋଗୁ କେନ୍ଦ୍ର ସରକାର ଏହି ଆଇନକୁ ଦୀର୍ଘ ୪ ବର୍ଷ ଧରି ସ୍ଥଗିତ ରଖିଥିଲେ।

### ଆନ୍ଦୋଳନରେ ଯାଇଥିଲା ଶତାଧିକ ଜୀବନ

“ ସିଏଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିବାରୁ ମୋଦି ସରକାରଙ୍କୁ ୪ ବର୍ଷ ୩ ମାସ ସମୟ ଲାଗିଗଲା। ସମୟାନୁବର୍ତ୍ତିତାକୁ ନେଇ ଭାଷଣ ମାରୁଥିବା ପ୍ରଧାନମନ୍ତ୍ରୀଙ୍କର ଏହା ଆଉ ଏକ ଖୋଲା ମିଛ।

**-ଜୟରାମ ରମେଶ, କଂଗ୍ରେସ ରାଜ୍ୟ ସଭା ସଦସ୍ୟ**

“ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ପୁନର୍ବାର ଅନେକଙ୍କୁ ରାଜରାସ୍ତାରେ ପ୍ରତିବାଦ କରିବାକୁ ବାଧ କରିବ।

**-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ମୁଖ୍ୟ**

“ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା କେନ୍ଦ୍ର ସରକାରଙ୍କ ପବ୍ଲିସିଟି ଷ୍ଟଣ୍ଟ। ଯଦି ଲୋକେ ନିଜ ଅଧିକାରରୁ ବଞ୍ଚିତ ହୁଅନ୍ତି ତେବେ ଏହା ବିରୋଧରେ ଟିଏମ୍‌ସି ଲଢ଼େଇ କରିବ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

“ ସିଏଏ ଦ୍ୱାରା ଦେଶରେ ସାମ୍ପ୍ରଦାୟିକ ଆଧାରରେ ବିଭାଜନ ସୃଷ୍ଟି ହେବ। ଏହାକୁ କେରଳରେ କାର୍ଯ୍ୟକାରୀ କରାଯିବ ନାହିଁ।

**-ପିନାରାୟୀ ବିଜୟନ, କେରଳ ମୁଖ୍ୟମନ୍ତ୍ରୀ**



ଦିଲ୍ଲୀର ସାହିନ୍‌ବାଗ୍ ଅଞ୍ଚଳରେ ମୁସଲିମ ମହିଳା ସିଏଏ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ। (୨୯ ଡିସେମ୍ବର ୨୦୧୯)

## ସଂକ୍ଷେପରେ

### ଖୋର୍ଦ୍ଧାରୋଡ୍ ଷ୍ଟେଶନରୁ ୩ ପେଟି ଗୋମାଂସ ଜବତ



ଜଟଣୀ, ୧୧।୩(ରବୀନ୍ଦ୍ରନାଥ ମହାକୁଡ଼): ଖୋର୍ଦ୍ଧାରୋଡ଼ ରେଲୱେ ଷ୍ଟେଶନ ପରିସରରୁ ସୋମବାର ୩ ପେଟି ଗୋମାଂସ ଜବତ କରାଯାଇଛି। ଟ୍ରେନ୍‌ରେ ଗୋମାଂସ ଚାଲାଣ ପାଇଁ ଉକ୍ତ ଷ୍ଟେଶନର ୩ ନମ୍ବର ପ୍ଲାଟଫର୍ମର ଦକ୍ଷିଣ ଦିଗରେ କେହି ରଖିଥିଲେ। କୌଣସି ସୂତ୍ରରୁ ଖବରପାଇ ଜଟଣୀ ଗୋ ସୁରକ୍ଷା ବାହିନୀର ସଦସ୍ୟ ପହଞ୍ଚି ରେଲୱେ ପୋଲିସକୁ ଜଣାଇଥିଲେ। ରେଳ ସୁରକ୍ଷା ବଳ ଏବଂ ଜିଆର୍‌ପି ପହଞ୍ଚି ଗୋମାଂସ ପେଟିକୁ ଜବତ କରିଥିଲେ। ଏଥିରେ ସମ୍ପୃକ୍ତି ନେଇ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ବୋଲି ଜିଆରପି ଥାନା ଅଧିକାରୀ ଆର୍. ଶଙ୍କର ରାଓ କହିଛନ୍ତି। ଅନ୍ୟପଟେ ଷ୍ଟେଶନ ପରିସରରେ ଗୋମାଂସ ପେଟି ରହିଥିଲେ ମଧ୍ୟ ରେଲୱେ ପୋଲିସ କିପରି ଜାଣିପାରିଲାନି ବୋଲି ଗୋ ସୁରକ୍ଷା ବାହିନୀର ସଦସ୍ୟ ଚିତ୍ତରଞ୍ଜନ ପ୍ରଧାନ କହିଛନ୍ତି।

### ଦୁବାଇ ଗଲେ ୧୫ ଆଦିବାସୀ ଚିତ୍ରଶିଳ୍ପୀ

ଭୁବନେଶ୍ୱର,୧୧।୩(ବନ୍ଦନା ସେଠୀ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ରାଜ୍ୟର ୧୫ଜଣ ଜନଜାତି ଶିଳ୍ପୀ ଦୁବାଇ ଗସ୍ତ କରିଛନ୍ତି। ଶିଳ୍ପୀମାନେ ହ୍ୟାଟପ୍ଲେସ ଦୁବାଇ ଅଲ୍‌ରିଗାଠାରେ ୩ଦିନ ଧରି ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ ଚିତ୍ର ଓ ନିଜ ନିଜ ସମ୍ପ୍ରଦାୟର ଅନ୍ୟାନ୍ୟ ଚିତ୍ର ଅଙ୍କନ କରିବେ। ଚିତ୍ରଶିଳ୍ପୀମାନେ ବିଦେଶରେ ଚିତ୍ରକଳା ଶିବିରରେ ଯୋଗଦେଇ ଚିତ୍ର କରିବା ସହ ନିଜ ଚିତ୍ର ପ୍ରଦର୍ଶନର ସୁଯୋଗ ପାଇଛନ୍ତି। ଦୁବାଇ ଗସ୍ତ ପୂର୍ବରୁ ଶିଳ୍ପୀମାନଙ୍କୁ ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ଓଡ଼ିଶା ଲଳିତକଳା ଏକାଡେମୀ ସଭାପତି ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ ଏବଂ ଏକାଡେମୀ ସଚିବ ପଞ୍ଚାନନ ସାମଲ ମଧ୍ୟ ଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦୁବାଇଠାରେ ଏହି ଶିବିର ଓ ପ୍ରଦର୍ଶନୀ ଓଡ଼ିଶାର ଜନଜାତି ଚିତ୍ରକଳାର ପ୍ରଚାର ପ୍ରସାର ସହ ଶିଳ୍ପୀମାନଙ୍କୁ ପ୍ରତିଷ୍ଠିତ ଓ ପ୍ରୋତ୍ସାହିତ କରିବ। ପରବର୍ତ୍ତୀ ସମୟରେ ଲଣ୍ଡନଠାରେ ଏକାଡେମୀ ଦ୍ୱାରା ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

### ନବମ ପାସ୍ ପିଲାଙ୍କ ଶୈକ୍ଷିକ ଉନ୍ନତି ପାଇଁ ପ୍ରସ୍ତୁତ ହେବ ରୂପରେଖ

**ଆଜି ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବୈଠକ**

ଭୁବନେଶ୍ୱର, ୧୧।୩(ଅସମାପିକା ସାହୁ): ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଛାତ୍ରୀଛାତ୍ରଙ୍କ ପସନ୍ଦ ଅନୁସାରେ ଉକ୍ତ ବିଷୟରେ ସେମାନଙ୍କୁ ଦକ୍ଷ କରାଯାଇଛି। ଏଥିପାଇଁ ବିଦ୍ୟାଳୟସ୍ତରରେ ଶିକ୍ଷାର୍ଥୀ କ୍ଲବ ଗଠନ କରାଯାଇଛି। ଆଗାମୀ ଶିକ୍ଷାବର୍ଷରେ ଏହି କ୍ଲବଗୁଡ଼ିକୁ ଅଧିକ ତ୍ୱରାନ୍ୱିତ ଓ ସଂଗଠିତ କରିବା ପାଇଁ ସୋମବାର ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଚଳିତବର୍ଷ ନବମ ଶ୍ରେଣୀ ପାସ୍ କରୁଥିବା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି ସହିତ ଦଶମ ଶ୍ରେଣୀ ପାସ୍ କରୁଥିବା ଧନ୍ଦାମୂଳକ ଶିକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରୀଛାତ୍ରଙ୍କୁ କିପରି ଶିକ୍ଷା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯିବ। ଭବିଷ୍ୟତର ଉଚ୍ଚଶିକ୍ଷା ତଥା ବୃତ୍ତି ଚୟନ ଦିଗରେ ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦିଆଯିବ। ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସଚେତନ କରାଇବା ସହିତ ସେମାନଙ୍କ ଉପସ୍ଥାନ ବୃଦ୍ଧି ସହ ସାପ୍ତାହିକ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ ନେଇ ଆଲୋଚନା ହେବ। ସେହିପରି ଆଗାମୀ ଗ୍ରୀଷ୍ମ ଅବକାଶକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ସମ୍ପର୍କରେ ମଧ୍ୟ ସବିଶେଷ ପର୍ଯ୍ୟାଲୋଚନା କରାଯିବ। ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ବୈଠକ ଅନୁଷ୍ଠିତ ହେବ।

# ନିର୍ବାଚନ ପାଇଁ ଓଡ଼ିଶାରେ ୭୫ କମ୍ପାନୀ ସିଏପିଏଫ୍

ଭୁବନେଶ୍ୱର,୧୧।୩(ସତ୍ୟଜିତ୍ ରାଉତ)

ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ପାଇଁ ୭୫ କମ୍ପାନୀ ସେଣ୍ଟ୍ରାଲ ଆର୍ମଡ୍ ପୋଲିସ୍ ଫୋର୍ସ (ସିଏପିଏଫ୍) ଯୋଗାଇ ଦିଆଯାଇଛି। ଏହି କମ୍ପାନୀଗୁଡ଼ିକର ଓଡ଼ିଶା କୋ-ର୍ଡିନେଟର୍ ଦାୟିତ୍ୱରେ ଥିବା ସିଆର୍‌ପିଏଫ୍ ଆଇଜି ଅର୍ଚ୍ଚନା ସିଭାରେ ସୋମବାର ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ସିଭାରେ କହିଛନ୍ତି,



ଅର୍ଚ୍ଚନା ସିଭାରେ

ଓଡ଼ିଶାରେ ମାଓବାଦୀ ହିଂସା ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଫଳରେ ନିର୍ବାଚନ ବେଳେ ଶାନ୍ତ ପରିବେଶରେ ଜନସାଧାରଣ ଭୟମୁକ୍ତ ହୋଇ ମତଦାନ କରିପାରିବେ। ଏଥିପାଇଁ ନିର୍ବାଚନ କମିଶନ ଓଡ଼ିଶା ପାଇଁ ୭୫ କମ୍ପାନୀ ସିଏପିଏଫ୍ ଦେଇଛନ୍ତି। ଏଥିମଧ୍ୟରେ ୩୫ କମ୍ପାନୀ ବିଏସ୍ଏଫ୍, ୩୫ କମ୍ପାନୀ ସିଆର୍‌ପିଏଫ୍ ଏବଂ ୫ କମ୍ପାନୀ ସିଆଇଏସ୍ଏଫ୍ ରହିଛନ୍ତି। ଏସବୁ କମ୍ପାନୀକୁ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳକୁ ଦୃଷ୍ଟିରେ ରଖାଯାଇ ନିୟୋଜିତ କରାଯାଇଛି। ଗତ ମାର୍ଚ୍ଚ ୧ ଏବଂ ୭ରେ ଦୁଇଟି ପର୍ଯ୍ୟାୟରେ ଫୋର୍ସ ମୁତୟନ ହୋଇଛନ୍ତି। ସମ୍ବେଦନଶୀଳ ଏବଂ ଅଧିକ ସମ୍ବେଦନଶୀଳ ଅଞ୍ଚଳକୁ ଦୃଷ୍ଟିରେ ରଖି ଆମେ ରାଜ୍ୟ ପୋଲିସ ସହ ନିୟମିତ ସମନ୍ୱୟ ବୈଠକ କରୁଛୁ। ହିଂସାମୁକ୍ତ ନିର୍ବାଚନ କରିବାକୁ କେନ୍ଦ୍ରୀୟ ସୁରକ୍ଷା ବଳ ଓ ରାଜ୍ୟ ପୋଲିସ ମିଳିତ ଭାବେ କାର୍ଯ୍ୟ କରୁଛି। ଲୋକଙ୍କ ମନରୁ ଭୟ ଦୂର କରିବାକୁ ସୁରକ୍ଷା ବଳ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ, ମାଓବାଦୀ ବିରୋଧୀ ଅଭିଯାନ ଆଦି ଜାରି ରହିଛି। ସୀମାରେ ମାଓବାଦୀ ଅନୁପ୍ରବେଶ ଆଶଙ୍କାକୁ ଦୃଷ୍ଟିରେ ରଖି ୨୦୨୩ରୁ ସିଆର୍‌ପିଏଫ୍ ୪ଟି ନୂଆ କ୍ୟାମ୍ପ ସ୍ଥାପନ କରିଛି। ସେଠାରେ ସ୍ୱତନ୍ତ୍ର କମାଣ୍ଡୋ ୟୁନିଟ୍ (କୋବ୍ରା) ମୁତୟନ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନାକୁ ଉପାନ୍ତ ଅଞ୍ଚଳରେ ପହଞ୍ଚାଇବାକୁ ସିଆର୍‌ପିଏଫ୍ ପକ୍ଷରୁ ପ୍ରୟାସ ଜାରି ରଖିଥିବା ସିଭାରେ କହିଛନ୍ତି।



ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଜଳସାଥୀ ଆସୋସିଏଶନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି।

### ଚଳିତ ବର୍ଷ ଗଣଶିକ୍ଷା ବିଭାଗରେ ସର୍ବାଧିକ ନିଯୁକ୍ତି

ଭୁବନେଶ୍ୱର, ୧୧।୩(ଅସମାପିକା ସାହୁ)

ଚଳିତ ଶିକ୍ଷାବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ସର୍ବାଧିକ ନିଯୁକ୍ତି ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ ଶିକ୍ଷକ, କ୍ରୀଡ଼ା ଶିକ୍ଷକ ଏବଂ ଶିକ୍ଷା ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇ ବିଦ୍ୟାଳୟ ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରଦର୍ଶନ କରିଛନ୍ତି। ଏହି କ୍ରମରେ ଚଳିତ ଶିକ୍ଷାବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୩,୭୧୪ ଜଣ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ଏବଂ ୪୫୨ ଜଣ କ୍ରୀଡ଼ା ଓ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ୮୯୦ ଜଣ ତାଲିମପ୍ରାପ୍ତ ସ୍ନାତକୋତ୍ତର ଶିକ୍ଷକ ପଦବୀ ଅଧୀନରେ ୮୦୮ ଜଣ ତାଲିମପ୍ରାପ୍ତ ସ୍ନାତକୋତ୍ତର ଶିକ୍ଷକ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ପାଇ କାର୍ଯ୍ୟରତ ଅଛନ୍ତି। ଏଥିସହ ଭାଷାଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦେଇ ସମସ୍ତ ଜିଲାରେ ତୃତୀୟ ଭାଷାରେ ୩୬୮ ଜଣ ହିନ୍ଦୀ ଓ ୨୦୮ ଜଣ ସଂସ୍କୃତ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ୨,୦୬୪ ଜଣ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ସେହିପରି ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୧,୫୭୫ ଜଣ କନିଷ୍ଠ ଅଧ୍ୟାପକଙ୍କ ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଛି। ଶିକ୍ଷାର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୬୦ ଜଣ ଓଡ଼ିଶା ଶିକ୍ଷାସେବା ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ସହ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ନିକଟ ଅତୀତରେ ଗଣଶିକ୍ଷା ବିଭାଗ ଅଧୀନରେ ୭୨୫ ଜଣ କନିଷ୍ଠ ସହାୟକ ମଧ୍ୟ ନିଯୁକ୍ତି ପାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।

### ନନ୍ଦନକାନନରେ ୱାଲାବି ମୃତ

ବାରଙ୍ଗ,୧୧।୩(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ତିନିଦିନ ତଳେ ୩ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବାବେଳେ ସୋମବାର ଏକ ଅଣ୍ଡିରା ୱାଲାବିର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ଗତ ୭ ତାରିଖରେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲା। ଚିକିତ୍ସା ସତ୍ତ୍ୱେ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ନ ଥିଲା।

**କୃଷି ବିଭାଗ ତାଲିମ ପ୍ରତିଷ୍ଠାନରେ ସ୍ମାର୍ଟ କ୍ଲାସ୍‌ରୁମ୍ ବ୍ୟବସ୍ଥା**

# ଦକ୍ଷ ହେବେ ଚାଷୀ

ଭୁବନେଶ୍ୱର, ୧୧।୩(ଅସମାପିକା ସାହୁ)

୫-ଟି ଉପକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ସମସ୍ତ ତାଲିମ ପ୍ରତିଷ୍ଠାନରେ ସ୍ମାର୍ଟ କ୍ଲାସ୍‌ରୁମ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହା ରାଜ୍ୟର ଚାଷୀ ଏବଂ ବିଭାଗର ସମ୍ପ୍ରସାରଣ କର୍ମଚାରୀଙ୍କୁ ତାଲିମ ପ୍ରଦାନ କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଓ ପରିବର୍ତ୍ତନ ଆଣିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସୋମବାର କୃଷି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ୧୧ଟି ତାଲିମ ପ୍ରତିଷ୍ଠାନର ନବନିର୍ମିତ ସ୍ମାର୍ଟ କ୍ଲାସ୍‌ରୁମ୍‌ଗୁଡ଼ିକର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ୫-'ଟି' ଉପକ୍ରମରେ ସ୍ମାର୍ଟ କ୍ଲାସ୍‌ରୁମ୍ ପ୍ରଚଳନ ଫଳରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କାର୍ଯ୍ୟକ୍ରମରେ ଯୋଡ଼ି ହୋଇଯାଇଛି ଆଉ ଏକ ନୂତନ ଫର୍ଦ୍ଦ, ଯାହା ପାରମ୍ପରିକ ତାଲିମ ପ୍ରଦାନ ପଦ୍ଧତିରେ ରୂପାନ୍ତରଣ ଆଣି ପ୍ରଶିକ୍ଷଣକୁ ଅଧିକ ଯୁଗୋପଯୋଗୀ କରିପାରିଛି। ସେ କହିଛନ୍ତି, ପ୍ରଶିକ୍ଷଣ ପଦ୍ଧତିରେ ସ୍ମାର୍ଟ କ୍ଲାସ୍‌ରୁମ୍‌ର ପ୍ରଚଳନ ଫଳରେ ଚାଷୀ ଓ ବିଭାଗୀୟ କର୍ମଚାରୀମାନେ ପ୍ରଯୁକ୍ତିବିଦ୍ୟାର ଠିକ୍ ଉପଯୋଗ



ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ।

ନିମନ୍ତେ ଦକ୍ଷ ହୋଇପାରିବେ ଓ ସମୟ ସହିତ ତାଳଦେଇ ଚାଲିପାରିବେ। ଏହି କାର୍ଯ୍ୟକ୍ରମ ଚାଷୀଙ୍କ ପାଇଁ ଶିକ୍ଷଣୀୟ ଓ ଲାଭଦାୟକ ସାବ୍ୟସ୍ତ ହେବା ସହିତ ଓଡ଼ିଶାର କୃଷି କ୍ଷେତ୍ରରେ ରୂପାନ୍ତରଣ ଆଣିବାରେ ସକ୍ଷମ ହୋଇପାରିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

ପ୍ରାରମ୍ଭରେ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ, ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ପ୍ରୟୋଗ କ୍ଷେତ୍ରରେ ବିଭାଗ ରାଜ୍ୟର ଏକ ଆଗୁଆ ବିଭାଗ ରୂପେ ବିବେଚିତ ହୋଇଆସୁଛି। ସ୍ମାର୍ଟ କ୍ଲାସ୍‌ରୁମ୍ ପ୍ରଚଳନ ତାଲିମ ଅନୁଷ୍ଠାନଗୁଡ଼ିକରେ ଶୈକ୍ଷିକ ବାତାବରଣକୁ ସ୍ମାର୍ଟ କରିବା ସହିତ ଚାଷୀଙ୍କର ବହୁଳ ଉପଯୋଗୀ ହୋଇପାରିବ। ସୂଚନାଯୋଗ୍ୟ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଭୁବନେଶ୍ୱରରେ ଇମେଜ୍ ସମେତ ୫ଟି ତାଲିମ ପ୍ରତିଷ୍ଠାନ ସାଙ୍ଗକୁ ଢେଙ୍କାନାଳର ମହିଷାପାଟ, ଗଞ୍ଜାମର ରଙ୍ଗେଇଲୁଣ୍ଡା ଓ ବଲାଙ୍ଗୀରର ୩ଟି ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ଟ୍ରେନିଂ ଆଣ୍ଡ ଏକ୍ସଟେନ୍‌ସନ୍ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅନ୍ତର୍ଗତ ଖୋର୍ଦ୍ଧା, ସମ୍ବଲପୁର ଓ କଳିଙ୍ଗା, ଜି. ଉଦୟଗିରିର ତାଲିମ କେନ୍ଦ୍ରରେ ସ୍ମାର୍ଟ କ୍ଲାସ୍‌ରୁମ୍‌ର ପ୍ରଚଳନ କରାଯାଇଛି। କାର୍ଯ୍ୟକ୍ରମ ଶେଷରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଆଭାସୀ ମାଧ୍ୟମରେ ସମସ୍ତ ତାଲିମ ପ୍ରତିଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।

# ବିଭିନ୍ନ ଦାବିରେ ଶିକ୍ଷକଙ୍କ ସଂକଳ୍ପ ସମାବେଶ

ଭୁବନେଶ୍ୱର, ୧୧।୩(ଅସମାପିକା ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆହ୍ୱାନରେ ଗାନ୍ଧୀମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ସୋମବାର ୩୪ଦିନରେ ପହଞ୍ଚିଛି। ସରକାରଙ୍କ ମନମୁଖି ନିଷ୍ପତ୍ତି ପ୍ରତିବାଦରେ ସୋମବାର ଏକ ବିଶାଳ ସଂକଳ୍ପ ସମାବେଶ ଧାରଣାସ୍ଥଳରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦାବି ନେଇ ସମଗ୍ର ଓଡ଼ିଶାରୁ ସହସ୍ରାଧିକ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟମାନେ ଏକତ୍ରିତ ହୋଇଥିଲେ। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅନୁଦାନ, ପେନ୍‌ସନ୍ ଓ ଅନ୍ୟାନ୍ୟ ଦାବିରେ ଦୀର୍ଘ ୩୪ଦିନ ଧରି ଚଳାଇଥିବା ଏହି ଆନ୍ଦୋଳନକୁ ସରକାର ଭ୍ରୂକ୍ଷେପ ନ କରି ନିଜ ଇଚ୍ଛା ମୁତାବକ ଗୋଟିଏ ପରେ ଗୋଟିଏ ଘୋଷଣା କରିବା ଅତ୍ୟନ୍ତ ଦୁଃଖଦାୟକ। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ସରକାର ବାରମ୍ବାର ଠକି ଚାଲିଛନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଇ ରକ୍ଷା କରିନାହାନ୍ତି। ଇଣ୍ଟର ମିନିଷ୍ଟେରିଆଲ କମିଟିରେ ବିଭିନ୍ନ ସମସ୍ୟା ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ ନ୍ୟାୟୋଚିତ ସମାଧାନ ଆଜି ପର୍ଯ୍ୟନ୍ତ ହେଲା ନାହିଁ। ସରକାର ତାଙ୍କର ଉତ୍ତରଦାୟିତ୍ୱ ପାଳନ କରନ୍ତୁ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ସଂକଳ୍ପ ସମାବେଶ ଆରମ୍ଭ ହୋଇଛି, ଆବଶ୍ୟକ ପଡ଼ିଲେ ଚରମ ନିଷ୍ପତ୍ତି ନେବାକୁ ସଂଗଠନ ବାଧ୍ୟହେବ। ଏପରିକି ପରୀକ୍ଷା ଖାତା ମୂଲ୍ୟାୟନ ଏବଂ ନିର୍ବାଚନ ପରିଚାଳନା କାର୍ଯ୍ୟକୁ ଶିକ୍ଷକମାନେ ବର୍ଜନ କରିବେ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରନ୍ତୁ ଏବଂ ଘୋଷଣା କରିଥିବା ନିଷ୍ପତ୍ତିର ପୁନର୍ବିଚାର କରି ୧୯୮୧ ପେନ୍‌ସନ୍ ରୁଲ୍ ଲାଗୁ ସହ ଅନୁଦାନ ପାଇ ନ ଥିବା ଶିକ୍ଷକମାନଙ୍କ ପାଇଁ ଅନୁଦାନ ପ୍ରଦାନର ଘୋଷଣାନାମା ପ୍ରକାଶ କରନ୍ତୁ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଓଷ୍ଟାର କର୍ମକର୍ତ୍ତାମାନେ ଦୃଢ଼ ଦାବି ଜଣାଇଛନ୍ତି। ଏହି ଅବସରରେ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର ଏବଂ ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଧାରଣା ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଭୂତିଭୂଷଣ



@ ରମ୍ୟରଞ୍ଜନ



@ ସାରସ୍ୱତ



@ ବିଦେଶୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରତୀକାତ୍ମକ ଶବ କାନ୍ଧେଇ ପ୍ରତିବାଦ



ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀମାନେ ପ୍ରତୀକାତ୍ମକ ଶବ କାନ୍ଧେଇ ପ୍ରତିବାଦ କରୁଛନ୍ତି।

ଭୁବନେଶ୍ୱର,୧୧।୩(ଅସମାପିକା ସାହୁ)

ଲୋୟର ପିଏମ୍‌ଜିରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ସରକାରଙ୍କ ବୈମାତୃକ ମନୋଭାବକୁ ସହ୍ୟ କରି ନ ପାରି ବେସରକାରୀ ଅନୁଦାନ (ଯୁକ୍ତ୨, ଯୁକ୍ତ୩) ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀମାନେ ପ୍ରତୀକାତ୍ମକ ଶବ କାନ୍ଧେଇ ପ୍ରତିବାଦ ଜଣାଇଛନ୍ତି। ଏପରିକି ସେମାନେ 'ରାମ ନାମ ସତ୍ୟ ହେ' କହି ନାରାବାଜି କରୁଥିଲେ। ଦାବି ପୂରଣ ନ ହେଲେ ସରକାରଙ୍କୁ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ସଂଘ ତରଫରୁ କୁହାଯାଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ବେସରକାରୀ ଅନୁଦାନ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ସଂସ୍କୃତ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ଗତ ୨୦୧୩ ମସିହା ପୂର୍ବରୁ ଏହି ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ନିଯୁକ୍ତି ପାଇଥିଲେ। ହେଲେ ସେମାନେ କୌଣସି ସରକାରୀ ଅନୁଦାନ ପାଇନାହାନ୍ତି। ଦୀର୍ଘ ୧୫ ବର୍ଷ ଧରି ସେମାନେ ନିରବଚ୍ଛିନ୍ନ ଭାବେ ନିଷ୍ଠାର ସହ ଶିକ୍ଷାଦାନ କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ସେମାନଙ୍କ ପ୍ରତି ଦୃଷ୍ଟି ଦେଇନାହାନ୍ତି। ତେଣୁ ଅନୁଦାନ ପାଇବା ଦାବିରେ ସେମାନେ ୨୦୨୩ ଜୁଲାଇରେ ଗାନ୍ଧି ମାର୍ଗରେ ଧାରଣା ଦେଇଥିଲେ। ଆଜି ପର୍ଯ୍ୟନ୍ତ ସେମାନଙ୍କ ଦାବି ଅଣଦେଖା ହୋଇରହିଛି ବୋଲି କୁହାଯାଇଛି।




୧୧।୩।୨୦୨୪

| | |
|---|---|
| ୨,୮୪,୦୫୫ ଟଙ୍କା | |
| ସୁନା | ୩.୮୦୦ ଗ୍ରାମ୍ |
| ରୁପା | ୫୨.୧୦୦ ଗ୍ରାମ୍ |

# ଓଡ଼ିଶାରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ: ୟାସିର

## ଜିଲ୍ଲା ଛାତ୍ର କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

**ପୁରୀ,୧୧।୩(ଅଜିତ୍ ମହାନ୍ତି):**

ପୁରୀ ଜିଲ୍ଲା ଛାତ୍ର କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ସୋମବାର ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାରେ ଶିକ୍ଷା ବ୍ୟବସ୍ଥା ପ୍ରତି ଅବହେଳା କରାଯାଉଛି, ଯାହାର ଉଦାହରଣ ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ ନ ଥିବା ୟାସିର ଅଭିଯୋଗ କରିଛନ୍ତି। ଅନେକ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଆନ୍ଦୋଳନରେ ବସୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗତ ନିର୍ବାଚନ ବେଳେ ନିଯୁକ୍ତି ସମ୍ପର୍କିତ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ଅସମର୍ଥ ହୋଇଥିବାବେଳେ ଡିଜିଟାଲ ପ୍ରଚାରରେ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରିବାରେ ଲାଗିଛନ୍ତି। ଭାଜପା-ବିଜେଡି ମେଣ୍ଟ ଓଡ଼ିଶାବାସୀଙ୍କ ବିଶ୍ୱାସ ସହ ଖେଳ ଖେଳିବା ସଦୃଶ ଏବଂ ଏହାକୁ ଛାତ୍ର କଂଗ୍ରେସ ଦୃଢ ନିନ୍ଦା କରୁଛି ବୋଲି ସେ କହିଥିଲେ। କଂଗ୍ରେସ ହିଁ ରାଜ୍ୟରେ ପରିବର୍ତ୍ତନ ଆଣିପାରିବ ବୋଲି ୟାସିର କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଜିଲ୍ଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ଓଡ଼ିଶା ମୁଖପାତ୍ର ବିନାୟକ ଦାସ ମହାପାତ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ନିରଞ୍ଜନ ରଥ, ଏଆଇସିସି ସଦସ୍ୟ ସୁଜିତ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଦେବାଶିଷ ଦଇତାପତି, ଯୁବ କଂଗ୍ରେସ ନେତା ବିଶ୍ୱରଞ୍ଜନ ମହାପାତ୍ର, ଛାତ୍ର କଂଗ୍ରେସ ରାଜ୍ୟ ମୁଖପାତ୍ର ରାକେଶ ମେକା, ସୂର୍ଯ୍ୟକାନ୍ତ ପଣ୍ଡା, ରୀସାନ ଦାଶ, ନକୁଳ ବେହେରା, ଆଦର୍ଶ ମିଶ୍ର, ରୁଦ୍ର ଭୂଷଣ ଦାଶ, ମହମ୍ମଦ ଇସ୍ରାର ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ୨୦ ଅଭିଯୋଗ ସମାଧାନ କଲେ ଜିଲାପାଳ

**ପୁରୀ,୧୧।୩(ଅଜିତ୍ ମହାନ୍ତି):**

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୭ ଗୋଟି ଅଭିଯୋଗ ହୋଇଥିଲା। ୯୦ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ ସମସ୍ୟା ରହିଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୮ ଗୋଟି ଓ ରେଡ୍‌କ୍ରସରୁ ସହାୟତା ପାଇଁ ୨ ଗୋଟି ଆବେଦନ ମିଳିଥିଲା। ତତ୍କାଳୀନ ୨୦ଟି ଅଭିଯୋଗର ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ସିଡିଏମ୍‌ଓ ଡା. ସୁଜାତା ମିଶ୍ର, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ରଞ୍ଜନ ବେହେରା, ତହସିଲଦାର ଅଭିଷେକ ଦାଶ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କ ପାଇଁ ସାଇବର ସଚେତନତା

**ପୁରୀ,୧୧।୩(ଅଜିତ୍ ମହାନ୍ତି):**

ପୁରୀ ଚନ୍ଦନପୁର ଥାନା ଅଧିକାରୀ ଭୁବନ ମୋହନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଚନ୍ଦନପୁରରେ ବରିଷ୍ଠ ନାଗରିକଙ୍କୁ ନେଇ ସାଇବର ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ହେଲ୍ପ ଏଜେ ଇଣ୍ଡିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା। ଗୁଗଲ ଅର୍ଗାନାଇଜେଶନ ପକ୍ଷରୁ ଦେବଶ୍ରୀ ବ୍ରହ୍ମା ଓ ତାଙ୍କ ଟିମ୍ ବରିଷ୍ଠ ନାଗରିକଙ୍କୁ ସାଇବର ଠକେଇ କିପରି ରୋକା ଯାଇପାରିବ, ଫୋନରେ କିପରି ୟୁପିଆଇ ପେମେଣ୍ଟ, କ୍ରେଡିଟ୍ କାର୍ଡ ବ୍ୟବହାର ଉପରେ ସଚେତନ କରାଇଥିଲେ। ଚନ୍ଦନପୁର ଅଞ୍ଚଳର ପ୍ରାୟ ୭୦ଜଣ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୧୦୫ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ଯୋଗେଶ୍ୱପୁର,୧୧।୩(ରଶ୍ମିରଞ୍ଜନ ସାହୁ):**

ଧୁମାଳ ପଞ୍ଚାୟତରେ ସରପଞ୍ଚ ମୋନାଲିସା ସିଂଙ୍କ ଦ୍ୱାରା ୧୦୫ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ପଞ୍ଚାୟତର ବୃଦ୍ଧା ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ଦିଆଯାଇଛି। କାର୍ଯ୍ୟକ୍ରମରେ ସମିତିସଭ୍ୟା ଭାନୁମତି ମାଣିକ, ନାଏବ ସରପଞ୍ଚ ଅଶୋକ କୁମାର ସାହୁ, ଯୁବନେତା ଅଭିମନ୍ୟୁ ସିଂଙ୍କ ସମେତ ପଞ୍ଚାୟତ ଅଫିସର, ଜିଆର୍‌ଏସ୍ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ବିଶ୍ୱ ମହିଳା ଦିବସ

**ବ୍ରହ୍ମଗିରି,୧୧।୩(ସ୍ୱାଧୀନ ଚମ୍ପତିରାୟ):**

ବ୍ରହ୍ମଗିରି ବ୍ଲକ ଅଧୀନ ଭୁବନପୁର ଗ୍ରାମ ପଞ୍ଚାୟତ ପରିସରରେ ସୋମବାର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ଏକ୍ରିକ୍ ପ୍ରକଳ୍ପ ଓ ହମାରା ବଚପନ ଟ୍ରଷ୍ଟର ମିଳିତ ସହଯୋଗରେ ଜଳବାୟୁ ପରିବର୍ତ୍ତନ ଓ ଅନ୍ତର୍ଜାତୀୟ ମହିଳା ଦିବସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା କରା ନ ଗଲେ ଆଗାମୀ ଦିନରେ ଜୀବଜଗତ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଏନେଇ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। କର୍ମଶାଳାରେ ଭୁବନପୁର ସରପଞ୍ଚ ଅମୂଲ୍ୟ ପ୍ରଧାନ, ବ୍ରହ୍ମଗିରି ବ୍ଲକ ଉପାଧ୍ୟକ୍ଷା ମାଳିନୀ ଦଳାଇ, ଓଡ଼ିଶା ମିଶନ ସଶକ୍ତି କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ବ୍ଲକ ସଭାନେତ୍ରୀ ବନ୍ଦନା ପଟ୍ଟନାୟକ ଓ ପ୍ରତିମା ଜେନା, ଏକ୍ରିକ ପ୍ରକଳ୍ପ, ଜିଲା ସଂଯୋଗ ଅଧିକାରୀ ଦେବାଶିଷ ପତି, କୃଷି ସଂଯୋଗ, ହିମାଦ୍ରୀ ନାଥ ସାହୁ, ଜୀବନଜୀବିକା ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ

**ପୁରୀ,୧୧।୩(ଅଜିତ୍ ମହାନ୍ତି):**

ରେବେଣା ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ ସୁଧା ମିଳିତ ଆନୁକୂଲ୍ୟରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜନ୍ମ ଶତବାର୍ଷିକୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ୍ତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ବ୍ରହ୍ମଗିରି ମଣ୍ଡଳ ସହ ଶିକ୍ଷା ଅଧିକାରୀ ପ୍ରଶାନ୍ତ ଜେନା, ନିମନ୍ତ୍ରିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ଷଣ୍ଢ, ସିଆର୍‌ସିସି ନିଶାକର ମହାନ୍ତି ଯୋଗଦେଇଥିଲେ। ମହର୍ଷି ଦୟାନନ୍ଦଙ୍କ କର୍ମଠ ତ୍ୟାଗପୂତ ଜୀବନ, କୁସଂସ୍କାର, ଜାତିପ୍ରଥା, ଭେଦଭାବ, ଗୁଣିଗାରେଡି, ଉଚ୍ଚ ନୀଚ ମନୋଭାବ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ 'ସୁଧା'ର ଅଧ୍ୟକ୍ଷ ସଞ୍ଜୟ ମିଶ୍ର ପରିଚାଳନା କରିଥିଲେ।

### ବନ୍ଧୁକ ଦେଖାଇ ଲୁଟ୍ ଘଟଣା: ଜଣେ ଗିରଫ

**ଡେଲାଙ୍ଗ,୧୧।୩(ରଶ୍ମିରଞ୍ଜନ ପ୍ରଧାନ):**

ବନ୍ଧୁକ ଦେଖାଇ ୩ଜଣଙ୍କଠାରୁ ଟାବ୍ଲେଟ୍, ଫୋନ ଲୁଟିବା ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଜଗତ୍‌ସିଂହପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ତାଙ୍କଠାରୁ ପୋଲିସ ୪ଟି ମୋବାଇଲ୍, ଲୁହା ଚାପଡ, ୫,୧୨୦ ଟଙ୍କା ଓ ୧ଟି ହ୍ୟାଣ୍ଡବ୍ୟାଗ ଜବତ କରିଛି। ପୂର୍ବରୁ ସେମାନଙ୍କ ବିରୋଧରେ ପୋଲିସ ୬୮/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ



କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂ ବାଘେଲ ସୋମବାର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

**ପୁରୀ,୧୧।୩(ଅଜିତ୍ ମହାନ୍ତି):**

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂ ବାଘେଲ ସୋମବାର ପୁରୀ ଗସ୍ତରେ ଆସି ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କଡ଼ା ସୁରକ୍ଷା ମଧ୍ୟରେ ପୁରୀରେ ପହଞ୍ଚିବା ପରେ ଦଳ ଏବଂ ସେବାୟତଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ବାଘେଲ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ଭିତର ବେଢ଼ା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ ପରେ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ମହାପ୍ରଭୁଙ୍କ ସାନିଧ୍ୟ ନେଇ ବାଘେଲ ଖୁବ୍ ଖୁସି ବ୍ୟକ୍ତ କରିବା ସହ ଭାବବିହ୍ୱଳ ହୋଇଛନ୍ତି। ଦେଶର ଉନ୍ନତି, ଖୁସି, ଦେଶର ଅଖଣ୍ଡତା ବଜାୟ ରହୁ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଥିଲେ। ସେହିପରି ୨୦୪୭ ବେଳକୁ ଭାରତ ସ୍ୱତନ୍ତ୍ରତାର ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଦେଶ ବିକଶିତ ହୋଇସାରିଥିବ ଏବଂ ବିଶ୍ୱର ଏକ ନମ୍ବର ଅର୍ଥନୀତିହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ନିମନ୍ତେ ଜିଲାପାଳଙ୍କୁ ଦାବିପତ୍ର

**ପୁରୀ,୧୧।୩(ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିରର ସମସ୍ତ ଦ୍ୱାରରେ ଭକ୍ତଙ୍କୁ ପ୍ରବେଶ କରିବା ନିମନ୍ତେ ସାମାଜିକ କର୍ମୀ ଦିଲୀପ ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଭକ୍ତ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି। ଅନ୍ୟ ୩ ଦ୍ୱାର ଦେଇ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି। ମାତ୍ର ଶ୍ରୀମନ୍ଦିରର ୪ ଦ୍ୱାର ୪ ଗୋଟି ପ୍ରତୀକକୁ ବୁଝାଇଥାଏ। ତେଣୁ ପ୍ରଶାସନର ଏପରି ୩ ଦ୍ୱାର ଦେଇ ପ୍ରବେଶ କଟକଣା ଧାର୍ମିକ ଅଧିକାରକୁ କ୍ଷୁଣ୍ଣ କରୁଛି। ଅପରପକ୍ଷେ କେବଳ ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ରହିଥିବାରୁ ଭକ୍ତ ବହୁ ସମସ୍ୟା ଭୋଗୁଥିବାବେଳେ ଲମ୍ବା ଲାଇନରେ ଠିଆ ହେବାକୁ ପଡୁଛି। ତେଣୁ ଭକ୍ତଙ୍କ ପାଇଁ ପୂର୍ବଭଳି ଶ୍ରୀମନ୍ଦିର ୪ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିବାକୁ ପଦକ୍ଷେପ ନେବାକୁ ବରାଳ ଦାବି କରିଛନ୍ତି।

# ଇ-ଲାଇବ୍ରେରି ଡିଜିଟାଲ ୱେବ୍‌ସାଇଟ ଲୋକାର୍ପିତ

**ପୁରୀ,୧୧।୩(ଅଜିତ୍ ମହାନ୍ତି):**

ବହୁ ପ୍ରତୀକ୍ଷିତ ଇ- ଲାଇବ୍ରେରି ଡିଜିଟାଲ ୱେବ୍‌ସାଇଟ ପୁରୀ ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ସୋମବାର ପୁରୀ ଜିଲାର ୩୩୫ଟି ୫-ଟି ହାଇସ୍କୁଲ ମଧ୍ୟରୁ ୧୬୦ଟି ହାଇସ୍କୁଲରେ ଇ- ଲାଇବ୍ରେରୀକୁ ଡିଜିଟାଲ ପ୍ଲାଟଫର୍ମରେ ପରିଣତ କରାଯାଇ ୱେବ୍‌ସାଇଟ www.sikhyapuri.in ମାଧ୍ୟମରେ ଲାଇବ୍ରେରି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପୁରୀ ଜିଲା ରାଜ୍ୟରେ ପ୍ରଥମ କରି ନୂଆ ପଦକ୍ଷେପ ଗ୍ରହଣ କରିଛି। ଉକ୍ତ ଡିଜିଟାଲ ପ୍ଲାଟଫର୍ମରେ ବିଦ୍ୟାଳୟରେ ହେଉଥିବା ପୁସ୍ତକ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବଣ୍ଟନ ଓ ଫେରସ୍ତ କିପରି ସହଜ ଓ ସୁବିଧା ହେବ, ଛାତ୍ରୀଛାତ୍ରଙ୍କ ପଠନ ଅଭ୍ୟାସ ବୃଦ୍ଧି ଏବଂ ଜିଲାସ୍ତରରେ ମନିଟରିଂ କିପରି ହୋଇପାରିବ, ତତ୍‌ସହିତ ସରକାରଙ୍କ ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ସାହିତ୍ୟ ସୃଜନୀ ଏହି ପ୍ରକ୍ରିୟାରେ ସରଳୀକୃତ କରାଯାଇପାରିବ। ପୁସ୍ତକର ପଠନରୁ ଶିକ୍ଷା ଲାଭ କରାଯାଇଥିବା ଜ୍ଞାନକୁ ୱେବ୍‌ସାଇଟରେ ଅପ୍‌ଲୋଡ କରାଯିବାର ବ୍ୟବସ୍ଥା କରାଯାଇଛି । ଏହାର ଡିଜାଇନ ଓ ପ୍ରଣାଳୀ ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏକାଡେମିକ) ହିମାଂଶୁ ଭୂଷଣ ସମରଥଙ୍କ ଚିନ୍ତାଧାରା ଓ ଦୀର୍ଘ ୬ମାସର ଟିମ ସଦସ୍ୟଙ୍କ ପରିଶ୍ରମକୁ ପାଥେୟ କରି ଆରମ୍ଭ କରାଯାଇଥିବା କାର୍ଯ୍ୟ ସଫଳ ହୋଇଛି। ଉତ୍ସର୍ଗୀକୃତ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀ, ସମସ୍ତ ପ୍ରଧାନଶିକ୍ଷକ, ବ୍ଲକସ୍ତରୀୟ ନୋଡାଲ ଅଫିସର ଏବଂ ୫୦ଟି ହାଇସ୍କୁଲର ଇ- ଲାଇବ୍ରେରୀ ଇନ୍‌ଚାର୍ଜଙ୍କୁ ନେଇ କରାଯାଇଥିବା କର୍ମଶାଳାକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ସ୍ୱାଗତ କରିଥିଲେ। ଜିଲାସ୍ତରରୁ ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱାତି ସୁଚରିତା ପାତ୍ର, ଉତ୍କଳିକା ମିଶ୍ର ଓ ଶୁଚିସ୍ମିତା ସାହୁ ୱେବ୍‌ସାଇଟର ଉପଯୋଗ ପ୍ରଣାଳୀ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ଚୌଧୁରୀ, ଜିଲା ମୋ ସ୍କୁଲ ସଂଯୋଜକ ଓ ପ୍ରଭାତ ଦାଶ, ସହକାରୀ ଶିକ୍ଷକ, ପୋଲିସ ହାଇସ୍କୁଲ ସଞ୍ଚାଳନ କରିଥିଲେ।

# ନୟାହାଟ ଫାଣ୍ଡିକୁ ଥାନା ମାନ୍ୟତା ଦାବି

**ନୟାହାଟ,୧୧।୩(ମହମ୍ମଦ ସମସୁଲ ଆର୍‌ଫିନ୍/ରଶ୍ମିରଞ୍ଜନ ସାହୁ):**

ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବ ସାଙ୍ଗକୁ ପୋଲିସ ଭ୍ୟାନ ନ ଥିବାରୁ ପାଟ୍ରୋଲିଂରେ ବାଧା ଉପୁଜୁଛି। ଉକ୍ତ ଫାଣ୍ଡି ଉପରେ ବଉଲାଙ୍ଗ, ସୋରଭା, ଦେଓ୍ୱଳୀ, ଈଶାନପୁର, ଧୂମାଳ ଓ ଜଙ୍ଗଲବୋରି ଆଦି ୬ ପଞ୍ଚାୟତ ଅନ୍ତର୍ଗତ ୭୫ ଗ୍ରାମର ଲୋକେ ନିର୍ଭର କରନ୍ତି। ଉକ୍ତ ଫାଣ୍ଡିକୁ ଥାନାରେ ପରିଣତ କରାଯିବାକୁ ବରିଷ୍ଠ ନାଗରିକ ମଞ୍ଚ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେଉଛି। ଏହି ଫାଣ୍ଡିଠାରୁ ଗୋପ ଥାନା ୨୦ କିଲୋମିଟର ଦୂରରେ ରହିଛି। ଲୋକେ ସେଠାକୁ ଯିବାକୁ ହେଲେ ୬୦ରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଛନ୍ତି। ନୟାହାଟ ଫାଣ୍ଡିକୁ ଚାରିଛକ ଥାନାରେ ମିଶାଇବା ନେଇ ଜଣାପଡ଼ିବା ପରେ ଅଞ୍ଚଳବାସୀ ଏହାକୁ ବିରୋଧ କରିଛନ୍ତି। ସେମାନେ କାକଟପୁର ନିର୍ବାଚନମଣ୍ଡଳୀ ବାସିନ୍ଦା ହୋଇଥିବାରୁ କାହିଁକି ନିମାପଡ଼ାରେ ମିଶିବେ ବୋଲି ପ୍ରଶ୍ନ କରିଛନ୍ତି। କାକଟପୁରରୁ ନୟାହାଟ ୭କି.ମି. ହୋଇଥିବାବେଳେ ସେଠାରେ ବ୍ଲକ ଓ ତହସିଲ ଅଫିସ, ଥାନା ରହିଥିବାରୁ ନୟାହାଟ ମିଶିଲେ ନୟାହାଟ ଅଞ୍ଚଳ ଲୋକଙ୍କୁ ସୁବିଧା ହେବ ବୋଲି ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା କହିଛନ୍ତି। ଯଦି ଚାରିଛକ ସହିତ ନୟାହାଟ ଫାଣ୍ଡିକୁ ମିଶାଯାଏ, ତେବେ ଆଗକୁ ବରିଷ୍ଠ ନାଗରିକ ମଞ୍ଚ ସହିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ନୟାହାଟ ଫାଣ୍ଡିକୁ ଥାନା କରାଯାଉ, ନଚେତ୍ କାକଟପୁର ସହିତ ମିଶାଯାଉ ବୋଲି ବରିଷ୍ଠ ନାଗରିକ ମଞ୍ଚ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ବିଟି, କୈଳାସ ଚନ୍ଦ୍ର ଦାସ ଏବଂ କୃଷ୍ଣଚନ୍ଦ୍ର ବାରିକ୍ ପ୍ରମୁଖ ଦାବି କରିଛନ୍ତି।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଟଙ୍କା ଚୋରି

**ଗୋପ,୧୧।୩(ଭାରତୀ ଭୂଷଣ ଉପାଧ୍ୟାୟ):**

ଗୋପ ଥାନା ଅଧୀନ ଜମରା ଗ୍ରାମର ମିଳନ କାଣ୍ଡି ଘରୁ ରବିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୯୯/୨୪ରେ ଏକ ମକଦ୍ଦମା ରୁଜୁ କରି ସୋମବାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ମିଳନଙ୍କ ପରିବାର ସବୁଦିନ ପରି ଶୋଇଥିଲେ। କେତେଜଣ ଦୁର୍ବୃତ୍ତ ମିଳନଙ୍କ ଘରେ ପଶି ସୁନା ଅଳଙ୍କାର, ୨ଟି ଟଙ୍କା ଟ୍ରଙ୍କ ସହ ଗୋଟିଏ ଆଟାଚି ନେଇ ଯାଇଥିଲେ। ଦୁର୍ବୃତ୍ତମାନେ ଘରର କିଛି ଦୂରରେ ଟ୍ରଙ୍କ ଓ ଆଟାଚି ଭାଙ୍ଗି ସେଥିରୁ ୩୦ଟି ସୁନା ମୁଦି, କେତେକ ସୁନା ରୁପା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀକୁ ନେଇଯାଇଥିଲେ।

# ଦୟା, ଶାଖା ନଦୀ ସୁରକ୍ଷା ପ୍ରସଙ୍ଗରେ ଜନ ଇସ୍ତାହାର

**କଣାସ,୧୧।୩(ବିଭୂତି ଭୂଷଣ ତ୍ରିପାଠୀ):**

ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ଏକ ନଦୀ ସୁରକ୍ଷା ପ୍ରସଙ୍ଗରେ ଜନ ଇସ୍ତାହାର ପ୍ରସ୍ତୁତି ପରାମର୍ଶ ବୈଠକ କଣାସ ବ୍ଲକ ଛକଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରସ୍ତାବ ମଧ୍ୟରେ ଭୁବନେଶ୍ୱରରେ ପ୍ରବାହିତ ଗଙ୍ଗୁଆ ନଦୀ ଦ୍ୱାରା ଦୟାନଦୀ ପ୍ରଦୂଷିତ ହେଉଥିବାରୁ ଗଙ୍ଗୁଆ ନଦୀ ଓ ଦୟା ନଦୀକୁ ବିଚ୍ଛିନ୍ନ କରିବା, ପିପିଲି କଣ୍ଟିଠାରେ ଦୟାନଦୀ ପଠା ବନ୍ୟାଜଳ ପ୍ରବାହିତ ଅଞ୍ଚଳ ଉପରେ ବେଆଇନ ଗୃହ ନିର୍ମାଣକୁ ଉଚ୍ଛେଦ ଓ ବନ୍ଦ କରିବା, ଦୟାନଦୀକୁ ଚିର ପ୍ରବାହିତ ଓ ନିର୍ମଳ କରିବା, ଦୟାନଦୀ ତଳମୁଣ୍ଡରେ ତଥା ବଡ଼ ଗୋଠଠାରୁ ଚୁପୁରିଙ୍ଗି ପର୍ଯ୍ୟନ୍ତ କଳିକତି ଦଳ ସଫା କରିବା, ବନ୍ୟା ସ୍ଥାୟୀ ପ୍ରତିକାର ଓ କୃଷି କାର୍ଯ୍ୟ କ୍ଷୁଦ୍ର ଜଳଭଣ୍ଡାର ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଅଶୋକ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ପବିତ୍ର ସୁନ୍ଦରାୟ, ଅନାମ ବେହେରା, ଯୁଧିଷ୍ଠିର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବିଡିଓଙ୍କୁ ଘେରିଲେ ସମିତି ସଭ୍ୟାସଭ୍ୟ

**ଗୋପ,୧୧।୩ (ଭାରତୀ ଭୂଷଣ ଉପାଧ୍ୟାୟ):**

ବ୍ଲକ ପ୍ରଶାସନ ପକ୍ଷରୁ ନିର୍ବାଚିତ ସମିତି ସଭ୍ୟାସଭ୍ୟଙ୍କୁ ଅର୍ପଣ ରଥ ଅର୍ଥ ନ ମିଳିବାରୁ ସୋମବାର ଇଷାଣପୁର, ଶୋରଭା ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ସମିତି ସଭ୍ୟାସଭ୍ୟ ବିଡିଓ ଛବିରାଣୀ ସାହୁଙ୍କୁ ଘେରିଥିଲେ। ୧ ଘଣ୍ଟାର ଘେରାଉ ପରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯାଇ ଅର୍ଥ ଦିଆଯିବ ବୋଲି ବିଡିଓ ସାହୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଯେ, ରାଜ୍ୟ ସରକାର ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ନିମନ୍ତେ ପ୍ରତ୍ୟେକ ପଞ୍ଚାୟତରେ ଅର୍ପଣ ରଥ ବୁଲିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକରେ ଅର୍ପଣ ରଥ ବୁଲିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ଇଷାଣପୁର, ଶୋରଭା ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ ସ୍ୱାଇଁ, ଶୁଭାଷିନୀ ପାତ୍ର କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ୨ ଲୋକ ପ୍ରତିନିଧିଙ୍କୁ ଅର୍ଥ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ବାରମ୍ବାର ବିଡିଓଙ୍କୁ ଭେଟି ନିରାଶ ହେବାରୁ ସୋମବାର ସେମାନେ ବିଡିଓଙ୍କୁ ଘେରିଥିଲେ। ଆଗାମୀ ଦିନରେ ଆନ୍ଦୋଳନ ସହିତ ସଭ୍ୟାସଭ୍ୟମାନେ ବ୍ଲକରେ ତାଲା ପକାଇବେ ବୋଲି ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍ ଓ ସମିତି ସଭ୍ୟା ଅନ୍ନପୂର୍ଣ୍ଣା ପଟ୍ଟନାୟକ, ଭାରତୀ ମଲ୍ଲିକ, ଗୀତାଞ୍ଜଳି ସେନାପତି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ବିଡିଓ ସାହୁଙ୍କୁ ପଚାରିବାରେ, ଅର୍ଥ ତୁରନ୍ତ ଦିଆଯିବା ସହିତ ପଞ୍ଚାୟତବାସୀଙ୍କୁ ନେଇ ବୈଠକ କରାଯିବ ବୋଲି କହିଥିଲେ।



ବିଡିଓଙ୍କ ସହିତ ସମିତି ସଭ୍ୟାସଭ୍ୟମାନେ ଆଲୋଚନା କରୁଛନ୍ତି ।

# ବେଣ୍ଟ ପୋଖରୀରେ ମହାପ୍ରଭୁଙ୍କ ବେଣ୍ଟ ନୀତି

**ପୁରୀ,୧୧।୩(ଅଜିତ୍ ମହାନ୍ତି):**

ଫାଲ୍‌ଗୁନ ଶୁକ୍ଳ ପ୍ରତିପଦା ତିଥି ସୋମବାର ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ବେଣ୍ଟ ନୀତି ଶ୍ରୀଜଗନ୍ନାଥ ବଲ୍ଲଭ ପରିସରସ୍ଥ ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଯାଇଛି। ଶ୍ରୀବିଗହଙ୍କ ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣ ଘରୁ ଶ୍ରୀରାମ ଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନ ସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଏହା ପରେ ମହାଜନ ସେବକ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ସମ୍ପନ୍ନ ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଶରଗୁଡିକୁ ଅଭିମନ୍ତ୍ରୀତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦିଅନ୍ତି। ଲେଙ୍କା ସେବକ ପଇଡ଼ଗୁଡିକୁ ମୃଗ ଭାବେ ବିବେଚନା କରି ପଇଡ଼ଗୁଡିକୁ ଶରବିଦ୍ଧ କରିଥାନ୍ତି। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ରଖାଯାଇଥିବା ୬ଟି ପଇଡ଼ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ଶ୍ରୀ ଜଗନ୍ନାଥ ବଲ୍ଲଭସ୍ଥିତ ବେଣ୍ଟ ପୋଖରୀରେ ମହାପ୍ରଭୁଙ୍କ ବେଣ୍ଟନୀତି କରାଯାଉଛି ।

**ସରପଞ୍ଚ, ୪ ୱାର୍ଡସଭ୍ୟଙ୍କ ବିଜେଡିରେ ଯୋଗଦାନ**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ, ୱାର୍ଡସଭ୍ୟ ବସନ୍ତ କୁମାର ପରିଡା, ବସନ୍ତ କୁମାର ବେହେରା, ଦୁଃଶାସନ ବେହେରା, ଶଶାଙ୍କ ଶେଖର ପାଲ୍ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଧାୟକ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଡମପଡ଼ା ବ୍ଲକ ଯୁବବିଜେଡି ସଭାପତି ଭାଗୀରଥି ପାଣି ଓ ବାଙ୍କୀ ବ୍ଲକ ବିଜେଡି ସଭାପତି ଅନନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀ ମାନ୍ୟତା ଦାବିକରି ଯୁବତୀଙ୍କ ଧାରଣା

କଟକ ସଦର, ୧୧।୩(ସୁଶାନ୍ତ କୁମାର ଜେନା)

ସ୍ତ୍ରୀର ମାନ୍ୟତା ଦାବିକରି ଜଣେ ଯୁବତୀ ସୋମବାର ସକାଳେ କିଶନନଗର ଥାନା ଅନ୍ତର୍ଗତ ବାଲିସାହିର ଜଣେ ଯୁବକଙ୍କ ଘର ଆଗରେ ଧାରଣାରେ ବସିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ଆଲୋଚନା ପାଇଁ ସମ୍ପୃକ୍ତା ଯୁବତୀଙ୍କୁ ଥାନାକୁ ନେଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଅଞ୍ଚଳର ସମ୍ପୃକ୍ତା ଯୁବତୀ ଓ ବାଲିସାହିର ଯୁବକଙ୍କ ମଧ୍ୟରେ ୨ ବର୍ଷ ହେବ ପ୍ରେମସମ୍ପର୍କ ରହିଥିଲା। ଯୁବତୀଙ୍କୁ ବିବାହ କରିବା ପାଇଁ ଯୁବକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ବିବାହ ପାଇଁ ଯୁବକ ମନା କରିବାରୁ ଏଭଳି ପଦକ୍ଷେପ ନେଇଥିବା ଯୁବତୀ ଜଣଙ୍କ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

### ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ ଯୋଗଦେଇ ଜଳ ସଂରକ୍ଷଣ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଇଥିଲେ। ଜାତୀୟ ସେବା ଯୋଜନାର ଯୁକ୍ତ ୩ କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ଯୁକ୍ତ ୨ କାର୍ଯ୍ୟକ୍ରମ ଅଧିକାରୀ ସରସ୍ୱତୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

କଟକ ସଦର, ୧୧।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ଗତିରାଉତ ପାଟଣାଠାରେ ସୋମବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ବ୍ଲକ ଅଞ୍ଚଳର ନିର୍ମାଣ ଶ୍ରମିକଙ୍କ ପରିବାରକୁ ୧କୋଟି ୬୫ ଲକ୍ଷ ୨୫ ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଛି। ମଣ୍ଡଳ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ଶ୍ରମ ଅଧିକାରୀ ପ୍ରୀତିବନ୍ଦନ ଘଡ଼େଇ, ସହକାରୀ ଶ୍ରମ ଆୟୁକ୍ତ ରଶ୍ମିରଞ୍ଜନ ବରାଳ, ତୃପ୍ତିମୟୀ ଖଟୁଆ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସରପଞ୍ଚ ସୋନାଲି ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଳି ଓ ଶ୍ରମିକ ନେତା ରାଜକିଶୋର ମଲ୍ଲିକ ଯୋଗଦେଇଥିଲେ। ଶ୍ରମିକ ନେତା ପ୍ରାଣକୃଷ୍ଣ ବେହେରା ଓ କମଳ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦୋଳ ମେଳଣରେ ଡିଜେ ସାଉଣ୍ଡ ମନା

ଫୁଲନଖରା,୧୧।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଜନାର୍ଦ୍ଦନ ଦେବଙ୍କ ପ୍ରସିଦ୍ଧ ଦୋଳ ମେଳଣ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଜନାର୍ଦ୍ଦନ ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅରିଲୋ ମେଳଣ ଶାନ୍ତି କମିଟି ସଭାପତି ଯୁଧିଷ୍ଠିର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ସଦର ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ ଯୋଗଦେଇ ଦୋଳ ମେଳଣ ସଂକ୍ରାନ୍ତରେ ବିଭିନ୍ନ କଥା ଆଲୋଚନା କରିଥିଲେ। ଚଳିତବର୍ଷ ଦୋଳ ମେଳଣରେ ଡିଜେ ସାଉଣ୍ଡ ଓ ହାବେଳି ବାଣକୁ ବାରଣ କରାଯାଇଛି। ସେହିପରି ମଦ୍ୟପାନ କରି କେହି ଯେମିତି ମେଳଣକୁ ନ ଆସନ୍ତି ସେଥିପ୍ରତି ସମସ୍ତ ଗ୍ରାମର ମୁରବୀ, ଦୋଳ ବିମାନର ମାର୍ଫତଦାର, ଶାନ୍ତି କମିଟି ସଭାପତି ଓ ସଦସ୍ୟମାନେ ଦୃଷ୍ଟି ଦେବାକୁ ଆଇଆଇସି ସୂଚନା ଦେଇଥିଲେ। ଏହି ବୈଠକରେ ଜନାର୍ଦ୍ଦନ ଦେବମନ୍ଦିର ଟ୍ରଷ୍ଟର ସଦସ୍ୟ, ଅରିଲୋ ଗ୍ରାମ ଦୋଳ କମିଟି ସଦସ୍ୟ, ବିଭିନ୍ନ ଦୋଳ ବିମାନର ମାର୍ଫତଦାର, ଗ୍ରାମ ମୁରବୀ, ନଗରୀ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'କ୍ୟାନ୍ସରକୁ ପ୍ରତିହତ କରିବ ଏଚ୍‌ପିଭି ଟିକା'

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ(ଏଏଚ୍‌ପିଜିଆଇସି)ର ସ୍ତ୍ରୀ କର୍କଟ ରୋଗ ବିଭାଗ ଏବଂ ଏବିସି ଫାଉଣ୍ଡେଶନର ମିଳିତ ସହଯୋଗରେ ଚତୁର୍ଦ୍ଦଶ ବିଶ୍ୱ କର୍କଟ ସର୍ଭିକ୍ସ ନିରାକରଣ ଦିବସ ଏଏଚ୍‌ପିଜିଆଇସିରେ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ ଯୋଗଦେଇ କହିଛନ୍ତି, ରାଜ୍ୟରେ ମହିଳା କର୍କଟ ରୋଗୀଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ କ୍ୟାନ୍ସର ସର୍ଭିକ୍ସ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହି ରୋଗ ଆରମ୍ଭରୁ ଚିହ୍ନଟ କରି ବିହିତ ଚିକିତ୍ସା କଲେ ତାହା ସମ୍ପୂର୍ଣ୍ଣ ଭଲ ହୋଇଥାଏ। ଏତଦ୍‌ବ୍ୟତୀତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଙ୍କୁ ଏଚ୍‌ପିଭି ଟିକା ଦେଇ କର୍କଟ ରୋଗ କବଳରୁ ମୁକ୍ତ ରଖିପାରିବା। ହ୍ୟୁମାନ-ପାପିଲୋମା ଭୂତାଣୁ ସଂକ୍ରମଣ ଯୋଗୁ କ୍ୟାନ୍ସର ସର୍ଭିକ୍ସ ହୁଏ ବୋଲି ଡା. ହାରଲଡ୍ ଜୁର୍ ହାସନ ନାମକ ଜଣେ ଜର୍ମାନୀ ଡାକ୍ତର ପ୍ରଥମେ ଆବିଷ୍କାର କରି ୨୦୦୮ରେ ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି। ତାଙ୍କର ଏହି କୃତିତ୍ୱକୁ ମନେ ପକାଇବା ପାଇଁ କଟକର ଏବିସି ଫାଉଣ୍ଡେଶନ ତାଙ୍କ ଜନ୍ମଦିନ ମାର୍ଚ୍ଚ ୧୧ ତାରିଖକୁ ଜରାୟୁ-ଦ୍ୱାର କର୍କଟ ରୋଗ ନିରାକରଣ ଦିବସ ଭାବେ ପାଳନ କରିଆସୁଛି ବୋଲି ରାଉତରାୟ କହିଛନ୍ତି।

ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସିଲ୍‌ଚର, ଆସାମର କ୍ୟାଚର୍ ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପଦ୍ମଶ୍ରୀ ଡା. ରବି କାନ୍ନନ୍ ଯୋଗଦେଇ କହିଛନ୍ତି, ହ୍ୟୁମାନ-ପାପିଲୋମା ଭୂତାଣୁ ସଂକ୍ରମଣ ଯୋଗୁ କ୍ୟାନ୍ସର ସର୍ଭିକ୍ସ ରୋଗ ହେଉଛି। ଏଚ୍‌ପିଭି ଟିକା ଦ୍ୱାରା ଏହି ରୋଗକୁ ପ୍ରତିହତ କରାଯାଇ ପାରିବ। ଆୟୁର୍ବିଜ୍ଞାନ ଡଟ୍ କମ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଡା. ନିରଞ୍ଜନ ରାଉତ ଏହି ସଚେତନତା ଦିବସର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡା. ଶିଶିର କୁମାର ମିଶ୍ରଙ୍କୁ ତାଙ୍କର ଜୀବନବ୍ୟାପୀ ଅବଦାନ ପାଇଁ ପାପାନିକୋଲାଓ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି କ୍ୟାନ୍ସର ସର୍ଭିକ୍ସ ସମ୍ପର୍କରେ ଗବେଷଣା କରୁଥିବା ଡା. ସୋନି ନନ୍ଦଙ୍କୁ ଏବିସି ଫାଉଣ୍ଡେଶନ ପୁରସ୍କାର ପ୍ରଦାନ କରାଯାଇଥିଲା। କର୍କଟ ରୋଗରେ ପୀଡ଼ିତଙ୍କୁ ସାହାଯ୍ୟ କରୁଥିବା ଅଭିମନ୍ୟୁ ଦାସ, ସୁବ୍ରତ ଚନ୍ଦ୍ର ତ୍ରିପାଠୀ ଓ ଲିଲି ଜେନାମଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। ପ୍ରଫେସର ଡା. ଜିତା ପରିଜା ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ଡା. ଭାଗ୍ୟଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଡା. ମନୋରଞ୍ଜନ ମହାପାତ୍ର, ଡା. ଅଶୋକ କୁମାର ପାଢ଼ୀ, ଡା. ଅନ୍ୱେଷା ପାଲ୍‌ଙ୍କ ତତ୍ତ୍ୱାବଧାନରେ କ୍ୟାନ୍ସର ସର୍ଭିକ୍ସ ସମ୍ପର୍କିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡା. ଜନ୍ମେଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ଚତୁର୍ଦ୍ଦଶ ବିଶ୍ୱ କ୍ୟାନ୍ସର ସର୍ଭିକ୍ସ ନିରାକରଣ ଦିବସ**

# ଆମ୍ବେଡକର ଥିଲେ ସ୍ୱାଧୀନ ଭାରତର ପଥ ପ୍ରଦର୍ଶକ

ନିଶ୍ଚିନ୍ତକୋଇଲି,୧୧।୩(ଅଶୋକ କୁମାର ମହାପାତ୍ର)

**ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ**

ବି.ଆର. ଆମ୍ବେଡକର ଭାରତ ସମ୍ବିଧାନର ପ୍ରଣେତା ଅଟନ୍ତି। ଭାରତ ସ୍ୱାଧୀନ ହେବା ପରେ ତତ୍କାଳୀନ ସମୟରେ ଯୁଗାନ୍ତକାରୀ ପଦକ୍ଷେପ ନେଇ ଭାରତର ସମ୍ବିଧାନକୁ ରଚନା କରିଥିଲେ। ସେ ସମାଜକୁ ଏକ ନିଆରା ଦିଶା ଦେଇଥିଲେ। ସେ ଥିଲେ ସ୍ୱାଧୀନ ଭାରତର ପଥପ୍ରଦର୍ଶକ। ତାଙ୍କ ମତରେ ଜାତି ଓ ଧର୍ମର ସୀମା ଉଲ୍ଲଂଘନ କଲେ ଶାନ୍ତି ଓ ପ୍ରଗତି ଆମକୁ ବିଶ୍ୱବିଜୟୀ କରିପାରେ। ନିଶ୍ଚିନ୍ତକୋଇଲି ବ୍ଲକ ଥାନା ଛକ ନିକଟରେ ବି.ଆର. ଆମ୍ବେଡକରଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ବିଡିଓ ବିରଞ୍ଚି ନାରାୟଣ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ମହିଳା ବିଜେଡି ସଭାପତି ଅମ୍ରିତା ସିଂ, ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା, ଜ୍ୟୋତିପ୍ରକାଶ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ବିପ୍ଲବ କାପ, ଭୂପତି ଭୂଷଣ ଷଣ୍ଢ, ଗିରିଶ୍ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କଟକ-ଚାନ୍ଦବାଲି ରାସ୍ତା କଡ଼ରେ ଏହି ପ୍ରତିମୂର୍ତ୍ତି ନିମନ୍ତେ ଅନୁସୂଚିତ ଜାତି ପକ୍ଷରୁ ଦାବି ହୋଇଆସୁଥିଲା।

# ୫୬୫ଙ୍କୁ ଭତ୍ତା, ୧୫୦ଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ



କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

ଆଠଗଡ, ୧୧।୩(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକ ପ୍ରଶାସନ, ମିଶନ ଶକ୍ତି ଓ ଏନ୍‌ଏସିର ମିଳିତ ଆନୁକୂଲ୍ୟରେ ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଓ ସମ୍ମୁଖସ୍ଥ ମହୋତ୍ସବ ପଡିଆରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଧ୍ୟାହ୍ନରେ ବ୍ଲକ ମିଶନ ଶକ୍ତି ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆଠଗଡ ସିଡିପିଓ ନିବେଦିତା ରାୟ ଏଥିରେ ପୌରୋହିତ୍ୟ କରିଥିଲେ। ସଭାରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସ୍ଥାନୀୟ ମହୋତ୍ସବ ପଡିଆରେ ବ୍ଲକ ପକ୍ଷରୁ ବିଭିନ୍ନ ପଞ୍ଚାୟତର ୫୬୫ ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ସେହିପରି ୧୧୯ ଜଣଙ୍କୁ ନବୀନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ଆଠଗଡ ଏନଏସି ପକ୍ଷରୁ ୩୪ଜଣଙ୍କୁ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଭତ୍ତା ପ୍ରଦାନ କରାଯାଇଥିଲା। ୮ ପରିବାରକୁ ଜାତୀୟ ପରିବାର କଲ୍ୟାଣ ଯୋଜନାରେ ୨୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହାଛଡ଼ା ବିଭିନ୍ନ ସାହିରେ କୋଠାଘର ନିର୍ମାଣ ପାଇଁ ୧୮ ସ୍ୱୟଂ ସହାୟିକା ଗୋଷ୍ଠୀକୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁଙ୍କ ସମେତ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି, ବ୍ଲକ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତି ଗାଗରାଇ, ମିତାଲି ରାଉତ, ବିଡିଓ ପ୍ରଦୀପ କୁମାର ସାହୁ, ଏନଏସି ନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ସାହା, ସହକାରୀ ସାଧାରଣ ଯୋଗାଣ ଅଧିକାରୀ ଜଗମୋହନ ଦାସ ପ୍ରମୁଖ ଯୋଗଦେଇଥିଲେ।

# 'କଥିତ ଓଡ଼ିଆ ଭାଷା ସାହିତ୍ୟର ଅଳଙ୍କାର ସଦୃଶ'



କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୧୧।୩(କାର୍ତ୍ତିକ ସାହୁ)

**କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବ**

କଟକ ଲେଖକ ସହଯୋଗ ସମିତିର ୪୫ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବୀରକିଶୋର ମିଶ୍ର ଉଦ୍‌ଘାଟନ କରି କଥିତ ଓଡ଼ିଆ ଭାଷା ସାହିତ୍ୟର ଅଳଙ୍କାର ସଦୃଶ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓ ବରେଣ୍ୟ ଅତିଥି ଭାବେ ଡ. ବୈଜୟନ୍ତୀ ମିଶ୍ର ଯୋଗଦେଇଥିଲେ। ସାହିତ୍ୟର ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ କୃତି ପାଇଁ ୧୫ ଜଣ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜୀବ ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା, ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା ଓ ଅଶ୍ୱିନୀ ସେଠୀ ଧନ୍ୟବାଦ ଦେଇଥିଲେ।

### ଦିବ୍ୟଲୋଚନ ମହାନ୍ତ ନୂତନ ଅତିରିକ୍ତ ଜିଲାପାଳ

କଟକ,୧୧।୩(କାର୍ତ୍ତିକ ସାହୁ)

କଟକର ନୂତନ ଅତିରିକ୍ତ ଜିଲାପାଳ ଭାବେ ଦିବ୍ୟଲୋଚନ ମହାନ୍ତ ସୋମବାର ଯୋଗଦେଇଛନ୍ତି। ୨୦୦୦ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମହାନ୍ତ ରାଜ୍ୟର ବିଭିନ୍ନ ପଦବୀରେ ରହି ଦାୟିତ୍ୱ ତୁଲାଇଛନ୍ତି। ସେ ରାୟଗଡ଼ାରୁ ଚାକିରି ଜୀବନ ଆରମ୍ଭକରି କୋରାପୁଟ, ଧାମରାରେ ପ୍ରଶାସନିକ ଅଧିକାରୀ, ବାଙ୍କୀ ତହସିଲଦାର, ଯାଜପୁର ଅତିରିକ୍ତ ଜିଲାପାଳ, ଅବକାରୀ ଯୁଗ୍ମ କମିଶନର ସମେତ ଅନ୍ୟାନ୍ୟ ସ୍ଥାନରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

### ଗଞ୍ଜେଇ ଜବତ: ଜଣେ ଗିରଫ

ସାଲେପୁର,୧୧।୩(ଅରବିନ୍ଦ ଭୂୟାଁ)

ଗଞ୍ଜେଇ ବିକ୍ରି ଅଭିଯୋଗରେ ସାଲେପୁର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିରଞ୍ଜନ ସାମଲ(୬୦)। ସେ ସାଲେପୁର ଥାନାର ଲୁଣାହାର ପୋଲ ନିକଟରେ ରବିବାର ରାତିରେ ଗଞ୍ଜେଇ ବିକ୍ରି କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ତାଙ୍କ ପାଖରୁ ୬୨୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ ସାଲେପୁର ଥାନା ପକ୍ଷରୁ ମାମଲା (ନଂ. ୧୧୭/୨୪) ରୁଜୁ କରାଯାଇ ବୋଲି ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

### ପବିତ୍ର ରମ୍‌ଜାନ୍ ମାସ ଆରମ୍ଭ

ଟିଗିରିଆ,୧୧।୩(ଜାଫର ଖାଁ)

ମୁସଲମାନମାନଙ୍କ ପବିତ୍ର ରମ୍‌ଜାନ୍ ମାସ ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଚନ୍ଦ୍ର ଦର୍ଶନ ପରେ ରମଜାନ ମାସର ପ୍ରଥମ ନମାଜ ପାଠ ଆରମ୍ଭ ହୋଇଛି। ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମଦିୟା ପଙ୍କାଳ ଜାମା ମସ୍‌ଜିଦରେ ମୌଲାନା ଏସ୍‌କେ ଅବଦୁଲ କାଦିର ସମବେତ ମହିଳା ପୁରୁଷଙ୍କୁ ନମାଜ ପାଠ କରାଇଥିଲେ। ଏନେଇ ରାତି ୩ ଟାରୁ ରୋଜା (ଉପବାସ)ରଖାଯିବବୋଲିଜଣାପଡ଼ିଛି।

# ବିହାରରୁ ବନ୍ଧୁକ ଆଣି ବିକ୍ରି କରୁଥିଲେ

କଟକ,୧୧।୩(କାର୍ତ୍ତିକ ସାହୁ)

**୪ ବନ୍ଧୁକ, ମୋବାଇଲ ଜବତ: ୩ ଗିରଫ**



ବେଆଇନ ବନ୍ଧୁକ କାରବାର କରୁଥିବା ୩ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲାଲ୍‌ବାଗ ଥାନା ଅଧୀନ ସେକ୍ ବଜାରର ପ୍ରକାଶ ବେହେରା, ତିର୍ତ୍ତୋଲ ଥାନା ମଙ୍ଗଳାସାହିର ପ୍ୟାରୀମୋହନ ଦାଶ ଓ କେଉଲୋ ଗ୍ରାମର ମିହିର କୁମାର ରାୟ। ସେମାନଙ୍କ ନିକଟରୁ ୪ଟି ବନ୍ଧୁକ, ୧୨ଟି ଗୁଳି, ଦୁଇଟି ବାଇକ୍ ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏନେଇ ଜଗତପୁର ଥାନାରେ ଏକ ମାମଲା(ନଂ.୧୪୭/୨୪) ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ବିହାରର ମୁଙ୍ଗେର ଅଞ୍ଚଳରୁ ବନ୍ଧୁକ ଓ ଗୁଳି ଆଣି ବିକ୍ରି କରୁଥିଲେ। ଆଗାମୀ ଦିନରେ ଏଟିଏମ୍ ଟଙ୍କା ପରିବହନ କରୁଥିବା ଗାଡ଼ିରୁ ଟଙ୍କା ଲୁଟ୍ ପାଇଁ ଯୋଜନା କରୁଥିବା ପୋଲିସ ନିକଟରେ ସେମାନେ ସ୍ୱୀକାର କରିଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ପାଇଁ ପୋଲିସର ଏକ ଟିମ୍ ମୁଙ୍ଗେର ଯିବାକୁ ଯୋଜନା କରିଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ। ଏମାନଙ୍କ ନାମରେ କଟକ ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ଟିଗିରିଆ, ୧୧।୩ (ଜାଫର ଖାଁ)

ଟିଗିରିଆ ବ୍ଲକର ୨ ଟି ପଞ୍ଚାୟତରେ ଓଡ଼ିଶା ମିଲେଟ ମିଶନ ତରଫରୁ ମାଣ୍ଡିଆ ବିକ୍ରୟ ପାଇଁ ମଣ୍ଡି ସୋମବାର ଉଦଘାଟିତ ହୋଇଯାଇଛି । ଓଡିଶା ମିଲେଟ ମିଶନ ତରଫରୁ ମାଣ୍ଡିଆ ମଣ୍ଡି ବ୍ଲକର ହାଟମାଳ ପଞ୍ଚାୟତର କଲ୍ୟାଣମଣ୍ଡପ ଓ ଅଚଳକୋଟ ପଞ୍ଚାୟତ ର କଲ୍ୟାଣ ମଣ୍ଡପ ଠାରେ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥିଭାବେ ବ୍ଲକର ୨ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ମାନସ କୁମାର ସାହୁ, ଉତ୍ତରମହାନଦୀ ଫାର୍ମର ପ୍ରଡ୍ୟୁସର କମ୍ପାନୀ ର ମୁଖ୍ୟ ପରିଚାଳକ ହରେନ୍ଦ୍ର ଦଳେଇ, କୃଷି ମନ୍ତ୍ରୀଙ୍କ ପ୍ରତିନିଧି ତାପସ କୁମାର ପ୍ରଧାନ, ଅର୍ଡର ବ୍ଲକ ସଂଯୋଜକ ବିଶ୍ୱଜିତ୍ ମହାନ୍ତି, ଓଡ଼ିଶା ମିଲେଟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ଅଶ୍ୱିନୀ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହାଟମାଳ ମଣ୍ଡିରେ ୬ ଜଣ ଚାଷୀଙ୍କଠାରୁ ୧୨ .୫୦ କୁଇଣ୍ଟାଲ ଓ ଅଚଳକୋଟ ମଣ୍ଡିରେ ୫ ଜଣ ଚାଷୀଙ୍କଠାରୁ ୬.୫୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି।

# ଜନଶୁଣାଣିରେ ୫୨ ଅଭିଯୋଗ




ବାଙ୍କୀ,୧୧।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କଟକ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଏହି ଶିବିରରେ ଯୋଗଦେଇ ୫୨ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ବିଶେଷଭାବେ ପାନୀୟ ଜଳ, ଆବାସ ଯୋଜନା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ସମ୍ପର୍କିତ ଅଭିଯୋଗର ଶୁଣାଣି କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି, କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା, ଜିଲା ପରିଷଦ ସଭ୍ୟା ମିନତି ମହାପାତ୍ର, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଡମପଡ଼ା ବିଡିଓ ଅଂଶୁମାନ ଦାସ, ଡମପଡ଼ା ତହସିଲଦାର ସୁଚିସ୍ମିତା ଦାଶ, ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠର ଉନ୍ନତୀକରଣ ହେବ

ନିଶ୍ଚିନ୍ତକୋଇଲି,୧୧।୩ (ଅଶୋକ କୁମାର ମହାପାତ୍ର)

**ଜମି ଅଧିଗ୍ରହଣ ପାଇଁ ସହଯୋଗ ଲୋଡିଲେ ୫-ଟି ଅଧ୍ୟକ୍ଷ**



ଅଚ୍ୟୁତାନନ୍ଦଙ୍କ ପୀଠ ରୂପାନ୍ତରଣ କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା ଏବଂ ଅନ୍ୟମାନେ।

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତ ଅନ୍ତର୍ଗତ ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ପୀଠର ରୂପାନ୍ତରଣ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି କହିଥିଲେ, ରାଜ୍ୟ ସରକାର ମହାପୁରୁଷଙ୍କ ପୀଠର ଉନ୍ନତୀକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୪.୯୭ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। କିନ୍ତୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ସହଯୋଗ ରହିଲେ ପୀଠର ଉନ୍ନତି ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏଥିସହ ପୀଠର ଉନ୍ନତୀକରଣ ଖୁବ୍‌ଶୀଘ୍ର ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, କଟକ ଜିଲାପାଳ ବିନିତ୍ ଭରଦ୍ୱାଜ, ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ କମଳଜିତ୍ ଦାସ, ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ଅନିତା ନାୟକ, ଜିଲା ପରିଷଦ ସଭ୍ୟ ବିକାସ ଭୋଇ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ଯନ୍ତ୍ରୀ ଅନାମ ବିଶ୍ୱାଳ, ସମବାୟବିତ୍ ଅଚ୍ୟୁତାନନ୍ଦ ଦାସ, ବ୍ଲକ ମହିଳା ସଭାପତି ନନ୍ଦିନୀ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ନେତୃମଣ୍ଡଳୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଥିବା ଗୋପୀନାଥ ଜୀଉଙ୍କ ୫୪ ଫୁଟର ମନ୍ଦିର, ୫୯ ଫୁଟର ଗର୍ଭଗୃହ ଓ ୩୧ ଫୁଟର ଜଗମୋହନ ନିର୍ମାଣ କରାଯିବ। ମହାପୁରୁଷଙ୍କ ଗାଦିର ଉନ୍ନତୀକରଣ କରାଯିବ। ୭୩.୧୨ ସ୍କୋୟାର ଫୁଟରେ ପ୍ରସାଦ ମଣ୍ଡପ, ୭୩.୧୨ ସ୍କୋୟାର ଫୁଟରେ ରୋଷଘର, ୮୪.୬୨ ସ୍କୋୟାର ଫୁଟରେ ଶୌଚାଳୟ, ୯୮ ସ୍କୋୟାର ଫୁଟରେ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ, ଭୋଗ ଦୋକାନ ସହ ୭୧୦ ମିଟର ପାଚେରି କରାଯିବାର ବ୍ୟବସ୍ଥା କରାଯାଇଛି। ତେବେ ସମଗ୍ର ମହାପୁରୁଷଙ୍କ ପୀଠର ଏକ ଗ୍ରାଫିକ୍ସ ଓ ରୂପାନ୍ତରଣ କାର୍ଯ୍ୟର ଏକ ସ୍ୱତନ୍ତ୍ର ଦସ୍ତାବିଜ ପ୍ରସ୍ତୁତ କରାଯାଇଥିବା ସୂଚନା ଦେଇଥିଲେ।

## ସଂକ୍ଷେପରେ

### ମାଳଦ୍ୱୀପ ଛାଡ଼ିଲେ ପ୍ରଥମ ବ୍ୟାଚ୍ ଭାରତୀୟ ସୈନ୍ୟ

**ମାଲେ, ୧୧।୩**

ମାଳଦ୍ୱୀପରେ ରହି ହେଲିକପ୍ଟର ଅପରେଟ୍ କରୁଥିବା ପ୍ରଥମ ବ୍ୟାଚ୍ ଭାରତୀୟ ସୈନ୍ୟ ସୋମବାର ଉକ୍ତ ଦ୍ୱୀପଦେଶ ଛାଡ଼ିଛନ୍ତି। ସେଠାରେ ଥିବା ହେଲିକପ୍ଟର ପରିଚାଳନା ଦାୟିତ୍ୱ ଭାରତୀୟ ବେସାମରିକ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ମାଳଦ୍ୱୀପ ଜାତୀୟ ପ୍ରତିରକ୍ଷା ବାହିନୀ (ଏମ୍‌ଏନ୍‌ଡିଏଫ୍)ର ସୂଚନା ଅନୁଯାୟୀ ଆଡୁ ସହରରେ ଥିବା ଭାରତୀୟ ସୈନ୍ୟମାନେ ସ୍ୱଦେଶ ଫେରିଯାଇଛନ୍ତି। ତେବେ ସେନା ପ୍ରତ୍ୟାହାର ନେଇ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ କିଛି ସ୍ପଷ୍ଟ କରିନାହିଁ। ମେ’ ୧୦ ପରେ ମାଳଦ୍ୱୀପରେ ସାଦା ପୋଷାକରେ ମଧ୍ୟ ଭାରତୀୟ ସୈନ୍ୟ ରହିବେ ନାହିଁ ବୋଲି ଏହାର ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ କହିଥିଲେ।

### ଭୋଜଶାଳା ମନ୍ଦିର ସର୍ଭେ କରିବ ଏଏସ୍ଆଇ

**ନୂଆଦିଲ୍ଲୀ, ୧୧।୩**

ଉତ୍ତରପ୍ରଦେଶର ଜ୍ଞାନବାପି ମସ୍‌ଜିଦ ପରେ ଏବେ ମଧ୍ୟପ୍ରଦେଶର ଧର୍‌ଠାରେ ଥିବା ଭୋଜଶାଳା ମନ୍ଦିର ତଥା କମଲ-ମୌଲା ମସ୍‌ଜିଦ କମ୍ପ୍ଲେକ୍ସର ସର୍ଭେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) କରିବାକୁ ଯାଉଛି। ମଧ୍ୟପ୍ରଦେଶ ହାଇକୋର୍ଟ ଏଥିପାଇଁ ସୋମବାର ଅନୁମତି ଦେଇଛନ୍ତି। ଭୋଜଶାଳାକୁ ହିନ୍ଦୁମାନେ ବାଗ୍‌ଦେବୀଙ୍କ ମନ୍ଦିର ବିବେଚନା କରିଆସୁଥିବାବେଳେ ମୁସଲମାନମାନେ ଏହାକୁ କମଲ-ମୌଲା ମସ୍‌ଜିଦ କହିଥାନ୍ତି। ଏହାକୁ ନେଇ ଧର୍‌ରେ ଅନେକ ସମୟରେ ଉତ୍ତେଜନା ପ୍ରକାଶ ପାଇଆସିଛି। ବିଶେଷ କରି ବସନ୍ତ ପଞ୍ଚମୀ ଏବଂ ଶୁକ୍ରବାର ମସ୍‌ଲମାନଙ୍କ ନମାଜ ପାଠକୁ ନେଇ ବିବାଦ ଦେଖାଦେଉଥିଲା। ଗତବର୍ଷ ସେପ୍ଟେମ୍ବରରେ ଉକ୍ତ ପୁରୁଣା ସୌଧରେ ବାଗ୍‌ଦେବୀଙ୍କ ମୂର୍ତ୍ତି ସ୍ଥାପନ ପରେ ଉତ୍ତେଜନା ଦେଖାଦେବାରୁ ସୁରକ୍ଷା ବଢ଼ାଇ ଦିଆଯାଇଥିଲା। ପରେ ପୋଲିସ ଉକ୍ତ ମୂର୍ତ୍ତିକୁ ସେଠାରୁ ହଟାଇଦେଇଥିଲା।

### ଚଳନ୍ତା ବିମାନରେ ଝଟକା, ୫୦ ଆହତ

**ଅକ୍‌ଲାଣ୍ଡ, ୧୧।୩**

ଅଷ୍ଟ୍ରେଲିଆର ସିଡନୀରୁ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡକୁ ଯାଉଥିବା ଏଲ୍‌ଏଟିଏଏମ୍ ଏୟାରଲାଇନ୍ସର ଏକ ବିମାନରେ ବୈଷୟିକ ତ୍ରୁଟି ଯୋଗୁ ଜୋରଦାର୍ ଝଟକା ଅନୁଭୂତ ହୋଇଥିଲା। ଫଳରେ ୫୦ ଯାତ୍ରୀ ଆହତ ହୋଇଥିବାବେଳେ ଜଣକର ଅବସ୍ଥା ଗୁରୁତର ରହିଛି। ବିମାନଟି ଅକ୍‌ଲାଣ୍ଡରେ ଅବତରଣ କରିବା ପରେ ୧୩ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଅଘଟଣକୁ ନେଇ ଏୟାରଲାଇନ୍ସ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି।



ପବିତ୍ର ରମ୍‌ଜାନ ମାସ ଆରମ୍ଭର ପୂର୍ବ ସନ୍ଧ୍ୟାରେ ଦିଲ୍ଲୀର ଜାମା ମସ୍‌ଜିଦ୍‌କୁ ରଙ୍ଗିନ ଆଲୋକରେ ସଜାଯାଇଛି।

## ଜାରି ରହିବ ସିବିଆଇ ତଦନ୍ତ

**ସନ୍ଦେଶଖାଲି ମାମଲାରେ ମମତାଙ୍କୁ ସୁପ୍ରିମ୍‌କୋର୍ଟ ଝଟକା**

**ନୂଆଦିଲ୍ଲୀ, ୧୧।୩**

ସନ୍ଦେଶଖାଲି ମାମଲାରେ କେନ୍ଦ୍ରୀୟ ଅନୁସନ୍ଧାନକାରୀ ବ୍ୟୁରୋ(ସିବିଆଇ)ର ତଦନ୍ତ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ପଶ୍ଚିମବଙ୍ଗ ସରକାରଙ୍କୁ ସୋମବାର ଝଟକା ଲାଗିଛି। ସନ୍ଦେଶଖାଲିରେ ଗତ ଜାନୁଆରୀ ୫ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଟିମ୍ ଉପରେ ହୋଇଥିବା ଆକ୍ରମଣ ମାମଲାରେ ସିବିଆଇ ଯାଞ୍ଚ ନେଇ ପୂର୍ବରୁ କାଲ୍‌କାଟା ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଶାହାଜାହାନ ଶେଖ୍‌ଙ୍କ ହେପାଜତକୁ ସିବିଆଇକୁ ହସ୍ତାନ୍ତର କରିବା ନେଇ ପୂର୍ବରୁ କାଲ୍‌କାଟା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ହସ୍ତକ୍ଷେପ କରିବାକୁ ଜଷ୍ଟିସ ବି. ଆର୍. ଗବାଇ ଓ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସ୍ୱୀକାର କରିଛନ୍ତି। ୫୦ ଦିନ ଧରି ମାମଲାର ମୁଖ୍ୟ ଅଭିଯୁକ୍ତ ଶାଜହାନ ଶେଖ୍‌ଙ୍କୁ ଧରିବାକୁ ରାଜ୍ୟ ପୋଲିସ କାହିଁକି ବିଫଳ ହୋଇଥିଲା ବୋଲି ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟଙ୍କ ରାୟରେ ରାଜ୍ୟ ପୋଲିସ ଓ ସରକାରଙ୍କ ବିରୋଧରେ ଦିଆଯାଇଥିବା କଡ଼ା ମନ୍ତବ୍ୟକୁ ହଟାଇବାକୁ ସର୍ବୋଚ୍ଚ କୋର୍ଟ ସହମତି ପ୍ରଦାନ କରିଛନ୍ତି। ବର୍ତ୍ତମାନ ବସିର୍‌ହାଟ୍ ସବ୍‌ଡିଭିଜନାଲ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାମଲାର ମୁଖ୍ୟ ଅଭିଯୁକ୍ତ ଶାଜହାନ ଶେଖ୍ ୪ ଦିନିଆ ସିବିଆଇ ହେପାଜତରେ ରହିଛନ୍ତି।


ଶାହାଜାହାନ ଶେଖ୍

## ସିଏଏ ବିଜ୍ଞପ୍ତି ପରେ ଦିଲ୍ଲୀରେ କଡ଼ା ସୁରକ୍ଷା

**ନୂଆଦିଲ୍ଲୀ, ୧୧।୩**

ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ନେଇ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଉତ୍ତରପୂର୍ବଦିଲ୍ଲୀ, ସାହିନବାଗ, ଜାମିଆ ସମେତ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହିସବୁ ଅଞ୍ଚଳରେ ପୋଲିସ ପ୍ରଶାସନ ଓ ସାମରିକ ବାହିନୀ ନିୟୋଜିତ ହୋଇଛନ୍ତି। ଉତ୍ତରପୂର୍ବ ଓ ଦକ୍ଷିଣ ପୂର୍ବ ଦିଲ୍ଲୀର କେତେକ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯିବା ସହ ପାଟ୍ରୋଲିଂ ଚାଲିଛି। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ଯେପରି ଭାରତ ବିରୋଧୀ ପ୍ରୋପାଗଣ୍ଡା ପ୍ରଚାର ନ ହୁଏ ସେଥିପ୍ରତି ଦିଲ୍ଲୀ ସାଇବର ସେଲ୍ ଆଲର୍ଟ ରହିଛି। ସୂଚନାଯୋଗ୍ୟ, ୨୦୨୦ରେ ସିଏଏକୁ କେନ୍ଦ୍ର କରି ଦିଲ୍ଲୀରେ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା।


ଦ୍ୱାରକା ଏକ୍ସପ୍ରେସ୍ ୱେ ହରିୟାଣା ପାର୍ଶ୍ୱର ଉଦ୍‌ଘାଟନ ପୂର୍ବର ଦୃଶ୍ୟ।

### ସାଇବାବା ଦୋଷମୁକ୍ତ ରାୟ ଉପରେ ସ୍ଥଗିତାଦେଶ ଆବେଦନ ଖାରଜ


ଜି.ଏନ୍. ସାଇବାବା

**ନୂଆଦିଲ୍ଲୀ, ୧୧।୩(ପି.ଟି.)**

ମାଓବାଦୀଙ୍କ ସହ ସମ୍ପୃକ୍ତି ମାମଲାରେ ଦିଲ୍ଲୀ ୟୁନିଭର୍ସିଟିର ପୂର୍ବତନ ପ୍ରଫେସର ଜି.ଏନ୍. ସାଇବାବାଙ୍କୁ ବମ୍ବେ ହାଇକୋର୍ଟ ଦୋଷମୁକ୍ତ କରିଥିବାବେଳେ ଏହା ଉପରେ ସ୍ଥଗିତାଦେଶ ପାଇଁ ମହାରାଷ୍ଟ୍ର ସରକାର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ତେବେ ହାଇକୋର୍ଟଙ୍କ ମାର୍ଚ୍ଚ ୫ ରାୟ ବିରୋଧରେ ସରକାରଙ୍କ ଅପିଲ୍‌କୁ ଶୁଣାଣି ପାଇଁ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସନ୍ଦିପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ଦ୍ରୁତ୍ ଶୁଣାଣି ପାଇଁ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କ ଅନୁରୋଧକୁ ମଧ୍ୟ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

## ଆନ୍ଧ୍ରରେ ଭାଜପା-ଟିଡିପି-ଜେଏସ୍‌ପି ମେଣ୍ଟ

**ଟିଡିପି ୧୭, ଭାଜପା ୬, ଜେଏସ୍‌ପି ୨ ଆସନରେ ଲଢ଼ିବେ**

**ନୂଆଦିଲ୍ଲୀ, ୧୧।୩**

ଲୋକ ସଭା ଏବଂ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଭାଜପା ସହ ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଏବଂ ଜନସେନା ପାର୍ଟି (ଜେଏସ୍‌ପି)ର ମେଣ୍ଟ ହୋଇଛି। ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଥିବା ସୋମବାର ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଘୋଷଣା କରିଛନ୍ତି। ବୁଝାମଣା ଅନୁଯାୟୀ ରାଜ୍ୟର ୨୫ ଲୋକ ସଭା ଆସନ ମଧ୍ୟରୁ ଟିଡିପି ୧୭ ଆସନରେ ଲଢ଼ିବାକୁ ଥିବାବେଳେ ଭାଜପା ୬ ଏବଂ ଜେଏସ୍‌ପି ୨ ଆସନରେ ଲଢ଼ିବ। ସେହିପରି ଆନ୍ଧ୍ରର ୧୭୫ ବିଧାନସଭା ଆସନ ମଧ୍ୟରୁ ଟିଡିପି ୧୪୪ ଆସନରେ ଲଢ଼ିବାକୁ ସ୍ଥିର ହୋଇଥିବାବେଳେ ଭାଜପା ୧୦ ଏବଂ ଜେଏସ୍‌ପି ୨୧ ଆସନରେ ଲଢ଼ିବ। ଆନ୍ଧ୍ରପ୍ରଦେଶର ବିକାଶ ଏବଂ ରାଜ୍ୟବାସୀଙ୍କ ଉନ୍ନତି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମେଣ୍ଟର ୩ ଦଳ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି।

## ଅସିଫା ଭୁଟ୍ଟୋ ଜର୍ଦ୍ଦାରୀ ହେଲେ ପାକିସ୍ତାନର ପ୍ରଥମ ମହିଳା

**ଇସ୍‌ଲାମାବାଦ୍, ୧୧।୩**



ପାକିସ୍ତାନର ନବ ନିର୍ବାଚିତ ରାଷ୍ଟ୍ରପତି ଅସିଫ୍ ଅଲୀ ଜର୍ଦ୍ଦାରୀ ନିଜ ଝିଅ ଅସିଫା ଭୁଟ୍ଟୋ ଜର୍ଦ୍ଦାରୀଙ୍କୁ ଦେଶର ପ୍ରଥମ ମହିଳା ଭାବେ ଆଧିକାରିକ ଘୋଷଣା କରିଛନ୍ତି। ସାଧାରଣତଃ ରାଷ୍ଟ୍ରପତିଙ୍କର ସ୍ତ୍ରୀଙ୍କୁ ଦେଶର ପ୍ରଥମ ମହିଳା ଭାବେ ଅଭିହିତ କରାଯାଉଥିବା ବେଳେ ଜର୍ଦ୍ଦାରୀଙ୍କ ଏହି ନିଷ୍ପତ୍ତି ଐତିହାସିକ ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଜର୍ଦ୍ଦାରୀଙ୍କ ସ୍ତ୍ରୀ ତଥା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କୁ ୨୦୦୭ରେ ହତ୍ୟା କରାଯାଇଥିଲା। ୨୦୦୮ରୁ ୨୦୧୩ ମଧ୍ୟରେ ରାଷ୍ଟ୍ରପତି ଭାବେ ଜର୍ଦ୍ଦାରୀଙ୍କ ପ୍ରଥମ କାର୍ଯ୍ୟକାଳରେ ଏହି ପଦ ଖାଲି ରହିଥିଲା। ୨୦୨୦ ନଭେମ୍ବରରେ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଅସିଫା ଚଳିତ ପାକିସ୍ତାନ ନିର୍ବାଚନରେ ପାକିସ୍ତାନ ପିପୁଲ୍ସ ପାର୍ଟି(ପିପିପି) ଓ ଏହାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ତଥା ନିଜ ଭାଇ ବିଲାୱଲ ଭୁଟ୍ଟୋଙ୍କ ସପକ୍ଷରେ ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା।

## ବିଦ୍ୟୁତ୍ ସ୍ପର୍ଶରେ ଜଳିଗଲା ବସ୍, ୬ ମୃତ

**ଗାଜିପୁର, ୧୧।୩**

ଉତ୍ତରପ୍ରଦେଶର ଗାଜିପୁରଠାରେ ସୋମବାର ଏକ ବସ୍ ଦୁର୍ଘଟଣା ଘଟି ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଗାଜିପୁର ଜିଲାର ମର୍‌ଦହ ଥାନା ଅଞ୍ଚଳରେ ଥିବା ମହାହର୍‌ଧାମ ମନ୍ଦିର ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମଉରୁ ବିବାହ ପାଇଁ ଏହି ବସ ଯୋଗେ ବରପକ୍ଷର ୩୮ ଜଣ ବ୍ୟକ୍ତି ମହାହର୍‌ଧାମକୁ ଆସୁଥିବା ବେଳେ ବାଟରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଉକ୍ତ ବସ୍‌ଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ଫଳରେ ବସ୍ ମଧ୍ୟରେ ଥିବା ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଆହତ ହୋଇଥିବା ସ୍ଥାନୀୟ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଓ ଗୁରୁତର ଭାବେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ୫୦ ହଜାର ଲେଖାଏ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି।

## ଆକାଉଣ୍ଟ ଅଚଳ ବିରୋଧରେ ହାଇକୋର୍ଟ ଗଲା କଂଗ୍ରେସ

**ନୂଆଦିଲ୍ଲୀ, ୧୧।୩**

ଟିକସ ରିଟର୍ନରେ ଅସଙ୍ଗତି ପାଇଁ ଆୟକର ବିଭାଗ କଂଗ୍ରେସ ଉପରେ ୨୧୦ କୋଟି ଟଙ୍କା ଜରିମାନା ଲଗାଇବା ସହ ଏହାର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଥିବାବେଳେ ଏହା ବିରୋଧରେ ଆବେଦନ ଆୟକର ଆପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି)ରେ ଖାରଜ ହୋଇଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି କଂଗ୍ରେସ ସୋମବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ୍ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠରେ ବରିଷ୍ଠ ଆଇନଜୀବୀ ବିବେକ ତାଙ୍ଖା ମାମଲା ଉପସ୍ଥାପନ କରିଛନ୍ତି। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳର ଆକାଉଣ୍ଟକୁ ଅଚଳ କରାଯାଇଥିବାରୁ ଏହା ଏକ ଜରୁରୀ ମାମଲା ବୋଲି ତାଙ୍ଖା କହିଛନ୍ତି। ଆୟକର ଟ୍ରିବ୍ୟୁନାଲର ରାୟ ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ପୂର୍ବରୁ କଂଗ୍ରେସ କହିଥିଲା।

## ଫୁର୍‌ସତ

## ଭାରତର ସାନ ଭାଇ



ମରିସସକୁ ଭାରତର ସାନ ଭାଇ ଦେଶ କୁହାଯାଏ। ସମୁଦ୍ର ଦ୍ୱୀପରେ ଅବସ୍ଥିତ ଏହି ଦେଶରେ ଏକ ମିନି ଇଣ୍ଡିଆ ଦେଖିବାକୁ ମିଳେ। ମରିସସରେ ବାସ କରୁଥିବା ଅଧିକାଂଶ ଲୋକଙ୍କ ପୂର୍ବଜ ଭାରତୀୟ ଥିଲେ। ବ୍ରିଟିଶମାନେ ସୁନା ଖଣିରେ କାମ କରିବାର ମିଥ୍ୟା ସ୍ୱପ୍ନ ଦେଇ ଲକ୍ଷ ଲକ୍ଷ ଭାରତୀୟଙ୍କୁ ମରିସସକୁ ନେଇ ଯାଇଥିଲେ। ବିହାର ଏବଂ ଉତ୍ତରପ୍ରଦେଶରୁ ମରିସସକୁ ନିଆଯାଇଥିବା ଭାରତୀୟମାନେ ନିଜ ଦେଶକୁ ଫେରି ନ ଥିଲେ। ୧୨ ମାର୍ଚ୍ଚ ଅର୍ଥାତ୍ ଆଜି ମରିସସ ସ୍ୱାଧୀନତା ଦିବସ ପାଳନ କରାଯାଏ। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବର୍ତ୍ତମାନ ମରିସସରେ ଅଛନ୍ତି। ମରିସସର ଜାତୀୟ ଦିବସରେ ଭାଗ ନେବାକୁ ସେ ସେଠାକୁ ଯାଇଛନ୍ତି। ଭାରତର ଲୋକମାନେ ବାସ କରୁଥିବା ମରିସସରେ ପ୍ରତିବର୍ଷ ମାର୍ଚ୍ଚ ୧୨କୁ ଜାତୀୟ ଦିବସ ଭାବରେ ପାଳନ କରାଯାଏ। ଏହି ଦିନ ମଧ୍ୟ ମରିସସର ଗଣତନ୍ତ୍ର କାର୍ଯ୍ୟକାରୀ ହୋଇଥିଲା। ଭାରତ ମହାସାଗରରେ ଅବସ୍ଥିତ ମରିସସ ଏକ ହିନ୍ଦୁ ରାଷ୍ଟ୍ର ଅଟେ। ୧୯୬୮ରେ ମରିସସ ସ୍ୱାଧୀନ ହୋଇଥିଲା ଏବଂ ୧୯୯୨ରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଖ୍ୟାତି ଅର୍ଜନ କରିଥିଲା। ୧୯୯୨ ପରେ ମରିସସ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଅଟେ। ଏଠାରେ ମଧ୍ୟ ନିୟମିତ ଭାବେ ନିର୍ବାଚନ ଅନୁଷ୍ଠିତ ହୁଏ।

## ପରୀକ୍ଷାଖାତାରେ ଅଜବ ଉତ୍ତର

**ଜମୁଇ (ବିହାର)**

ଦେଶର ବିଭିନ୍ନ ରାଜ୍ୟରେ ଏବେ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ଚାଲିଥିବାବେଳେ ବିଭିନ୍ନ ରାଜ୍ୟସ୍ତରୀୟ ବୋର୍ଡ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗୁଡ଼ିକୁ ପରିଚାଳନା କରାଯାଉଛି। ପରୀକ୍ଷା ପୂର୍ବରୁ, କିଛି ଛାତ୍ର ଦିନରାତି କଠିନ ପରିଶ୍ରମ କରୁଥିବା ବେଳେ ଅନ୍ୟ କିଛି ଛାତ୍ର ନିଜ ପରୀକ୍ଷା ଖାତାରେ ଏପରି କିଛି ଲେଖୁଛନ୍ତି, ଯାହାଦ୍ୱାରା ପରୀକ୍ଷାକୁ ନେଇ ଚର୍ଚ୍ଚା ଲାଗି ରହୁଛି। ଚଳିତ ବର୍ଷ ବିହାର ବୋର୍ଡ ପରୀକ୍ଷା କଡ଼ାକଡ଼ି ହୋଇଥିବାରୁ ଛାତ୍ରମାନେ ଆଉ ପୂର୍ବ ପରି କପି କରିବାକୁ ସମର୍ଥ ହୋଇପାରୁନାହାନ୍ତି।



ଏଭଳି ସ୍ଥିତିରେ ବିହାରରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ଜଣେ ଛାତ୍ରୀଙ୍କ ଉତ୍ତର ସିଟ୍ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଛାତ୍ରୀ ଜଣକ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶିକ୍ଷକଙ୍କୁ ପାସ୍ ମାର୍କ ଦେବାକୁ ଅନୁରୋଧ କରିଛନ୍ତି। କିଛି ଦିନ ତଳେ ପିତାଙ୍କ ମୃତ୍ୟୁ ହୋଇଥିବାରୁ ଭଲଭାବେ ଅଧ୍ୟୟନ କରି ପାରି ନ ଥିବା ନେଇ ସେ ନିଜ ଉତ୍ତରଖାତାରେ ଲେଖିଛନ୍ତି। ସେହିପରି ଘରର ବୋଝ ତାଙ୍କ ଉପରେ ଥିବାରୁ ସବୁ କାମ କରି ତାଙ୍କର ସ୍ୱାସ୍ଥ୍ୟ ଖରାପ ହୋଇ ଯାଇଥିବା ଦର୍ଶାଇ ସେ କିଛି ପଢ଼ିପାରି ନ ଥିବା ନିଜ ଉତ୍ତର ଖାତାରେ ଲେଖିଛନ୍ତି। ତେଣୁ ଦୟା ଦେଖାଇ ତାଙ୍କୁ ପାସ୍ କରିଦେବାକୁ ସେ ନିବେଦନ କରିଛନ୍ତି। ବିହାରର ଜମୁଇର ଦୁଇଟି କେନ୍ଦ୍ରରେ ଦ୍ୱାଦଶ ବୋର୍ଡ ପରୀକ୍ଷାର ମୂଲ୍ୟାଙ୍କନ କରାଯାଉଥିବା ବେଳେ ଏହିପରି ଏକ ପରୀକ୍ଷା ଖାତା ସାମ୍ନାକୁ ଆସିଥିଲା, ଯାହାକୁ ପଢ଼ି ମୂଲ୍ୟାଙ୍କନ କରୁଥିବା ଶିକ୍ଷକ ମଧ୍ୟ ଅଭିଭୂତ ହୋଇଯାଇଥିଲେ।

## ଟ୍ରୋଲର୍ସଙ୍କୁ ଜବାବ ଦେଲେ ଶିଳ୍ପା


ଶିଳ୍ପା ଶେଟ୍ଟୀ

**ମୁମ୍ବାଇ**

ବଲିଉଡ୍‌ର ଲୋକପ୍ରିୟ ଦମ୍ପତିମାନଙ୍କ ମଧ୍ୟରୁ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ଏବଂ ତାଙ୍କ ସ୍ୱାମୀ ତଥା ପ୍ରତିଷ୍ଠିତ ବ୍ୟବସାୟୀ ରାଜ କୁନ୍ଦ୍ରାଙ୍କୁ ସମସ୍ତେ ବେଶ୍ ପସନ୍ଦ କରିଥାନ୍ତି। ଉଭୟଙ୍କ ବିବାହକୁ ପ୍ରାୟ ୧୫ ବର୍ଷ ବିତିସାରିଥିବା ବେଳେ ଏବେ ଏହି ଦମ୍ପତିଙ୍କର ଭିବାନ୍ ଏବଂ ସାମିଶା ନାମରେ ୨ ସନ୍ତାନ ମଧ୍ୟ ଅଛନ୍ତି। ଅଭିନୟକୁ ଛାଡ଼ି ଶିଳ୍ପା ନିଜ ଫିଟନେସ୍ ଓ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ତେବେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି କିଛି ଲୋକ ସବୁବେଳେ ଶିଳ୍ପାଙ୍କୁ ତାଙ୍କ ବିବାହକୁ ନେଇ ଟ୍ରୋଲ କରି ଆସୁଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ସେ ଏହାର ଜବାବ ରଖିଛନ୍ତି। ଏହି ସାକ୍ଷାତ୍‌କାରରେ ଅଭିନେତ୍ରୀ ଶିଳ୍ପା ତାଙ୍କ ବିରୋଧରେ ହେଉଥିବା ଟ୍ରୋଲକୁ ନିନ୍ଦା କରିଛନ୍ତି। ସ୍ୱାମୀ ରାଜ ଜଣେ ଧନୀ ବ୍ୟବସାୟୀ ହୋଇଥିବାରୁ ସେ ତାଙ୍କୁ ବିବାହ କରିଥିବା ନେଇ ହେଉଥିବା ଟ୍ରୋଲ୍‌କୁ ଶିଳ୍ପା ସିଧାସଳଖ ଖଣ୍ଡନ କରିଛନ୍ତି। ତାଙ୍କ ସ୍ୱାମୀ ଧନୀ ହୋଇଥିଲେ ଏଥିରେ ଭୁଲ କ’ଣ ରହିଛି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ଯେଉଁମାନେ ତାଙ୍କୁ ଟ୍ରୋଲ୍ କରୁଛନ୍ତି, ସେମାନେ ଭୁଲିବା ଉଚିତ ନୁହେଁ ଯେ ବିବାହ ସମୟରେ ସେ ମଧ୍ୟ ରାଜ୍‌ଙ୍କ ଭଳି ଖୁବ୍ ଧନୀ ଥିଲେ ଓ ଏବେ ମଧ୍ୟ ସେ ଖୁବ୍ ଧନୀ ରହିଛନ୍ତି ବୋଲି ଏହି ସାକ୍ଷାତ୍‌କାରରେ ଶିଳ୍ପା କହିଛନ୍ତି। ରାଜ୍ ଜଣେ ଭଲ ବ୍ୟକ୍ତି ହୋଇଥିବାରୁ ସେ ତାଙ୍କୁ ବିବାହ କରିଥିବା ଶିଳ୍ପା ସ୍ପଷ୍ଟ କରିଛନ୍ତି। ଯେତେ ଧନୀ ହେଲେ ମଧ୍ୟ ଯଦି ରାଜ୍ ଭଲ ବ୍ୟକ୍ତି ହୋଇ ନ ଥାନ୍ତେ, ତେବେ ସେ ତାଙ୍କୁ ବିବାହ କରି ନଥାନ୍ତେ ବୋଲି ଶିଳ୍ପା କହିଛନ୍ତି। ସେହିପରି ଏହି ସାକ୍ଷାତ୍‌କାରରେ ସ୍ୱାମୀ ରାଜ୍‌ଙ୍କୁ ନିଜର ଜଣେ ଭଲ ବନ୍ଧୁ ଭାବେ ଶିଳ୍ପା ଦର୍ଶାଇଛନ୍ତି। ନିକଟରେ ମୁକ୍ତିଲାଭ କରିଥିବା ‘ଭାରତୀୟ ପୋଲିସ ଫୋର୍ସ’ ସିରିଜରେ ଶିଳ୍ପାଙ୍କୁ ଦେଖିବାକୁ ମିଳିଥିଲା। ଏଥିରେ ସିଦ୍ଧାର୍ଥ ମାଲହୋତ୍ରା ଏବଂ ବିବେକ ଓବରୋଇ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ରୋହିତ ଶେଟ୍ଟୀ ଏହି ସିରିଜର ନିର୍ଦ୍ଦେଶନା ଦେଇ ଓଟିଟି ପ୍ଲାଟଫର୍ମରେ ନିଜର ଡେବ୍ୟୁ କରିଥିଲେ।

# ଆନନ୍ଦ ବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ୮୯.୦୫ ଏକରରେ ପରିବ୍ୟାପ୍ତ ସବୁଜ ଭିତ୍ତିଭୂମି

ଭୁବନେଶ୍ୱର,୧୧।୩
(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱରର ଶଙ୍କରପୁରଠାରେ ଆନନ୍ଦ ବନର ଉଦ୍‌ଘାଟନ କରିଛନ୍ତି। ସେଠାରେ କିଛି ସମୟ ବିତାଇବା ସହ ଏହାର ସୌନ୍ଦର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଆନନ୍ଦ ବନ ସହରାଞ୍ଚଳରେ ସବୁଜ ଭିତ୍ତିଭୂମି ସ୍ଥାପନ କରିବା ସହ ବାୟୁର ମାନରେ ଉନ୍ନତି ଆଣିବ। ସହରରେ ସହରାଞ୍ଚଳ ଜଙ୍ଗଲ ସୃଷ୍ଟି ପାଇଁ ଆନନ୍ଦ ବନ ରାଜ୍ୟ ସରକାରଙ୍କର ଏକ ଅଭିନବ ପଦକ୍ଷେପ। ଆନନ୍ଦ ବନ ୮୯.୦୫ ଏକରରେ ପରିବ୍ୟାପ୍ତ। ପର୍ଯ୍ୟଟକମାନଙ୍କ ପାଇଁ ଆମୋଦପ୍ରମୋଦ ସକାଶେ ଏଠାରେ ଅନେକ ବ୍ୟବସ୍ଥା କରାଯାଇଛି। ଯାନବାହନ ରଖିବା ପାଇଁ ପାର୍କିଂ ସ୍ଥାନ, ବସିବା ପାଇଁ ବେଞ୍ଚ, ରେନ ଶେଲ୍‌ଟର, ପିଲାଙ୍କ ପାଇଁ ଖେଳିବା ସ୍ଥାନ, ସ୍ୱାସ୍ଥ୍ୟକର ଫୁଡ୍ କିଓସ୍କୋ ଇତ୍ୟାଦି ରହିଛି। ଏଥିରେ ଜାପାନର ୧୨ ହଜାର ମିୱାକି ବୃକ୍ଷ ରୋପଣ କରାଯାଇଥିବା ବେଳେ ୧ ହଜାର ମିଟର ସଏଲ ଟ୍ରେନ, ୩୮୩୦ ମିଟର ସାଇକେଲ ଟ୍ରେଲ ରହିଛି। ଏଥିରେ ୬୯ ପ୍ରକାର ଔଷଧୀୟ ବୃକ୍ଷ ଥିବା ବେଳେ ୧୦ ହଜାର ସହରାଞ୍ଚଳ ବୃକ୍ଷ ରୋପଣ କରାଯାଇଛି। ଏହା ସମସ୍ତଙ୍କ ପାଇଁ ଏକ ସୁନ୍ଦର ଅନୁଭୂତି ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଡିଏ ଉପାଧକ୍ଷ ବଲୱାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।





# ବିଡିଏର 'ଆମ ଭୂମି' ସଫ୍ଟୱେରର ଶୁଭାରମ୍ଭ

ଭୁବନେଶ୍ୱର,୧୧।୩(ଅନିଲ ଦାସ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) 'ଆମ ଭୂମି' (ଆସ୍ୟୁରିଂ ମାସ୍ ଆକ୍ସେସ ଥ୍ରୁ ଭୁବନେଶ୍ୱର ଓପନ ସ୍ପେଶ ଓନରଶିପ ଆଣ୍ଡ ମ୍ୟାନେଜମେଣ୍ଟ) ସଫ୍ଟୱେର ଶୁଭାରମ୍ଭ କରିଛନ୍ତି। ଏହା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଦ୍ୱାରା ନିଆଯାଇଥିବା ୫-ଟି ପଦକ୍ଷେପ। ଏଥିରେ ରାଜଧାନୀରେ ଖୋଲାସ୍ଥାନ ଗୁଡିକର ରକ୍ଷଣାବେକ୍ଷଣ ସହ ସହରାଞ୍ଚଳ ଲ୍ୟାଣ୍ଡ ସ୍କେପିଂ ଦୀର୍ଘସ୍ଥାୟୀ କରିବା ଲକ୍ଷ୍ୟ ରଖାଯାଇଛି। ଖୋଲା ସ୍ଥାନ ରକ୍ଷଣାବେକ୍ଷଣ କେବଳ ଯେ ସହରବାସୀଙ୍କର ଜୀବନର ମାନରେ ଉନ୍ନତି ଆଣିବ ତା' ନୁହେଁ, ବରଂ ଜଳବାୟୁ ସହନଶୀଳ ପରିବେଶ ସୁରକ୍ଷା ସହ ସହରାଞ୍ଚଳରେ ବଢୁଥିବା ତାତିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ। ଏହା ଭୁବନେଶ୍ୱରରେ ସୁସ୍ଥ ଭବିଷ୍ୟତ ସହ ରୂପାନ୍ତରୀକରଣରେ ଏକ ନୂଆ ଯୁଗ ଆରମ୍ଭ କରିବ। ରାଜଧାନୀ ଭୁବନେଶ୍ୱର ଶିକ୍ଷା, ବାଣିଜ୍ୟ, ପ୍ରଶାସନିକ ସହର ଭାବେ ବିକଶିତ ହେଉଛି। ଏହାର ଲୋକମାନଙ୍କ ଜୀବନଯାପନ ଗୁଣବତ୍ତାରେ ଉନ୍ନତି ଆଣିବା ସହ ସହରାଞ୍ଚଳ ପ୍ରତି ଦେଖାଦେଉଥିବା ଚ୍ୟାଲେଞ୍ଜଗୁଡିକ ପ୍ରତିହତ ସହ ଆବଶ୍ୟକ ପଦକ୍ଷେପ ନେବାରେ କାର୍ଯ୍ୟ କରିବ। ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ୫ଟି କ୍ଷେତ୍ର ଯଥା ପାର୍କ, ଖେଳପଡ଼ିଆ, ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ପଡିଆ (ସାଂସ୍କୃତିକ ସ୍ଥାନ, ଅଡିଟୋରିୟମ ଏବଂ ଦୁର୍ଗା ମଣ୍ଡପ)କୁ ଚିହ୍ନଟ କରାଯିବ। ଏହି ନୀତି ଜରିଆରେ ଖୋଲା ସ୍ଥାନଗୁଡିକୁ ବିଭିନ୍ନ ବିକଶିତ ମଡେଲ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରାଯିବ। ଏହାଦ୍ୱାରା ଖୋଲା ସ୍ଥାନଗୁଡିକୁ ଅନ୍ତର୍ଜାତୀୟ ସ୍ତରର କରାଯିବା ସହ ପାର୍କ ଏବଂ ଖୋଲା ସ୍ଥାନଗୁଡିକୁ ବ୍ୟବସ୍ଥିତ ଢଙ୍ଗରେ ବିକଶିତ କରାଯିବ। ଅନ୍ୟପକ୍ଷରେ ବିଡିଏର ଆମ ଭୂମି ସଫ୍ଟୱେର ଡିଭିଜନ ଏହି ଅଭିନବ ପଦକ୍ଷେପର ସମ୍ପୂର୍ଣ୍ଣ ପରିଚାଳନା କରିବ।

# କାଳନ୍ଦୀ ମଳିକଙ୍କ ହତ୍ୟା ଘଟଣା: ତଥ୍ୟ ଅନୁସନ୍ଧାନକାରୀ ଟିମ୍ ପଠାଇଲା କଂଗ୍ରେସ

ଭୁବନେଶ୍ୱର, ୧୧ ।୩(ସୁନିତ୍ ମିଶ୍ର)

ଯାଜପୁର ସଦର ଥାନା ଅନ୍ତର୍ଗତ ଯମଧର ଗ୍ରାମପଞ୍ଚାୟତର ସ୍ୱପ୍ନେଶ୍ୱରପୁର ଗ୍ରାମର କାଳନ୍ଦୀ ମଳିକ (୬୨)ଙ୍କୁ ସେହି ଗ୍ରାମର ସୁରେନ୍ଦ୍ର ବେହେରା ନିର୍ମମ ଭାବେ ହତ୍ୟା କରିଛନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଓ ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ହତ୍ୟାକାଣ୍ଡକୁ ରାଜ୍ୟ କଂଗ୍ରେସ ଘୋର ନିନ୍ଦା କରିଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ତଥ୍ୟ ଅନୁସନ୍ଧାନ କମିଟି ଯାଜପୁର ଗସ୍ତ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନଙ୍କ ନେତୃତ୍ୱରେ ପିସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା ଓ ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରିଛନ୍ତି। ନିର୍ବାଚନକୁ ଆଉମାତ୍ର କେତେଦିନ ବାକିଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା କଂଗ୍ରେସ ଅଭିଯୋଗ କରିଛି। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସର ତଥ୍ୟ ଅନୁସନ୍ଧାନ କମିଟି ଯାଜପୁର ଗସ୍ତ କରିଛନ୍ତି ଓ ସବିଶେଷ ରିପୋର୍ଟ ପ୍ରଦେଶ କଂଗ୍ରେସର ସଭାପତିଙ୍କୁ ଅବଗତ କରାଇବେ ବୋଲି ଜଣାପଡ଼ିଛି।

# ଛାତ୍ରୀଙ୍କ ଉପରେ ମାଡ଼ିଗଲା କାର୍

ତିହିଡ଼ି, ୧୧।୩(ସଞ୍ଜିତ୍ ବଳ)

- ଗାଡ଼ି ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ
- କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ

ଭଦ୍ରକ-ଚାନ୍ଦବାଲି ରାସ୍ତାର ନନ୍ଦପୁର ବଜାରରେ ସୋମବାର ପୂର୍ବାହ୍ନରେ ଏକ କାର୍ ମାଡ଼ିଯିବାରୁ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ କାର୍ ଭଙ୍ଗାରୁଜା କରିଛନ୍ତି। ଏଥିସହ ଟାୟାର ଜାଳି ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ରାସ୍ତା ଅବରୋଧ କରିଥିଲେ। ମୃତା ଛାତ୍ରୀ ହେଲେ ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ଖପରାବାଙ୍କ ଗ୍ରାମର ରମାକାନ୍ତ ନାୟକଙ୍କ ଝିଅ ପ୍ରଭାସିନୀ। ସେ ତାଳପଦାସ୍ଥିତ ମାଣିକଲାଲ ମହିଳା କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ କଳାରେ ଅଧ୍ୟୟନ କରୁଥିଲେ। ମୃତା ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ, ରାସ୍ତାରେ ହମ୍ପସ ନିର୍ମାଣ ଆଦି ଦାବିରେ କଲେଜ ଛାତ୍ରୀମାନେ ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇ ରାସ୍ତା ଉପରେ ବସି ରହିଥିଲେ। ସୂଚନା ଅନୁଯାୟୀ, ପ୍ରଭାସିନୀ ଘରୁ ସାଇକେଲ ଯୋଗେ କଲେଜ ଯାଉଥିବା ବେଳେ ନନ୍ଦପୁର ବଜାରରେ ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଇଣ୍ଡିଗୋ କାର୍ (ନଂ ଓଆର୍-୦୨-ବିଏଲ୍-୫୬୬୦) ତାଙ୍କୁ ଧକ୍କା ଦେଇଥିଲା। କାର୍‌ଟି ସାଇକେଲ ସହ ତାଙ୍କୁ କିଛି ବାଟ ଘୋଷାରି ନେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ଏସ୍‌ଆଇ ପ୍ରଣବ ଗିରି, ଏଏସ୍‌ଆଇ ଦିଲୀପ ଦେହୁରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ନମିତା ଧଳ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ମୃତା ଛାତ୍ରୀଙ୍କ ପରିବାରକୁ ୨୫ ହଜାର ଟଙ୍କାର ବ୍ୟାଙ୍କ ଚେକ୍ ପ୍ରଦାନ କରାଯାଇଥିବା ବେଳେ ବୀମା ସହାୟତା ଏବଂ ହମ୍ପସ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ପୋଲିସ ମାମଲା (ନଂ.୯୯/୨୪) ରୁଜୁ କରି କାର୍ ଚାଳକ ସାମନ୍ତରାୟପୁର ଗ୍ରାମର ଟୁଟୁ ଜେନାଙ୍କୁ ଗିରଫ କରିଛି।



ତାଳପଦା ମାଣିକଲାଲ ମହିଳା କଲେଜରେ ଛାତ୍ରୀ ଓ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ମହିଳା କଂଗ୍ରେସର ନୂତନ କର୍ମକର୍ତ୍ତା, ଜିଲା ସଭାପତି ନିଯୁକ୍ତ

ଭୁବନେଶ୍ୱର, ୧୧।୩ (ସୁନିତ୍ ମିଶ୍ର)

ପ୍ରଦେଶ ମହିଳା କଂଗ୍ରେସର ନୂତନ ରାଜ୍ୟ କର୍ମକର୍ତ୍ତା ଏବଂ ଜିଲା ସଭାପତିଙ୍କ ନାମ ଦଳ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଉପ ସଭାନେତ୍ରୀ ଭାବେ ୬ ଜଣ, ସାଧାରଣ ସମ୍ପାଦିକା ଭାବେ ୧୫ ଜଣ, ସମ୍ପାଦିକା ଭାବେ ୨୧ ଜଣଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଜିଲା ମହିଳା କଂଗ୍ରେସ ସଭାପତିମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ଅନୁଗୋଳରେ ସବିତା ଧୀର, ବଲାଙ୍ଗୀରରେ ମିର୍ଲାନୀ ସାହୁ, ବାଲେଶ୍ୱରରେ ପ୍ରଜ୍ଞା ପରମିତା ମହାନ୍ତି, ବରଗଡ଼ରେ ମୌସୁମୀ ସାହୁ, ଭଦ୍ରକରେ ସବିତା ଚାନ୍ଦ, ଭୁବନେଶ୍ୱରରେ ଗୀତାଞ୍ଜଳି ମହାନ୍ତି, ବୌଦ୍ଧରେ କବିତା ମହାକୁଡ, କଟକରେ ଅମ୍ରିତା ସିଂ, କଟକ ନଗରରେ କଳ୍ପନା ସେନ, ଦେଓଗଡ଼ରେ ଲିତା ଆଚାର୍ଯ୍ୟ, ଢେଙ୍କାନାଳରେ ସ୍ମିତାରାଣୀ ସାମଲ, ଗଜପତିରେ ସସ୍ମିତା ନାୟକ, ଗଞ୍ଜାମ ପୂର୍ବରେ ବନଜା ପଣ୍ଡା, ଗଞ୍ଜାମ ପଶ୍ଚିମରେ ସ୍ୱରୂପା ତ୍ରିପାଠୀ, ଜଗତସିଂହପୁରରେ ପ୍ରିୟମ୍ବଦା ପାଣି, ଝାରସୁଗୁଡ଼ାରେ ଡଲି କାନ୍ଦୁଲାନା, ଯାଜପୁରରେ ଆରତି ଦେଓ, କଳାହାଣ୍ଡିରେ ମାର୍ଜିନା ପ୍ରଧାନ, କେନ୍ଦୁଝରରେ ପ୍ରବୀଣା ଦଣ୍ଡପାଟ, କନ୍ଧମାଳରେ ରୁଦା ମଲିକ, କେନ୍ଦ୍ରାପଡ଼ାରେ ଜିନତ ପ୍ରିୟଦର୍ଶିନୀ ରାଉତ, ଖୋର୍ଦ୍ଧାରେ ଝୁନା କୁମାରୀ ପଟ୍ଟନାୟକ, କୋରାପୁଟରେ ନଳିନୀ ରଥ, ମାଲକାନଗିରିରେ ପୁଷ୍ପା ପୋଡ଼ିଆମି, ମୟୂରଭଞ୍ଜ ପଶ୍ଚିମରେ ନିଳିମା ପ୍ରିୟଦର୍ଶିନୀ ସୋରେନ, ମୟୂରଭଞ୍ଜ ପୂର୍ବରେ ସୁସ୍ମିତା ଘୋଷାଲ, ନବରଙ୍ଗପୁରରେ ଗୀତାରାଣି ସମ୍ରତ, ନୟାଗଡ଼ରେ ସସ୍ମିତା କୁମାର ଦାଦ, ନୂଆପଡ଼ାରେ ସୀମା କୁମ୍ଭାର, ପୁରୀରେ ନିରୁପମା ପାତ୍ର, ରାୟଗଡ଼ାରେ ଅମ୍ବିକା ମାଝୀ, ରାଉରକେଲାରେ ଗୀତା ସିଂ, ସମ୍ବଲପୁରରେ ବିଜୟଲକ୍ଷ୍ମୀ ବେହେରା, ସୁବର୍ଣ୍ଣପୁରରେ ଭବାନୀ ଦୀପ, ସୁନ୍ଦରଗଡ଼ରେ ସରୋଜିନୀ ବାକ୍ରାଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିଛି। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟା ଭାବେ ୩୮ ଜଣ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟା ଭାବେ ୧୨ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତିଙ୍କ ପ୍ରସ୍ତାବକ୍ରମେ ଅଖିଳ ଭାରତ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଏହି ନିଯୁକ୍ତି ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ବ୍ୟବସାୟୀ ମୃତ, ଉତ୍ତେଜନା



ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ରେ ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇ ଦେଇଛନ୍ତି।

ଅନୁଗୋଳ,୧୧।୩
(ଅମିତ କୁମାର ସାମଲ)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ସହର ଦଶହରା ପଡ଼ିଆ ସମ୍ମୁଖରେ ସୋମବାର ରାତି ପ୍ରାୟ ୧୦ଟା ୩୦ରେ ଟ୍ରକ୍‌ଧକ୍କାରେ ପାନ ଦୋକାନୀ ତପନ ନନ୍ଦଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଦୁର୍ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜାଳି ଦେଇଥିବା ବେଳେ ମୃତଦେହ ଦୀର୍ଘ ସମୟ ଯାଏ ପଡ଼ିରହିଥିବାରୁ ବିଳମ୍ବିତ ରାତି ଯାଏ ରାଜପଥରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଛି।

ପ୍ରକାଶ ଯେ, ହୁଲୁରିସିଂହାର ତପନ ପାନ ଦୋକାନ ବନ୍ଦ କରି ବାଇକ୍ (ନଂ. ଓଡି୧୯ଇ-୬୯୦୩) ଯୋଗେ ଶୈଳଶ୍ରୀକ୍ଷେତ୍ରରୁ ରାଜପଥ ଉପରକୁ ଯାଉଥିବା ବେଳେ ଅନୁଗୋଳ ଥାନା ଛକ ଆଡୁ ଦ୍ରୁତଗତିରେ ଆସୁଥିବା ଏକ ମାଲ୍ ବୋଝେଇ ଟ୍ରକ୍ (ନଂ. ଓଡି୦୫-ଏଆର୍ ୯୫୩୮) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତପନଙ୍କ ମୃତ୍ୟୁ ହୋଇଥିଲା। ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟି ଜୀବନହାନି ହେଉଥିବା ବେଳେ ପ୍ରତିକାର କରାଯାଉ ନ ଥିବାରୁ ଉତ୍ତ୍ୟକ୍ତ ଲୋକେ ଘଟଣାର ତୀବ୍ର ପ୍ରତିବାଦ କରିବା ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ରେ ନିଆଁ ଲଗାଇ ଦେଇଥିଲେ। ଅନୁଗୋଳ ପୋଲିସ ଉପସ୍ଥିତ ଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକଙ୍କୁ ରୋକିବାରେ ସଫଳ ହୋଇପାରି ନ ଥିଲା। ଦେଢ଼ଘଣ୍ଟା ପରେ ଅନୁଗୋଳ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦୁର୍ଘଟଣା ପରଠାରୁ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ଘଟଣାସ୍ଥଳରେ ଥାନା ଅଧିକାରୀ ଧୀରେଶ ଦାଶ, ଏସ୍‌ଡିପିଓ ରମାକାନ୍ତ ମହାଳିକଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ଭାଜପା

ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

ଆଗକୁ ୨୦୨୪ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ସରକାରୀ ଦଳ କଳବଳର ଅପପ୍ରୟୋଗ କରି ନିର୍ବାଚନ ଜିତିବାକୁ ଚାହୁଁଛି। ପୋଲିସ ପ୍ରଶାସନ, ସାମ୍ବିଧାନିକ ବିଧିବ୍ୟବସ୍ଥା ଏବଂ ଅନୁଷ୍ଠାନଗୁଡ଼ିକୁ ବ୍ୟବହାର କରି ଜନମତକୁ ବିଭ୍ରାନ୍ତ କରୁଥିବାର ଏବେଠାରୁ ବହୁ ଅଭିଯୋଗ ଓ ପ୍ରମାଣ ବାରମ୍ବାର ଆସୁଛି। ନିର୍ବାଚନ କମିଶନଙ୍କ ଦାୟିତ୍ୱ ହେଉଛି ନିର୍ବାଚନ ପରିଚାଳନାକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରାଇବା। ରାଜ୍ୟ ସରକାରଙ୍କ ଦାୟିତ୍ୱ ହେଉଛି ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକୁ ପାଳନ କରିବା। ସେଥିପାଇଁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ରାଜ୍ୟ ଭାଜପା ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ପ୍ରତିନିଧି ଦଳ ଦାବି ଜଣାଇଛି।

# ବିଜେଡିରେ ବ୍ଲକ୍ ଅଧକ୍ଷା, ଉପାଧକ୍ଷ,୨୨ ପଞ୍ଚାୟତର ସରପଞ୍ଚ

ଭୁବନେଶ୍ୱର,୧୧।୩
(ଅନିଲ ଦାସ)

କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଅଧକ୍ଷା, ଉପାଧକ୍ଷ, ୨୨ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନଙ୍କ ସହ ଧର୍ମଗଡ଼ ଓ କଲ୍ୟାଣପୁର ବ୍ଲକର ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ସୋମବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା ଓ କଂଗ୍ରେସ କର୍ମୀଙ୍କୁ ଉଭୟ ସୁଜିତ ଓ ପ୍ରଣବ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କଳାହାଣ୍ଡି ଜିଲାରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଉଭୟେ କହିଛନ୍ତି।



ଶଙ୍ଖଭବନଠାରେ ସୋମବାର ବିଜେଡି ନେତାଙ୍କ ସହ ଦଳରେ ଯୋଗଦେଇଥିବା ଅନ୍ୟଦଳର ନେତା ଓ କର୍ମୀ ।


**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**NIT No.17/OMC/CIVIL/2024**

No.CAD-4564: Tender for the following work is invited online through e-procurement portal of Govt. of Odisha.

| Sl. No. | Name of the Work | Time period of the work (in month) | EMD online (in Rupees) | Cost of Bid document (Rs.) Online |
|---|---|---|---|---|
| 1 | Installation of water sprinkling arrangement with 5 years operation and maintenance from F-Quarry ETP near Lease Boundary of Kaliapani COBP of Koiposi Square via Sukarangi Mines in the district of Jajpur. | 06 (Six) | 1,42,000/- | 10,000/- + 18% GST |

1. Available of Bid document in Govt. portal from dt.15.03.2024 to 29.03.2024 up to 5.00 PM.
2. Last date of on-line submission of tender in the portal is dt.29.03.2024 upto 5.00 PM.
3. Date of opening of Technical Bid is dt. 30.03.2024 at 11.00 AM

All other details can be seen from bid document available at Govt. website www.tendersodisha.gov.in.

Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0309/2324

Sd./-
Chief General Manager (Civil)

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ତୁଷାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପି.ସି.ଚନ୍ଦ୍ରା ଜୁଏଲର୍ସର ବସନ୍ତ ଉତ୍ସବ

**ଭୁବନେଶ୍ୱର,୧୧।୩:** ପି.ସି ଚନ୍ଦ୍ରା ଜୁଏଲର୍ସର ବହୁ ପ୍ରତୀକ୍ଷିତ 'ବସନ୍ତ ଉତ୍ସବ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଉତ୍ସବ ୨୦୨୪ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ବା ଏକ୍ସକ୍ଲୁସିଭ ଷ୍ଟୋରଗୁଡ଼ିକରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଗ୍ରାହକ ଆକର୍ଷଣୀୟ ଡିଜାଇନ ଓ ଅଫର ସାଙ୍ଗକୁ ରିହାତିର ମଧ୍ୟ ସୁବିଧା ପାଇପାରିବେ ବୋଲି ପି.ସି ଚନ୍ଦ୍ରା ପକ୍ଷରୁ କୁହାଯାଇଛି।

# ଟୟୋଟା ହାଇଲକ୍ସର ଅଫରୋଡିଂ ଏକ୍ସପେରିଏନ୍ସ

**ଭୁବନେଶ୍ୱର,୧୧।୩**



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ଟୟୋଟା ଇଣ୍ଡିଆ'ର ବହୁ ପ୍ରତୀକ୍ଷିତ ତଥା ବ୍ରାଣ୍ଡର ପ୍ରମୁଖ ମଡେଲ ଟୟୋଟା ହାଇଲକ୍ସର ଦୁଃସାହସିକ ଡ୍ରାଇଭିଂ କଳା ପ୍ରଦର୍ଶନୀ ସର୍ବଭାରତୀୟସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଏପରିକି କମ୍ପାନୀ ପକ୍ଷରୁ ଏକ ୩ ଦିନିଆ ସ୍ୱତନ୍ତ୍ର ଡ୍ରାଇଭିଂ ତଥା ଅଫରୋଡିଂ ଅଭିଜ୍ଞତାର କଳା ପ୍ରଦର୍ଶନୀ ଅଭିଜ୍ଞ ଓ ଦକ୍ଷ ଗାଡ଼ି ଚାଳକଙ୍କ ଦ୍ୱାରା ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଇଣ୍ଡ୍ରିଟୀ ଟୟୋଟା କଟକ, ନୀଳମ ଟୟୋଟା ପଟିଆ ଭୁବନେଶ୍ୱର ପକ୍ଷରୁ ରବିବାର ଭୁବନେଶ୍ୱରର ବରମୁଣ୍ଡା ଖେଳପଡ଼ିଆଠାରେ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଟୟୋଟା କିର୍ଲୋସ୍କାର ମୋଟର୍ସର ଆର୍‌ଏମ୍ ଅନିମେଶ ନାଗ, ଟିଏମ୍ ଚୟନ ସରକାରଙ୍କ ସମେତ ଇଣ୍ଡ୍ରିଟୀ ଟୟୋଟାର ଏଭିପି (ସେଲ୍‌ସ ଆଣ୍ଡ ମାର୍କେଟିଂ) ସତୀର୍ଥ ନାୟକ,ନୀଳମ ଟୟୋଟାର ଏମ୍‌ଡି ସିଦ୍ଧାର୍ଥ ସାରାଓଗି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଟୟୋଟା ହାଇଲକ୍ସର ଦୁଃସାହସିକ ଡ୍ରାଇଭିଂ କଳା ପ୍ରଦର୍ଶନୀର ୨ୟ ଦିନରେ ୫୦ରୁ ଅଧିକ ଅଭିଜ୍ଞ ଗାଡି ଚାଳକ ଓ ମାଲିକ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀ ମଙ୍ଗଳବାର ମଧ୍ୟ ଉଭୟ ଇଣ୍ଡ୍ରିଟୀ ଟୟୋଟା କଟକ ଓ ନୀଳମ ଟୟୋଟା ପଟିଆ ଭୁବନେଶ୍ୱରଙ୍କ ଜରିଆରେ ଆୟୋଜିତ ହେବ। ଏପରିକି ସକାଳ ୯ ଘଟିକାରୁ ଏହି ପ୍ରଦର୍ଶନୀ ଆରମ୍ଭ ହେଉଛି।

# ଏକାମ୍ର ଆୟକର ଆବାସ ପ୍ରକଳ୍ପ ଉଦ୍‌ଘାଟିତ

**ଭୁବନେଶ୍ୱର,୧୧।୩ (ଅଭୟ ଦାଶ)**



ଆୟକର ବିଭାଗ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ସୁବିଧା ସୁଯୋଗ ବିଶିଷ୍ଟ ବହୁତଳ ପ୍ରାସାଦ 'ଏକାମ୍ର ଆୟକର ଆବାସ' ପ୍ରକଳ୍ପ ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ନୂଆଦିଲ୍ଲୀର ଅଧ୍ୟକ୍ଷ ନୀତିନ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏଫ୍‌ଏସି ନୂଆଦିଲ୍ଲୀର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ଦେବେନ୍ଦ୍ର ନାରାୟଣ କର, ବିହାର ଏବଂ ଝାଡ଼ଖଣ୍ଡର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଦିଲ୍ଲୀର ପ୍ରଧାନ ମୁଖ୍ୟ ଆୟକର ନିର୍ଦ୍ଦେଶକ (ପ୍ରଶିକ୍ଷଣ) ସୀମାଞ୍ଚଳ ଦାଶଙ୍କ ସମେତ ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ମୋରା ଭୂପାଳ ରେଡ୍ଡୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଭାଗର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଗାଡ଼କଣଠାରେ ୫ ଏକର ପରିବ୍ୟାପ୍ତ ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ଉକ୍ତ ପ୍ରକଳ୍ପରେ ମୋଟ ୨୦,୫୪୮ ବର୍ଗ.ମି. ଜମିରେ ସମସ୍ତ ପ୍ରକାର ସୁବିଧା ସହିତ ସୁରକ୍ଷା ଓ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ସେହିଭଳି ୧୧୫ଟି ଟାଇପ-୩ କ୍ୱାର୍ଟର୍ସ ରହିଥିବାବେଳେ ୮୨ଟି ଟାଇପ-୪ କ୍ୱାର୍ଟର୍ସ ଏବଂ ୨୨ଟି ଟାଇପ-୫ କ୍ୱାର୍ଟର୍ସ ଓ ୬ଟି ଟାଇପ-୬ କ୍ୱାର୍ଟର୍ସ ରହିଛି। ଅପରପକ୍ଷରେ କେନ୍ଦ୍ରୀୟ ସଂସ୍ଥା ବ୍ରିଜ ଆଣ୍ଡ ରୁଫ୍ କୋ. (ଇଣ୍ଡିଆ) ଲିମିଟେଡ ଦ୍ୱାରା ଉକ୍ତ ପ୍ରକଳ୍ପର ସମ୍ପୂର୍ଣ୍ଣ କାର୍ଯ୍ୟ କରାଯାଇଛି ବୋଲି ଭୁବନେଶ୍ୱର ଆୟକର କାର୍ଯ୍ୟାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଆଗ୍ରହରୁ ଅଗ୍ରଣୀ ବ୍ୟବସାୟୀ



ଶୁଭ୍ରଜିତ ସାହୁ

**ବାଣିଜ୍ୟରେ ଉଚ୍ଚଶିକ୍ଷା ସହ ବିଦେଶରୁ ମ୍ୟାନେଜମେଣ୍ଟ ଶିକ୍ଷା ଶେଷକରି ୨୦୦୫ରେ ସେ ବିଧିବଦ୍ଧ ଭାବେ ପାରିବାରିକ ବ୍ୟବସାୟରେ ଯୋଗଦେଇଥିଲେ। ପିଲାଟି ଦିନରୁ ବ୍ୟବସାୟିକ ବାତାବରଣ ମଧ୍ୟରେ ବଢ଼ିଥିବାରୁ ବଡ଼ ହୋଇ ପ୍ରତିଷ୍ଠିତ ବ୍ୟବସାୟୀ ହେବାର ସ୍ୱପ୍ନକୁ ସେ ଯଥାର୍ଥ ପ୍ରମାଣିତ କରିବା ସହ ଜଣେ ସଫଳ ଓ ସୁଦକ୍ଷ ଯୁବ ଉଦ୍ୟୋଗୀ ହୋଇପାରିଛନ୍ତି। କେନ୍ଦ୍ରାପଡ଼ାର ଏକ ପ୍ରତିଷ୍ଠିତ ବ୍ୟବସାୟୀ ପରିବାରରେ ଜନ୍ମିତ ତଥା ଇଷ୍ଟର୍ନ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରଜିତ ସାହୁଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ......**

ଧରିତ୍ରୀ | OrissaPOST
BUSINESS EMINENCE AWARDS

**ପ୍ର – ବଜାରରେ ଫାବୋ ଫୁଡ୍‌ସର ଚାହିଦା କିଭଳି ରହିଛି ?**

ଉ– ଓଡ଼ିଶା ବଜାରରେ ଫାବୋ ଫୁଡ୍‌ସର ଚାହିଦା ଅନ୍ୟ ଫୁଡ୍ ବ୍ରାଣ୍ଡ ଭଳି ବହୁତ ଭଲ ରହିଛି। ବିଶେଷକରି ଫାବୋ ପାସ୍ତା ବଜାରରେ ବେଶ୍ ଲୋକପ୍ରିୟ ହୋଇଥିବାବେଳେ ପାସ୍ତାର ଅଗ୍ରଣୀ ଉତ୍ପାଦକ ଭାବେ ଫାବୋ ବଜାରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଅପରପକ୍ଷରେ ବଜାର ଚାହିଦା ଓ ଆବଶ୍ୟକତା ଅନୁଯାୟୀ ଆମେ ଉତ୍ପାଦ ଯୋଗାଇବା ସହ ଗୁଣାତ୍ମକ ସାମଗ୍ରୀ ପ୍ରସ୍ତୁତି ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ସାଙ୍ଗକୁ ଅଭିଜ୍ଞ ମାନବ ସମ୍ବଳ ବ୍ୟବହାର କରୁଛୁ।

**ପ୍ର – ବଜାରରେ ବ୍ରାଣ୍ଡର ବିଶେଷତ୍ୱ କ'ଣ ରହିଛି ?**

ଉ– ଖାଦ୍ୟ ବ୍ୟବସାୟରେ ଭରସା ଓ ବିଶ୍ୱାସ ଏକ ବଡ଼ ମାଧ୍ୟମ ହୋଇଥିଲାବେଳେ ଗୁଣାତ୍ମକ ଉତ୍ପାଦ ଏବଂ ଗ୍ରାହକଙ୍କ ଆବଶ୍ୟକତାକୁ ଆମେ ସର୍ବାଧିକ ଗୁରୁତ୍ୱ ଦେଇଥାଉ। ସେହିଭଳି ଗୁଣବତ୍ତାସମ୍ପନ୍ନ କଞ୍ଚାମାଲ ଓ ଆବଶ୍ୟକ କଞ୍ଚାମାଲର ଠିକ୍ ସମ୍ମିଶ୍ରଣରୁ ସୁଷମ ଓ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ସହ ସମୟ ମଧ୍ୟରେ ବଜାରକୁ ଛାଡ଼ିଥାଉ।

**ପ୍ର– ବଜାରରେ ବ୍ରାଣ୍ଡର କେଉଁ ସବୁ ଉତ୍ପାଦ ଉପଲବ୍ଧ ?**

ଉ– ବର୍ତ୍ତମାନ ବଜାରରେ ବ୍ରାଣ୍ଡ (ଫାବୋ)ର ପାସ୍ତା ସହ ସିମେଇ, ଚକିଅଟା, ସୁଜି, ସୋୟା ଭଳି ଅନେକ ଉତ୍ପାଦ ଉପଲବ୍ଧ। ବିଶେଷକରି ବ୍ରାଣ୍ଡ ଉତ୍ପାଦ ବି୨ବି ପ୍ଲାଟ୍‌ଫର୍ମ ସହ ସ୍ୱତନ୍ତ୍ର ଆଉଟ୍‌ଲେଟ ଓ ଏକ୍ସକ୍ଲୁସିଭ କାଉଣ୍ଟରଗୁଡିକରେ ମଧ୍ୟ ଗୁଣାତ୍ମକ ମାନର ସାମଗ୍ରୀ ଗ୍ରାହକଙ୍କୁ ମିଳିପାରୁଛି।

**ପ୍ର – ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥାନ୍ତି?**

ଉ – ବ୍ୟବସାୟରେ ଗ୍ରାହକ ସର୍ବଶ୍ରେଷ୍ଠ ମାଧ୍ୟମ ହୋଇଥିବା ବେଳେ ଗୁଣାତ୍ମକ ଉତ୍ପାଦ ଓ ବଜାର ଚାହିଦା ଏବଂ ଆବଶ୍ୟକତା ସହ ଉତ୍ତମ ସମ୍ପର୍କକୁ ଆମେ ପ୍ରାଧାନ୍ୟ ଦେଇଥାଉ। ଏପରିକି ଗ୍ରାହକଙ୍କ ପ୍ରସ୍ତାବ ଓ ଚାହିଦା ପୂରଣ ପାଇଁ ଆମେ ଆବଶ୍ୟକ ଉଦ୍ୟମ କରିଥାଉ।

**ପ୍ର– ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରକୁ କିଭଳି ଦେଖୁଛନ୍ତି ?**

ଉ– ଖାଦ୍ୟ ଉତ୍ପାଦନକାରୀ ଭାବେ ଅନେକ ପ୍ରକାର ସମସ୍ୟା ଓ ପ୍ରତିଯୋଗିତାକୁ ସାମ୍ନା କରିବାକୁ ପଡ଼ିଥାଏ। ବିଶେଷକରି ଦରବୃଦ୍ଧିଠାରୁ ଆରମ୍ଭକରି ଖାଦ୍ୟଶସ୍ୟ ସଂଗ୍ରହ ପର୍ଯ୍ୟନ୍ତ ନାନା ପ୍ରତିଯୋଗିତା ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏସବୁ ସତ୍ତ୍ୱେ ମଧ୍ୟ ବ୍ୟବସାୟରେ ତିଷ୍ଠିରହିବା ପାଇଁ ଆବଶ୍ୟକ ନୀତି ନିୟମ ଓ ଅନୁପାଳନ ସହ କଠିନ ପରିଶ୍ରମ ଏବଂ ଅଭିଜ୍ଞତାକୁ ମଧ୍ୟ ବିନିଯୋଗ କରିବାକୁ ପଡ଼ିଥାଏ।

**ପ୍ର– ବ୍ରାଣ୍ଡର ସମ୍ପ୍ରସାରଣ ଓ ବଜାର ଉପସ୍ଥିତି ସମ୍ପର୍କରେ କ'ଣ କହିବେ ?**

ଉ– ବ୍ୟବସାୟର ଅଭିବୃଦ୍ଧି ପାଇଁ ସମ୍ପ୍ରସାରଣର ଆବଶ୍ୟକତା ରହିଛି। କେନ୍ଦ୍ରାପଡ଼ାରେ ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡ ବର୍ତ୍ତମାନ ଓଡ଼ିଶା ବଜାରରେ ପ୍ରାୟତଃ ସବୁ ମାର୍କେଟରେ ଉପଲବ୍ଧ ହେଉଛି। ଆଗାମୀ ଦିନରେ ବ୍ରାଣ୍ଡ ସର୍ବଭାରତୀୟ ସ୍ତରରେ ସେବା ଓ ଉତ୍ପାଦ ଯୋଗାଇବା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛି।

**ପ୍ର– ଆଶାୟୀ ଉଦ୍ୟୋଗୀମାନଙ୍କୁ ଆପଣଙ୍କ ବାର୍ତ୍ତା କ'ଣ ରହିବ ?**

ଉ– ବ୍ୟବସାୟରେ ଯୋଗଦେବା ବା ବ୍ୟବସାୟୀ ହେବା ଆଗରୁ କେତେକ ନୀତିନିୟମକୁ ପାଳନ କରିବାକୁ ହେବ। ବିଶେଷକରି କଠିନ ପରିଶ୍ରମ, ଲକ୍ଷ୍ୟସ୍ଥଳ, ଗବେଷଣାତ୍ମକ ପଦ୍ଧତିକୁ ଅନୁପାଳନ ସହ ସହନଶୀଳ ଓ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ସଫଳତା ପାଇଁ ସବୁ ସମୟରେ ପରିଶ୍ରମ ଓ ସତପଥରେ ରହିବାକୁ ହେବ। ବିଶ୍ୱାସଭାଜନ ପାଇଁ ସଚ୍ଚୋଟତା ଅବଲମ୍ବନ କରିବାକୁ ହେବ ନଚେତ୍ ସଫଳତା ଓ ବ୍ୟବସାୟରେ ତିଷ୍ଠିରହିବା କଷ୍ଟକର ହୋଇପଡ଼ିବ।


**୨୫ତମ ବିବାହ ବାର୍ଷିକ**



କପିଳ କୁମାର ସାହୁ
ନିରୁପମା ସାହୁ
ଯାଜପୁର, ସାନସୁଆର
ଆପଣ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ପୁଅ, ବୋହୂ, ପରିବାରବର୍ଗ ।
ଧ-୨୭୩୬


# ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୧୧।୩**

ଦେଶର ପ୍ରମୁଖ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ଭାରତୀ ଏୟାରଟେଲ ବା ଏୟାରଟେଲ୍ ଏବଂ ଆଇଡିଇଏମ୍‌ଆଇଏ ଗ୍ରୁପର ସହଯୋଗୀ ସଂସ୍ଥା ଆଇଡିଇଏମ୍‌ଆଇଏ ସିକ୍ୟୁର ଟ୍ରାଞ୍ଜାକ୍ସନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଉକ୍ତ ବୁଝାମଣା ଅନୁଯାୟୀ ଉଭୟ କମ୍ପାନୀ ପରିବେଶ ଉପଯୋଗୀ ଏବଂ ଶୂନ୍ୟ ନିର୍ଗମନ (ନେଟ୍ ଜିରୋ) ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରିବେ। ବିଶେଷକରି କମ୍ପାନୀ ଭର୍ଜିନୀ ପ୍ଲାଷ୍ଟିକରୁ ନିର୍ମିତ ସିମ୍ କାର୍ଡକୁ ପୁନଃବ୍ୟବହୃତ ପ୍ଲାଷ୍ଟିକକୁ ବଦଳାଇଛି। ଏଥିପାଇଁ ଆଇଡିଇଏମଆଇଏ ସିକ୍ୟୁର ଟ୍ରାଞ୍ଜାକ୍ସନ ସହିତ କମ୍ପାନୀ ସହଭାଗୀ ହୋଇଛି। ଅପରପକ୍ଷରେ ରିସାଇକ୍ଲିଡ୍ ପ୍ଲାଷ୍ଟିକରୁ ନିର୍ମିତ ସିମ୍ କାର୍ଡ ବ୍ୟବହାର କରୁଥିବା ଏୟାରଟେଲ୍ ଭାରତୀୟ ଟେଲିକମ୍ ଇଣ୍ଡଷ୍ଟ୍ରିର ପ୍ରଥମ ଟେଲିକମ୍ କମ୍ପାନୀ ହୋଇଥିବାବେଳେ ଭର୍ଜିନୀ ପ୍ଲାଷ୍ଟିକ୍ ବଦଳରେ ବର୍ତ୍ତମାନ ରିସାଇକ୍ଲିଡ୍ ପ୍ଲାଷ୍ଟିକ୍ ସିମ୍ କାର୍ଡ ତିଆରିରେ ବ୍ୟବହୃତ ହେବ। ଫଳରେ ପ୍ଲାଷ୍ଟିକ ବ୍ୟବହାର ବର୍ଷକୁ ୧୬୫ଟନରୁ ଅଧିକ ହ୍ରାସ ପାଇବ। ଏପରିକି ୬୯୦ଟନରୁ ଅଧିକ ଅଙ୍ଗାରକାମ୍ଳ, ଡାଇଅକ୍ସାଇଡ୍ ନିର୍ଗମନ ମଧ୍ୟ ହ୍ରାସ ପାଇବ। ଭାରତୀ ଏୟାରଟେଲର ନିର୍ଦ୍ଦେଶକ (ଯୋଗାଣ ଶୃଙ୍ଖଳା)ପଙ୍କଜ ମିଗଲାନି କହିଛନ୍ତି, ଆମେ ଆଇଡିଇଏମଆଇଏ ସିକ୍ୟୁର ଟ୍ରାଞ୍ଜାକ୍ସନ ସହ ସହଭାଗିତା ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ।

# ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୧୧।୩**

ଗତ କିଛି ସପ୍ତାହ ହେବ କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୬୧୭(୬୧୬.୭୫) ପଏଣ୍ଟ କମି ୭୩,୫୦୩ (୭୩,୫୦୨.୬୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୧ (୧୬୦.୯୦) ପଏଣ୍ଟ ହ୍ରାସ ଘଟି ୨୨,୩୩୩ (୨୨,୩୩୨.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ହୋଇଛି।


# Classified Everyday
**0674-2580101, 2549949**



REAL ESTATE

**SALE**

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। **6371902075, 9776602067.** D-75921

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914



CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

GENERAL

**PURCHASE**

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନାମାଗେଟ୍- ୨୦୦ ଟ୍ରିପ୍ (ହାଇୱା), ଚୂଡ଼ଙ୍ଗଗଡ଼ ବାରଙ୍ଗ- ୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.- ୯୧୭୮୯୨୪୬୯୮. ଧ-୨୫୪୬



FOR RENT

Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742





Relax, refresh your body, mind by expert therapist. Contact- 9938843929. D-76106

Newly open health benefits SPA special Offer @999 Bapuji Nagar. 8018429809. D-76107

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

AFFIDAVIT

I, Mamata Nahak, C/o- Kailash Nahak, born on 30.04.1999, residing at Arabindanagar, Kabisurjya Nagar, Ganjam, Odisha, 761104 have changed my name to Mamata Kumari Sasmal vide affidavit dated 21.09.23. D-2741

By virtue of an affidavit, Sl. No. A/22 on dtd. 01.03.2024 before Executive Magistrate(P), Udit Nagar, Rourkela, I have changed my name from TAPASWINI KAR to TAPASWINI HOTA for all future purposes. Henceforth, I shall be known as TAPASWINI HOTA, aged 43 years, W/o. Susanta Kumar Hota, resident of Qrs. No. A - 492, Koel Nagar, P.S.- Jhirpani, Rourkela-769014, Sundargarh, Odisha, India. D-2740

By virtue of an affidavit No-307, dated 26.02.2024 sworn before Notary, Hindol, I Chaitanya Samal (58), S/o- Late Chakradhar Samal, Vill-Magubereni, P.S.- Balimi, Dist.- Dhenkanal hereby declare that, at the time of preparation of my updated Aadhaar Card No- xxxx xxxx 6924 my name mentioned as Nilakantha Barik. Hence Chaitanya Samal and Nilakantha Barik same and one person. D-75426

LOST

I, Swastik Saurav, residing at Flat No.-2345, Matrubhaban, Lane-8, Sriram Vihar, Bharatpur, Bhubaneswar, I have lost my Saledeed and other documents of the land Mouza- Andharua under Khata Number- 689, Plot No.-7145, Area Ac.0.079 decimal and Saledeed document Number- 11131801571 registered on 21.02.2018. If found, please contact me at 8722201727 or return document to my address mentioned above. A reward will be offered as a token of gratitude. D-2739

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ମନେ ପଡ଼ନ୍ତି**

**ନବମ ଶ୍ରାଦ୍ଧବାର୍ଷିକୀ**



✓ ଡଃ ନାରାୟଣ ଦାଶ
ବାଲିଘାଟ, ତୀର୍ଥ ନିବାସ, ପୁରୀ
ଆବିର୍ଭାବ : ୦୧.୦୨.୧୯୪୮
ତିରୋଧାନ : ୧୨.୦୩.୨୦୧୫
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏହା ହିଁ ଆମ୍ଭର ବିନମ୍ର ପ୍ରାର୍ଥନା।
ଆପଣଙ୍କ ହତଭାଗିନୀ ସ୍ତ୍ରୀ
ବୀଣାପାଣି ଦାଶ ଓ ପରିବାର ବର୍ଗ
ଧ-୭୫୮୦୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।







মেধাবী -- 

ମେଧାବୀ ଆକାଂକ୍ଷୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତମ ସଫଳତା ହାସଲ ଲାଗି ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଦେବାକୁ ପ୍ରୟାସ କରିବେ।

**– ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର ଏକାମ୍ର ଡିଗ୍ରୀ କଲେଜ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ମହର୍ଷି କଲେଜ ଏବଂ ରାଜଧାନୀ କଲେଜର ୫,୩୫୮ ଛାତ୍ରୀଛାତ୍ରଙ୍କୁ ୫.୨୬ କୋଟି ଟଙ୍କା ପ୍ରଦାନ

# ଦ୍ୱୈତ ନଗରୀରେ ନୂଆ-ଓ ଛାତ୍ରବୃତ୍ତି

କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜେ.କେ.ବି.କେ କଲେଜ ଏବଂ ଶୈଳବାଳା ମହିଳା ମହାବିଦ୍ୟାଳୟର ୮,୧୧୬ ଛାତ୍ରୀଛାତ୍ରଙ୍କୁ ୮.୧୩କୋଟି ଟଙ୍କା ପ୍ରଦାନ



ନୂଆ-ଓ' ଛାତ୍ରବୃତ୍ତି ଉଚ୍ଚଶିକ୍ଷାରେ ବିଶେଷ ପ୍ରଭାବ ପକାଇବ ଏବଂ ଯୁବପିଢ଼ିଙ୍କୁ ସେମାନଙ୍କର ସ୍ୱପ୍ନ ସାକାର କରିବାକୁ ସଶକ୍ତ କରିବ।

**– କାର୍ତ୍ତିକ ପାଣ୍ଡିଆନ୍ , ୫-ଟି ଅଧ୍ୟକ୍ଷ**

## ସଶକ୍ତ କରିବ ମ୍ୟାଜିକ୍ କାର୍ଡ

ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପାଇଁ ଗତ ୫ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଅଗଷ୍ଟ ୧୫ତାରିଖରୁ ଏହି କାର୍ଡ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ସମସ୍ତ ଛାତୀଛାତ୍ରଙ୍କୁ ପ୍ରଦାନ କରାଯିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଶାରୀରିକ ଏବଂ ଡିଜିଟାଲ ସୁବିଧା ଯୋଗାଇ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଏହି କାର୍ଡକୁ ଛାତ୍ରୀଛାତ୍ରଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍ ଭାବେ ବିଭକ୍ତୀକରଣ କରାଯିବ। ଏହି କାର୍ଡ ମାଧ୍ୟମରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ, ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂଲିଶ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମରେ ପ୍ରବେଶ, ଜର୍ନାଲ ଏବଂ ସେମିନାରଗୁଡିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ଯୋଗାଇବ।







ୟୁଜି ଏବଂ ପିଜି ପାଠ୍ୟକ୍ରମର ସମସ୍ତ ଛାତ୍ରୀଛାତ୍ର www.magiccard.odisha.gov.in ୱେବସାଇଟ ପରିଦର୍ଶନ କରି ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପାଇଁ ପଞ୍ଜୀକରଣ କରିବାକୁ ଯୋଗ୍ୟ ଅଟନ୍ତି।

### ସହାୟକ ହେବ ନୂଆ-ଓ ଛାତ୍ରବୃତ୍ତି



ମୁଁ ମଧ୍ୟବିତ୍ତ ପରିବାରର ହୋଇଥିବାରୁ ଅର୍ଥାଭାବ ଅନେକ ସମୟରେ ପାଠପଢ଼ାରେ ବାଧା ସୃଷ୍ଟି କରିଥାଏ। ଫର୍ମ ପୂରଣ ହେଉ କି ନାମଲେଖା କିମ୍ବା ବହି କିଣିବା, ସବୁ କ୍ଷେତ୍ରରେ ଅର୍ଥାଭାବ ଯୋଗୁ ଠିକ୍ ସମୟରେ କିଛି କରିବା ସମ୍ଭବ ହୋଇପାରେ ନାହିଁ। ତେଣୁ ସରକାରଙ୍କ ଏହି ନୂଆ-ଓ ଛାତ୍ରବୃତ୍ତି ବହୁ ମାତ୍ରାରେ ମୋତେ ସହାୟକ ହେବ। ଯେହେତୁ ଏସ୍‌ସି/ଏସ୍‌ଟି ବର୍ଗରୁ ମୁଁ ଯାଉଛି, ତେଣୁ ମୋତେ ୧୧ ହଜାର ଟଙ୍କା ମିଳିଛି। ସେଥିପାଇଁ ମୁଁ ବହୁତ ଖୁସି ଅଛି।

**– ଜସ୍ମିତା ପିଙ୍ଗୁଆ, ଯୁକ୍ତ୩ ଦ୍ୱିତୀୟବର୍ଷ ଛାତ୍ରୀ, ରାଜଧାନୀ କଲେଜ, ଭୁବନେଶ୍ୱର**

### ଉଚ୍ଚଶିକ୍ଷା ପାଇଁ ଖର୍ଚ୍ଚ କରିବି



ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରାଯିବା ରାଜ୍ୟ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଛାତ୍ରବୃତ୍ତି ପିଲାଙ୍କୁ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବ। କେବଳ ମୁଁ ନୁହେଁ, ସାରା ଓଡ଼ିଶାର ଛାତ୍ରୀଛାତ୍ର ଏଥିରେ ଉପକୃତ ହେବେ। ଏଥିପାଇଁ ମୁଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛି। ମୁଁ ପାଇଥିବା ଟଙ୍କାକୁ ବର୍ତ୍ତମାନ ଖର୍ଚ୍ଚ କରିବି ନାହିଁ। ସଞ୍ଚୟ କରି ରଖିବି ଏବଂ ଆଗକୁ ଉଚ୍ଚଶିକ୍ଷା ପାଇଁ ସେହି ଟଙ୍କାକୁ ଖର୍ଚ୍ଚ କରିବି ବୋଲି ଚିନ୍ତା କରିଛି।

**– ଶୁଭ୍ରାପ୍ରିୟ ପ୍ରିୟଦର୍ଶିନୀ, ଯୁକ୍ତ୩ ଶେଷବର୍ଷ ଛାତ୍ରୀ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର।**

### ଛାତ୍ରବୃତ୍ତି ପାଇ ଅତ୍ୟନ୍ତ ଆନନ୍ଦିତ



ରାଜ୍ୟ ସରକାରଙ୍କ ତରଫରୁ ଛାତ୍ରବୃତ୍ତି ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ। ବୃତ୍ତି ଅର୍ଥ ରାଶିରେ ପ୍ରତିଯୋଗିତା ମୂଳକ ପୁସ୍ତକ କିଣି ଭବିଷ୍ୟତ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବି। ପାଣ୍ଡିଆନ ସାର୍‌ଙ୍କଠାରୁ ଏହି ରାଶି ଗ୍ରହଣ କରିବା ପାଇଁ ମନୋନୀତ କରାଯାଇଥିବାରୁ ମୁଁ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞ।

**– ସ୍ମିତା ପଣ୍ଡା, ଶୈଳବାଳା ମହିଳା ମହାବିଦ୍ୟାଳୟ**

### ପାଠପଢ଼ା ପାଇଁ ଉପଯୋଗୀ ହେବ



ପାଠପଢ଼ା ପାଇଁ ଉପଯୋଗୀ ହେବ, ନୂଆ ଓ ବୃତ୍ତି ଅର୍ଥରେ ବହି ଖାତା କିଣିବା ସହ ଅନ୍‌ଲାଇନ କୋର୍ସ କରିବାକୁ ଦେୟ ଦେବି, ସରକାରଙ୍କ ଏହା ଭଲ ପଦକ୍ଷେପ, ଏହି ବୃତ୍ତି ସବୁ ବର୍ଷ ଜାରି ରହିବା ଦରକାର।

**– ସୁଟୁଲ୍ ସାହୁ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**





# ଆପଣଙ୍କ ସେବାରେ ଲକ୍ଷ୍ମୀ ବସ୍





## ବୌଦ୍ଧ ଜିଲ୍ଲାର ବିସ୍ତୃତ ମାର୍ଗ ବିବରଣୀ

### ବୌଦ୍ଧ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବସ୍‌ଷ୍ଟାଣ୍ଡ ⇄ ବସଷ୍ଟାଣ୍ଡ**

| | ଟ୍ରିପ୍-୧ | | ଟ୍ରିପ୍-୨ | |
|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବସ୍‌ଷ୍ଟାଣ୍ଡ | --- | ୬.୦୦ | --- | ୧୨.୦୦ |
| ମୁସୁଣ୍ଡି ଛକ | ୬.୦୭ | ୬.୦୯ | ୧୨.୦୭ | ୧୨.୦୯ |
| ବଲସିଂଘା | ୬.୧୧ | ୬.୧୨ | ୧୨.୧୧ | ୧୨.୧୨ |
| ଖୁଣ୍ଟବନ୍ଧ | ୬.୧୮ | ୬.୨୦ | ୧୨.୧୮ | ୧୨.୧୮ |
| ଜନ୍‌ପଙ୍କ | ୬.୨୩ | ୬.୨୫ | ୧୨.୨୧ | ୧୨.୨୩ |
| ତେଲିବନ୍ଧ | ୬.୨୮ | ୬.୩୦ | ୧୨.୨୬ | ୧୨.୨୮ |
| ତଳସରଡ଼ା | ୬.୩୫ | ୬.୩୬ | ୧୨.୩୩ | ୧୨.୩୪ |
| ବହିରା | ୬.୪୦ | ୬.୪୧ | ୧୨.୩୮ | ୧୨.୩୯ |
| ଅଁଳାପାଲି | ୬.୪୫ | ୬.୪୬ | ୧୨.୪୩ | ୧୨.୪୪ |
| ଭୁଆସୁଣି | ୬.୫୨ | ୬.୫୪ | ୧୨.୫୦ | ୧୨.୫୨ |
| କାମଟାଙ୍ଗି | ୬.୫୭ | ୬.୫୯ | ୧୨.୫୫ | ୧୨.୫୭ |
| ଗୁଡୁଗୁଡ଼ା ଛକ | ୭.୦୦ | ୭.୦୨ | ୧୨.୫୮ | ୧.୦୦ |
| ଦହିଆ ଛକ | ୭.୦୬ | ୭.୦୮ | ୧.୦୪ | ୧.୦୬ |
| ନୂଆପଲ୍ଲୀ | ୭.୧୧ | ୭.୧୨ | ୧.୦୯ | ୧.୧୦ |
| ମାସିନପଡ଼ା | ୭.୧୪ | ୭.୧୬ | ୧.୧୨ | ୧.୧୪ |
| ସାଣ୍ଟୁଗୁରିପାଲି | ୭.୧୯ | ୭.୨୦ | ୧.୧୭ | ୧.୧୮ |
| କଣ୍ଟୁରୁବନ୍ଧ | ୭.୨୪ | ୭.୨୬ | ୧.୨୨ | ୧.୩୨ |
| ସାଣ୍ଟୁଗିରିପାଲି | ୭.୩୮ | ୩.୩୯ | ୧.୩୬ | ୧.୩୭ |
| ମାସିନପଡ଼ା | ୭.୪୨ | ୭.୪୪ | ୧.୪୦ | ୧.୪୨ |
| ନୂଆପଲ୍ଲୀ | ୭.୪୬ | ୭.୪୭ | ୧.୪୪ | ୧.୪୫ |
| ଦହିଆଛକ | ୭.୫୦ | ୭.୫୨ | ୧.୪୮ | ୧.୫୦ |
| ଗୁଡୁଗୁଡ଼ା ଛକ | ୭.୫୬ | ୭.୫୮ | ୧.୫୪ | ୧.୫୬ |
| କାମଟାଙ୍ଗି | ୭.୫୯ | ୮.୦୧ | ୧.୫୭ | ୧.୫୯ |
| ଭୂଆଶୁଣି | ୮.୦୪ | ୮.୦୬ | ୨.୦୨ | ୨.୦୪ |
| ଅଁଳାପାଲି | ୮.୧୨ | ୮.୧୩ | ୨.୧୦ | ୨.୧୧ |
| ବହିରା | ୮.୧୭ | ୮.୧୮ | ୨.୧୫ | ୨.୧୬ |
| ତଳସରଡା | ୮.୨୨ | ୮.୨୩ | ୨.୨୦ | ୨.୨୧ |
| ତେଲିବନ୍ଧ | ୮.୨୮ | ୮.୩୦ | ୨.୨୬ | ୨.୨୮ |
| ଜନପଙ୍ଗ | ୮.୩୩ | ୮.୩୫ | ୨.୩୧ | ୨.୩୩ |
| ଖୁଣ୍ଟବନ୍ଧ | ୮.୩୮ | ୮.୪୦ | ୨.୩୬ | ୨.୩୮ |
| ବଲସିଙ୍ଘା | ୮.୪୬ | ୮.୪୭ | ୨.୪୪ | ୨.୪୫ |
| ମୃଶୁଣ୍ଡି | ୮.୪୯ | ୮.୫୧ | ୨.୪୭ | ୨.୪୯ |
| ବସ୍‌ଷ୍ଟାଣ୍ଡ | ୮.୫୮ | ୯.୨୮ | ୨.୫୬ | ୩.୨୬ |
| ବଢିଗାଁ | ୯.୩୭ | ୯.୩୯ | ୩.୩୫ | ୩.୩୭ |
| ପନ୍‌ଖିମାଲ | ୯.୪୮ | ୯.୪୯ | ୩.୪୬ | ୩.୪୭ |
| ରଙ୍ଗମାଟିଆ | ୯.୫୭ | ୯.୫୮ | ୩.୫୫ | ୩.୫୬ |
| ବାଘିଆପଡ଼ା | ୧୦.୦୨ | ୧୦.୦୪ | ୪.୦୦ | ୪.୦୨ |
| ଢିହକୁପା | ୧୦.୧୬ | ୧୦.୧୭ | ୪.୧୪ | ୪.୧୫ |
| ଟିକରପଡ଼ା | ୧୦.୨୨ | ୧୦.୩୨ | ୪.୨୦ | ୪.୩୦ |
| ଢିହକୁପା | ୧୦.୩୭ | ୧୦.୩୮ | ୪.୩୫ | ୪.୩୬ |
| ବାଘିଆପଡ଼ା | ୧୦.୫୦ | ୧୦.୫୨ | ୪.୪୮ | ୪.୫୦ |
| ରଙ୍ଗମାଟିଆ | ୧୦.୫୬ | ୧୦.୫୭ | ୪.୫୪ | ୪.୫୫ |
| ପନଖିମାଲ | ୧୧.୦୫ | ୧୧.୦୬ | ୫.୦୩ | ୫.୦୪ |
| ବଢ଼ିଗାଁ | ୧୧.୧୫ | ୧୧.୧୭ | ୫.୧୩ | ୫.୧୫ |
| ବସ୍‌ଷ୍ଟାଣ୍ଡ | ୧୧.୨୬ | --- | ୫.୨୪ | --- |

### ବୌଦ୍ଧ କଣ୍ଧମାଳ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବ୍ଲକ୍ ହେଡ୍‌କ୍ୱାର୍ଟର ⇄ ଘଣ୍ଟପଡ଼ା**

| | ଟ୍ରିପ୍-୧ | | ଟ୍ରିପ୍-୨ | |
|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବ୍ଲକ୍ ହେଡ୍‌କ୍ୱାର୍ଟର | --- | ୬.୦୦ | - | ୧.୦ |
| କୁଶଳ | ୬.୦୭ | ୬.୦୮ | ୧.୦୭ | ୧.୦୮ |
| ମଲିକୁଦ | ୬.୧୩ | ୬.୧୪ | ୧.୧୩ | ୧.୧୪ |
| ବରଗାଁ | ୬.୧୯ | ୬.୦୦ | ୧.୧୯ | ୬.୦୦ |
| ବୀରସିଂହପୁର | ୬.୨୪ | ୬.୨୫ | ୧.୨୪ | ୧.୨୫ |
| ସିଲେଇମାଲ | ୬.୩୩ | ୬.୩୪ | ୧.୩୩ | ୧.୩୪ |
| ନାରାୟଣପ୍ରସାଦ | ୬.୩୮ | ୬.୪୦ | ୧.୩୮ | ୧.୪୦ |
| ସିଲଟପଡ଼ା | ୬.୪୯ | ୬.୫୦ | ୧.୪୯ | ୧.୫୦ |
| ରାଘମୁଣ୍ଡା | ୬.୫୬ | ୬.୫୮ | ୧.୫୬ | ୧.୫୮ |
| ଦୁଖେଲମୁଣ୍ଡା | ୭.୦୨ | ୭.୦୪ | ୨.୦୨ | ୨.୦୪ |
| ଉମା | ୭.୦୮ | ୭.୧୦ | ୨.୦୮ | ୨.୧୦ |
| ମାସିଙ୍ଗୋରା | ୭.୧୫ | ୭.୧୬ | ୨.୧୫ | ୨.୧୬ |
| ଖୁଣ୍ଟିଗୋରା | ୭.୨୭ | ୭.୨୯ | ୨.୨୭ | ୨.୨୯ |
| ଅମ୍ବାଗାଓଁ | ୭.୩୯ | ୭.୪୧ | ୨.୩୯ | ୨.୪୧ |
| ଲାଣ୍ଡବାହାଲ | ୭.୨୯ | ୭.୩୧ | ୨.୨୯ | ୨.୩୧ |
| ଖାମଲମୁଣ୍ଡା | ୭.୩୭ | ୭.୩୯ | ୨.୩୭ | ୨.୩୯ |
| ନୂଆପଲ୍ଲୀ | ୭.୪୬ | ୭.୪୮ | ୨.୪୬ | ୨.୪୮ |
| ଖୁଣ୍ଟାଜୋର | ୭.୫୨ | ୭.୫୪ | ୨.୫୨ | ୨.୫୪ |
| ରେଖଡ୍ଡୋଲ | ୭.୫୮ | ୭.୫୯ | ୨.୫୮ | ୨.୫୯ |
| କୁରୁକୁପା | ୮.୦୪ | ୮.୦୫ | ୩.୦୪ | ୩.୦୫ |
| ଘଣ୍ଟପଡ଼ା | ୮.୦୯ | - | ୩.୦୯ | - |

### ବୌଦ୍ଧ-କଣ୍ଧମାଳ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବ୍ଲକ୍ ହେଡ୍‌କ୍ୱାଟର୍ସ ⇄ ବାରଗୋଛା**

| | ରୁଟ୍-୧ | | ରୁଟ୍-୨ | | ରୁଟ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବ୍ଲକ୍‌ହେଡ୍‌କ୍ୱାଟର୍ସ | --- | ୬.୦୦ | ---- | ୧୦.୩୦ | ---- | ୩.୦୦ |
| ଅଂଳାଚୁଆଁ | ୬.୦୬ | ୬.୭ | ୧୦.୩୬ | ୧୦.୩୭ | ୩.୦୬ | ୨.୦୭ |
| ରୁଣ୍ଡିମହଲ | ୬.୧୪ | ୬.୧୬ | ୧୦.୪୪ | ୧୦.୪୬ | ୩.୧୪ | ୩.୧୬ |
| ପଲ୍‌ସାଗୋରା | ୬.୨୦ | ୬.୨୨ | ୧୦.୫୦ | ୧୦.୫୨ | ୩.୨୦ | ୩.୨୨ |
| ତୁଗୁଡ଼ା | ୬.୨୭ | ୬.୨୮ | ୧୦.୫୭ | ୧୦.୫୮ | ୩.୨୭ | ୩.୨୮ |
| ଖଟଖଟିଆ | ୬.୩୦ | ୬.୩୨ | ୧୧.୦୦ | ୧୧.୦୨ | ୩.୩୦ | ୩.୩୨ |
| ସିନ୍ଦୁରୁପୁର | ୬.୩୬ | ୬.୩୭ | ୧୧.୦୬ | ୧୧.୦୭ | ୩.୩୬ | ୩.୩୭ |
| ଡ଼ମମୁଣ୍ଡା | ୬.୪୦ | ୬.୪୨ | ୧୧.୧୦ | ୧୧.୧୨ | ୩.୪୦ | ୩.୪୨ |
| ଗୁଇପିତା | ୬.୪୩ | ୬.୪୫ | ୧୧.୧୩ | ୧୧.୧୫ | ୩.୪୩ | ୩.୪୫ |
| ରତଖଣ୍ଡି | ୬.୪୯ | ୬.୫୧ | ୧୧.୧୯ | ୧୧.୨୧ | ୩.୪୯ | ୩.୫୧ |
| ମନମୁଣ୍ଡା | ୬.୫୫ | ୬.୫୭ | ୧୧.୨୫ | ୧୧.୨୭ | ୩.୫୫ | ୩.୫୭ |
| କପ୍‌ସିରା | ୭.୦୪ | ୭.୪୦ | ୧୧.୩୪ | ୧୧.୩୫ | ୪.୦୪ | ୪.୦୫ |
| ମହୁଲପାଲି | ୭.୦୭ | ୭.୦୮ | ୧୧.୩୭ | ୧୧.୩୮ | ୪.୦୭ | ୪.୦୮ |
| ଗୁଡ୍‌ଭେଲିପଦର | ୭.୧୦ | ୭.୧୨ | ୧୧.୪୦ | ୧୧.୪୨ | ୪.୧୦ | ୪.୧୨ |
| ବିଲାସପୁର | ୭.୧୬ | ୭.୧୮ | ୧୧.୪୬ | ୧୧.୪୭ | ୪.୧୬ | ୪.୧୮ |
| ଡୁଙ୍ଗିପଦର | ୭.୨୨ | ୭.୨୪ | ୧୧.୫୨ | ୧୧.୫୪ | ୪.୨୨ | ୪.୨୪ |
| ଗୋପାଳପୁର | ୭.୩୦ | ୭.୩୧ | ୧୨.୦୦ | ୧୨.୦୧ | ୪.୩୦ | ୪.୩୧ |
| ବାରଗୋଛା | ୭.୩୮ | ---- | ୧୨.୦୮ | ---- | ୪.୩୮ | ---- |

### ବୌଦ୍ଧ-କଣ୍ଧମାଳ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବାରଗୋଛା ⇄ ବ୍ଲକ୍ ହେଡ୍‌କ୍ୱାଟର୍ସ**

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବାରଗୋଛା | --- | ୭.୫୦ | ---- | ୧୨.୨୦ | ---- | ୪.୫୦ |
| ଗୋପାଳପୁର | ୭.୫୭ | ୭.୫୮ | ୧୨.୨୭ | ୧୨.୨୮ | ୪.୫୭ | ୪.୫୮ |
| ଡୁଙ୍ଗିପଦର | ୮.୦୪ | ୮.୦୬ | ୧୨.୩୪ | ୧୨.୩୬ | ୫.୦୪ | ୫.୦୬ |
| ବିଲାସପୁର | ୮.୧୦ | ୮.୧୨ | ୧୨.୪୦ | ୧୨.୪୨ | ୫.୧୦ | ୫.୧୨ |
| ଗୁଡ୍‌ଭେଲିପଦର | ୮.୧୬ | ୮.୧୮ | ୧୨.୪୬ | ୧୨.୪୮ | ୫.୧୬ | ୫.୧୮ |
| ମହୁଲପାଲି | ୮.୨୦ | ୮.୨୧ | ୧୨.୫୦ | ୧୨.୫୧ | ୫.୨୦ | ୫.୨୧ |
| କପ୍‌ସିରା | ୮.୨୩ | ୮.୨୪ | ୧୨.୫୩ | ୧୨.୫୪ | ୫.୨୩ | ୫.୨୪ |
| ମନମୁଣ୍ଡା | ୮.୩୧ | ୮.୩୩ | ୧.୦୧ | ୧.୦୩ | ୫.୩୧ | ୫.୩୩ |
| ରତଖଣ୍ଡି | ୮.୩୭ | ୮.୩୯ | ୧.୦୭ | ୧.୦୯ | ୫.୩୭ | ୫.୩୯ |
| ଗୋହିପିତା | ୮.୪୩ | ୮.୪୫ | ୧.୧୩ | ୧.୧୫ | ୫.୪୩ | ୫.୪୫ |
| ଡ଼ମମୁଣ୍ଡା | ୮.୪୬ | ୮.୪୮ | ୧.୧୬ | ୧.୧୮ | ୫.୪୬ | ୫.୪୮ |
| ସିନ୍ଦୁରୁପୁର | ୮.୫୧ | ୮.୫୨ | ୧.୨୧ | ୧.୨୨ | ୫.୫୧ | ୫.୫୨ |
| ଖଟଖଟିଆ | ୮.୫୬ | ୮.୫୮ | ୧.୨୬ | ୧.୨୮ | ୫.୫୬ | ୫.୫୮ |
| ତୁଗୁଡ଼ା | ୯.୦୦ | ୯.୦୧ | ୧.୩୦ | ୧.୩୧ | ୬.୦୦ | ୬.୦୧ |
| ପଲ୍‌ସାଗୋରା | ୯.୦୬ | ୯.୦୮ | ୧.୩୬ | ୧.୩୮ | ୬.୦୬ | ୬.୦୮ |
| ରୁଣ୍ଡିମହଲ | ୯.୧୨ | ୯.୧୪ | ୧.୪୨ | ୧.୪୪ | ୬.୧୨ | ୬.୧୪ |
| ଅଂଳାଚୁଆଁ | ୯.୨୧ | ୯.୨୨ | ୧.୫୧ | ୧.୫୨ | ୬.୨୧ | ୬.୨୨ |
| ବ୍ଲକ୍‌ହେଡ୍‌କ୍ୱାଟର୍ସ | ୯.୨୮ | ---- | ୧.୫୮ | ---- | ୬.୨୮ | ---- |

### ବୌଦ୍ଧ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବସ୍‌ଷ୍ଟାଣ୍ଡ ⇄ ଅମ୍ବାଝରି**

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବସ୍‌ଷ୍ଟାଣ୍ଡ | --- | ୬.୦୦ | ---- | ୧୦.୨୦ | ---- | ୨.୪୦ |
| ମୁର୍ଷୁଣ୍ଡି | ୬.୦୮ | ୬.୧୦ | ୧୦.୨୮ | ୧୦.୩୦ | ୨.୪୮ | ୨.୫୦ |
| ବାଲସିଂହା | ୬.୧୨ | ୬.୧୩ | ୧୦.୩୨ | ୧୦.୩୩ | ୨.୫୨ | ୨.୫୩ |
| ଖୁଣ୍ଟବନ୍ଧ | ୬.୧୯ | ୬.୨୧ | ୧୦.୩୯ | ୧୦.୪୧ | ୨.୫୯ | ୩.୦୧ |
| ଜନପଙ୍ଗ | ୬.୨୪ | ୬.୨୬ | ୧୦.୪୪ | ୧୦.୪୬ | ୩.୦୪ | ୩.୦୬ |
| ପଦ୍ମପୁର | ୬.୩୧ | ୬.୩୩ | ୧୦.୫୧ | ୧୦.୫୩ | ୩.୧୧ | ୩.୧୩ |
| ମୁଣ୍ଡପଡ଼ା | ୬.୪୫ | ୬.୪୭ | ୧୧.୦୫ | ୧୧.୦୭ | ୩.୨୫ | ୩.୨୭ |
| କରଡ଼ିପାଲି | ୬.୫୩ | ୬.୫୪ | ୧୧.୧୩ | ୧୧.୧୪ | ୩.୩୩ | ୩.୩୪ |
| ବ୍ରାହ୍ମଣିପଲ୍ଲି | ୭.୦୦ | ୭.୦୨ | ୧୧.୨୦ | ୧୧.୨୨ | ୩.୪୦ | ୩.୪୨ |
| ତଲଗିରି | ୭.୧୨ | ୭.୧୩ | ୧୧.୩୨ | ୧୧.୩୩ | ୩.୫୨ | ୩.୫୩ |
| ଅମ୍ବାଝରି | ୭.୨୪ | ---- | ୧୧.୪୪ | ---- | ୪.୦୪ | ---- |

### ବୌଦ୍ଧ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ଆମ୍ବଝରି ⇄ ବସ୍‌ଷ୍ଟାଣ୍ଡ**

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଅମ୍ବାଝରି | --- | ୭.୪୦ | ---- | ୧୨.୦୦ | ---- | ୪.୨୦ |
| ତଲଗିରି | ୮.୦୧ | ୮.୦୨ | ୧୨.୨୧ | ୧୨.୨୨ | ୪.୪୧ | ୪.୪୨ |
| ବ୍ରାହ୍ମଣିପଲ୍ଲି | ୮.୧୨ | ୮.୧୪ | ୧୨.୩୨ | ୧୨.୩୪ | ୪.୫୨ | ୪.୫୪ |
| କରଡ଼ିପାଲି | ୮.୨୦ | ୮.୨୧ | ୧୨.୪୦ | ୧୨.୪୧ | ୫.୦୦ | ୫.୦୧ |
| ମୁଣ୍ଡପଡ଼ା | ୮.୨୭ | ୮.୨୯ | ୧୨.୪୭ | ୧୨.୪୯ | ୫.୦୭ | ୫.୦୯ |
| ପଦ୍ମପୁର | ୮.୪୧ | ୮.୪୩ | ୧.୦୧ | ୧.୦୩ | ୫.୨୧ | ୫.୨୩ |
| ଜନପଙ୍ଗ | ୮.୪୮ | ୮.୫୦ | ୧.୦୮ | ୧.୧୦ | ୫.୨୮ | ୫.୩୦ |
| ଖୁଣ୍ଟବନ୍ଧ | ୮.୫୩ | ୮.୫୫ | ୧.୧୩ | ୧.୧୫ | ୫.୩୩ | ୫.୩୫ |
| ବାଲସିଂହା | ୯.୦୧ | ୯.୦୨ | ୧.୨୧ | ୧.୨୨ | ୫.୪୧ | ୫.୪୨ |
| ମୁର୍ଷୁଣ୍ଡ | ୯.୦୪ | ୯.୦୬ | ୧.୨୪ | ୧.୨୬ | ୫.୪୪ | ୫.୪୬ |
| ବସ୍‌ଷ୍ଟାଣ୍ଡ | ୯.୧୪ | ---- | ୧.୩୪ | ---- | ୫.୫୪ | ---- |

### ବୌଦ୍ଧ-କଣ୍ଧମାଳ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବ୍ଲକ୍ ହେଡ୍‌କ୍ୱାର୍ଟର୍ସ ⇄ ଲାମ୍ବସାରି**

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବ୍ଲକ ହେଡ୍‌କ୍ୱାର୍ଟର୍ସ | --- | ୬.୦୦ | --- | ୧୦.୨୦ | --- | ୨.୪୦ |
| ରୁଣ୍ଡିମହଲ | ୬.୧୩ | ୬.୧୪ | ୧୦.୩୩ | ୧୦.୩୪ | ୨.୫୩ | ୨.୫୪ |
| ପାଲସାଗୁରା | ୬.୧୯ | ୬.୨୦ | ୧୦.୩୯ | ୧୦.୪୦ | ୨.୫୯ | ୩.୦୦ |
| ଖଟ୍‌ଖଟିଆ | ୬.୨୫ | ୬.୨୬ | ୧୦.୪୫ | ୧୦.୪୬ | ୩.୦୫ | ୩.୦୬ |
| ଡମମୁଣ୍ଡା | ୬.୩୨ | ୬.୩୩ | ୧୦.୫୨ | ୧୦.୫୩ | ୩.୧୨ | ୩.୧୩ |
| ଯୋଗେନ୍ଦ୍ରପୁର | ୬.୩୭ | ୬.୩୯ | ୧୦.୫୭ | ୧୦.୫୯ | ୩.୧୭ | ୩.୧୯ |
| କମରକେଲି | ୬.୪୫ | ୬.୪୭ | ୧୧.୦୫ | ୧୧.୦୭ | ୩.୨୫ | ୩.୨୭ |
| ବଉଲସିଙ୍ଘା | ୬.୫୬ | ୫.୫୭ | ୧୧.୧୬ | ୧୧.୧୭ | ୩.୩୬ | ୩.୩୭ |
| ଡପ୍‌ଲା | ୭.୦୨ | ୭.୦୪ | ୧୧.୨୨ | ୧୧.୨୪ | ୩.୪୨ | ୩.୪୪ |
| ଲାମ୍ବସାରି | ୭.୧୬ | --- | ୧୧.୩୬ | --- | ୩.୫୬ | --- |

### ବୌଦ୍ଧ-କଣ୍ଧମାଳ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ଲାମ୍ବସାରି ⇄ ବ୍ଲକ୍ ହେଡ୍‌କ୍ୱାର୍ଟର୍ସ**

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଲାମ୍ବସାରି | --- | ୭.୩୦ | --- | ୧୧.୫୦ | --- | ୪.୧୦ |
| ଡପ୍‌ଲା | ୭.୪୨ | ୭.୪୪ | ୧୨.୦୨ | ୧୨.୦୪ | ୪.୨୨ | ୪.୨୪ |
| ବଉଲସିଙ୍ଘା | ୭.୪୯ | ୭.୫୦ | ୧୨.୦୯ | ୧୨.୧୦ | ୪.୨୯ | ୪.୩୦ |
| କମରକେଲି | ୭.୫୯ | ୮.୦୧ | ୧୨.୧୯ | ୧୨.୨୧ | ୪.୩୯ | ୪.୪୧ |
| ଯୋଗେନ୍ଦ୍ରପୁର | ୮.୦୭ | ୮.୦୯ | ୧୨.୨୭ | ୧୨.୨୯ | ୪.୪୭ | ୪.୪୯ |
| ଡମମୁଣ୍ଡା | ୮.୧୩ | ୮.୧୪ | ୧୨.୩୩ | ୧୨.୩୪ | ୪.୫୩ | ୪.୫୪ |
| ଖଟ୍‌ଖଟିଆ | ୮.୨୦ | ୮.୨୧ | ୧୨.୪୦ | ୧୨.୪୧ | ୫.୦୦ | ୫.୦୧ |
| ପାଲସାଗୁରା | ୮.୨୬ | ୮.୨୭ | ୧୨.୪୬ | ୧୨.୪୭ | ୫.୦୬ | ୫.୦୭ |
| ରୁଣ୍ଡିମହଲ | ୮.୩୨ | ୮.୩୩ | ୧୨.୫୨ | ୧୨.୫୩ | ୫.୧୨ | ୫.୧୩ |
| ବ୍ଲକ ହେଡ୍‌କ୍ୱାର୍ଟର୍ସ | ୮.୪୬ | --- | ୧.୦୬ | --- | ୫.୨୬ | --- |

### ବୌଦ୍ଧ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବସ୍‌ଷ୍ଟାଣ୍ଡ ⇄ ଶଗଡ଼ା**

| | ଟ୍ରିପ୍-୧ | | ଟ୍ରିପ୍-୨ | |
|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବସ୍‌ଷ୍ଟାଣ୍ଡ | --- | ୬.୦୦ | --- | ୩.୦୦ |
| ମୁଶୁଣ୍ଡି ଛକ | ୬.୦୭ | ୬.୦୯ | ୩.୦୭ | ୩.୦୯ |
| ବାଲସିଙ୍ଘା | ୬.୧୧ | ୬.୧୨ | ୩.୧୧ | ୩.୧୨ |
| ଖୁଣ୍ଟବନ୍ଧ | ୬.୧୮ | ୬.୨୦ | ୩.୧୮ | ୩.୨୦ |
| ଜନପଙ୍କ | ୬.୨୩ | ୬.୨୫ | ୩.୨୩ | ୩.୨୫ |
| ତେଲିବନ୍ଧ | ୬.୨୮ | ୬.୩୦ | ୩.୩୫ | ୩.୩୬ |
| ତଳସରଡା | ୬.୩୫ | ୬.୩୬ | ୩.୩୫ | ୩.୩୬ |
| ବହିରା | ୬.୪୦ | ୬.୪୧ | ୩.୪୦ | ୩.୪୧ |
| ଅଁଳାପଲି | ୬.୪୫ | ୬.୪୬ | ୩.୪୫ | ୩.୪୬ |
| ଭୂଆଁଶୁଣି | ୬.୫୨ | ୬.୫୪ | ୩.୫୨ | ୩.୫୪ |
| ଗୋଛାପଡା | ୭.୦୩ | ୭.୦୫ | ୪.୦୩ | ୪.୦୫ |
| ଡିଗି | ୭.୦୯ | ୭.୧୦ | ୪.୦୯ | ୪.୧୦ |
| ଗଣ୍ଡୁଳା | ୭.୧୯ | ୭.୨୧ | ୪.୧୯ | ୪.୨୧ |
| ଡମପଡା | ୭.୨୭ | ୭.୨୮ | ୪.୨୭ | ୪.୨୮ |
| ଶଗଡ଼ା | ୭.୩୩ | --- | ୪.୩୩ | --- |

### ବୌଦ୍ଧ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ଶଗଡ଼ା ⇄ ବସ୍‌ଷ୍ଟାଣ୍ଡ**

| | ଟ୍ରିପ୍-୧ | | ଟ୍ରିପ୍-୨ | |
|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଶଗଡ଼ା | --- | ୭.୫୦ | --- | ୪.୫୦ |
| ଡମପଡା | ୭.୫୫ | ୭.୫୬ | ୪.୫୫ | ୪.୫୬ |
| ଗଣ୍ଡୁଳା | ୮.୦୨ | ୮.୦୪ | ୫.୦୨ | ୫.୦୪ |
| ଡିଗି | ୮.୧୩ | ୮.୧୪ | ୫.୧୩ | ୫.୧୪ |
| ଗୋଛାପଡା | ୮.୧୮ | ୮.୨୦ | ୫.୧୮ | ୫.୨୦ |
| ଭୂଆଁଶୁଣି | ୮.୨୯ | ୮.୩୧ | ୫.୨୯ | ୫.୩୧ |
| ଅଁଳାପଲି | ୮.୩୭ | ୮.୩୮ | ୫.୩୭ | ୫.୩୮ |
| ବହିରା | ୮.୪୨ | ୮.୪୩ | ୫.୪୨ | ୫.୪୩ |
| ତଳସରଡା | ୮.୪୭ | ୮.୪୮ | ୫.୪୭ | ୫.୪୮ |
| ତେଲିବନ୍ଧ | ୮.୫୩ | ୮.୫୫ | ୫.୫୩ | ୫.୫୫ |
| ଜନପଙ୍କ | ୮.୫୮ | ୯.୦୦ | ୫.୫୮ | ୬.୦୦ |
| ଖୁଣ୍ଟବନ୍ଧ | ୯.୦୩ | ୯.୦୫ | ୬.୦୩ | ୬.୦୫ |
| ବାଲସିଙ୍ଘା | ୯.୧୧ | ୯.୧୨ | ୬.୧୧ | ୬.୧୨ |
| ମୁଶୁଣ୍ଡି ଛକ | ୯.୧୪ | ୯.୧୬ | ୬.୧୪ | ୬.୧୬ |
| ବସ୍‌ଷ୍ଟାଣ୍ଡ | ୯.୨୩ | --- | ୬.୨୩ | --- |

### ବୌଦ୍ଧ ହରଭଙ୍ଗା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବ୍ଲକ୍ ହେଡ୍‌କ୍ୱାର୍ଟର ⇄ ତଳଗାଁ**

| | ଟ୍ରିପ୍-୧ | | ଟ୍ରିପ୍-୨ | |
|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବ୍ଲକ୍ ହେଡ୍‌କ୍ୱାର୍ଟର | --- | ୬.୦୦ | --- | ୩.୦୦ |
| କରଞ୍ଜକଟା | ୬.୦୮ | ୬.୧୦ | ୩.୦୮ | ୩.୧୦ |
| ଲକ୍ଷ୍ମଣପୁର | ୬.୧୫ | ୬.୧୬ | ୩.୧୫ | ୩.୧୬ |
| ବଇଶିପଡ଼ା | ୬.୨୧ | ୬.୨୨ | ୩.୨୧ | ୩.୨୨ |
| ଶଂକୁଳେଇ | ୬.୨୭ | ୬.୨୯ | ୩.୨୭ | ୩.୨୯ |
| ଛତ୍ରଙ୍ଗ | ୬.୩୩ | ୬.୩୫ | ୩.୩୩ | ୩.୩୫ |
| ହରଭଙ୍ଗା | ୬.୪୪ | ୬.୪୬ | ୩.୪୪ | ୩.୪୬ |
| କୁସଙ୍ଗ | ୭.୦୨ | ୭.୦୪ | ୪.୦୨ | ୪.୦୪ |
| ମହଲିକପଡ଼ା | ୭.୧୫ | ୭.୧୭ | ୪.୧୫ | ୪.୧୭ |
| ତଳଗାଁ | ୭.୩୯ | --- | ୪.୩୯ | --- |

### ବୌଦ୍ଧ ହରଭଙ୍ଗା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
**ବ୍ଲକ୍ ହେଡ୍‌କ୍ୱାର୍ଟର ⇄ ତଳଗାଁ**

| | ଟ୍ରିପ୍-୧ | | ଟ୍ରିପ୍-୨ | |
|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ତଳଗାଁ | --- | ୭.୫୦ | --- | ୪.୫୦ |
| ମହଲିକପଡ଼ା | ୮.୧୨ | ୮.୧୪ | ୫.୧୨ | ୫.୧୪ |
| କୁସଙ୍ଗ | ୮.୨୫ | ୮.୨୭ | ୫.୨୫ | ୫.୨୭ |
| ହରଭଙ୍ଗା | ୮.୪୩ | ୮.୪୫ | ୫.୪୩ | ୫.୪୫ |
| ଛତ୍ରଙ୍ଗ | ୮.୫୪ | ୮.୫୬ | ୫.୫୪ | ୫.୫୬ |
| ଶଂକୁଳେଇ | ୯.୦୦ | ୯.୦୨ | ୬.୦୦ | ୬.୦୨ |
| ବଇଶିପଡ଼ା | ୯.୦୭ | ୯.୦୮ | ୬.୦୭ | ୬.୦୮ |
| ଲକ୍ଷ୍ମଣପୁର | ୯.୧୩ | ୯.୧୪ | ୬.୧୩ | ୬.୧୪ |
| କରଞ୍ଜକଟା | ୯.୧୯ | ୯.୨୧ | ୬.୧୯ | ୬.୨୧ |
| ବ୍ଲକ୍ ହେଡ୍‌କ୍ୱାର୍ଟର | ୯.୨୯ | --- | ୬.୨୯ | --- |





For more information Please login to http://www.osrtc.in/notificationsAndCirculars.html

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୨୪ Bhubaneswar, Tuesday, March 12/ 2024

# ବ୍ରାଜିଲକୁ ହରାଇ ଆମେରିକା ଚାମ୍ପିୟନ

**ସାନ୍ ଡିଏଗୋ, ୧୧।୩ (ପି.ଟି.)**

ବ୍ରାଜିଲକୁ ୧-୦ରେ ପରାସ୍ତକରି କନ୍‌କାକାଫ୍ ମହିଳା ଗୋଲ୍ଡ କପ୍ ବିଜୟୀ ହୋଇଛି ଆମେରିକା। ଆମେରିକା ପକ୍ଷରୁ ଲିଣ୍ଡସେ ହୋରାନ୍ ପ୍ରଥମ ହାଫ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଗ୍ରୁପ୍ ପର୍ଯ୍ୟାୟରେ ମେକ୍ସିକୋ ନିକଟରୁ ପରାଜିତ ହୋଇଥିଲେ ମଧ୍ୟ ଆମେରିକା ଏହାର ପ୍ରଥମ କନ୍‌କାକାଫ୍ ମହିଳା ଗୋଲ୍ଡ କପ୍ ଟାଇଟଲ୍ ବିଜୟୀ ହେବାରେ ସମର୍ଥ ହୋଇଛି। କୌଣସି ଫାଇନାଲରେ ବ୍ରାଜିଲକୁ ୪ର୍ଥ ଥର ଭେଟୁଥିବା ବେଳେ ପ୍ରତ୍ୟେକ ଥର ବିଜୟୀ ହୋଇଛି ଆମେରିକା। ପୂର୍ବରୁ ୨୦୦୪ ଓ ୨୦୦୮ ଫାଇନାଲରେ ବିଜୟୀ ହୋଇଥିଲା ଆମେରିକା। ସ୍ନାପଡ୍ରାଗନ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ୩୧,୫୨୮ ଜଣ ଦର୍ଶକ ଉପସ୍ଥିତ ଥିଲେ।

ମ୍ୟାଚ୍‌ରେ ବ୍ରାଜିଲ ପ୍ରାଧାନ୍ୟ ବିସ୍ତାରକରି ଖେଳିଥିଲେ ହେଁ ଗୋଲ ଦେବାରେ ଅସମର୍ଥ ହୋଇଥିଲା। ବ୍ରାଜିଲ ୧୧ ଶଟ୍ ମାରିଥିବା ବେଳେ ଆମେରିକା ୭ ଶଟ୍ ମାରିଥିଲା। ଅନ୍ୟ ପକ୍ଷରେ ବ୍ରାଜିଲ ଖେଳାଳି ମ୍ୟାଚର ୫୭ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ସେହିପରି ବ୍ରାଜିଲ ଖେଳାଳିଙ୍କ ପାସ୍ ଆକ୍ୟୁରେଶି ମଧ୍ୟ ଭଲ ରହିଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମରେ ଲିଣ୍ଡସେ ହୋରାନ୍(୪୫+୧) ମିନିଟରେ ଏକ ଗୋଲ ଦେଇଥିଲେ। ବ୍ରାଜିଲ ପକ୍ଷରୁ ଗୋଲ ପରିଶୋଧ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ଏହା ସଫଳ ହୋଇ ନ ଥିଲା। ୭୯ତମ ମିନିଟ୍‌ରେ ଲିନ୍ ୱିଲିୟମ୍ସଙ୍କ ନିକଟରେ ଆମେରିକା ପକ୍ଷରୁ ଅଗ୍ରଣୀକୁ ଡବଲ କରିବାର ସୁଯୋଗ ରହିଥିଲେ ମଧ୍ୟ ବ୍ରାଜିଲ ଗୋଲକିପର ଶଟ୍‌କୁ ଅଟକାଇ ଦେଇଥିଲେ। ଟୁର୍ନାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରେ ମେକ୍ସିକୋ ନିକଟରୁ ୨-୦ରେ ହାରିବା ପରେ କଲମ୍ବିଆକୁ ୩-୦ରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ କାନାଡା ସହ ୨-୨ରେ ଡ୍ର ରଖି ଦଳ ସେମିରେ ପ୍ରବେଶ କରିଥିଲା।


କନ୍‌କାକାଫ୍ ମହିଳା ଗୋଲ୍ଡ କପ୍ ବିଜୟୀ ଆମେରିକା ଦଳ ଖୁସି ମୁହୂର୍ତ୍ତରେ।

**କନ୍‌କାକାଫ୍ ମହିଳା ଗୋଲ୍ଡ କପ୍**

**ଦୃଷ୍ଟି ବାଧିତ କ୍ରିକେଟ**

# ଶ୍ରୀଲଙ୍କାକୁ ୧୩୨ ରନରେ ହରାଇଲା ଭାରତ

**ନୂଆଦିଲ୍ଲୀ, ୧୧।୩:** ଅଜୟ କୁମାର ରେଡ୍ଡୀଙ୍କ ଆକର୍ଷଣୀୟ ୯୬ରନ (୩୧ ବଲ୍) ସହାୟତାରେ ଭାରତ ସ୍ଥାନୀୟ କର୍ନେଲ ସିଂ ଷ୍ଟାଡିୟମରେ ଦ୍ୱିପାକ୍ଷିକ ଦୃଷ୍ଟିବାଧିତ କ୍ରିକେଟ ସିରିଜ ସମର୍ଥ ଚାମ୍ପିୟନଶିପ୍‌ରେ ଶ୍ରୀଲଙ୍କାକୁ ୧୩୨ରନରେ ହରାଇ ଦେଇଛ। ସୋମବାର ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୨୭୭ ରନ କରିଥିଲା। ଜବାବରେ ଶ୍ରୀଲଙ୍କା ୬ଉଇକେଟ ହରାଇ ୧୪୫ ରନ କରିପାରିଥିଲା। ଏହି ବିଜୟ ଦ୍ୱାରା ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଅଜୟ କୁମାର ରେଡ୍ଡୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଭୟ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ମଙ୍ଗଳବାର ଏହି ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ୫୦ କେଜି ବର୍ଗରେ ଭିନେଶ ବିଜୟୀ

**ପଟିଆଲା, ୧୧।୩ (ପି.ଟି.)**

ଆଇଓଏର ଆଡ୍‌ହକ୍ ପ୍ୟାନେଲ ଦ୍ୱାରା ଆୟୋଜିତ ଜାତୀୟ ରେସ୍‌ଲିଂ ଟ୍ରାଏଲ୍ସରେ ଭାଗନେବାକୁ ନେଇ ଚର୍ଚ୍ଚାରେ ଭିନେଶ ଫୋଗଟ୍। ନିଜ ବାଉଟ୍ ପୂର୍ବରୁ ଭିନେଶ ଦୀର୍ଘ ଅଢ଼େଇ ଘଣ୍ଟା ଧରି ରିଂକୁ ଓହ୍ଲାଇ ନ ଥିଲେ। ପରେ ଭିନେଶ ୫୦ କେଜି ଓଜନ ବର୍ଗରେ ବିଜୟୀ ହୋଇଥିଲେ। ତେବେ ୫୩ କେଜି ଓଜନ ବର୍ଗରେ ସେ ପରାଜିତ ହୋଇଛନ୍ତି। ୫୦ କେଜି ଓଜନ ବର୍ଗରେ ୧୧-୬ ପଏଣ୍ଟରେ ଶିବାନୀଙ୍କ ନିକଟରୁ ପରାଜିତ ହୋଇଥିଲେ। ଏହା ସହ ଆସନ୍ତା ମାସରେ ହେବାକୁ ଥିବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ସେ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ୫୩ କେଜି ଓଜନ ବର୍ଗରେ ଟେକ୍ନିକାଲ ସୁପରିଅରିଟି ଆଧାରରେ ଅଞ୍ଜୁଙ୍କ ନିକଟରୁ ୧୦-୦ରେ ପରାଜିତ ହୋଇଥିଲେ ଭିନେଶ। ପୂର୍ବରୁ ୨୯ ବର୍ଷୀୟା ଭିନେଶ ସର୍ବଦା ୫୩ କେଜି ଓଜନ ବର୍ଗରେ ଅଂଶଗ୍ରହଣ କରିଥାନ୍ତି। ମାତ୍ର ଚଳିତ ବର୍ଷ ସମାନ ଓଜନ ବର୍ଗରେ ଅନ୍ତିମ ପଂଘାଲ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେଣୁ ଭିନେଶ ୫୩ କେଜି ଓଜନ ସହ ୫୦ କେଜି ଓଜନ ବର୍ଗରେ ଅଂଶ ଗ୍ରହଣ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ୫୩ କେଜି ଓଜନ ବର୍ଗରେ ଆଉ ଏକ ଟ୍ରାଏଲ୍ସ ପାଇଁ ସେ ଦାବି କରିଥିଲେ।

**ଅଢ଼େଇ ଘଣ୍ଟା ଟ୍ରାଏଲ୍ସ ରୋକିଲେ**

# ଇଷ୍ଟକୋଷ୍ଟ ଚାମ୍ପିୟନ, କିଟ୍ ରନରଅପ୍



ଆନ୍ତଃ ରାଜ୍ୟ ମହିଳା ଭଲିବଲ ଟୁର୍ନାମେଣ୍ଟରେ ରନରଅପ୍ କିଟ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୩ (ତପନ ସ୍ୱାଇଁ)**

ଯାଜପୁର ଜିଲା ବିଞ୍ଝାରପୁରସ୍ଥିତ ବିରିପଟାଠାରେ ମନ୍ମଥ ଧଳ ସ୍ମାରକୀ ଆନ୍ତଃ ରାଜ୍ୟ ମହିଳା ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ମନ୍ମଥ ମେମୋରିଆଲ ଟ୍ରଷ୍ଟ ଓ ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ଓ କିଟ୍ ବିଶ୍ୱବିଦ୍ୟାଳୟ ରନରଅପ୍ ହୋଇଛି। ହାଓ୍ୱଡ଼ା କ୍ଲବ (ପଶ୍ଚିମବଙ୍ଗ) ତୃତୀୟ ସ୍ଥାନରେ ରହିଛି। ପୁରୁଷ ଭଲିବଲ୍ ପ୍ରଦର୍ଶନୀ ମ୍ୟାଚରେ କିଟ୍ ଓଡ଼ିଶା ୟୁଥ୍ ଭଲିବଲ ଏକାଡେମୀକୁ ହରାଇ ଦିଲ୍ଲୀର ଏଲ୍‌ଏନ୍‌ପି କ୍ଲବ ଚାମ୍ପିୟନ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏଶନ ଉପସଭାପତି ବିଜୟ କୁମାର ଧଳ, ଜଣାଶୁଣା ସ୍ପୋର୍ଟ୍ସ ପ୍ରମୋଟର କାବ୍ୟା ପ୍ରିୟଦର୍ଶିନୀ ଧଳ, ବିରିପଟା ସରପଞ୍ଚ ମନୋରଞ୍ଜନ ଦାସ, ଜୋନ୍-୬ ଜିଲା ପରିଷଦ ନିନାରାଣୀ ସାମଲ, ପୂର୍ବତନ ଜିଲା ପରିଷଦ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଚୈତନ୍ୟ ଚରଣ ବେହେରା ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ।

**ମନ୍ମଥ ଧଳ ସ୍ମାରକୀ ମହିଳା ଭଲିବଲ ଉଦ୍‌ଯାପିତ**

# ଗୁଜରାଟ ଜାଏଣ୍ଟ୍ସ ୮ରନରେ ବିଜୟୀ

**ନୂଆଦିଲ୍ଲୀ, ୧୧।୩ (ପି.ଟି.)**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ସୋମବାର ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସ ୮ରନରେ ୟୁପି ୱାରିଅର୍ଜକୁ ପରାସ୍ତ କରିଛି। ୧୫୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୟୁପି ୱାରିଅର୍ଜ ଏକଦା ୩୫ରନରେ ୫ ଉଇକେଟ ହରାଇ ସାରିଥିଲା। ତେବେ ଦୀପ୍ତି ଶର୍ମା (୮୮*ରନ, ୬୦ ବଲ୍, ୯ ଚୌକା ଓ ୪ ଛକା) ଓ ପୁନମ ଖେମନାର (୩୬* ରନ, ୩୬ ବଲ, ୩ଚୌକା ଓ ୧ ଛକା) ୬ଷ୍ଠ ଉଇକେଟ ଯୋଡ଼ିରେ ଅପରାଜିତ ୧୦୯ ରନ ଯୋଗ କରିଥିଲେ। ତେବେ ଦଳ ବିଜୟଠାରୁ ୯ ରନ ପଛରେ ରହିଯାଇଥିଲା। ଗୁଜରାଟ ପକ୍ଷରୁ ସବନମ ମହମ୍ମଦ ସକିଲ ୧୧ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ଗୁଜରାଟ ଜାଏଣ୍ଟ୍ସ ୮ ଉଇକେଟ ବିନିମୟରେ ୧୫୨ ରନ କରିଥିଲା। ଦଳପକ୍ଷରୁ ଅଧିନାୟିକା ତଥା ଉଇକେଟକିପର ବେଥ୍ ମୁନି ସର୍ବାଧିକ ୭୪ରନ (୫୨ବଲ୍, ୧୦ ଚୌକା ଓ ୧ଛକା) ଏବଂ ଲାଉରା ଓଲଭାର୍ଟ ୪୩ରନ (୩୦ ବଲ୍) କରିଥିଲେ। ପ୍ରଥମ ଉଇକେଟରେ ଉଭୟେ ୭.୫ଓଭରରେ ୬୦ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ମାତ୍ର ବିପକ୍ଷ ଦଳର ସ୍ପିନର ତ୍ରୟ ସୋଫି ଏକ୍ଲେଷ୍ଟୋନ(୩/୩୮), ଦୀପ୍ତି ଶର୍ମା (୨/୨୨) ଓ ରାଜେଶ୍ୱରୀ ଗାଏକ୍ୱାଡ (୧/୨୮) ଙ୍କ ଚମତ୍କାର ବୋଲିଂର ସାମ୍ନା କରି ନ ପାରି ଅନ୍ୟ ବ୍ୟାଟରମାନେ ଶୀଘ୍ର ପ୍ୟାଭିଲିଅନ ଫେରିଥିଲେ। ଏହି ମ୍ୟାଚରେ ବିଜୟ ଲାଭ କରିଥିଲେ ମଧ୍ୟ ଗୁଜରାଟ ଜାଏଣ୍ଟ୍ସ ୭ଟି ମ୍ୟାଚରୁ ୪ ପଏଣ୍ଟ ସହ ପଏଣ୍ଟ ଟେବୁଲର ୫ମ ଏବଂ ୟୁପି ୱାରିଅର୍ଜ ଦଳ ୮ଟି ମ୍ୟାଚରୁ ୬ ପଏଣ୍ଟ ସହ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ଅଛି।

# ପୂର୍ବାଞ୍ଚଳ ମହିଳା କ୍ରିକେଟ ଦଳରେ ଓଡ଼ିଶାର ସୁଶ୍ରୀ

**ଭୁବନେଶ୍ୱର, ୧୧।୩ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨୦୨୩-୨୪ ଘରୋଇ କ୍ରିକେଟ ସିଜନ ଅନ୍ତର୍ଗତ ସିନିୟର ମହିଳା ଆନ୍ତଃ ଜୋନ୍ ମଲ୍ଟି ଡେ' ଟ୍ରଫି ମହାରାଷ୍ଟ୍ରର ପୁଣେଠାରେ ଚଳିତ ମାସ ୨୮ରୁ ଆରମ୍ଭ ହେବ। ଏଥିପାଇଁ ପୂର୍ବାଞ୍ଚଳ ଚୟନ କମିଟି ବୈଠକ ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୟନକର୍ତ୍ତାମାନେ ପୂର୍ବାଞ୍ଚଳ ଦଳ ପାଇଁ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ମନୋନୀତ କରିଛନ୍ତି। ଜାଗୃତି କ୍ରିକେଟ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ସୁଶ୍ରୀ ଏହା ପୂର୍ବରୁ ଏକାଧିକ ଥର ବିସିସିଆଇ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାର ଅଭିଜ୍ଞତା ବହନ କରୁଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ସୁଶ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA CYBER CITY** (JYOTE MOTORS PH: 9776615032), **NEXA TWIN CITY** (SKY AUTOMOBILES PH: 9776497764, 7440000642), **NEXA GAJAPATI NAGAR** (TUSHI MOTORS PVT. LTD. PH: 6372802153), **NEXA RAJ BHAVAN ROAD** (NARAYANI MOTORS PH: 9583022008, 9583022012), **CUTTACK: NEXA STADIUM ROAD** (JYOTE MOTORS PH: 7440005202, 7440005239), **PANIKOILI: NEXA GAJAPATI NAGAR** (TUSH I MOTORS PVT. LTD. PH: 6372802153).

Scan to book

T&C apply. For more information kindly contact NEXA dealerships. Creative visualization. Accessories and features shown may not be part of standard equipment.
Black glass on the vehicle is due to lighting effect. Trademarks used belong to respective Trademark Owners. For details on functioning of safety features, including air bag, kindly refer to the Owner's Manual.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା ୧୬
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୨୪ | Bhubaneswar, Tuesday, March 12/2024 | ₹ 7.00 | ପୃଷ୍ଠା-୧
୫୦ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 109 | ମୂଲ୍ୟ₹୭/-

# ଯୋଡ଼ାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏଓଭର ବ୍ରିଜ୍

**ଭୁବନେଶ୍ୱର,୧୧।୩(ଅନିଲ ଦାସ)**



■ ୫ ଜିଲାରେ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନକଲେ ମୁଖମନ୍ତ୍ରୀ
■ ସଂସ୍କୃତିର ସୁରକ୍ଷା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ:ମୁଖ୍ୟମନ୍ତ୍ରୀ
■ ଉନ୍ନୟନ କାମରେ ସହଯୋଗ ପାଇଁ ସ୍ଥାନୀୟ ଲୋକଙ୍କୁ ଧନ୍ୟବାଦ ଦେଲେ ୫-ଟି ଅଧ୍ୟକ୍ଷ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବଲାଙ୍ଗୀର, କେନ୍ଦୁଝର, ଖୋର୍ଦ୍ଧା ଓ ବୌଦ୍ଧ ଜିଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉଦ୍‌ଘାଟିତ ପ୍ରକଳ୍ପଗୁଡ଼ିକ ହେଲା ବଲାଙ୍ଗୀର ଜିଲାର ରୂପାନ୍ତରିତ ହରିଶଙ୍କର ମନ୍ଦିର, କେନ୍ଦୁଝର ଜିଲା ଯୋଡ଼ାରେ ୨୫୮.୬୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩ କି.ମି. ବିଶିଷ୍ଟ ଓଡ଼ିଶାର ଦୀର୍ଘତମ ଫ୍ଲାଏଓଭର ଏବଂ ଖୋର୍ଦ୍ଧା ଜିଲା ଜଟଣୀ କୁଦିଆରୀରେ ୧୦୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭୬୨ ମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଓଭର ବ୍ରିଜ୍। ସେହିପରି ମୁଖ୍ୟମନ୍ତ୍ରୀ ଆଠମଲ୍ଲିକ-ଧଳପୁର ରାସ୍ତାରେ ମହାନଦୀ ଉପରେ ୧୫୯.୩୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩ କି.ମି. ପରିବ୍ୟାପ୍ତ ଓଡ଼ିଶାର ଦୀର୍ଘତମ ସେତୁ, ରାକଡୋର-ଫସାଦ ରାସ୍ତାରେ ତେଲ ନଦୀ ଉପରେ ୪୫.୮୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ସେତୁ ଓ ୭୧.୫୯ କୋଟି ଟଙ୍କା ବ୍ୟୟରେ ବୌଦ୍ଧ-ମର୍ଯ୍ୟାକୁଦ ସଂଯୋଗୀକରଣ ରାସ୍ତାରେ ମହାନଦୀ ଉପରେ ସେତୁର ଉଦ୍‌ଘାଟନ କରିଛନ୍ତି ।

ସେହିପରି ମୁଖ୍ୟମନ୍ତ୍ରୀ କଟକ ଜିଲା ନେମାଳଠାରେ ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପୀଠର ଉନ୍ନତୀକରଣ କାର୍ଯ୍ୟ, ୩୨.୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଖୋର୍ଦ୍ଧା ମା' ଉଗ୍ରତାରା ଶକ୍ତିପୀଠର ଉନ୍ନତୀକରଣ କାର୍ଯ୍ୟ ଏବଂ ୧୫୫.୭୨ କୋଟି ଟଙ୍କା ବ୍ୟୟ ଅଟକଳରେ ବୌଦ୍ଧ ଜିଲାର ବାଉଁଶୁଣୀ-ବୀରମହାରାଜପୁର ସଂଯୋଗୀକରଣ ରାସ୍ତାର ମହାନଦୀ ଉପରେ ୧୭୩୮ ମିଟର ଦୈର୍ଘ୍ୟ ବିଶିଷ୍ଟ ସେତୁ ନିର୍ମାଣ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଛନ୍ତି, ୫-ଟି ଉପକ୍ରମରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକ ପର୍ଯ୍ୟଟନ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡ଼ିଶାର ଏକ ପ୍ରମୁଖ ପୀଠ ହେଉଛି ହରିଶଙ୍କର। ଇଣ୍ଟିଗ୍ରେଟେଡ୍ ଡେଭେଲପମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ ମନୁମେଣ୍ଟ ଡେଷ୍ଟିନେଶନ ଆଣ୍ଡ ଟୁରିଷ୍ଟ ଡେଷ୍ଟିନେଶନ ଯୋଜନାରେ ହୋଇଥିବା ଏହି ପୀଠର ରୂପାନ୍ତରଣ କାର୍ଯ୍ୟ ଏଠାକୁ ଆସୁଥିବା ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇବାରେ ସଫଳ ହେବା ସହ ଅଞ୍ଚଳବାସୀଙ୍କ ଆର୍ଥିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସଂସ୍କୃତି ଗୋଟିଏ ଜାତିର ଅସ୍ମିତାର ପରିଚୟ। ଏହାର ସୁରକ୍ଷା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। କଟକ ଜିଲାର ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଗାଦି ଓ ପୀଠ ଏବଂ ଖୋର୍ଦ୍ଧା ଜିଲାର ମା' ଉଗ୍ରତାରା ପୀଠର ରୂପାନ୍ତରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଏହି ମହାନ୍ ପୀଠଗୁଡ଼ିକର ବିକାଶ ଦ୍ୱାରା ଓଡ଼ିଆ ଜାତିର ଭାବଗତ ବନ୍ଧନ ଆହୁରି ମଜଭୁତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

କେନ୍ଦୁଝରର ଯୋଡ଼ାଠାରେ ରାଜ୍ୟର ସବୁଠାରୁ ବଡ଼ ଫ୍ଲାଏଓଭର, ଜଟଣୀଠାରେ ରେଳ ଓଭରବ୍ରିଜ୍, ତେଲ ନଦୀ ଉପରେ ହାଇ ଲେଭଲ ସେତୁ, ମର୍ଯ୍ୟାକୁଦ ରାସ୍ତା ହାଇ ଲେଭଲ ସେତୁ ଏବଂ ଆଠମଲ୍ଲିକ-ଧଳପୁର ରାସ୍ତାରେ ସବୁଠାରୁ ବଡ଼ ସେତୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହିସବୁ ପ୍ରକଳ୍ପ ଆମର ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ସହ ଯାତ୍ରା ସମୟକୁ ମଧ୍ୟ ହ୍ରାସ କରିବ। ଏହିସବୁ ପ୍ରକଳ୍ପ ଦ୍ୱାରା ଲକ୍ଷ ଲକ୍ଷ ଲୋକ ଉପକାର ପାଇବେ। ଯୋଗାଯୋଗ ହେଉଛି ସମୃଦ୍ଧିର ଆଧାର ବୋଲି କହି ୫-ଟି ଉପକ୍ରମରେ ଆଜି ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆସିଛି ଏବଂ ଏହା ବିକାଶର ମାର୍ଗକୁ ପ୍ରଶସ୍ତ କରିଛି ।

ବିକାଶର ଏହି ଯାତ୍ରାରେ ରାଜ୍ୟବାସୀଙ୍କ ପୂର୍ଣ୍ଣ ସହଯୋଗ ଆମକୁ ଶକ୍ତି ଦେଉଛି ବୋଲି କହି ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ସହଯୋଗ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଛନ୍ତି, କମ୍ ସମୟ ମଧ୍ୟରେ ବାବା ହରିଶଙ୍କରଙ୍କ ପୀଠ ରୂପାନ୍ତରଣ କାର୍ଯ୍ୟ ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବରେ ସମ୍ପୂର୍ଣ୍ଣ ହୋଇଛି। ଯୋଡ଼ାଠାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏଓଭର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ସେ ନେମାଳବାସୀଙ୍କୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ଅନୁରୋଧ ରକ୍ଷା କରିଛନ୍ତି। ଖୁବ୍ ଶୀଘ୍ର କାମ ଆରମ୍ଭ ହେବ। ପୀଠର ଉନ୍ନତୀକରଣ ପାଇଁ ସମସ୍ତେ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବୌଦ୍ଧଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଖୋର୍ଦ୍ଧାରେ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପାଟଣାଗଡ଼ରେ ବିଧାୟକ ସରୋଜ କୁମାର ମେହେର, ଚମ୍ପୁଆରେ ବିଧାୟିକା ମୀନାକ୍ଷୀ ମହନ୍ତ, ନେମାଳରେ ବିଧାୟକ ଚନ୍ଦ୍ରସାରଥି ବେହେରା, ମାହାଙ୍ଗାରେ ବିଧାୟକ ପ୍ରତାପ ଜେନା, ଖୋର୍ଦ୍ଧାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜିକା ଶ୍ରୀମୟୀ ଶ୍ୱେତସ୍ମିଗ୍ଧା ମିଶ୍ର ଯୋଗଦେଇ କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ନେଇଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗ୍‌ଦର୍ଶନରେ କାର୍ଯ୍ୟକାରୀ ହେଉଥିବା ରୂପାନ୍ତରଣକୁ ସମଗ୍ର ବିଶ୍ୱ ଦେଖୁଛି। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଧନ୍ୟବାଦ ଦେଇଥିଲେ।

# ନୂଆ ଇସି ନିଯୁକ୍ତିରୁ କେନ୍ଦ୍ରକୁ ରୋକିବାକୁ ଆବେଦନ

## ଦ୍ୱରିତ୍ ଶୁଣାଣି ପାଇଁ ବିଚାର କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୧।୩(ପି.ଟି.)**

୨୦୨୩ର ନୂଆ ଆଇନ ଅନୁଯାୟୀ ନୂଆ ନିର୍ବାଚନ କମିଶନର (ଇସି) ନିଯୁକ୍ତିରୁ କେନ୍ଦ୍ର ସରକାରଙ୍କୁ ରୋକିବା ପାଇଁ କରାଯାଇଥିବା ଆବେଦନର ଦ୍ୱରିତ୍ ଶୁଣାଣି ନିମନ୍ତେ ତାଲିକାଭୁକ୍ତ କରିବା ଲାଗି ବିଚାର କରିବେ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ନୂଆ ଆଇନର ବ୍ୟବସ୍ଥାକୁ ପୂର୍ବରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଇସି ଅନୁପ ଚନ୍ଦ୍ର ପାଣ୍ଡେଙ୍କ ଅବସର ଏବଂ ଅରୁଣ ଗୋଏଲଙ୍କ ଇସ୍ତଫା ପରେ ଭାରତର ନିର୍ବାଚନ କମିଶନ (ଇସିଆଇ)ରେ ୨ଟି ପଦବୀ ଖାଲି ପଡ଼ିଛି। ଇ-ମେଲ୍ ପଠାଅ, ଆମେ ଦେଖୁଛୁ ବୋଲି ପ୍ରଧାନ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି। କଂଗ୍ରେସ ନେତା ଜୟା ଠାକୁରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବିକାଶ ସିଂ ଏବଂ ବରୁଣ ଠାକୁର ଉପସ୍ଥିତ ରହି ଆବେଦନର ଶୀଘ୍ର ଶୁଣାଣି ପାଇଁ ନିବେଦନ କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ଓ ସେବା ସର୍ତ୍ତାବଳୀ ଆଇନ, ୨୦୨୩ର ବ୍ୟବସ୍ଥାକୁ ସ୍ଥାନୀୟ କଂଗ୍ରେସ ନେତା ଚ୍ୟାଲେଞ୍ଜ କରିଥିଲେ। ମାର୍ଚ୍ଚ ୧୫ରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତାସମ୍ପନ୍ନ ଚୟନ କମିଟି ବୈଠକ ବସି ନୂଆ ଇସିଙ୍କ ନାମ ଚୂଡ଼ାନ୍ତ ହେବାକୁ ଥିବାବେଳେ ଏହାକୁ ରୋକିବା ପାଇଁ ଜୟା ଆବେଦନ କରିଥିଲେ।

# ଅଗ୍ନି-୫ର ସଫଳ ପରୀକ୍ଷଣ

## ପ୍ରତିରକ୍ଷା କ୍ଷେତ୍ରରେ ନୂଆ ମାଇଲ୍‌ଷ୍ଟୋନ

**ବାଲେଶ୍ୱର, ୧୧।୩(ମାନସ ବିଶ୍ୱାଳ)**



ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆରଡିଓ) ଅଧୀନ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ସୋମବାର ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଅଗ୍ନି-୫ର ୨୫ତମ ଭର୍ସନ। ଅଗ୍ନି-୫ ହେଉଛି ଏକ ଆନ୍ତଃ ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ(ଆଇସିବିଏମ୍), ଯାହାର ଲକ୍ଷ୍ୟଭେଦ କ୍ଷମତା ୫,୫୦୦ କିଲୋମିଟରରୁ ୫,୮୦୦ କିଲୋମିଟର। ଏହା ଭାରତର ପ୍ରତିରକ୍ଷା କ୍ଷମତା ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଭାରତର ଆଣବିକ ଅସ୍ତ୍ର ପ୍ରତିରୋଧ କ୍ଷମତା ବଢ଼ାଇବା ଲକ୍ଷ୍ୟରେ ଏହି କ୍ଷେପଣାସ୍ତ୍ର ପ୍ରସ୍ତୁତ ହୋଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଆନ୍ତଃ ମହାଦେଶୀୟ ଏହି ବାଲିଷ୍ଟିକ ମିଶାଇଲର ସଫଳ ପରୀକ୍ଷଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଆରଡିଓର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମଲ୍ଟିପଲ୍ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେବଲ୍ ରି-ଏଣ୍ଟ୍ରି ଭେହିକଲ୍ (ଏମ୍‌ଆଇଆର୍‌ଭି) ଟେକ୍ନୋଲୋଜି ସହ ଭାରତର ମିଶନ ଦିବ୍ୟାସ୍ତ୍ରକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଉଚ୍ଚ ଅତ୍ୟାଧୁନିକ ଅସ୍ତ୍ର ବ୍ୟବସ୍ଥା ଦେଶର ଭୂରାଜନୈତିକ ସ୍ଥିତିକୁ ବଦଳାଇଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏମ୍‌ଆଇଆର୍‌ଭି ଟେକ୍ନୋଲୋଜି ଦ୍ୱାରା ମିଶାଇଲ ବିଭିନ୍ନ ରି-ଏଣ୍ଟ୍ରି ଭେହିକିଲରେ ବିଭକ୍ତ ହୋଇ ଠିକ୍ ଓ ଟାର୍ଗେଟେଡ୍ ଆକ୍ରମଣ କରିପାରିବ। ଗୋଟିଏ ମିଶାଇଲ ଏକାଧିକ ଅସ୍ତ୍ର ବହନ କରିବାରେ ସମର୍ଥ ହେବ। ଏହି ମିଶାଇଲ ଉତ୍କ୍ଷେପଣ ପରେ ବାୟୁମଣ୍ଡଳର ଉପରକୁ ଯାଇ ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେହିଠାରୁ ଏକାଧିକ ଟାର୍ଗେଟ୍‌କୁ ଧ୍ୱଂସ କରିପାରିବାର ମଧ୍ୟ କ୍ଷମତା ରଖିଛି। ବାୟୁମଣ୍ଡଳରୁ ଉପରକୁ ଉଠିଯାଉଥିବାରୁ ଶତ୍ରୁପକ୍ଷର ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହୋଇଥାଏ। ଅଗ୍ନି-୫ରେ ୧୫୦୦ କି.ଗ୍ରା. ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ। ଏହାର ଓଜନ ୫୬୦୦ କିଲୋଗ୍ରାମ୍, ଲମ୍ବ ୧୭.୫ ମିଟର, ମୋଟେଇ ୨ ମିଟର ରହିଛି। ଅଗ୍ନି-୫ କ୍ଷେପଣାସ୍ତ୍ର ଘଣ୍ଟା ପ୍ରତି ୩୦,୬୦୦ କିଲୋମିଟର ବେଗରେ ଗତି କରି ଶତ୍ରୁ ପକ୍ଷର ଟାର୍ଗେଟ୍‌କୁ ଧ୍ୱଂସ କରିପାରିବ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡୋ ଦ୍ୱାରା ଆଜିର ଏହି ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିଥିବା କୁହାଯାଉଛି।




# ପ୍ରଚଣ୍ଡ ଶବ୍ଦରେ ଥରିଲା କେନ୍ଦୁଝର

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ପାଟଣା(ବୀରକିଶୋର ଦାଶ)/ ବଡ଼ବିଲ(ଦେବପ୍ରିୟ ରଣା),୧୧।୩**

କେନ୍ଦୁଝର ଜିଲାର କେନ୍ଦୁଝର, ପାଟଣା ଓ ବଡ଼ବିଲ ଅଞ୍ଚଳରେ ସୋମବାର ପୂର୍ବାହ୍ନ ୧୧ଟା୩୦ ସମୟରେ ପ୍ରଚଣ୍ଡ ଶବ୍ଦ ସହ ଆକାଶରେ ଧୂଆଁଧାର ଦେଖିବାକୁ ମିଳିଥିଲା। ୨ ଥର ଖୁବ୍ ଜୋରରେ ଶବ୍ଦ ହେବା ସହ ଘରଦ୍ୱାର ଥରିଉଠିଥିଲା। ଏହି ଶବ୍ଦ ପ୍ରାୟ ୧୦ମିନିଟ୍ ଧରି ଲାଗି ରହିଥିଲା। ଶବ୍ଦ ଓ ଧୂଆଁର କାରଣ ଜଣାପଡ଼ିନାହିଁ। ୨ଟି ଜେଟ୍ ବିମାନ ଯିବା ଫଳରେ ଏହି ଶବ୍ଦ ହୋଇଥିବା କେତେଜଣ ଲୋକ କହୁଥିବା ବେଳେ ବାଲେଶ୍ୱରେ ଅଗ୍ନି-୫ କ୍ଷେପଣାସ୍ତ୍ର ପରୀକ୍ଷା ଯୋଗୁ ଏହି ଶବ୍ଦ ହୋଇଥିବା କୁହାଯାଉଛି। ପ୍ରଚଣ୍ଡ ଶବ୍ଦ ଯୋଗୁ ଜିଲାବାସୀ ଭୟଭୀତ ହୋଇପଡ଼ିଥିଲେ।

# ମିଶନ ଶକ୍ତି କର୍ମକର୍ତ୍ତାଙ୍କ ବୈଠକ ଖର୍ଚ୍ଚ ୫୦୦ଟଙ୍କା ବଢ଼ିଲା

**ଭୁବନେଶ୍ୱର,୧୧।୩(ଅନିଲ ଦାସ)**

ରାଜ୍ୟର ମିଶନ ଶକ୍ତି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ଓ ବ୍ଲକ୍‌ସ୍ତରୀୟ ଫେଡେରେଶନର କର୍ମକର୍ତ୍ତାଙ୍କ ବୈଠକ ଖର୍ଚ୍ଚ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଗ୍ରାମପଞ୍ଚାୟତ ଓ ବ୍ଲକ୍‌ସ୍ତରୀୟ ଫେଡେରେଶନର ସଭାପତି, ସମ୍ପାଦକ ତଥା ଅନ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ବୈଠକ ଖର୍ଚ୍ଚ ପରିମାଣରେ ୫୦୦ ଟଙ୍କା ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଦେୟ ୨୦୨୩ ଅକ୍ଟୋବରରୁ ପିଛିଲା ଭାବେ ଲାଗୁହେବ।

ବ୍ଲକ୍‌ସ୍ତରୀୟ ଫେଡେରେଶନର ସଭାପତି ଓ ସମ୍ପାଦକମାନେ ବୈଠକ ପାଇଁ ପୂର୍ବରୁ ୪ ହଜାର ଟଙ୍କା ପାଉଥିବା ବେଳେ ଏବେ ୪ ହଜାର ୫୦୦ ଟଙ୍କା ପାଇବେ। ସେହିପରି ଏହାର ଅନ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ପୂର୍ବରୁ ୨ ହଜାର ଟଙ୍କା ପାଉଥିବା ବେଳେ ଏବେ ୨ ହଜାର ୫୦୦ ଟଙ୍କା ପାଇବେ।

ସେହିପରି ଗ୍ରାମପଞ୍ଚାୟତସ୍ତରୀୟ ଫେଡେରେଶନର ସଭାପତି ଓ ସମ୍ପାଦକମାନେ ବୈଠକ ପାଇଁ ପୂର୍ବରୁ ୨ ହଜାର ଟଙ୍କା ପାଉଥିବାବେଳେ ଏବେ ୨ ହଜାର ୫୦୦ ଟଙ୍କା ପାଇବେ । ସେହିପରି ଅନ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ପୂର୍ବରୁ ୧ ହଜାର ଟଙ୍କା ପାଉଥିବା ବେଳେ ଏବେ ୧ ହଜାର ୫୦୦ ଟଙ୍କା ପାଇବେ। ଏହାଦ୍ୱାରା ବର୍ଷକୁ ୨୪୯.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ସମୁଦାୟ ୬୭୬ ଜଣ ବ୍ଲକ୍‌ସ୍ତରୀୟ ଫେଡେରେଶନ ସଭାପତି ଓ ସମ୍ପାଦକ ଥିବା ବେଳେ ୩୦୪୨ ଅନ୍ୟ ସଦସ୍ୟ ରହିଛନ୍ତି। ସେହିପରି ଗ୍ରାମପଞ୍ଚାୟତସ୍ତରୀୟ ଫେଡେରେଶନରେ ୧୩,୫୮୮ ଜଣ ସଭାପତି ଓ ସମ୍ପାଦକ ଥିବା ବେଳେ ଅନ୍ୟ ସଦସ୍ୟମାନଙ୍କ ସଂଖ୍ୟା ୧,୦୮,୭୦୪। ଏଥିରେ ସମୁଦାୟ ୧,୨୬,୦୧୦ କର୍ମକର୍ତ୍ତା ଉପକୃତ ହେବେ।

# 'ଓପେନହେଇମର' ଶ୍ରେଷ୍ଠ ଚଳଚ୍ଚିତ୍ର

## ଓସ୍କାର ପୁରସ୍କାର

**ଲସ୍ ଆଞ୍ଜେଲସ୍,୧୧।୩**

ଓସ୍କାର ଚଳଚ୍ଚିତ୍ରର ୯୬ତମ ସଂସ୍କରଣରେ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର 'ଓପେନହେଇମର'କୁ ଶ୍ରେଷ୍ଠ ଚଳଚ୍ଚିତ୍ରର ମାନ୍ୟତା ମିଳିଛି। ଏହି ଫିଲ୍ମ ମୋଟ ୭ଟି ପୁରସ୍କାର ଜିତିନେଇଛି। କ୍ରିଷ୍ଟୋଫର ନୋଲାନଙ୍କୁ ପ୍ରଥମ ଥର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶନା ପୁରସ୍କାର ମିଳିଛି। ଓପେନହେଇମର ଟିମ୍‌ର ସିଲିଆନ ମର୍ଫିଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଥିବାବେଳେ ରବର୍ଟ ଡାଉନି ଜୁନିୟର(ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା), ହୋଏଟ୍ ଭାନ୍ ହୋଏଟେମା(ଶ୍ରେଷ୍ଠ ସିନେମାଟୋଗ୍ରାଫି) ଏବଂ ଜେନିଫର ଲାମେ (ଶ୍ରେଷ୍ଠ ଫିଲ୍ମ ଏଡିଟିଂ) ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଏକାଡେମୀ ପୁରସ୍କାର 'ପୁଅର୍ ଥିଙ୍ଗ୍‌ସ'ର ଇମା ଷ୍ଟୋନ୍‌ଙ୍କୁ ମିଳିଛି। ସେ ୨୦୧୭ରେ ଲା ଲା ଲ୍ୟାଣ୍ଡ ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଓସ୍କାର ପୁରସ୍କାର ପାଇଥିଲେ। ଭାରତରୁ ପ୍ରତିନିଧିତ୍ୱ କରୁଥିବା 'ଟୁ କିଲ୍ ଏ ଟାଇଗର' ଏକାଡେମୀ ଆୱାର୍ଡରୁ ବାଦ୍ ପଡ଼ିଛି। ଏହାକୁ ହରାଇ '୨୦ ଡେଜ୍ ଇନ୍ ମାରିଉପୋଲ' ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଚର ଫିଲ୍ମ ପୁରସ୍କାର ହାତେଇନେଇଛି। ୯୬ତମ ଏକାଡେମିକ୍ ଆୱାର୍ଡ ଉତ୍ସବରେ ଏସ୍.ଏସ୍. ରାଜମୌଳିଙ୍କ 'ଆର୍‌ଆର୍‌ଆର୍' ପ୍ରଦର୍ଶିତ ହୋଇଥିଲା।


ଶ୍ରେଷ୍ଠ ଅଭିନେତା ସିଲିଆନ ମର୍ଫି


ଶ୍ରେଷ୍ଠ ଅଭିନେତ୍ରୀ ଇମା ଷ୍ଟୋନ୍

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ମାର୍ଚ୍ଚ, ୨୦୨୪

OSRTC
5T
ଆମ ଓଡ଼ିଶା ନବୀନ ଓଡ଼ିଶା
LAXMI
୪
ଘରେ ଘରେ ଲକ୍ଷ୍ମୀ



## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ଡୁଙ୍ଗୁରିପାଲି ⇆ ତମାମୁରା

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | | ଟ୍ରିପ୍-୫ | | ଟ୍ରିପ୍-୬ | |
|---|---|---|---|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଡୁଙ୍ଗୁରିପାଲି | --- | ୬.୦୦ | ---- | ୮.୧୦ | ---- | ୧୦.୨୦ | ---- | ୧୨.୩୦ | ---- | ୨.୪୦ | ---- | ୪.୫୦ |
| ବଡନୁପାଲି | ୬.୦୬ | ୬.୦୭ | ୮.୧୬ | ୮.୧୭ | ୧୦.୨୬ | ୧୦.୨୭ | ୧୨.୩୬ | ୧୨.୩୭ | ୨.୪୬ | ୨.୪୭ | ୪.୫୬ | ୪.୫୭ |
| ଚେରୁପାଲି | ୬.୧୨ | ୬.୧୩ | ୮.୨୨ | ୮.୨୩ | ୧୦.୩୨ | ୧୦.୩୩ | ୧୨.୪୨ | ୧୨.୪୩ | ୨.୫୨ | ୨.୫୩ | ୫.୦୨ | ୫.୦୩ |
| ଡିଗଶିରା | ୬.୧୮ | ୬.୧୯ | ୮.୨୮ | ୮.୨୯ | ୧୦.୩୮ | ୧୦.୩୯ | ୧୨.୪୮ | ୧୨.୪୯ | ୨.୫୮ | ୨.୫୯ | ୫.୦୮ | ୫.୦୯ |
| ସୁନାପାଲି | ୬.୨୪ | ୬.୨୫ | ୮.୩୪ | ୮.୩୫ | ୧୦.୪୪ | ୧୦.୪୫ | ୧୨.୫୪ | ୧୨.୫୫ | ୩.୦୪ | ୩.୦୫ | ୫.୧୪ | ୫.୧୫ |
| ସାହାଲା | ୬.୩୨ | ୬.୩୩ | ୮.୪୨ | ୮.୪୩ | ୧୦.୫୨ | ୧୦.୫୩ | ୧.୦୨ | ୧.୦୩ | ୩.୧୨ | ୩.୧୩ | ୫.୨୨ | ୫.୨୩ |
| ଗଡ଼ପାଲି | ୬.୩୬ | ୬.୩୭ | ୮.୪୬ | ୮.୪୭ | ୧୦.୫୬ | ୧୦.୫୭ | ୧.୦୬ | ୧.୦୭ | ୩.୧୬ | ୩.୧୭ | ୫.୨୬ | ୫.୨୭ |
| ତମାପୁରା | ୬.୪୧ | --- | ୮.୫୧ | --- | ୧୧.୧ | --- | ୧.୧୧ | --- | ୩.୨୧ | --- | ୫.୩୧ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ତମାମୁରା ⇆ ଡୁଙ୍ଗୁରିପାଲି

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | | ଟ୍ରିପ୍-୫ | | ଟ୍ରିପ୍-୬ | |
|---|---|---|---|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ତମାପୁରା | --- | ୬.୫୫ | ---- | ୯.୦୫ | ---- | ୧୧.୧୫ | ---- | ୧.୨୫ | ---- | ୩.୩୫ | ---- | ୫.୪୫ |
| ଗଡ଼ପାଲି | ୬.୫୯ | ୭.୦୦ | ୯.୦୯ | ୯.୧୦ | ୧୧.୧୯ | ୧୧.୨୦ | ୧.୨୯ | ୧.୩୦ | ୩.୩୯ | ୩.୪୦ | ୫.୪୯ | ୫.୫୦ |
| ସାହାଲା | ୭.୦୩ | ୭.୦୪ | ୯.୧୩ | ୯.୧୪ | ୧୧.୨୩ | ୧୧.୨୪ | ୧.୩୩ | ୧.୩୪ | ୩.୪୩ | ୩.୪୪ | ୫.୫୩ | ୫.୫୪ |
| ସୁନାପାଲି | ୭.୧୧ | ୭.୧୨ | ୯.୨୧ | ୯.୨୨ | ୧୧.୩୧ | ୧୧.୩୨ | ୧.୪୧ | ୧.୪୨ | ୩.୫୧ | ୩.୫୨ | ୬.୦୧ | ୬.୦୨ |
| ଡିଗଶିରା | ୭.୧୭ | ୭.୧୮ | ୯.୨୭ | ୯.୨୮ | ୧୧.୩୭ | ୧୧.୩୮ | ୧.୪୭ | ୧.୪୮ | ୩.୫୭ | ୩.୫୮ | ୬.୦୭ | ୬.୦୮ |
| ଚେରୁପାଲି | ୭.୨୩ | ୭.୨୪ | ୯.୩୩ | ୯.୩୪ | ୧୧.୪୩ | ୧୧.୪୪ | ୧.୫୩ | ୧.୫୪ | ୪.୦୩ | ୪.୦୪ | ୬.୧୩ | ୬.୧୪ |
| ବଡ଼ନୁପାଲି | ୭.୨୯ | ୭.୩୦ | ୯.୩୯ | ୯.୪୦ | ୧୧.୪୯ | ୧୧.୫୦ | ୧.୫୯ | ୨.୦୦ | ୪.୦୯ | ୪.୧୦ | ୬.୧୯ | ୬.୨୦ |
| ଡୁଙ୍ଗୁରିପାଲି | ୭.୩୬ | --- | ୯.୪୬ | --- | ୧୧.୫୬ | --- | ୨.୦୬ | --- | ୪.୧୬ | ---- | ୬.୨୬ | --- |

# ଆପଣଙ୍କ ସେବାରେ ଲକ୍ଷ୍ମୀ ବସ୍

## ସୁବର୍ଣ୍ଣପୁର ଜିଲ୍ଲାର ବିସ୍ତୃତ ମାର୍ଗ ବିବରଣୀ



## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ସୋନପୁର ⇆ ନାରାୟଣପୁର

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | |
|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ସୋନପୁର | --- | ୬.୦୦ | ---- | ୯.୦୦ | ---- | ୧୨.୦୦ | ---- | ୩.୦୦ |
| କଳାପଥର | ୬.୧୦ | ୬.୧୨ | ୯.୧୦ | ୯.୧୨ | ୧୨.୧୦ | ୧୨.୧୨ | ୩.୧୦ | ୩.୧୨ |
| ହରଡୋଖୋଲ | ୬.୧୯ | ୬.୨୧ | ୯.୧୯ | ୯.୨୧ | ୧୨.୧୯ | ୧୨.୨୧ | ୩.୧୯ | ୩.୨୧ |
| ଖରଜୁରା | ୬.୩୦ | ୬.୩୨ | ୯.୩୦ | ୯.୩୨ | ୧୨.୩୦ | ୧୨.୩୨ | ୩.୩୦ | ୩.୩୨ |
| ଖରି | ୬.୩୭ | ୬.୩୯ | ୯.୩୭ | ୯.୩୯ | ୧୨.୩୭ | ୧୨.୩୯ | ୩.୩୭. | ୩.୩୯ |
| ବାଲାଡି | ୬.୪୪ | ୬.୪୬ | ୯.୪୪ | ୯.୪୬ | ୧୨.୪୪ | ୧୨.୪୬ | ୩.୪୪ | ୩.୪୬ |
| ନାରାୟଣପୁର | ୬.୫୫ | --- | ୯.୫୫ | --- | ୧୨.୫୫ | --- | ୩.୫୫ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ନାରାୟଣପୁର ⇆ ସୋନପୁର

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | |
|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ନାରାୟଣପୁର | --- | ୭.୧୦ | ---- | ୧୦.୧୦ | ---- | ୧.୧୦ | ---- | ୪.୧୦ |
| ବାଲାଡି | ୭.୧୯ | ୭.୨୧ | ୧୦.୧୯ | ୧୦.୨୧ | ୧.୧୯ | ୧.୨୧ | ୪.୧୯ | ୪.୨୧ |
| ଖରି | ୭.୨୬. | ୭.୨୮ | ୧୦.୨୬ | ୧୦.୨୮ | ୧.୨୬ | ୧.୨୮ | ୪.୨୬ | ୪.୨୮ |
| ଖରଜୁରା | ୭.୩୩ | ୭.୩୫ | ୧୦.୩୩ | ୧୦.୩୫ | ୧.୩୩ | ୧.୩୫ | ୪.୩୩ | ୪.୩୫ |
| ହରଡୋଖୋଲ | ୭.୪୪ | ୭.୪୬ | ୧୦.୪୪ | ୧୦.୪୬ | ୧.୪୪ | ୧.୪୬ | ୪.୪୪ | ୪.୪୬ |
| କଳାପଥର | ୭.୫୩ | ୭.୫୫ | ୧୦.୫୩ | ୧୦.୫୫ | ୧.୫୩ | ୧.୫୫ | ୪.୫୩ | ୪.୫୫ |
| ସୋନପୁର | ୮.୦୮ | --- | ୧୧.୦୫ | --- | ୨.୦୫ | --- | ୫.୦୫ | --- |



## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ସୋନପୁର ⇆ ସୋନପୁର

| | ଟ୍ରିପ୍-୧ | | ଟ୍ରିପ-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ସୋନପୁର | --- | ୬.୦୦ | ---- | ୧୦.୦୦ | ---- | ୨.୦୦ |
| କଳାପଥର | ୬.୧୦ | ୬.୧୨ | ୧୦.୧୦ | ୧୦.୧୨ | ୨.୧୦ | ୨.୧୨ |
| ଅର୍ଜୁନପୁର | ୬.୧୯ | ୬.୨୦ | ୧୦.୧୯ | ୧୦.୨୦ | ୨.୧୯ | ୨.୨୦ |
| ଅଁଳାପାଲି | ୬.୨୬ | ୬.୨୭ | ୧୦.୨୫ | ୧୦.୨୭ | ୨.୨୬ | ୨.୨୭ |
| ମୟୂରୁଦାନ | ୬.୩୩ | ୬.୩୫ | ୧୦.୩୩ | ୧୦.୩୫ | ୨.୩୩ | ୨.୩୫ |
| ଖଲିଆପାଲି | ୬.୪୧ | ୬.୪୩ | ୧୦.୪୧ | ୧୦.୪୩ | ୨.୪୧ | ୨.୪୩ |
| ବଙ୍କତେନତୁଲି | ୬.୪୮ | ୬.୪୯ | ୧୦.୪୮ | ୧୦.୪୯ | ୨.୪୮ | ୨.୪୯ |
| ଲୁପୁରୁସିଂହା | ୬.୫୩ | ୬.୫୪ | ୧୦.୫୩ | ୧୦.୫୪ | ୨.୫୩ | ୨.୫୪ |
| ଲଛିପୁର | ୭.୦୩ | ୭.୦୫ | ୧୧.୦୩ | ୧୧.୦୫ | ୩.୦୩ | ୩.୦୫ |
| ଛକୋରମାଳ | ୭.୨୨ | --- | ୧୧.୨୨ | --- | ୩.୨୨ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ଛକୋରମାଳ ⇆ ସୋନପୁର

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଛକୋରମାଳ | --- | ୭.୪୦ | ---- | ୧୧.୪୦ | ---- | ୩.୪୦ |
| ଲଛିପୁର | ୭.୫୭ | ୭.୫୯ | ୧୧.୫୭ | ୧୧.୫୯ | ୩.୫୭ | ୩.୫୯ |
| ଲୁପୁରୁସିଂହା | ୮.୦୮ | ୮.୦୯ | ୧୨.୦୮ | ୧୨.୦୯ | ୪.୦୮ | ୪.୦୯ |
| ବଙ୍କତେନତୁଲି | ୮.୧୩ | ୮.୧୪ | ୧୨.୧୩ | ୧୨.୧୪ | ୪.୧୩ | ୪.୧୪ |
| ଖଲିଆପାଲି | ୮.୧୯ | ୮.୨୧ | ୧୨.୧୯ | ୧୨.୨୧ | ୪.୧୯ | ୪.୨୧ |
| ମୟୂରୁଦାନ | ୮.୨୭ | ୮.୨୯ | ୧୨.୨୭ | ୧୨.୨୯ | ୪.୨୭ | ୪.୨୯ |
| ଅଁଳାପାଲି | ୮.୩୫ | ୮.୩୬ | ୧୨.୩୫ | ୧୨.୩୬ | ୪.୩୫ | ୪.୩୬ |
| ଅର୍ଜୁନପୁର | ୮.୪୨ | ୮.୪୩ | ୧୨.୪୨ | ୧୨.୪୩ | ୪.୪୨ | ୪.୪୩ |
| କଳାପଥର | ୮.୫୦ | ୮.୫୨ | ୧୨.୫୦ | ୧୨.୫୨ | ୪.୫୦ | ୪.୫୨ |
| ସୋନପୁର | ୯.୦୨ | --- | ୧.୦୨ | --- | ୫.୦୨ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ରେଙ୍ଗାଲି ⇆ ସୋନପୁର

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ରେଙ୍ଗାଲି | --- | ୭.୨୦ | ---- | ୧୧.୫୦ | ---- | ୪.୨୦ |
| ଖଲ୍ଲିଆପାଲି | ୭.୩୧ | ୭.୩୩ | ୧୨.୦୧ | ୧୨.୦୩ | ୪.୩୧ | ୪.୩୩ |
| କଇଁଫୁଲ | ୭.୪୧ | ୭.୪୨ | ୧୨.୧୧ | ୧୨.୧୨ | ୪.୪୧ | ୪.୪୨ |
| ମଲ୍ଲିକମୁଣ୍ଡା | ୭.୪୭. | ୭.୪୯ | ୧୨.୧୭ | ୧୨.୧୯ | ୪.୪୭ | ୪.୪୯ |
| ବିଶିମିଣ୍ଡା | ୭.୫୪ | ୭.୫୬ | ୧୨.୨୪ | ୧୨.୨୬ | ୪.୫୪ | ୪.୫୬ |
| କୁଳିପାଲି | ୮.୦୩ | ୮.୦୪ | ୧୨.୩୩ | ୧୨.୩୪ | ୫.୦୩ | ୫.୦୪ |
| ଯାନମୁରା | ୮.୧୫ | ୮.୧୬ | ୧୨.୪୫ | ୧୨.୪୬ | ୫.୧୫ | ୫.୧୬ |
| ସୋନପୁର | ୮.୨୩ | --- | ୧୨.୫୩ | --- | ୫.୨୩ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ସୋନପୁର ⇆ ରେଙ୍ଗାଲି

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ସୋନପୁର | --- | ୬.୦୦ | ---- | ୧୦.୩୦ | ---- | ୩.୦୦ |
| ଯାନମୁରା | ୬.୦୭ | ୬.୦୯ | ୧୦.୩୭ | ୧୦.୩୯ | ୩.୦୭ | ୩.୦୯ |
| କୁଳିପାଲି | ୬.୨୦ | ୬.୨୧ | ୧୦.୫୦ | ୧୦.୫୧ | ୩.୨୦ | ୩.୨୧ |
| ବିଶିମିଣ୍ଡା | ୬.୨୮ | ୬.୩୦ | ୧୦.୫୮ | ୧୧.୦୦ | ୩.୨୮ | ୩.୩୦ |
| ମଲ୍ଲିକମୁଣ୍ଡା | ୬.୩୫ | ୬.୩୭ | ୧୧.୦୫ | ୧୧.୦୭ | ୩.୩୫ | ୩.୩୭ |
| କଇଁଫୁଲ | ୬.୪୨ | ୬.୪୩ | ୧୧.୧୨ | ୧୧.୧୩ | ୩.୪୨ | ୩.୪୩ |
| ଖଲ୍ଲିଆପାଲି | ୬.୫୧ | ୬.୫୨ | ୧୧.୨୧ | ୧୧.୨୨୨ | ୩.୫୧ | ୩.୫୨ |
| ରେଙ୍ଗାଲି | ୭.୦୩ | --- | ୧୧.୩୩ | --- | ୪.୦୩ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ଡୁଙ୍ଗୁରିପାଲି ⇆ ଇଛାପୁର

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | | ଟ୍ରିପ୍-୫ | | ଟ୍ରିପ୍-୬ | |
|---|---|---|---|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଡୁଙ୍ଗୁରିପାଲି | --- | ୬.୦୦ | ---- | ୮.୦୫ | ---- | ୧୦.୦୫ | ---- | ୧୨.୦୫ | ---- | ୨.୦୫ | ---- | ୪.୦୫ |
| ବଡନୁପାଲି | ୬.୦୬ | ୬.୦୭ | ୮.୧୧ | ୮.୧୨ | ୧୦.୧୧ | ୧୦.୧୨ | ୧୨.୧୧ | ୧୨.୧୨ | ୨.୧୧ | ୨.୧୨ | ୪.୧୧ | ୪.୧୨ |
| ଚେରୁପାଲି | ୬.୧୨ | ୬.୧୪ | ୮.୧୭ | ୮.୧୯ | ୧୦.୧୭ | ୧୦.୧୯ | ୧୨.୧୭ | ୧୨.୧୯ | ୨.୧୭ | ୨.୧୯ | ୪.୧୭ | ୪.୧୯ |
| ସୂଖା | ୬.୨୩ | ୬.୨୫ | ୮.୨୮ | ୮.୩୦ | ୧୦.୨୮ | ୧୦.୩୦ | ୧୨.୨୮ | ୧୨.୩୦ | ୨.୨୮ | ୨.୩୦ | ୪.୨୮ | ୪.୩୦ |
| କର୍ଲାକୁରୀ | ୬.୩୩ | ୬.୩୪ | ୮.୩୮ | ୮.୩୯ | ୧୦.୩୮ | ୧୦.୩୯ | ୧୨.୩୮ | ୧୨.୩୯ | ୨.୩୮ | ୨.୩୯ | ୪.୩୮ | ୪.୩୯ |
| ଫାଟମୁଣ୍ଡା | ୬.୩୭ | ୬.୩୮ | ୮.୪୨ | ୮.୪୩ | ୧୦.୪୨ | ୧୦.୪୩ | ୧୨.୪୨ | ୧୨.୪୩ | ୨.୪୨ | ୨.୪୩ | ୪.୪୨ | ୪.୪୩ |
| ଇଛାପୁର | ୬.୪୧ | --- | ୮.୪୬ | --- | ୧୦.୪୬ | --- | ୧୨.୪୬ | --- | ୨.୪୬ | --- | ୪.୪୬ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ଇଛାପୁର ⇆ ଡୁଙ୍ଗୁରିପାଲି

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | | ଟ୍ରିପ୍-୫ | | ଟ୍ରିପ୍-୬ | |
|---|---|---|---|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଇଛାପୁର | --- | ୭.୦୦ | ---- | ୯.୦୦ | ---- | ୧୧.୦୦ | ---- | ୧.୦୦ | ---- | ୩.୦୦ | ---- | ୫.୦୦ |
| ଫାଟମୁଣ୍ଡା | ୭.୦୩ | ୭.୦୪ | ୯.୦୩ | ୯.୦୪ | ୧୧.୦୩ | ୧୧.୦୪ | ୧.୦୩ | ୧.୦୪ | ୩.୦୩ | ୩.୦୪ | ୫.୦୩ | ୫.୦୪ |
| କର୍ଲାକୁରୀ | ୭.୦୭ | ୭.୦୮ | ୯.୦୭ | ୯.୦୮ | ୧୧.୦୭ | ୧୧.୦୮ | ୧.୦୭ | ୧.୦୮ | ୩.୦୭ | ୩.୦୮ | ୫.୦୭ | ୫.୦୮ |
| ସୂଖା | ୭.୧୬ | ୭.୧୮ | ୯.୧୬ | ୯.୧୮ | ୧୧.୧୬ | ୧୧.୧୮ | ୧.୧୬ | ୧.୧୮ | ୩.୧୬ | ୩.୧୮ | ୫.୧୬ | ୫.୧୮ |
| ଚେରୁପାଲି | ୭.୨୭ | ୭.୨୯ | ୯.୨୭ | ୯.୨୯ | ୧୧.୨୭ | ୧୧.୨୯ | ୧.୨୭ | ୧.୨୯ | ୩.୨୭ | ୩.୨୯ | ୫.୨୭ | ୫.୨୯ |
| ବଡନୁପାଲି | ୭.୩୪ | ୭.୩୫ | ୯.୩୪ | ୯.୩୫ | ୧୧.୩୪ | ୧୧.୩୫ | ୧.୩୪ | ୧.୩୫ | ୩.୩୪ | ୩.୩୫ | ୫.୩୪ | ୫.୩୫ |
| ଡୁଙ୍ଗୁରିପାଲି | ୭.୪୧ | --- | ୯.୪୧ | --- | ୧୧.୪୧ | --- | ୧.୪୧ | --- | ୩.୪୧ | --- | ୫.୪୧ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ଡୁଙ୍ଗୁରିପାଲି ⇆ ଭୀମଟିକରା

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | | ଟ୍ରିପ୍-୫ | |
|---|---|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଡୁଙ୍ଗୁରିପାଲି | --- | ୬.୦୦ | ---- | ୮.୪୦ | ---- | ୧୧.୨୦ | ---- | ୨.୦୦ | ---- | ୪.୪୦ |
| ଶଧାପାଲି | ୬.୦୭ | ୬.୦୮ | ୮.୪୭ | ୮.୪୮ | ୧୧.୨୭ | ୧୧.୨୮ | ୨.୦୭ | ୨.୦୮ | ୪.୪୭ | ୪.୪୮ |
| ବେହେରାମାଳ | ୬.୧୭ | ୬.୧୮ | ୮.୫୭ | ୮.୫୮ | ୧୧.୩୭ | ୧୧.୩୮ | ୨.୧୭ | ୨.୧୮ | ୪.୫୭ | ୪.୫୮ |
| ମାୟାବରହା | ୬.୨୮ | ୬.୩୦ | ୯.୦୮ | ୯.୧୦ | ୧୧.୪୮ | ୧୧.୫୦ | ୨.୨୮ | ୨.୩୦ | ୫.୦୮ | ୫.୧୦ |
| ଟାଙ୍ଗରକର୍ଲି | ୬.୩୫ | ୬.୩୭ | ୯.୧୫ | ୯.୧୭ | ୧୧.୫୫ | ୧୧.୫୭ | ୨.୩୫ | ୨.୩୭ | ୫.୧୫ | ୫.୧୭ |
| ଗଜବନ୍ଧ | ୬.୪୧ | ୬.୪୩ | ୯.୨୧ | ୯.୨୩ | ୧୨.୦୧ | ୧୨.୦୩ | ୨.୪୧ | ୨.୪୩ | ୫.୨୧ | ୫.୨୩ |
| ଅନ୍ଧାରିବାଞ୍ଜି | ୬.୪୫ | ୬.୪୭ | ୯.୨୫ | ୯.୨୭ | ୧୨.୦୫ | ୧୨.୦୭ | ୨.୪୫ | ୨.୪୭ | ୫.୨୫ | ୫.୨୭ |
| ଭୀମଟିକରା | ୬.୫୦ | --- | ୯.୩୦ | --- | ୧୨.୧୦ | --- | ୨.୫୦ | --- | ୫.୩୦ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ଭୀମଟିକରା ⇆ ଡୁଙ୍ଗୁରିପାଲି

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | | ଟ୍ରିପ୍-୫ | |
|---|---|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଭୀମଟିକରା | --- | ୭.୧୦ | ---- | ୯.୫୦ | ---- | ୧୨.୩୦ | ---- | ୩.୧୦ | ---- | ୫.୫୦ |
| ଅନ୍ଧାରିବାଞ୍ଜି | ୭.୧୩ | ୭.୧୫ | ୯.୫୩ | ୯.୫୫ | ୧୨.୩୩ | ୧୨.୩୫ | ୩.୧୩ | ୩.୧୫ | ୫.୫୩ | ୫.୫୫ |
| ଗଜବନ୍ଧ | ୭.୧୭ | ୭.୧୯ | ୯.୫୭ | ୯.୫୯ | ୧୨.୩୭ | ୧୨.୩୯ | ୩.୧୭ | ୩.୧୯ | ୫.୫୭ | ୫.୫୯ |
| ଟାଙ୍ଗରକର୍ଲି | ୭.୨୩ | ୭.୨୫ | ୧୦.୦୩ | ୧୦.୦୫ | ୧୨.୪୩ | ୧୨.୪୫ | ୩.୨୩ | ୩.୨୫ | ୬.୦୩ | ୬.୦୫ |
| ମାୟାବରହା | ୭.୩୦ | ୭.୩୨ | ୧୦.୧୦ | ୧୦.୧୨ | ୧୨.୫୦ | ୧୨.୫୨ | ୩.୩୦ | ୩.୩୨ | ୬.୧୦ | ୬.୧୨ |
| ବେହେରାମାଳ | ୭.୪୨ | ୭.୪୩ | ୧୦.୨୨ | ୧୦.୨୩ | ୧.୦୨ | ୧.୦୩ | ୩.୪୨ | ୩.୪୩ | ୬.୨୨ | ୬.୨୩ |
| ଶଧାପାଲି | ୭.୫୨ | ୭.୫୩ | ୧୦.୩୨ | ୧୦.୩୩ | ୧.୧୨ | ୧.୧୩ | ୩.୫୨ | ୩.୫୩ | ୬.୩୨ | ୬.୩୩ |
| ଡୁଙ୍ଗୁରିପାଲି | ୮.୦୦ | --- | ୧୦.୪୦ | --- | ୧.୨୦ | --- | ୪.୦୦ | --- | ୪.୪୦ | --- |



## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ସୋନପୁର ⇆ ଡୁଙ୍ଗୁରିପାଲି

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | |
|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଡୁଙ୍ଗୁରିପାଲି | --- | ୬.୦୦ | ---- | ୯.୨୦ | ---- | ୧୨.୪୦ | ---- | ୪.୦୦ |
| ସମଲେଇଚୁଆଁ | ୬.୧୦ | ୬.୧୨ | ୯.୩୦ | ୯.୩୨ | ୧୨.୫୦ | ୧୨.୫୨ | ୪.୧୦ | ୪.୧୨ |
| ବେହେରାମାଳ | ୬.୧୭ | ୬.୧୯ | ୯.୩୭ | ୯.୩୯ | ୧୨.୫୭ | ୧୨.୫୯ | ୪.୧୭ | ୪.୧୯ |
| ବାଙ୍କୀପାଲ୍ଲି | ୬.୨୧ | ୬୨୩ | ୯.୪୧ | ୯.୪୩ | ୧.୦୧ | ୧.୦୩ | ୪.୨୧ | ୪.୨୩ |
| କୁଦଡେରା | ୬.୨୪ | ୬.୨୬ | ୯.୪୪ | ୯.୪୬ | ୧.୦୪ | ୧.୦୬ | ୪.୨୪ | ୪.୨୬ |
| ଲୁଡୁକିବେଡ଼ା | ୬.୩୩ | ୬.୩୪ | ୯.୫୩ | ୯.୫୪ | ୧.୧୩ | ୧.୧୪ | ୪.୩୩ | ୪.୩୪ |
| ଲିଙ୍ଗମାର୍ନି | ୬.୪୦ | ୬.୪୨ | ୧୦.୦୦ | ୧୦.୦୨ | ୧.୨୦ | ୧.୨୨ | ୪.୪୦ | ୪.୪୨ |
| ବିଶିପାଲୀ | ୬.୪୯ | ୬.୫୦ | ୧୦.୦୯ | ୧୦.୧୦ | ୧.୨୯ | ୧.୩୦ | ୪.୪୯ | ୪.୫୦ |
| ସହଜବାହାଲ | ୬.୫୬ | ୬.୫୭ | ୧୦.୧୬ | ୧୦.୧୭ | ୧.୩୬ | ୧.୩୭ | ୪.୫୬ | ୪.୫୭ |
| ମାୟାବରହା | ୭.୦୦ | ୭.୦୨ | ୧୦.୨୦ | ୧୦.୨୨ | ୧.୪୦ | ୧.୪୨ | ୫.୦୦ | ୫.୦୨ |
| ପଣ୍ଡକିଟଲ | ୭.୦୫ | ୭.୦୭ | ୧୦.୨୫ | ୧୦.୨୭ | ୧.୪୫ | ୧.୪୭ | ୫.୦୫ | ୫.୦୭ |
| ନାଇକେନପାଲୀ | ୭.୧୦ | ୭.୧୨ | ୧୦.୩୦ | ୧୦.୩୨ | ୧.୫୦ | ୧.୫୨ | ୫.୧୦ | ୫.୧୨ |
| ସାରସମାଳ | ୭.୧୪ | ୭.୧୫ | ୧୦.୩୪ | ୧୦.୩୫ | ୧.୫୪ | ୧.୫୫ | ୫.୧୪ | ୫.୧୫ |
| ରାମପୁର | ୭.୨୦ | --- | ୧୦.୪୦ | --- | ୨.୦୦ | --- | ୫.୨୦ | --- |

## ସୋନପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ରାମପୁର ⇆ ଡୁଙ୍ଗୁରିପାଲି

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | |
|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ରାମପୁର | --- | ୭.୩୫ | ---- | ୧୦.୫୫ | ---- | ୨.୧୫ | ---- | ୫.୩୫ |
| ସାରସମାଳ | ୭.୪୦ | ୭.୪୧ | ୧୧.୦୦ | ୧୧.୦୧ | ୨.୨୦ | ୨.୨୧ | ୫.୪୦ | ୫.୪୧ |
| ନାଇକେନପାଲୀ | ୭.୪୩ | ୭.୪୫ | ୧୧.୦୩ | ୧୧.୦୫ | ୨.୨୩ | ୨.୨୫ | ୫.୪୩ | ୫.୪୫ |
| ପଣ୍ଡକିଟଲ | ୭.୪୮ | ୭.୫୦ | ୧୧.୦୮ | ୧୧.୧୦ | ୨.୨୮ | ୨.୩୦ | ୫.୪୮ | ୫.୫୦ |
| ମାୟାବରହା | ୭.୫୩ | ୭.୫୫ | ୧୧.୧୩ | ୧୧.୧୫ | ୨.୩୩ | ୨.୩୫ | ୫.୫୩ | ୫.୫୫ |
| ସହଜବାହାଲ | ୭.୫୮ | ୭.୫୯ | ୧୧.୧୮ | ୧୧.୧୯ | ୨.୩୮ | ୨.୩୯ | ୫.୫୮ | ୫.୫୯ |
| ବିଶିପାଲୀ | ୮.୦୫ | ୮.୦୬ | ୧୧.୨୫ | ୧୧.୨୬ | ୨.୪୫ | ୨.୪୬ | ୬.୦୫ | ୬.୦୬ |
| ଲିଙ୍ଗମାର୍ନି | ୮.୧୩ | ୮.୧୫ | ୧୧.୩୩ | ୧୧.୩୫ | ୨.୫୩ | ୨.୫୫ | ୬.୧୩ | ୬.୧୫ |
| ଲୁଡୁକିବେଡ଼ା | ୮.୨୧ | ୮.୨୨ | ୧୧.୪୧ | ୧୧.୪୨ | ୩.୦୧ | ୩.୦୨ | ୬.୨୧ | ୬.୨୨ |
| କୁଦଡେରା | ୮.୨୯ | ୮.୩୧ | ୧୧.୪୯ | ୧୧.୫୧ | ୩.୦୯ | ୩.୧୧ | ୬.୨୯ | ୬.୩୧ |
| ବାଙ୍କୀପାଲ୍ଲି | ୮.୩୨ | ୮.୩୪ | ୧୧.୫୨ | ୧୧.୫୪ | ୩.୧୨ | ୩.୧୪ | ୬.୩୨ | ୬.୩୪ |
| ବେହେରାମାଳ | ୮.୩୬ | ୮.୩୮ | ୧୧.୫୬ | ୧୧.୫୮ | ୩.୧୬ | ୩.୧୮ | ୬.୩୬ | ୬.୩୮ |
| ସମଲେଇଚୁଆଁ | ୮.୪୩ | ୮.୪୫ | ୧୨.୦୩ | ୧୨.୦୫ | ୩.୨୩ | ୩.୨୫ | ୬.୪୩ | ୬.୪୫ |
| ଡୁଙ୍ଗୁରିପାଲି | ୮.୫୫ | --- | ୧୨.୧୫ | --- | ୩.୩୫ | --- | ୬.୫୫ | -- |

## ବିନିକା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ବିନିକା ⇆ କୁଲୁଣ୍ଡା

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | |
|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବିନିକା | -- | ୬.୦୦ | -- | ୯.୨୦ | -- | ୧୨.୪୦ | -- | ୪.୦୦ |
| ଉର୍ଲି | ୬.୦୭ | ୬.୦୮ | ୯.୨୭ | ୯.୨୮ | ୧୨.୪୭ | ୧୨.୪୮ | ୪.୦୭ | ୪.୦୮ |
| ଚରଡ଼ା | ୬.୧୪ | ୬.୧୬ | ୯.୩୪ | ୯.୩୬ | ୧୨.୫୪ | ୧୨.୫୬ | ୪.୧୪ | ୪.୧୬ |
| ଶଙ୍କରା | ୬.୨୧ | ୬.୨୩ | ୯.୪୧ | ୯.୪୩ | ୧.୦୧ | ୧.୦୩ | ୪.୨୧ | ୪.୨୩ |
| କଉଡ଼ିଆମୁଣ୍ଡା | ୬.୩୧ | ୬.୩୨ | ୯.୫୧ | ୯.୫୨ | ୧.୧୧ | ୧.୧୨ | ୪.୩୧ | ୪.୩୨ |
| ମାହାଡ଼ା | ୬.୪୪ | ୬.୪୬ | ୧୦.୦୪ | ୧୦.୦୬ | ୧.୨୪ | ୧.୨୬ | ୪.୪୪ | ୪.୪୬ |
| କୁଇବାହଲ | ୬.୫୯ | ୭.୦୧ | ୧୦.୧୯ | ୧୦.୨୧ | ୧.୩୯ | ୧.୪୧ | ୪.୫୯ | ୫.୦୧ |
| ଅମାମୁଣ୍ଡା ଖେଳପଡ଼ିଆ | ୭.୦୭ | ୭.୦୮ | ୧୦.୨୭ | ୧୦.୨୮ | ୧.୪୭ | ୧.୪୮ | ୫.୦୭ | ୫.୦୮ |
| କୁଲୁଣ୍ଡା | ୭.୧୬ | -- | ୧୦.୩୬ | -- | ୧.୫୬ | -- | ୫.୧୬ | -- |

## ବିନିକା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### କୁଲୁଣ୍ଡା ⇆ ବିନିକା

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | |
|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| କୁଲୁଣ୍ଡା | -- | ୭.୩୦ | -- | ୧୦.୫୦ | -- | ୨.୧୦ | -- | ୫.୩୦ |
| ଅମାମୁଣ୍ଡା ଖେଳପଡ଼ିଆ | ୭.୩୮ | ୭.୩୯ | ୧୦.୫୮ | ୧୦.୫୯ | ୨.୧୮ | ୨.୧୯ | ୫.୩୮ | ୫.୩୯ |
| କୁଇବାହଲ | ୭.୪୫ | ୭.୪୬ | ୧୧.୦୫ | ୧୧.୦୬ | ୨.୨୫ | ୨.୨୬ | ୫.୪୫ | ୫.୪୬ |
| ମାହାଡ଼ା | ୭.୫୯ | ୮.୦୦ | ୧୧.୧୯ | ୧୧.୨୦ | ୨.୩୯ | ୨.୪୦ | ୫.୫୯ | ୬.୦୦ |
| କଉଡ଼ିଆମୁଣ୍ଡା | ୮.୧୨ | ୮.୧୩ | ୧୧.୩୨ | ୧୧.୩୩ | ୨.୫୨ | ୨.୫୩ | ୬.୧୨ | ୬.୧୩ |
| ଶଙ୍କରା | ୮.୨୧ | ୮.୨୩ | ୧୧.୪୧ | ୧୧.୪୩ | ୩.୦୧ | ୩.୦୩ | ୬.୨୧ | ୬.୨୩ |
| ଚରଡ଼ା | ୮.୨୮ | ୮.୩୦ | ୧୧.୪୮ | ୧୧.୫୦ | ୩.୦୮ | ୩.୧୦ | ୬.୨୮ | ୬.୩୦ |
| ଉର୍ଲି | ୮.୩୬ | ୮.୩୮ | ୧୧.୫୬ | ୧୧.୫୮ | ୩.୧୬ | ୩.୧୮ | ୬.୩୬ | ୬.୩୮ |
| ବିନିକା | ୮.୪୫ | -- | ୧୨.୦୫ | -- | ୩.୨୫ | -- | ୬.୪୫ | -- |

For more information Please login to http://www.osrtc.in/notificationsAndCirculars.html

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ମାର୍ଚ୍ଚ, ୨୦୨୪

OSRTC — ଆମ ଓଡ଼ିଶା ନବୀନ ଓଡ଼ିଶା — LAXMI

# ବାଲେଶ୍ୱର ଜିଲ୍ଲା

## ଘରେ ଘରେ ଲକ୍ଷ୍ମୀ

### ବାହାନଗା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ (ରୁଟ୍-୧)

#### ବାଲେଶ୍ୱର ⇆ ବାହାନଗା

| ବସ୍ ଷ୍ଟପ୍ | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବାହାନଗା | -- | ୬:୦୦ | -- | ୧୧:୦୦ | -- | ୧୫:୦୦ |
| ମଙ୍ଗଳାଛକ | ୬:୦୬ | ୬:୦୭ | ୧୧:୦୬ | ୧୧:୦୭ | ୧୫:୦୬ | ୧୫:୦୭ |
| ପଣ୍ଡାସୁଣି | ୬:୧୨ | ୬:୧୪ | ୧୧:୧୨ | ୧୧:୧୪ | ୧୫:୧୨ | ୧୫:୧୪ |
| ଗୋପାଳପୁର ଟାଉନ ସ୍କୋୟାର | ୬:୧୭ | ୬:୧୮ | ୧୧:୧୭ | ୧୧:୧୮ | ୧୫:୧୭ | ୧୫:୧୮ |
| କଲ୍ୟାଣୀ ଏବଂ ନୂଆପୁର | ୬:୨୬ | ୬:୨୮ | ୧୧:୨୬ | ୧୧:୨୮ | ୧୫:୨୬ | ୧୫:୨୮ |
| ତାଳପଡା | ୬:୩୩ | ୬:୩୪ | ୧୧:୩୩ | ୧୧:୩୪ | ୧୫:୩୩ | ୧୫:୩୪ |
| ଜଗନ୍ନାଥପୁର | ୬:୩୯ | ୬:୪୧ | ୧୧:୩୯ | ୧୧:୪୧ | ୧୫:୩୯ | ୧୫:୪୧ |
| ବାରିପଦା | ୬:୪୪ | ୬:୪୬ | ୧୧:୪୪ | ୧୧:୪୬ | ୧୫:୪୪ | ୧୫:୪୬ |
| ଆରୁହାପଦା | ୬:୫୨ | ୬:୫୪ | ୧୧:୫୨ | ୧୧:୫୪ | ୧୫:୫୨ | ୧୫:୫୪ |
| ବିଷ୍ଣୁପୁର | ୭:୦୨ | ୭:୦୪ | ୧୨:୦୨ | ୧୨:୦୪ | ୧୬:୦୨ | ୧୬:୦୪ |
| ଅଭଣା | ୭:୦୭ | ୭:୦୯ | ୧୨:୦୭ | ୧୨:୦୯ | ୧୬:୦୭ | ୧୬:୦୯ |
| ଖରସାହାପୁର | ୭:୧୬ | -- | ୧୨:୧୬ | -- | ୧୬:୧୬ | -- |
| | ୭:୨୦ | ୭:୩୦ | ୧୨:୨୦ | ୧୨:୩୦ | ୧୬:୨୦ | ୧୬:୩୦ |

#### ବାହାନଗା ⇆ ବାଲେଶ୍ୱର

| ବସ୍ ଷ୍ଟପ୍ | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | |
|---|---|---|---|---|---|---|
| | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବାହାନଗା | -- | ୭:୩୦ | -- | ୧୨:୩୦ | -- | ୧୬:୩୦ |
| ମଙ୍ଗଳାଛକ | ୭:୩୭ | ୭:୩୯ | ୧୨:୩୭ | ୧୨:୩୯ | ୧୬:୩୭ | ୧୬:୩୯ |
| ପଣ୍ଡାସୁଣି | ୭:୪୨ | ୭:୪୪ | ୧୨:୪୨ | ୧୨:୪୪ | ୧୬:୪୨ | ୧୬:୪୪ |

For more information Please login to http://www.osrtc.in/notificationsAndCirculars.html

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୨୪ Bhubaneswar, Tuesday, March 12/ 2024

# କଳିଙ୍ଗରେ ଭାରତୀୟ ପୁରୁଷ ହକି କୋଚିଂ କ୍ୟାମ୍ପ



- ମଙ୍ଗଳବାରଠାରୁ ୩୦ ପର୍ଯ୍ୟନ୍ତ ଚାଲିବ
- କ୍ୟାମ୍ପ ପାଇଁ ୨୮ ଜଣିଆ କୋର୍ ଗ୍ରୁପ୍ ଘୋଷିତ
- ଓଡ଼ିଶାରୁ ଅମିତ ରୋହିଦାସ ସାମିଲ

ଭୁବନେଶ୍ୱର, ୧୧।୩

(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ସିନିୟର ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ମଙ୍ଗଳବାର ଆରମ୍ଭ ହେବ। ଏହା ୩୦ ପର୍ଯ୍ୟନ୍ତ ଚାଲିବ। ଆଗକୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଆସୁଥିବାରୁ ଏହି କ୍ୟାମ୍ପ ଦଳପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ପ୍ରୋ ଲିଗ୍‌ର ଅନ୍ତିମ ଚରଣ ଏବଂ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପଦେବା ଭାରତୀୟ ଦଳର ମୁଖ୍ୟ ଲକ୍ଷ୍ୟ ହେବ। କ୍ୟାମ୍ପ ଲାଗି ସୋମବାର ୨୮ ଜଣିଆ ସମ୍ଭାବ୍ୟ ଭାରତୀୟ କୋର୍ ଗ୍ରୁପ୍ ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ତାରକା ଡିଫେଣ୍ଡର ଅମିତ ରୋହିଦାସ ସାମିଲ ଅଛନ୍ତି।

୨୦୨୩-୨୪ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ପ୍ରଥମ ଚରଣରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିଥିଲା। କିଛି ଦିନର ବ୍ରେକ୍ ପରେ ଭାରତୀୟ ଖେଳାଳିମାନେ କ୍ୟାମ୍ପକୁ ଫେରୁଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ଦଳ ମୋଟ ୮ଟି ପ୍ରୋ ଲିଗ୍ ମ୍ୟାଚ ଖେଳି ୧୫ ପଏଣ୍ଟ ପାଇଛି। ଭାରତ ୩ ମ୍ୟାଚରେ ବିଜୟୀ ହୋଇଥିବାବେଳେ ୨ଟି ଶୁଟ୍ ଆଉଟ ବିଜୟ, ୨ଟି ଶୁଟ୍ ଆଉଟ ପରାଜୟ ଓ ଗୋଟିଏ ମ୍ୟାଚରେ ପରାଜୟ ସ୍ୱାଦ ଚାଖିଛି। ପଏଣ୍ଟ ଟେବୁଲରେ ଭାରତ ଏବେ ନେଦରଲାଣ୍ଡ୍ସ (୧୨ ମ୍ୟାଚରୁ ୨୬) ଓ ଅଷ୍ଟ୍ରେଲିଆ (୮ ମ୍ୟାଚରୁ ୨୦) ପଛକୁ ତୃତୀୟ ସ୍ଥାନରେ ରହିଛି। ପ୍ରୋ ଲିଗ୍‌ର ପରବର୍ତ୍ତୀ ପର୍ଯ୍ୟାୟ ବେଲଜିୟମର ଆଣ୍ଟୱେର୍ପରେ ମେ' ୨୨ରୁ ଆରମ୍ଭ ହେବ। ଏହାପରେ ଜୁନ୍ ୧ରୁ ଲଣ୍ଡନ ଏବଂ ଶେଷ ପର୍ଯ୍ୟାୟ ନେଦରଲାଣ୍ଡ୍ସରେ ଅନୁଷ୍ଠିତ ହେବ।

ଜାତୀୟ କୋଚିଂ କ୍ୟାମ୍ପ ପାଇଁ ଘୋଷିତ କୋର୍ ଗ୍ରୁପ୍‌ରେ ୩ ଗୋଲକିପର, ୭ ଡିଫେଣ୍ଡର, ୮ ମିଡ୍‌ଫିଲ୍ଡର ଓ ୧୦ ଫରୱାର୍ଡଙ୍କୁ ନିଆ ଯାଇଛି। ଓଡ଼ିଶାରୁ ଏକମାତ୍ର ଅମିତ ସ୍ଥାନ ପାଇଛନ୍ତି। ଆଗକୁ ପ୍ରୋ ଲିଗ୍‌ର ଅନ୍ତିମ ଚରଣ ଏବଂ ଅଲିମ୍ପିକ୍ସ ଆସୁଥିବାରୁ ଏହି କ୍ୟାମ୍ପକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଉଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ। ''କ୍ୟାମ୍ପପରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯାଇ ଏକ ଟେଷ୍ଟ ସିରିଜ ଖେଳିବ। ତା' ପୂର୍ବରୁ ଏହି କ୍ୟାମ୍ପରେ ପ୍ରତିଟି ବିଭାଗ ଉପରେ ଫୋକସ ରଖାଯିବ। ଟେଷ୍ଟ ସିରିଜ ପୂର୍ବରୁ ଆମେ ଯେପରି ସବୁ ବିଭାଗରେ ଦୃଢ଼ ହୋଇପାରିବୁ ତା' ଉପରେ ଦୃଷ୍ଟି ଦେବୁ। କ୍ୟାମ୍ପ ପାଇଁ ଆମେ ଅଭିଜ୍ଞ ଖେଳାଳିଙ୍କୁ ସାମିଲ କରିଛୁ। ଯେଉଁ କେତେଜଣ ଯୁବ ଖେଳାଳି ସାମିଲ ହୋଇଛନ୍ତି ସେମାନେ ପ୍ରୋ ଲିଗ୍ ଖେଳି ସାରିଛନ୍ତି। ଓଡ଼ିଶାରେ ପ୍ରୋ ଲିଗ୍ ଏକ ମିନି ଟୁର୍ନାମେଣ୍ଟ ଏବଂ ଏହା ଏକ ଟେଷ୍ଟିଂ ଗ୍ରାଉଣ୍ଡ ସଦୃଶ ଥିଲା। ତେବେ ଏବେ ମଧ୍ୟ ଆମକୁ କେତେକ ବିଭାଗରେ ଉନ୍ନତି କରିବାର ଅଛି। ପ୍ରୋ ଲିଗ୍‌ର ଅନ୍ତିମ ଚରଣ ଏବଂ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଆମେ ଯେପରି ପ୍ରତିଟି ବିଭାଗରେ ଦୃଢ଼ ହୋଇପାରିବୁ ତା' ଉପରେ ଫୋକସ ରହିବ'' ବୋଲି ଫୁଲଟନ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳ ଗ୍ରୁପ୍ 'ବି'ରେ ବେଲଜିୟମ, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ ସହିତ ସ୍ଥାନ ପାଇଛି।

## ୨୮ ଜଣିଆ କୋର୍ ଗ୍ରୁପ୍

ଗୋଲକିପର୍ସ: କ୍ରିଷ୍ଣନ ବାହାଦୂର ପାଠକ, ପି.ଆର. ଶ୍ରୀଜେଶ, ସୂରଜ କରକେରା। ଡିଫେଣ୍ଡର୍ସ: ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ସୁମିତ, ଅମିର ଅଲୀ। ମିଡ୍‌ଫିଲ୍ଡର୍ସ: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ଶମଶେର ସିଂ, ନିଳକାନ୍ତ ଶର୍ମା, ରାଜକୁମାର ପାଲ, ବିଷ୍ଣୁକାନ୍ତ ସିଂ। ଫରୱାର୍ଡ୍ସ: ଆକାଶଦୀପ ସିଂ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ, ସୁଖଜିତ ସିଂ, ଗୁରଜାନ୍ତ ସିଂ, ମହମ୍ମଦ ରାହିଲ ମୌସିନ, ବବି ସିଂ ଧାମି, ଅରାଇଜିତ ସିଂ ହୁଣ୍ଡାଲ।

# ଅଷ୍ଟ୍ରେଲିଆର କ୍ଲିନ ସୁଇପ୍



ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ୍ ବିଜୟୀ ଅଷ୍ଟ୍ରେଲିଆ ଦଳ।

କ୍ରିଷ୍ଟଚର୍ଚ୍ଚ, ୧୧।୩(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୩ ଉଇକେଟରେ ଜିତିବା ସହ ଅଷ୍ଟ୍ରେଲିଆ ସିରିଜ୍ କ୍ଲିନ୍ ସୁଇପ୍ କରିଛି। ଅଷ୍ଟ୍ରେଲିଆକୁ ବିଜୟ ପାଇଁ ୨୦୨ ରନ୍ ଆବଶ୍ୟକ ଥିବା ବେଳେ ନ୍ୟୁଜିଲାଣ୍ଡକୁ ଦରକାର ଥିଲା ୬ ଉଇକେଟ। ତେବେ ଆଲେକ୍ସ କାରେ ଅପରାଜିତ ୯୮ ରନ୍ ସ୍କୋର କରିବା ସହ ଦଳକୁ ବିଜୟୀ କରିଥିଲେ। ପ୍ରଥମ ଇନିଂସରେ ୯୪ ରନ୍ ପଛରେ ରହିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୩୭୨ ରନ୍ କରିଥିଲା। ୨୭୯ ରନ୍‌ର ଲକ୍ଷ୍ୟ ରହିଥିବା ବେଳେ ତୃତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୭୭ ରନ୍ କରିଥିଲା।

ଚତୁର୍ଥ ଦିନ ଆଉ ୩ ରନ୍ ଯୋଡି ଦଳୀୟ ସ୍କୋର ୮୦ ରନ୍‌ରେ ଟ୍ରାଭିସ୍ ହେଡ୍(୧୮)ଙ୍କ ଉଇକେଟ ହରାଇଥିଲା ଅଷ୍ଟ୍ରେଲିଆ। ତେବେ ମିଚେଲ ମାର୍ଶ (୮୦) ଓ ଆଲେକ୍ସ କାରେ(୯୮*) ଚମତ୍କାର ବ୍ୟାଟିଂ କରି ୧୪୦ ରନ୍ ଯୋଡିଥିଲେ। ୧୦୨ ବଲ୍ ଖେଳି ୧୦ ଚୌକା ଓ ୧ ଛକା ମାରିଥିବା ମିଚେଲ୍ ମାର୍ଶଙ୍କୁ ଆଉଟ କରିଥିଲେ ପଦାର୍ପଣକାରୀ ବେନ୍ ସିଅର୍ସ। ଏହାର ପରବର୍ତ୍ତୀ ବଲ୍‌ରେ ଖାତା ଖୋଲିବା ଆଗରୁ ମିଚେଲ୍ ଷ୍ଟାର୍କଙ୍କୁ ଆଉଟ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ ସିଅର୍ସ। ତେବେ ଆଲେକ୍ସ କାରେ ଓ ଅଧିନାୟକ ପ୍ୟାଟ୍ କମିନ୍ସ(୩୨*) ଅବିଭାଜି ୬୧ ରନ୍ ଯୋଡି ଦଳକୁ ବିଜୟୀ କରିଥିଲେ। କାରେ ୧୨୩ ବଲ୍ ଖେଳି ୧୫ ଚୌକା ସହ ୯୮ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟ ପକ୍ଷରେ କମିନ୍ସ ୪୪ ବଲ୍ ଖେଳି ୪ ଚୌକା ସହ ୩୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବେନ୍ ସିଅର୍ସ ୪ ଉଇକେଟ ନେଇଥିବା ବେଳେ ମ୍ୟାଟ୍ ହେନରୀ ୨ ଓ ଟିମ୍ ସାଉଦି ୧ ଉଇକେଟ ନେଇଥିଲେ। ଆଲେକ୍ସ କାରେଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ମ୍ୟାଟ୍ ହେନରୀଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୬୨/୧୦। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୫୬/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୩୭୨/୧୦। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୬୫ ଓଭରରେ ୨୮୧/୭(ଆଲେକ୍ସ କାରେ-୯୮*, ମିଚେଲ୍ ମାର୍ଶ-୮୦, ପ୍ୟାଟ୍ କମିନ୍ସ-୩୨*, ବେନ୍ ସିଅର୍ସ-୪/୯୦, ମ୍ୟାଟ୍ ହେନରୀ-୨/୯୪, ଟିମ୍ ସାଉଦି-୧/୩୯)।

# ରୁଦ୍ରାଂଶ ଖଣ୍ଡେଲୱାଲଙ୍କୁ ରୌପ୍ୟ

## ପାରା ୱାର୍ଲ୍ଡ କପ୍

ନୂଆଦିଲ୍ଲୀ, ୧୧।୩ (ପି.ଟି.)

ଭାରତର ରୁଦ୍ରାଂଶ ଖଣ୍ଡେଲୱାଲ ଓ ନିହାଲ ସିଂ ଯଥାକ୍ରମେ ଏଠାରେ ଚାଲିଥିବା ପାରା ଶୁଟିଂ ବିଶ୍ୱକପ୍‌ର ତୃତୀୟ ଦିବସରେ ମିକ୍ସଡ ୫୦ ମିଟର ପିସ୍ତଲ (ଏସ୍‌ଏଚ୍-୧) କାଟେଗୋରିରେ ଯଥାକ୍ରମେ ଗୋଟିଏ ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରୁଦ୍ରାଂଶ, ନିହାଲ ଓ ଟୋକିଓ ପାରାଲିମ୍ପିକ୍ସ ରୌପ୍ୟ ବିଜେତା ସିଂହରାଜ ଆହୁରି ମଧ୍ୟ ମିକ୍ସଡ ୫୦ ମିଟର ପିସ୍ତଲ (ଏସ୍‌ଏଚ୍-୧) ଟିମ୍ ରୌପ୍ୟ ପଦକ ପାଇଛନ୍ତି। ଚାଇନା ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଗତବର୍ଷ ପ୍ୟାରିସ ପାରାଲିମ୍ପିକ୍ସ ଲାଗି ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ସ୍ୱଳ୍ପ ବୟସ୍କ ଶୁଟର ରୁଦ୍ରାଂଶ ଫାଇନାଲରେ ୨୨୩.୨ ଶଟ ସହ ଦ୍ୱିତୀୟ ହୋଇଥିବା ବେଳେ ଇଟାଲୀର ଡେଭିଡ୍ ଫ୍ୟାନ୍‌ସେସ୍‌ଚେଙ୍ଗି ମୋଟ ୨୩୦.୦ ସ୍କୋର ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନିହାଲ ୨୦୨.୮ ପଏଣ୍ଟ ସହ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୂର୍ବରୁ କ୍ୱାଲିଫିକେଶନ ରାଉଣ୍ଡରେ ରୁଦ୍ରାଂଶ ୫୩୦ ଶଟ୍ ଓ ନିହାଲ ୫୨୭ ସହ ଯଥାକ୍ରମେ ୬ଷ୍ଠ ଓ ୭ମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ୮ଜଣ ଶୁଟରଙ୍କୁ ନେଇ ଅନୁଷ୍ଠିତ ଫାଇନାଲକୁ ଉନ୍ନୀତ ହୋଇଥିଲେ। ମିକ୍ସଡ ୫୦ ମିଟର ପିସ୍ତଲ (ଏସ୍‌ଏଚ୍) ଟିମ୍ ଇଭେଣ୍ଟରେ ରୁଦ୍ରାଂଶ (୫୩୦), ନିହାଲ (୫୨୭) ଓ ସିଂହରାଜ (୫୧୬) ଏଗ୍ରିଗେଟ୍ ୧୫୭୩ ସହ ରୌପ୍ୟ ଜିତିଥିବା ବେଳେ ଚାଇନା ମିଳିତ ଭାବେ ୧୬୧୧ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଭ କରିଛି। ସମ୍ମାନଜନକ ପାରା ୱାର୍ଲ୍ଡ କପ୍‌ରେ ରାଇଫଲ ଶୁଟର ମୋନା ଅଗ୍ରୱାଲ କେବଳ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି।



ରୁଦ୍ରାଂଶ ଖଣ୍ଡେଲୱାଲ

# ପୂର୍ବାଞ୍ଚଳ ପେନ୍‌ଚାକ୍ ସିଲାଟରେ ଓଡ଼ିଶାକୁ ୨୧ ପଦକ

ଭୁବନେଶ୍ୱର, ୧୧।୩

(ତପନ ସ୍ୱାଇଁ)

କୋଲକତାଠାରେ ଗତ ୮ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ୫ମ ପୂର୍ବାଞ୍ଚଳ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ମୋଟ ୨୧ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୧୨ସ୍ୱର୍ଣ୍ଣ , ୫ ରୌପ୍ୟ ପଦକ, ୪ ବ୍ରୋଞ୍ଜ ପଦକ ସାମିଲ। ଟିମ୍ କୋଚ୍ ନବ କିଶୋର ପାଇକରାୟ, ଶ୍ରୀତମ ସାହୁ ଓ ପ୍ରକାଶ ବେହେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୨୬ଜଣ ପ୍ରତିଭାବାନ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ରାଜଶ୍ରୀ ସିଂ, ତୁଷାର ବେହେରା, ସାଇସ ପ୍ରେମ ସାହୁ, ଅଭିଷେକ ସ୍ୱାଇଁ, ଆୟୁଷ ବଳିୟାର ସିଂ,କହ୍ନେୟା ପାତ୍ର, ଅର୍ପିତା ଜାଲି, ହର୍ଷିତା ହରପ୍ରିୟା ଧଳ, ସାନ ଅଲ ନୱାଜ୍ ଖାନ୍, ଅନୁଜ ଚୌଧୁରୀ, ପ୍ରିଞ୍ଜାଲିନ ତରାଇ, ପଲଭି କିଶନ ସ୍ୱର୍ଣ୍ଣ ପଦକ, ରୁଦ୍ର ପ୍ରସନ୍ନ ମିଶ୍ର, ବଶ୍ୱ ପ୍ରକାଶ ଜେନା, ଦେବେନ୍ଦ୍ର ନାଥ ଧଳ, ଯୋଗାଂଶୁ ଦାଶ, ଚାନ୍ଦିନୀ ନାୟକ ରୌପ୍ୟ ଓ ଶ୍ୟାମ ଧାରୁଆ, ପ୍ରକାଶ ବେହେରା, ରଞ୍ଜିତ ନାୟକ, ଦିବ୍ୟ ରଞ୍ଜନ ପ୍ରଧାନ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଜୀତେନ୍ଦ୍ର କୁମାର ରାଉତ, ଆଶୁତୋଷ ନାୟକ, ଅମରେନ୍ଦ୍ର ଦେ, ମୁନା ବାରିକ ରେଫରି ଭାବରେ ଯୋଗ ଦେଇଥିଲେ।



ପୂର୍ବାଞ୍ଚଳ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ବାଂଲାଦେଶ ସିରିଜ ବେଳକୁ ଫେରିପାରନ୍ତି ଶାମି

ଧର୍ମଶାଳା, ୧୧।୩ (ପି.ଟି.)

ଭାରତର ପ୍ରମୁଖ ପେସ୍ ବୋଲର ମହମ୍ମଦ ଶାମି ସେପ୍ଟେମ୍ବରରେ ହେବାକୁ ଥିବା ବାଂଲାଦେଶ ବିପକ୍ଷ ଘରୋଇ ସିରିଜ ବେଳକୁ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଗତ ମାସରେ ଶାମିଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଛି। ଏଥିପାଇଁ ସେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଖେଳିପାରି ନ ଥିଲେ। ସେ ଆଇପିଏଲ୍‌ରେ ଖେଳିପାରିବେ ନାହିଁ। ସେ ଆହୁରି ମଧ୍ୟ ଜୁନ୍‌ରେ ୱେଷ୍ଟଇଣ୍ଡିଜ ଓ ଆମେରିକା ମିଳିତ ଭାବେ ଆୟୋଜନ କରୁଥିବା ଟି୨୦ ବିଶ୍ୱକପ୍ ଖେଳିବାକୁ ବଞ୍ଚିତ ହେବେ। ଶାମି ଶେଷଥର ଭାରତ ପାଇଁ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌ରେ ଖେଳିଥିଲେ। ଏଥିରେ ତାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା।

# ରଣଜୀ ଫାଇନାଲ: ଦୃଢ଼ ସ୍ଥିତିରେ ମୁମ୍ବାଇ

ମୁମ୍ବାଇ, ୧୧।୩(ପି.ଟି.)

ୱାଙ୍ଖେଡେ ଷ୍ଟାଡିୟମରେ ଖେଳା ଯାଉଥିବା ରଣଜୀ ଟ୍ରଫି ଫାଇନାଲରେ ଦୃଢ଼ ସ୍ଥିତିରେ ରହିଛି ମୁମ୍ବାଇ। ପ୍ରଥମ ଦିନରେ ଶାର୍ଦ୍ଦୂଳ ଠାକୁରଙ୍କ ଲଢୁଆ ବ୍ୟାଟିଂ ବଳରେ ୨୨୪ ରନ୍ କରିଥିବା ବେଳେ ବୋଲରଙ୍କ ସଫଳତା ବଳରେ ବିଦର୍ଭକୁ ୧୦୫ ରନ୍‌ରେ ଅଲଆଉଟ କରିଥିଲା। ୧୧୯ ରନ୍‌ରେ ଆଗୁଆ ରହିବା ପରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୨ ଉଇକେଟରେ ୧୪୧ ରନ୍ କରି ୨୬୦ ରନ୍‌ରେ ଆଗୁଆ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୧/୩ରୁ ଖେଳ ଆରମ୍ଭ କରିଥିଲା ବିଦର୍ଭ। କୌଣସି ବ୍ୟାଟର ମୁମ୍ବାଇ ବୋଲରଙ୍କ ମୁକାବିଲା କରିବାରେ ସମର୍ଥ ହୋଇ ନ ଥିବା ବେଳେ ବିଦର୍ଭ ୧୦୫ ରନ୍‌ରେ ଅଲଆଉଟ ହୋଇଥିଲା। ସେମିର ପ୍ଲେୟର ଅଫ୍ ଦ ମ୍ୟାଚ୍ ଯଶ ରାଠୋଡ ସର୍ବାଧିକ ୨୭ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଥର୍ବ ତାଇଡେ ୨୩, ଆଦିତ୍ୟ ଠାକରେ ୧୯ ଓ ଯଶ ଠାକୁର ୧୬ ରନ୍ କରିଥିଲେ। ଏହି ୪ ଖେଳାଳିଙ୍କୁ ବାଦ ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ମୁମ୍ବାଇ ପକ୍ଷରୁ ତନୁଶ କୋଟିଆନ୍, ସାମ୍ସ ମୁଲାନି ଓ ଧୱଲ କୁଲକର୍ଣ୍ଣୀ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ଶାର୍ଦ୍ଦୂଳ ଠାକୁର ଗୋଟିଏ ଉଇକେଟ ନେଇଥିଲେ।

ମୁମ୍ବାଇ ଦ୍ୱିତୀୟ ଇନିଂସ ଆରମ୍ଭ କରି ୩୪ ରନ୍ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ପୃଥ୍ୱୀ ଶ(୧୧) ଓ ଭୂପେନ ଲାଲୱାନି(୧୮) ବିଫଳ ହୋଇଥିଲେ। ତେବେ ଅଧିନାୟକ ଅଜିଙ୍କ୍ୟ ରାହାନେ(୫୮) ଓ ମୁଶିର୍ ଖାନ(୫୧) ଚମତ୍କାର ବ୍ୟାଟିଂ କରି ତୃତୀୟ ଉଇକେଟରେ ଅବିଭାଜିତ ୧୦୭ ରନ୍ ଯୋଡିଥିଲେ। ରାହାନେ ୧୦୯ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ମୁଶିର ୧୩୫ ବଲ୍ ଖେଳି ୩ ଚୌକା ମାରିଥିଲେ। ବିଦର୍ଭ ପକ୍ଷରୁ ଯଶ ଠାକୁର ଓ ହର୍ଷ ଦୁବେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଉଇକେଟ ନେବା ପରେ ଧୱଲ କୁଲକର୍ଣ୍ଣୀଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ସଂକ୍ଷିପ୍ତ ସ୍କୋର

ମୁମ୍ବାଇ ପ୍ରଥମ ଇନିଂସ: ୨୨୪/୧୦। ବିଦର୍ଭ ପ୍ରଥମ ଇନିଂସ: ୧୦୫/୧୦(ଯଶ ରାଠୋଡ-୨୭, ଅଥର୍ବ ତାଇଡେ-୨୩, ଆଦିତ୍ୟ ଠାକରେ-୧୯, ତନୁଶ କୋଟିଆନ-୩/୭, ସାମ୍ସ ମୁଲାନି-୩/୩୨, ଧୱଲ କୁଲକର୍ଣ୍ଣୀ-୩/୧୫)। ମୁମ୍ବାଇ ଦ୍ୱିତୀୟ ଇନିଂସ ୫୦ ଓଭରରେ ୧୪୧/୨ (ଅଜିଙ୍କ୍ୟ ରାହାନେ-୫୮*, ମୁଶିର୍ ଖାନ୍-୫୧*, ଯଶ ଠାକୁର-୧/୨୫, ହର୍ଷ ଦୁବେ-୧/୪୬)।

ମହିଳାଙ୍କ ଅସୁବିଧା
ଜଟିଳ ସମସ୍ୟାଗୁଡ଼ିକ
ପାଇଁ ସ୍ଥାୟୀ ସମାଧାନ ଏବେ ହିଁ କଲ୍ କରନ୍ତୁ
7710644444




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ